# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୧୧/୨୦୨୩ (୧୬ ପୃଷ୍ଠା+ପିଲାଙ୍କ ଧରିତ୍ରୀ) | Bhubaneswar, Saturday, March 11/2023 | Page 16 ₹ 7.00 | SAMBALPUR

୪୯ଶ ଭାଗ ୧୦୫ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 49 ISSUE 105 | ମୂଲ୍ୟ ₹୭/-




**କୁମ୍ବଲେଙ୍କ ରେକର୍ଡ ଭାଙ୍ଗିଲେ ଅଶ୍ୱିନ**
ଭାରତୀୟ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ବର୍ଡର-ଗାଭାସ୍କର ଟ୍ରଫିରେ ସର୍ବାଧିକ ଉଇକେଟ ହାସଲରେ କିମ୍ବଦନ୍ତୀ ଅନିଲ କୁମ୍ବଲେଙ୍କ ରେକର୍ଡ ଭାଙ୍ଗିଦେଇଛନ୍ତି।
୧୬

୧୪
**ଆଲିଆଙ୍କୁ ବିଜ୍‌ନେସ୍ ଆଇଡିଆ ଦେଲେ ଝିଅ**
ଅଭିନେତ୍ରୀ ଆଲିଆ ଭଟ୍ଟଙ୍କୁ କୁନି ଝିଅ ରାହା ବିଜ୍‌ନେସ୍ ଲାଗି ଆଇଡିଆ ଦେଇଛନ୍ତି। ସେ ଭଉଣୀ ଶାହିନଙ୍କ ସହ ମିଶି ଷ୍ଟୋରିବୁକ୍ ଲଞ୍ଚ କରିବାକୁ ଯାଉଛନ୍ତି।



# ଭାରତରେ ଏଚ୍‌୩ଏନ୍‌୨ ଇନ୍‌ଫ୍ଲୁଏଞ୍ଜା

## ୨ ମୃତ, ୫,୪୫୧ ଆକ୍ରାନ୍ତ

**ନୂଆଦିଲ୍ଲୀ, ୧୦।୩**

ଇନ୍‌ଫ୍ଲୁଏଞ୍ଜାର ଏଚ୍‌୩ଏନ୍‌୨ ଉପପ୍ରଜାତି ଭୂତାଣୁ ସଂକ୍ରମଣରେ ଭାରତରେ ପ୍ରଥମ ମୃତ୍ୟୁ ଘଟିଛି। କର୍ନାଟକ ଓ ହରିୟାଣାରେ ଜଣେ ଲେଖାଏ ଏହି ରୋଗରେ ପ୍ରାଣ ହରାଇଛନ୍ତି। କର୍ନାଟକର ୮୨ ବର୍ଷୀୟ ହିରେ ଗୌଡ଼ା ଏଚ୍‌୩ଏନ୍‌୨ ଭୂତାଣୁ ସଂକ୍ରମଣରେ ମାର୍ଚ୍ଚ ୧ରେ ପ୍ରାଣ ହରାଇଥିବା ହାସନ ଜିଲା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। ଗୌଡ଼ା ମଧୁମେହ ଏବଂ ଉଚ୍ଚ ରକ୍ତଚାପରେ ପୀଡ଼ିତ ଥିଲେ। ତାଙ୍କୁ ଫେବୃୟାରୀ ୨୪ରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାର୍ଚ୍ଚ ୬ରେ ନମୁନା ପରୀକ୍ଷାରୁ ଇନ୍‌ଫ୍ଲୁଏଞ୍ଜା ସଂକ୍ରମଣ ସ୍ପଷ୍ଟ ହୋଇଥିଲା। ସେହିପରି ହରିୟାଣା ଜିନ୍ଦ୍ ଜିଲାର ଜଣେ ୫୬ ବର୍ଷୀୟ ଫୁସ୍‌ଫୁସ୍ କ୍ୟାନ୍‌ସର ରୋଗୀଙ୍କର ଏଚ୍‌୩ଏନ୍‌୨ ସଂକ୍ରମଣରେ ଗତ ମାସ ୮ ତାରିଖରେ ମୃତ୍ୟୁ ଘଟିଛି। ସେ ଏହି ଭୂତାଣୁରେ ସଂକ୍ରମିତ ଥିବା ଜାନୁୟାରୀ ୧୭ରେ ଜଣାପଡ଼ିଥିଲା।

କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସଂକ୍ରମଣ ସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛି ଏବଂ ମାସ ଶେଷ ସୁଦ୍ଧା ଏହା ହ୍ରାସ ଘଟିବ ବୋଲି ଆଶା କରିଛି। ମନ୍ତ୍ରଣାଳୟ ତଥ୍ୟ ଅନୁଯାୟୀ, ଗତ ଜାନୁୟାରୀ ୨ରୁ ମାର୍ଚ୍ଚ ମଧ୍ୟରେ ଦେଶରେ ୫,୪୫୧ ଜଣ ଏହି ଇନ୍‌ଫ୍ଲୁଏଞ୍ଜାରେ ସଂକ୍ରମିତ ଥିବା ରିପୋର୍ଟ ହୋଇଛି। ମାର୍ଚ୍ଚ ୯ ସୁଦ୍ଧା ୩,୦୩୮ ଜଣ ସଂକ୍ରମିତ ଥିବା ଲାବରେଟୋରି ପରୀକ୍ଷାରୁ ସ୍ପଷ୍ଟ ହୋଇଛି। ଛୋଟ ପିଲା ଏବଂ ବହୁବିଧ ରୋଗ ଥିବା ବରିଷ୍ଠ ନାଗରିକ ଇନ୍‌ଫ୍ଲୁଏଞ୍ଜା ଦ୍ୱାରା ସଂକ୍ରମିତ ହେବାର ଅଧିକ ସମ୍ଭାବନା ରହିଛି।

ଋତୁକାଳୀନ ଇନ୍‌ଫ୍ଲୁଏଞ୍ଜା ହେଉଛି ଅତ୍ୟଧିକ ଶ୍ୱାସନଳୀ ସଂକ୍ରମଣ। ସାରା ବିଶ୍ୱରେ ନିର୍ଦ୍ଦିଷ୍ଟ ଋତୁରେ ଏହି ଭୂତାଣୁ ସଂକ୍ରମଣ ବୃଦ୍ଧି ପାଇଥାଏ। ଭାରତରେ ପ୍ରତିବର୍ଷ ଦୁଇଥର ଋତୁକାଳୀନ ଇନ୍‌ଫ୍ଲୁଏଞ୍ଜା ସଂକ୍ରମଣ ଶୀର୍ଷ ଛୁଇଁଥାଏ। ତାହା ହେଲା ଜାନୁୟାରୀରୁ ମାର୍ଚ୍ଚ ଏବଂ ବର୍ଷାଋତୁ ପରବର୍ତ୍ତୀ ସମୟ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଅନୁଯାୟୀ ଇନ୍‌ଫ୍ଲୁଏଞ୍ଜା ଭୂତାଣୁ ସଂକ୍ରମଣ ଯୋଗୁ ଜ୍ୱର ଓ କାଶ ହୋଇଥାଏ। ସଂକ୍ରମଣ ବଢ଼ିଲେ ଏହା ଗୁରୁତର ନିମୋନିଆ, ଶ୍ୱାସନଳୀ ଅତ୍ୟଧିକ ସଂକ୍ରମିତ ହୋଇ ଚେତାଶୂନ୍ୟ ହେବା ସହ ମୃତ୍ୟୁ ଘଟିପାରେ। ଥଣ୍ଡା ଲାଗିବା, କାଶ, ଜ୍ୱର, ବାନ୍ତି ହେବା, ମୁଣ୍ଡ ବୁଲାଇବା, ଗଳା ଦରଜ ହେବା ଓ ଦେହ ଘୋଳାବିନ୍ଧା ହେବା ଏଚ୍‌୩ଏନ୍‌୨ ଭୂତାଣୁ ସଂକ୍ରମଣର ଲକ୍ଷଣ। କେତେକ କ୍ଷେତ୍ରରେ ପତଳା ଝାଡ଼ା, ଶର୍ଦ୍ଦି ହୋଇଥାଏ। ଶ୍ୱାସକ୍ରିୟାରେ କଷ୍ଟ, ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ କ୍ରମାଗତ ଜ୍ୱର ଲାଗିରହିଲେ ଓ ଗଳାରେ ଯନ୍ତ୍ରଣା ହେଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ସଂକ୍ରମଣ ବୃଦ୍ଧିକୁ ନେଇ ଜନସ୍ୱାସ୍ଥ୍ୟଜନିତ ଚ୍ୟାଲେଞ୍ଜ ସୃଷ୍ଟି ହୋଇଥିବାବେଳେ ଏହାକୁ ରୋକିବା ଦିଗରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପୂରା ଦମ୍‌ରେ ଉଦ୍ୟମ ଚାଲିଛି। ଇଣ୍ଟିଗ୍ରେଟେଡ୍ ଡିଜିଜ୍ ସର୍ଭିଲାନ୍ସ ପ୍ରୋଗ୍ରାମ୍ (ଆଇଡିଏସ୍‌ପି) ନେଟ୍‌ୱର୍କ ଜରିଆରେ ସଂକ୍ରମଣ ଉପରେ ପୂରା ନଜର ରଖାଯାଇଥିବା ମନ୍ତ୍ରଣାଳୟ କହିଛି।



ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ ଗିନିଜ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗିନିଜ ୱାର୍ଲ୍ଡ ରେକର୍ଡର ଏଡ୍‌ଜୁଡିକେଟର ରିଷି ନାଥଙ୍କଠାରୁ ପ୍ରମାଣପତ୍ର ଗ୍ରହଣ କରୁଛନ୍ତି। **(ରିପୋର୍ଟ: ପୃଷ୍ଠା-୩)**

**ବିଧାନସଭାରେ ନବ ଝଡ଼**

**ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ**
୩

**ଆଜିର ସମ୍ପାଦକୀୟ**
**ରାୟର ପୁନର୍ବିଚାର**

## ତେଲଙ୍ଗାନାରେ ଓଡ଼ିଆ ଦାଦନଙ୍କ ଦୁର୍ଦ୍ଦଶା | ଝିଅକୁ ବନ୍ଧକ ରଖି ସ୍ୱାମୀଙ୍କ ମୃତଦେହ ଆଣିଲେ ସ୍ତ୍ରୀ

ବେଲପଡ଼ା,୧୦।୩ (ଡି.ଏନ୍.ଏ.) ଦାଦନ ଦୁର୍ଦ୍ଦଶାର ଏକ କରୁଣ ଚିତ୍ର ଦେଖିବାକୁ ମିଳିଛି ବଲାଙ୍ଗୀର ଜିଲା ବେଲପଡ଼ା ବ୍ଲକ ବନମାଳ ଗ୍ରାମରେ। ଏହି ଗ୍ରାମର ଶୁକଦେବ ପରାଭୁଏ (୪୨) ଦାଦନ ଖଟିବାକୁ ତେଲଙ୍ଗାନା ଯାଇ ପ୍ରାଣ ହରାଇବା ପରେ ତାଙ୍କ ମୃତଦେହକୁ ଧରି ଗୁରୁବାର ଗାଁକୁ ଫେରିଛନ୍ତି ସ୍ତ୍ରୀ ଉଷା। ହେଲେ ଏଥିପାଇଁ ତାଙ୍କୁ ନିଜ ୧୨ ବର୍ଷର ନାବାଳିକା ଝିଅକୁ ଇଟାଭାଟି ମାଲିକଙ୍କ ପାଖରେ ବନ୍ଧକ ରଖିବାକୁ ପଡ଼ିଛି। ଏଭଳି ସମ୍ବେଦନଶୀଳ ଘଟଣା ଗଭୀର ଆଲୋଡ଼ନ ସୃଷ୍ଟି କରିଛି।

ମିଳିଥିବା ସୂଚନା ଅନୁଯାୟୀ, ଶୁକଦେବ ୪ ମାସ ତଳେ ସ୍ତ୍ରୀ ଉଷା ଏବଂ ଦୁଇ ପୁଅ ଝିଅଙ୍କୁ ଧରି ଗ୍ରାମର ୨ ଜଣ ଦଲାଲଙ୍କ ଜରିଆରେ ତେଲଙ୍ଗାନାକୁ ଯାଇଥିଲେ। ଯିବା ପୂର୍ବରୁ ସେ ୬୦ ହଜାର ଟଙ୍କା ଅଗ୍ରିମ ନେଇଥିଲେ। ସେଠାକାର ଏକ ଇଟାଭାଟିରେ ତାଙ୍କୁ ନିୟୋଜିତ କରାଯାଇଥିଲା। ତେବେ ଅସ୍ୱାସ୍ଥ୍ୟକର ପରିବେଶ ଓ ଅଧିକ ପରିଶ୍ରମ ଯୋଗୁ ଶୁକଦେବଙ୍କ ସ୍ୱାସ୍ଥ୍ୟରେ ଅବନତି ଦେଖାଦେଇଥିଲା। ଡାକ୍ତରଖାନା ନେଇ ଚିକିତ୍ସା କରାଇବାକୁ ସେ ଦଲାଲ ଓ ଇଟାଭାଟି ମାଲିକଙ୍କୁ ଅନୁରୋଧ କରିଥିଲେ। କିନ୍ତୁ କୌଣସି ସୁଫଳ ମିଳି ନ ଥିଲା। ଉପଯୁକ୍ତ ଚିକିତ୍ସା ନ ପାଇ ଗତ ୮ ତାରିଖରେ ଶୁକଦେବଙ୍କ ☞ପୃଷ୍ଠା-୪







## ସଂକ୍ଷେପରେ

### ଗୋମାଂସ ନେବା ସନ୍ଦେହରେ ପିଟି ହତ୍ୟା

**ସିୱାନ, ୧୦।୩:** ବିହାରର ସରନ୍ ଜିଲାରେ ଗୋମାଂସ ନେଉଥିବା ସନ୍ଦେହରେ ଜଣେ ୫୬ ବର୍ଷୀୟ ବ୍ୟକ୍ତିଙ୍କୁ କେତେଜଣ ପିଟି ମାରିଦେଇଛନ୍ତି। ଗତ ମଙ୍ଗଳବାର ଏହି ଭିଡ଼ହିଂସା ଘଟିଥିବାବେଳେ ପୋଲିସ ଏପର୍ଯ୍ୟନ୍ତ ୩ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରେ ସରପଞ୍ଚ ସୁଶୀଲ ସିଂ ଅଛନ୍ତି। ମୃତ ନସିମ୍ କୁରେଶୀଙ୍କ ଘର ସିୱାନ ଜିଲାର ହାସନପୁର ଗ୍ରାମରେ। ତାଙ୍କଠାରୁ ଗୋମାଂସ ଜବତ ହୋଇଛି କି ନାହିଁ ପୋଲିସ ତାହା ସ୍ପଷ୍ଟ କରିନାହିଁ। ପୋଲିସ କହିବା ଅନୁଯାୟୀ, ନସିମ ଓ ତାଙ୍କ ପୁତୁରା ଫିରୋଜ କୁରେଶୀ ମଙ୍ଗଳବାର ସେମାନଙ୍କ ସମ୍ପର୍କୀୟଙ୍କୁ ଭେଟିବା ଲାଗି ସରନ ଜିଲାର ଜୋଗିଆ ଗ୍ରାମକୁ ଯାଉଥିଲେ। ସେମାନେ ବ୍ୟାଗ୍‌ରେ ଗୋମାଂସ ନେଉଥିବା ସନ୍ଦେହ କରି କେତେଜଣ ସେମାନଙ୍କୁ ଗାଁ ମୁଣ୍ଡରେ ଅଟକାଇଥିଲେ। ଫିରୋଜ କୌଣସି ପ୍ରକାରେ ଖସି ପଳାଇଥିବାବେଳେ ନସିମ୍‌ଙ୍କୁ ଉତ୍ତ୍ୟକ୍ତ ଲୋକେ ନିର୍ଘାତ ମାଡ଼ ମାରିବା ପରେ ସ୍ଥାନୀୟ ପୋଲିସକୁ ହସ୍ତାନ୍ତର କରିଥିଲେ। ତାଙ୍କୁ ତୁରନ୍ତ ହସ୍ପିଟାଲ ନିଆଯାଇଥିବାବେଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା ବୋଲି ପୋଲିସ କହିଛି।

### ବିଏସ୍‌ଏଫ୍ ନିଯୁକ୍ତିରେ ପୂର୍ବତନ ଅଗ୍ନିବୀରଙ୍କ ପାଇଁ ୧୦% ସଂରକ୍ଷଣ

**ନୂଆଦିଲ୍ଲୀ, ୧୦।୩ (ପି.ଟି.):** ମହତ୍ତ୍ୱାକାଂକ୍ଷୀ ଅଗ୍ନିପଥ ଯୋଜନାକୁ ପ୍ରୋତ୍ସାହନ ସ୍ୱରୂପ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପୂର୍ବତନ ଅଗ୍ନିବୀରମାନଙ୍କ ପାଇଁ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) ନିଯୁକ୍ତିରେ ୧୦ ପ୍ରତିଶତ ସ୍ଥାନ ସଂରକ୍ଷଣ ଘୋଷଣା କରିଛି। ଏଥିପାଇଁ ସର୍ବୋଚ୍ଚ ବୟସସୀମାରେ କୋହଳ କରାଯିବ। ସୀମା ସୁରକ୍ଷା ବଳ, ସାଧାରଣ ଡ୍ୟୁଟି କ୍ୟାଡର (ଅଣଗେଜେଟେଡ୍) ନିଯୁକ୍ତି ନିୟମାବଳୀ, ୨୦୧୫ରେ ସଂଶୋଧନ କରାଯାଇ ବିଜ୍ଞପ୍ତି ଜରିଆରେ ଏହି ଘୋଷଣା କରାଯାଇଛି। ଉକ୍ତ ସଂରକ୍ଷଣ ମାର୍ଚ୍ଚ ୯ରୁ କାର୍ଯ୍ୟକାରୀ ହୋଇଛି। ପ୍ରଥମ ବ୍ୟାଚ୍ ପୂର୍ବତନ ଅଗ୍ନିବୀର ପ୍ରାର୍ଥୀଙ୍କ ଲାଗି ସର୍ବୋଚ୍ଚ ବୟସସୀମାରେ ୫ ବର୍ଷ ପର୍ଯ୍ୟନ୍ତ କୋହଳ କରାଯିବ। ଅନ୍ୟ ବ୍ୟାଚ୍‌ର ପ୍ରାର୍ଥୀମାନଙ୍କ ଲାଗି ୩ ବର୍ଷ କୋହଳ କରାଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ବିଏସ୍‌ଏଫ୍‌ରେ ଭର୍ତ୍ତି ହେବା ଲାଗି ସେମାନଙ୍କୁ ଶାରୀରିକ ଦକ୍ଷତା ପରୀକ୍ଷା ଦେବାକୁ ପଡ଼ିବ ନାହିଁ। ୧୭ ବର୍ଷ ୬ ମାସରୁ ୨୧ ବର୍ଷ ବୟସ ବର୍ଗର ଯୁବକମାନଙ୍କୁ ସ୍ଥଳସେନା, ନୌସେନା ଓ ବାୟୁସେନାରେ ୪ ବର୍ଷୀୟା ଠିକା ନିଯୁକ୍ତି ଲାଗି କେନ୍ଦ୍ର ସରକାର ଗତବର୍ଷ ଜୁନ୍ ୧୪ରେ ଅଗ୍ନିପଥ ଯୋଜନା ଘୋଷଣା କରିଥିଲେ। ଏହି ଯୋଜନାରେ ନିଯୁକ୍ତ ଅଗ୍ନିବୀରମାନେ ୪ ବର୍ଷ ଚାକିରି କାଳ ପୂରଣ କରିବା ପରେ ସେମାନଙ୍କ ମଧ୍ୟରୁ ୨୫ ପ୍ରତିଶତଙ୍କୁ ନିୟମିତ କରାଯିବ। ଅବଶିଷ୍ଟ ୭୫ ପ୍ରତିଶତଙ୍କ ପାଇଁ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ, ଆସାମ ରାଇଫଲ୍ସରେ ୧୦ ପ୍ରତିଶତ ସଂରକ୍ଷଣ ରହିବ ବୋଲି ସେତେବେଳେ ଘୋଷଣା କରାଯାଇଥିଲା।

### ଗୋଶାଳାକୁ ଆର୍ଥିକ ସହାୟତା ପାଇଁ ନୀତି ଆୟୋଗର ପ୍ରସ୍ତାବ

**ନୂଆଦିଲ୍ଲୀ, ୧୦।୩(ପି.ଟି.):** ଦେଶର ଗୋଶାଳାଗୁଡ଼ିକୁ ଆର୍ଥିକ ସହାୟତା ଯୋଗାଇଦେବା ସହ କୃଷିରେ ବ୍ୟବହାର ପାଇଁ ଗୋବର ଏବଂ ଗୋମୂତ୍ର ପ୍ରସ୍ତୁତ ଜୈବ ସାର, ଜୈବ କୀଟନାଶକ, ମୃତ୍ତିକା ଉର୍ବରକ ସାମଗ୍ରୀ ବିକ୍ରି ବଢ଼ାଇବା ନିମନ୍ତେ ସହଯୋଗ ଲାଗି ନୀତି ଆୟୋଗ କମିଟି ଶୁକ୍ରବାର ପ୍ରସ୍ତାବ ଦେଇଛି। ଏହା ବ୍ୟତୀତ ସମସ୍ତ ଗୋଶାଳାର ଅନ୍‌ଲାଇନ ପଞ୍ଜୀକରଣ ନିମନ୍ତେ ପୋର୍ଟାଲ ସ୍ଥାପନ ପାଇଁ ନୀତି ଆୟୋଗ ସଦସ୍ୟ ରମେଶ ଚାନ୍ଦଙ୍କ ଅଧ୍ୟକ୍ଷତାରେ ଗଠିତ ଟାସ୍କଫୋର୍ସ ପ୍ରସ୍ତାବ ରଖିଛି। ଗୋଶାଳାରେ ପୁଞ୍ଜିବିନିଯୋଗ ବଢ଼ାଇବା ସହ ରିହାତି ସୁଧରେ କାର୍ଯ୍ୟକାରୀ ପୁଞ୍ଜି ଯୋଗାଇଦେବାକୁ ରିପୋର୍ଟରେ କୁହାଯାଇଛି।

### ଆମେରିକା ଜାହାଜରେ ଅଜଣା ରୋଗ: ୩୦୦ ଆକ୍ରାନ୍ତ

**ୱାଶିଂଟନ, ୧୦।୩:** ଆମେରିକାର ରୁବି ପ୍ରିନ୍ସେସ୍ କ୍ରୁଜ୍ ଜାହାଜରେ ଅଜଣା ରୋଗରେ ୩୦୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଓ ଜାହାଜ କର୍ମଚାରୀ ଆକ୍ରାନ୍ତ ହୋଇଛନ୍ତି। ଫେବ୍ରୁୟାରୀ ୨୬ରୁ ମାର୍ଚ୍ଚ ୫ ମଧ୍ୟରେ ଜାହାଜଟି ଟେକ୍ସାସ୍‌ରୁ ମେକ୍ସିକୋ ଯାଉଥିବାବେଳେ ଅଜଣା ରୋଗ ସଂକ୍ରମଣ ହୋଇଥିଲା। ଜାହାଜରେ ୨,୮୮୧ ଯାତ୍ରୀ ଥିବାବେଳେ ସେମାନଙ୍କ ମଧ୍ୟରୁ ୨୮୪ ଜଣ ଅସୁସ୍ଥ ହୋଇଛନ୍ତି। ସେହିପରି ୧,୧୫୯ କ୍ରିଉ ସଦସ୍ୟଙ୍କ ମଧ୍ୟରୁ ୩୪ ଜଣ ଆକ୍ରାନ୍ତ ଥିବା ଜଣାପଡ଼ିଛି। ରୋଗର କାରଣ ଜଣାପଡ଼ି ନାହିଁ।

## ମୋଦି-ଆଲବାନିସ୍ ଆଲୋଚନା: ଉଠିଲା ମନ୍ଦିର ଆକ୍ରମଣ ପ୍ରସଙ୍ଗ



**ନୂଆଦିଲ୍ଲୀ, ୧୦।୩**

ଭାରତ ଗସ୍ତରେ ଥିବା ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନ୍ଥୋନୀ ଆଲବାନିସ୍‌ଙ୍କ ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ବିଭିନ୍ନ ପ୍ରସଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ଏହି ଅବସରରେ ମୋଦି ଅଷ୍ଟ୍ରେଲିଆରେ ନିକଟରେ ହିନ୍ଦୁ ମନ୍ଦିରଗୁଡ଼ିକ ଉପରେ ହୋଇଥିବା ଆକ୍ରମଣ ପ୍ରସଙ୍ଗ ଉଠାଇଥିଲେ। ଅଷ୍ଟ୍ରେଲିଆରେ ଭାରତୀୟମାନଙ୍କ ସୁରକ୍ଷା ଓ କୁଶଳତା ସୁନିଶ୍ଚିତ କରିବା ତାଙ୍କର ପ୍ରାଥମିକତା ବୋଲି ଆଲବାନିସ୍ କହିଛନ୍ତି। ଦ୍ୱିପାକ୍ଷିକ ଆଲୋଚନା ବେଳେ ଦୁଇ ଦେଶ ମଧ୍ୟରେ କେତେକ ଚୁକ୍ତିନାମା ସ୍ୱାକ୍ଷର ହୋଇଥିଲା। ମନ୍ଦିର ଆକ୍ରମଣ ପ୍ରସଙ୍ଗରେ ଭାରତୀୟ ଟିମ୍ ଅଷ୍ଟ୍ରେଲିଆ ସହ ନିୟମିତ ସମ୍ପର୍କରେ ରହିବ ଏବଂ ଯଥାସମ୍ଭବ ସହଯୋଗ ଯୋଗାଇଦେବ। ଏଭଳି ଚ୍ୟାଲେଞ୍ଜଗୁଡ଼ିକର ମୁକାବିଲା ଗୁରୁତ୍ୱପୂର୍ଣ୍ଣ ବୋଲି ମିଳିତ ଖବରଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତର ଜି୨୦ ଅଧ୍ୟକ୍ଷତାରେ ଅଷ୍ଟ୍ରେଲିଆର ସହଯୋଗ ପାଇଁ ମୋଦି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ବିଶ୍ୱର ଦକ୍ଷିଣ ଭାଗକୁ ନେତୃତ୍ୱ ଦେବାକୁ ଭାରତ ଅନନ୍ୟ ସ୍ଥିତିରେ ରହିଛି। ଭାରତର ନେତୃତ୍ୱ ବିନା ଜଳବାୟୁ ପରିବର୍ତ୍ତନ ଚ୍ୟାଲେଞ୍ଜର ସମାଧାନ ସମ୍ଭବ ନୁହେଁ ବୋଲି ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ କହିଥିଲେ।



ଜର୍ଜିଆ ସରକାରଙ୍କ 'ଫରେନ୍ ଏଜେଣ୍ଟ ବିଲ୍' ପ୍ରତ୍ୟାହାର ଦାବିରେ ଟିବ୍‌ଲିସିରେ ପାର୍ଲାମେଣ୍ଟ ବାହାରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# କେନ୍ଦ୍ରର ସିବିଆଇ, ଇଡି ଅସ୍ତ୍ର

## ଟାର୍ଗେଟରେ ବିରୋଧୀ


କେ. କବିତା (ବିଆର୍‌ଏସ୍)


ତେଜସ୍ୱୀ ଯାଦବ (ଆର୍‌ଜେଡି)


ମନୀଷ ସିସୋଡିଆ (ଏଏପି)

**ନୂଆଦିଲ୍ଲୀ,୧୦।୩**

ନିରଙ୍କୁଶ ସଂଖ୍ୟାଗରିଷ୍ଠତା ହାସଲ କରି କେନ୍ଦ୍ରରେ କ୍ଷମତାସୀନ ହୋଇଥିବା ଭାରତୀୟ ଜନତା ପାର୍ଟି (ଭାଜପା) ବିରୋଧୀଙ୍କୁ ଟାର୍ଗେଟ ପାଇଁ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସିଗୁଡ଼ିକର ଦୁରୁପଯୋଗ କରୁଥିବା ଅଭିଯୋଗ ନୂଆ ନୁହେଁ। କିନ୍ତୁ ସମ୍ପ୍ରତି ତିନୋଟି ରାଜ୍ୟରେ କ୍ଷମତାସୀନ ଦଳର ନେତାମାନଙ୍କ ପଛରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏକକାଳୀନ ଲାଗିପଡ଼ିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କ ନେତୃତ୍ୱାଧୀନ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ସରକାରର ଦୁଇ ପୂର୍ବତନ ପ୍ରଭାବଶାଳୀ ମନ୍ତ୍ରୀ ସତ୍ୟେନ୍ଦ୍ର ଜୈନ ଓ ମନୀଷ ସିସୋଡିଆ ଏବେ ତିହାର ଜେଲରେ। ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଦ୍ୱାରା ଗିରଫ ହୋଇଥିବା ସିସୋଡିଆଙ୍କୁ ଇଡି ୭ ଦିନିଆ ରିମାଣ୍ଡରେ ନେଇଛି। ଏହି ମାମଲାରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍)ଙ୍କ ଝିଅ କେ. କବିତା ମହିଳା ସଂରକ୍ଷଣ ବିଲ୍ ପାରିତ କରିବା ଦାବିରେ ନୂଆଦିଲ୍ଲୀର ଯନ୍ତରମନ୍ତରରେ ଧାରଣା ଦେଇଥିବାବେଳେ ତାଙ୍କୁ ଇଡି ଶନିବାର ଗିରଫ କରିପାରେ। ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଅଧ୍ୟକ୍ଷ ଲାଲୁ ପ୍ରସାଦ ଯାଦବ ଓ ତାଙ୍କ ସ୍ତ୍ରୀ ରାବ୍ରୀ ଦେବୀଙ୍କୁ ନିଯୁକ୍ତି ପାଇଁ ଜମି ଦୁର୍ନୀତି ମାମଲାରେ ସିବିଆଇ ଜେରା କରିବା ପରେ ଶନିବାର ଇଡି ତତ୍ପରତା ଦେଖାଇଛି। ଲାଲୁଙ୍କ ପୁଅ ତଥା ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବ ଓ ତାଙ୍କ ସମ୍ପର୍କୀୟଙ୍କ ୧୫ଟି ସ୍ଥାନରେ ଇଡି ଚଢ଼ାଉ କରିଛି। ଏସବୁକୁ ନେଇ ଜାତୀୟ ରାଜନୀତି ଉଷ୍ମ ହୋଇଛି। କାରଣ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଏହି ଦଳଗୁଡ଼ିକ ଭାଜପାର ବଡ଼ ଚ୍ୟାଲେଞ୍ଜର ଭାବେ ଉଭା ହେବା ସମ୍ଭାବନା ରହିଛି।

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦିଲ୍ଲୀର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସିସୋଡିଆଙ୍କୁ ଶୁକ୍ରବାର ଏକ ସ୍ଥାନୀୟ ସ୍ୱତନ୍ତ୍ର କୋର୍ଟରେ ହାଜର କରାଇଥିଲା। ସିସୋଡିଆ ଅବକାରୀ ବିଭାଗ ଦାୟିତ୍ୱରେ ଥିବାବେଳେ ୨୯୨.୮ କୋଟି ଟଙ୍କାର ଅବକାରୀ ଦୁର୍ନୀତି ହୋଇଥିବା ଏବଂ ସେ ସାଉଥ୍ ଗ୍ରୁପ୍ ଲିକର କାର୍ଟେଲଠାରୁ ୧୦୦ କୋଟି ଲାଞ୍ଚ ନେଇଥିବା ଇଡି ଦର୍ଶାଇଛି। ୨୦୨୧-୨୨ ଏକ୍ସାଇଜ୍ ପଲିସି ଦୁର୍ନୀତି ମାମଲାର ଷଡ଼ଯନ୍ତ୍ରକାରୀ ସିସୋଡିଆଙ୍କଠାରୁ ଅଧିକ ତଥ୍ୟ ହାସଲ ପାଇଁ ମାର୍ଚ୍ଚ ୧୭ ପର୍ଯ୍ୟନ୍ତ ରିମାଣ୍ଡରେ ନେବା ଲାଗି କୋର୍ଟଙ୍କୁ ନିବେଦନ କରିଥିଲା। ଜାତୀୟ ରାଜନୀତିରେ କେସିଆର୍‌ଙ୍କ ଭୂମିକା ବଢ଼ୁଥିବାବେଳେ ତାଙ୍କ ଝିଅ କେ. କବିତାଙ୍କୁ ମଧ୍ୟ ଇଡି ଏହି ମାମଲାରେ ସମନ କରିଛି। ଶନିବାର ତାଙ୍କ ବୟାନ ରେକର୍ଡ କରିବାକୁ ଡକାଯାଇଥିବା କୁହାଯାଇଛି। ତେବେ ଇଡି ତାଙ୍କୁ ମଧ୍ୟ ଗିରଫ କରିପାରେ ବୋଲି ବିଆର୍‌ଏସ୍ ପକ୍ଷରୁ ଆଶଙ୍କା ବ୍ୟକ୍ତ କରାଯାଇଛି। ଏଥିପାଇଁ କେସିଆର୍‌ଙ୍କ ପୁଅ ତଥା ତେଲଙ୍ଗାନା ମନ୍ତ୍ରୀ କେ.ଟି. ରାମାରାଓ (କେଟିଆର୍) ଜେରାବେଳେ ନିଜ ଭଉଣୀଙ୍କ ସହ ଉପସ୍ଥିତ ରହିବା ଲାଗି ନୂଆଦିଲ୍ଲୀରେ ପହଞ୍ଚିଛନ୍ତି। ଦିଲ୍ଲୀ, ଏନ୍‌ସିଆର୍ ଏବଂ ବିହାରରେ ଥିବା ଲାଲୁ, ରାବ୍ରୀଙ୍କ ଝିଅପୁଅମାନଙ୍କ ୧୫ଟି ସ୍ଥାନରେ ଇଡି ଏକକାଳୀନ ତନାଘନା କରିଛି। ପୁଅ ତେଜସ୍ୱୀ, ଦୁଇଝିଅ ରୋହିଣୀ ଆଚାର୍ଯ୍ୟ ଓ ମିସା ଭାରତୀ (ରାଜ୍ୟ ସଭା ସଦସ୍ୟା)ଙ୍କ ଘରେ ମଧ୍ୟ ଚଢ଼ାଉ ହୋଇଛି। ତେଜସ୍ୱୀ କହିଛନ୍ତି, ୨୦୨୪ ନିର୍ବାଚନ ପର୍ଯ୍ୟନ୍ତ କେନ୍ଦ୍ର ସରକାର ଏପରି କରାଉଥିବେ। କିନ୍ତୁ ଏହା ତାଙ୍କୁ କିମ୍ବା ତାଙ୍କ ଦଳକୁ କିଛି ପ୍ରଭାବ ପକାଇବ ନାହିଁ। ରୋହିଣୀ କହିଛନ୍ତି, ଅସୁସ୍ଥ ବାପାଙ୍କୁ ହଇରାଣ କରିବା ପାଇଁ କେନ୍ଦ୍ରର ପଦକ୍ଷେପ ଯୋଗୁ ସେମାନଙ୍କ ଧୈର୍ଯ୍ୟଚ୍ୟୁତି ଘଟିଲାଣି। ଉଲ୍ଲେଖଯୋଗ୍ୟ, ଲାଲୁ ରେଳମନ୍ତ୍ରୀ ଥିବାବେଳେ ଆଶାୟୀଙ୍କୁ ନିଯୁକ୍ତି ଦେବା ପାଇଁ ସେମାନଙ୍କଠାରୁ ଜମି ନେଇଥିବା ଅଭିଯୋଗ ରହିଛି। ଲାଲୁ, ରାବ୍ରୀ ଓ ଅନ୍ୟ ୧୪ ଜଣଙ୍କ ବିରୋଧରେ ସିବିଆଇ ମାର୍ଚ୍ଚ ୧୫ରେ ଚାର୍ଜଶିଟ୍ ଦାଖଲ କରିଥିଲା। ଗତବର୍ଷ ସିଙ୍ଗାପୁରରେ ଲାଲୁଙ୍କ କିଡ୍‌ନୀ ପ୍ରତିରୋପଣ କରାଯାଇଥିଲା। ଏଏପି ଏମ୍‌ପି ସଞ୍ଜୟ ସିଂ କହିଛନ୍ତି, ଭାଜପା ବିରୋଧୀ ଦଳର ନେତାମାନଙ୍କୁ ଜାଣିଶୁଣି ଟାର୍ଗେଟ କରୁଛି। ଯେଉଁମାନେ ଭାଜପାରେ ସାମିଲ ହେଉଛନ୍ତି, ସେମାନଙ୍କ ମାମଲା ରଫାଦଫା କରିଦିଆଯାଉଛି। ହିମନ୍ତ ବିଶ୍ୱଶର୍ମା, ନାରାୟଣ ରାଣେ, ମୁକୁଲ ରୟ, ଶୁଭେନ୍ଦୁ ଅଧିକାରୀ ଏହାର ଉଦାହରଣ ବୋଲି ସେ କହିଛନ୍ତି। ପ୍ରକାଶ ଯେ, କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ବିରୋଧୀଙ୍କ ବିପକ୍ଷରେ ନ ଲଗାଇବା ପାଇଁ ଗତ ସପ୍ତାହରେ ୮ ରାଜନୈତିକ ଦଳର ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପତ୍ର ଲେଖିଥିଲେ।

### ପ୍ରାକୃତିକ ବିପର୍ଯ୍ୟୟ କ୍ଷତି ହ୍ରାସ ଲାଗି ପ୍ରଯୁକ୍ତି ବ୍ୟବହାର ଉପରେ ମୋଦିଙ୍କ ଗୁରୁତ୍ୱ

**ନୂଆଦିଲ୍ଲୀ, ୧୦।୩(ପି.ଟି.)**

ପ୍ରାକୃତିକ ବିପର୍ଯ୍ୟୟଜନିତ କ୍ଷୟକ୍ଷତି ହ୍ରାସ କରିବା ନିମନ୍ତେ ପ୍ରତିକ୍ରିୟା ପରିବର୍ତ୍ତେ ସକ୍ରିୟ ଦୃଷ୍ଟିଭଙ୍ଗୀ ଉପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁତ୍ୱାରୋପ କରିଛନ୍ତି। ଏଥିସହିତ ବିପର୍ଯ୍ୟୟ ପରିଚାଳନାରେ ଭବିଷ୍ୟତ ପ୍ରଯୁକ୍ତିର ବ୍ୟବହାର ଉପରେ ସେ ଜୋର୍ ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଶୁକ୍ରବାର ବିପର୍ଯ୍ୟୟ ବିପଦ ହ୍ରାସ ଜାତୀୟ ମଞ୍ଚ (ଏନ୍‌ପିଡିଆର୍‌ଆର୍)ର ତୃତୀୟ ଅଧିବେଶନକୁ ଉଦ୍‌ଘାଟନ କରିବା ଅବସରରେ କହିଥିଲେ, ଆମେ ପ୍ରାକୃତିକ ବିପର୍ଯ୍ୟୟକୁ ରୋକିପାରିବା ନାହିଁ, ତେବେ କ୍ଷୟକ୍ଷତି ହ୍ରାସ କରିବା ଲାଗି ବ୍ୟବସ୍ଥା ଆପଣାଇପାରିବା। ସ୍ୱାଧୀନତାର ୫ ଦଶନ୍ଧି ପରେ ମଧ୍ୟ ଦେଶରେ ବିପର୍ଯ୍ୟୟ ପରିଚାଳନା ପାଇଁ କୌଣସି ଆଇନ ନ ଥିଲା। ୨୦୦୧ କଚ୍ଛ ଭୂକମ୍ପ ପରେ ପ୍ରଥମ ରାଜ୍ୟ ଭାବେ ଗୁଜରାଟ ବିପର୍ଯ୍ୟୟ ପରିଚାଳନା ଆଇନ ଆଣିଥିଲା। ଏହାକୁ ଆଧାର କରି କେନ୍ଦ୍ର ସରକାର ୨୦୦୫ରେ ଜାତୀୟ ବିପର୍ଯ୍ୟୟ ପରିଚାଳନା ଆଇନ କାର୍ଯ୍ୟକାରୀ କରିଥିଲେ। ପରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଗଠନ ହୋଇଥିଲା। ବିପର୍ଯ୍ୟୟ କ୍ଷତି ହ୍ରାସ ପାଇଁ ସ୍ଥାନୀୟ ପ୍ରଯୁକ୍ତି ଓ ସାମଗ୍ରୀର ଉନ୍ନତୀକରଣ ସହ ନୂଆ ପ୍ରଯୁକ୍ତିର ଉପଯୋଗ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।


ଭାରତରେ ୨ ଜଣଙ୍କ ଜୀବନ ନେଇଥିବା ଏଚ୍‌୩ଏନ୍‌୨ ଭୂତାଣୁ ଉପରେ ସଚେତନା ସୃଷ୍ଟି ଉଦ୍ଦେଶ୍ୟରେ ବାଙ୍ଗାଲୁରୁରେ ମାସ୍କ ପିନ୍ଧିଛନ୍ତି ଜଣେ ଛାତ୍ରୀ।

## ଜେହୋଭା ୱିଟ୍‌ନେସ୍ ହଲ୍‌ରେ ଗୁଳି: ୭ ନିହତ

**ହାମ୍‌ବର୍ଗ,୧୦।୩**

ଜର୍ମାନୀର ହାମ୍‌ବର୍ଗସ୍ଥିତ ଏକ ଜେହୋଭା ୱିଟ୍‌ନେସ୍ ହଲ୍‌ରେ ଜଣେ ବନ୍ଧୁକଧାରୀଙ୍କ ଗୁଳିମାଡ଼ରେ ୭ ଜଣଙ୍କ ମୃତ୍ୟୁ ଘଟିଛି। ଏଥିରେ ଅନ୍ୟ ୮ ଆହତ ହୋଇଛନ୍ତି, ଯାହାଙ୍କ ମଧ୍ୟରୁ ୪ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ମୃତକଙ୍କ ମଧ୍ୟରେ ଜଣେ ଗର୍ଭବତୀ ମହିଳା ଅଛନ୍ତି। ନରସଂହାର କରିଥିବା ଆତତାୟୀ ହେଲେ ଜେହନୋଭା ୱିଟ୍‌ନେସ୍‌ର ଜଣେ ପୂର୍ବତନ ସଦସ୍ୟ। ପୋଲିସ ପହଞ୍ଚିବା ପୂର୍ବରୁ ସେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ତେବେ ଏହା ଏକ ଆତଙ୍କବାଦୀ ଆକ୍ରମଣ ନୁହେଁ ବୋଲି ପୋଲିସ କହିଛି। ଜର୍ମାନୀ ଚାନ୍ସେଲର ଓଲାଫ୍ ସ୍କୋଲ୍‌ଜ ଏହାକୁ 'ବର୍ବର ହିଂସା' ବୋଲି ନିନ୍ଦା କରିଛନ୍ତି। ଜେହୋଭା ୱିଟ୍‌ନେସ୍ ହଲ୍‌ରେ ଗୁରୁବାର ରାତି ୯ଟା ୧୫ରେ ଏକ ଧର୍ମୀୟ କାର୍ଯ୍ୟକ୍ରମ ଚାଲିଥିବାବେଳେ ୩୫ ବର୍ଷୀୟ ହତ୍ୟାକାରୀ ଫିଲିପ୍ ଏଫ୍. ସେଠାକୁ ଯାଇ ନିଜ ଲାଇସେନ୍ସପ୍ରାପ୍ତ ବନ୍ଧୁକରୁ ଆଖିବୁଜା ୧୦୦ ରାଉଣ୍ଡ ଗୁଳି ଚଳାଇଥିଲେ। ତେବେ ସେ କାହିଁକି ଏହି ଆକ୍ରମଣ କରି ଶେଷରେ ନିଜେ ଆତ୍ମହତ୍ୟା କଲେ ସେନେଇ ପୋଲିସ କିଛି ସ୍ପଷ୍ଟ କରିପାରି ନାହିଁ।


ଆକ୍ରମଣ ପରେ ହାମ୍‌ବର୍ଗସ୍ଥିତ ଚର୍ଚ୍ଚ ବାହାରେ ସଶସ୍ତ୍ର ପୋଲିସ।

### ଜେହୋଭା କ'ଣ

ବାଇବେଲ୍‌ରେ ବର୍ଣ୍ଣିତ ଈଶ୍ୱରଙ୍କ ନାମକୁ ହିବ୍ରୁ ଭାଷାରେ ଜେହୋଭା କୁହାଯାଏ। ଜେହୋଭା ୱିଟ୍‌ନେସ୍ ହେଉଛି ଏକ ଅନ୍ତର୍ଜାତୀୟ ଚର୍ଚ୍ଚର ଅଂଶବିଶେଷ। ଊନବିଂଶ ଶତାବ୍ଦୀରେ ଆମେରିକାରେ ପ୍ରତିଷ୍ଠିତ ଏହି ସଂସ୍ଥାର ମୁଖ୍ୟାଳୟ ନ୍ୟୁୟର୍କରେ ରହିଛି। ବିଶ୍ୱବ୍ୟାପୀ ଏହାର ୮.୭ ନିୟୁତ ସଦସ୍ୟ ଅଛନ୍ତି। ସେମାନଙ୍କ ମଧ୍ୟରୁପ୍ରାୟ ୧,୭୦,୦୦୦ ଜଣ ଜର୍ମାନୀର। ଖ୍ରୀଷ୍ଟଧର୍ମର ଏହି ମତବାଦରେ ବିଶ୍ୱାସ କରୁଥିବା ଲୋକଙ୍କ ଧାରଣା ହେଉଛି, ଖୁବ୍‌ଶୀଘ୍ର ପୃଥିବୀର ଅନ୍ତ ଘଟିବାକୁ ଯାଉଛି।

# ଗୁମ୍ଫାରେ ରହି ଚାଷ କରୁଥିଲେ ଜିନ୍‌ପିଙ୍ଗ୍


ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ୍ ତୃତୀୟ ପାଳି ଆରମ୍ଭ ପୂର୍ବରୁ ଗ୍ରେଟ୍ ହଲ୍ ଅଫ୍ ଦି ପିପୁଲ୍ସରେ ଶପଥ ନେଉଛନ୍ତି।

**ବେଜିଂ,୧୦।୩**

୨୦୧୨ରେ ଶି ଜିନ୍‌ପିଙ୍ଗ୍ କ୍ଷମତାକୁ ଆସିବା ପରେ ଚାଇନାର କମ୍ୟୁନିଷ୍ଟ ପାର୍ଟି ନେତା ଭାବେ ସର୍ବାଧିକ ଉଦାରବାଦୀ ହେବେ ବୋଲି କେତେଜଣ ପର୍ଯ୍ୟବେକ୍ଷକ ଭବିଷ୍ୟବାଣୀ କରିଥିଲେ। ସମ୍ଭବତଃ ଜିନ୍‌ପିଙ୍ଗ୍‌ଙ୍କ ଦୁର୍ବଳ ପାରିବାରିକ ପୃଷ୍ଠଭୂମିକୁ ଦେଖି ସେତେବେଳେ ଏପରି ଅନୁମାନ କରାଯାଇଥିଲା। କିନ୍ତୁ ସେ ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ରାଷ୍ଟ୍ରପତି ଦାୟିତ୍ୱ ତୁଲାଇବା ପରେ ସବୁ ଆକଳନ ଭୁଲ୍ ପ୍ରମାଣିତ ହୋଇଛି। ମାଓ ଜେଡୋଙ୍ଗ୍‌ଙ୍କ ପରେ ଜିନ୍‌ପିଙ୍ଗ୍ ଚାଇନାର ସବୁଠୁ ଶକ୍ତିଶାଳୀ ଶାସକ ଭାବେ ନିଜକୁ ପ୍ରମାଣିତ କରିଛନ୍ତି। ଏବେ କୁହାଯାଉଛି, ଜିନ୍‌ପିଙ୍ଗ୍‌ଙ୍କୁ ନେଇ ଭବିଷ୍ୟବାଣୀ କରିଥିବା ବିଶ୍ଳେଷକମାନେ ତାଙ୍କୁ ବୁଝିପାରି ନ ଥିଲେ।

ଜିନ୍‌ପିଙ୍ଗ୍ କେବେ ନିଜ ମହତ୍ତ୍ୱାକାଂକ୍ଷା ସହ ସାଲିସ କରି ନାହାନ୍ତି। ତାଙ୍କୁ ଆଧୁନିକ ଚାଇନାର ସ୍ଥପତି ବିବେଚନା କରାଯାଉଛି। ଜିନ୍‌ପିଙ୍ଗ୍‌ଙ୍କ ଜୀବନୀ ପୁସ୍ତକ ରଚୟିତା ଆଲ୍‌ଫ୍ରେଡ୍ ଏଲ୍. ଚାନ୍‌ଙ୍କ ମତରେ ତାଙ୍କୁ ନେଇ ଜନମାନସରେ ରହିଥିବା ପାରମ୍ପରିକ ଧାରଣା ଠିକ୍ ନୁହେଁ। ସେ ନିଜ ଦୂରଦୃଷ୍ଟିକୁ ନେଇ ସ୍ୱପ୍ନ ସାକାର କରିବା ପାଇଁ କ୍ଷମତାକୁ ଏକ ଅସ୍ତ୍ର ରୂପେ ବ୍ୟବହାର କରିଛନ୍ତି। ଆଉ ଜଣେ ବାୟୋଗ୍ରାଫର୍ ଆଡ୍ରିଏନ୍ ଜେଇଜେସ୍ କହିଛନ୍ତି, ଜିନ୍‌ପିଙ୍ଗ୍ ନିଜ ବ୍ୟକ୍ତିଗତ ଅଭ୍ୟୁଦୟ ପାଇଁ କେବେ ଅଭିଳାଷୀ ନ ଥିଲେ। ବାସ୍ତବରେ ସେ ଚାଇନାକୁ ବିଶ୍ୱର ସବୁଠୁ ଶକ୍ତିଶାଳୀ ରାଷ୍ଟ୍ରରେ ପରିଣତ କରିବାକୁ ଚାହାନ୍ତି।

ମାଓଙ୍କ ଅମଳରେ ଜିନ୍‌ପିଙ୍ଗ୍‌ଙ୍କ ବାପା ଶି ଝୋଙ୍ଗ୍‌ଶୁନ୍ ଜଣେ ବିପ୍ଳବୀ ଥିଲେ, ଯିଏକି ଦେଶର ଉପପ୍ରଧାନମନ୍ତ୍ରୀ ପଦକୁ ଉନ୍ନୀତ ହୋଇଥିଲେ। ସାଂସ୍କୃତିକ ବିପ୍ଳବ ସମୟରେ ଝୋଙ୍ଗ୍‌ଶୁନ୍‌ଙ୍କ ବିରୋଧରେ ନାନା ଅଭିଯୋଗ ଅଣାଯାଇ ତାଙ୍କୁ ଓ ପରିବାରକୁ ଅକଥନୀୟ ନିର୍ଯାତନା ଦିଆଯାଇଥିଲା। ନିନ୍ଦା ଅପବାଦ ସହି ନ ପାରି ଜିନ୍‌ପିଙ୍ଗ୍‌ଙ୍କ ଜଣେ ଭଉଣୀ ଆତ୍ମହତ୍ୟା କରିଥିଲେ। ଜିନ୍‌ପିଙ୍ଗ୍‌ଙ୍କ ସହପାଠୀମାନେ ତାଙ୍କୁ ଅପମାନିତ କରୁଥିଲେ। ଜିନ୍‌ପିଙ୍ଗ୍‌ଙ୍କୁ ୧୫ ବର୍ଷ ହୋଇଥିବାବେଳେ ତାଙ୍କୁ କେନ୍ଦ୍ରୀୟ ଚାଇନାର ଶାଞ୍ଜି ପ୍ରଦେଶସ୍ଥିତ ଲିଆଙ୍ଗଜିଆହେ ଗ୍ରାମକୁ ପଠାଇ ଦିଆଯାଇଥିଲା। ସେଠାରେ ସେ ୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏକ ଗୁମ୍ଫାରେ ରହିବା ସହ ଚାଷ କରୁଥିଲେ। ଏଭଳି ସଂଘର୍ଷପୂର୍ଣ୍ଣ ଜୀବନ ବିତାଇବା ପରେ ଜିନ୍‌ପିଙ୍ଗ୍ ପରିପକ୍ୱ ହୋଇଥିଲେ। ସେ ଯେଉଁ ଗୁମ୍ଫାରେ ରାତ୍ରିଯାପନ କରୁଥିଲେ ତାହା ଏବେ ଏକ ପର୍ଯ୍ୟଟନସ୍ଥଳୀ ପାଲଟିଯାଇଛି। ୧୯୭୦ ଦଶକରେ ମାଓଙ୍କ ମୃତ୍ୟୁ ପରେ ଜିନ୍‌ପିଙ୍ଗ୍‌ଙ୍କ ବାପାଙ୍କୁ ପୁନଃ ଥଇଥାନ କରାଯାଇଥିଲା। ୧୯୭୪ରେ କମ୍ୟୁନିଷ୍ଟ ପାର୍ଟିର ଏକ ଗାଁ ମୁଖିଆ ଭାବେ ରାଜନୈତିକ କ୍ୟାରିୟର ଆରମ୍ଭ କରିଥିବା ଜିନ୍‌ପିଙ୍ଗ୍‌ଙ୍କୁ ତାଙ୍କ ପ୍ରଥମ ସ୍ତ୍ରୀ କେ. ଲିଙ୍ଗ୍‌ଲିଙ୍ଗ୍ ଛାଡ଼ପତ୍ର ଦେବା ପରେ ୧୯୮୭ରେ ସେ ସୁପରଷ୍ଟାର ସିଙ୍ଗର ପେଙ୍ଗ୍ ଲିୟୁଆନ୍‌ଙ୍କୁ ବିବାହ କରିଥିଲେ।

### ଚାଇନା ରାଷ୍ଟ୍ରପତି ଭାବେ ତୃତୀୟ ପାଳି ଆରମ୍ଭ




ସେତେବେଳେ ଜିନ୍‌ପିଙ୍ଗ୍‌ଙ୍କ ତୁଳନାରେ ତାଙ୍କ ସ୍ତ୍ରୀ ଅଧିକ ପରିଚିତ ଥିଲେ। ୧୯୫୩ ଜୁନ୍ ୧୫ରେ ବେଜିଂରେ ଜନ୍ମିତ ଏହି ଅପ୍ରତିଦ୍ୱନ୍ଦ୍ୱୀ ରାଜନେତା ଶୁକ୍ରବାର ଚାଇନା ରାଷ୍ଟ୍ରପତି ଭାବେ ତୃତୀୟ ପାଳି ଆରମ୍ଭ କରିଛନ୍ତି। ନ୍ୟାଶନାଲ ପିପୁଲ୍ସ କଂଗ୍ରେସ (ଏନ୍‌ପିସି)ର ୨,୯୫୨ ଆଇନ ପ୍ରଣେତା ୬୯ ବର୍ଷୀୟ ଜିନ୍‌ପିଙ୍ଗ୍‌ଙ୍କ ଏହି ଇନିଂସ୍‌କୁ ଅନୁମୋଦନ କରିଛନ୍ତି। ବର୍ତ୍ତମାନ ସେ ଏକାଧାରରେ ଚାଇନାର ରାଷ୍ଟ୍ରପତି, ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ)ର ସୁପ୍ରିମ କମାଣ୍ଡର ଏବଂ ସର୍ବଶକ୍ତିମାନ୍ ସେଣ୍ଟ୍ରାଲ ମିଲିଟାରି କମିଶନ (ସିଏମ୍‌ସି) ଚେୟାରମ୍ୟାନ୍। ୨୦୧୮ରେ କରାଯାଇଥିବା ଏକ ସାମ୍ବିଧାନିକ ସଂଶୋଧନ ଅନୁସାରେ ଜିନ୍‌ପିଙ୍ଗ୍ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଏହି ପଦବୀରେ ରହିପାରିବେ।




# ଆରମ୍ଭ ହେବ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ

**ଭୁବନେଶ୍ୱର,୧୦।୩(ବ୍ୟୁରୋ)**

ରାଜ୍ୟରେ ଜନଜାତି ସମ୍ପ୍ରଦାୟର ଜୀବନ ଜୀବିକା ଓ ଭିତ୍ତିଭୂମିର ବିକାଶ କରିବାକୁ ରାଜ୍ୟ ସରକାର 'ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ' କାର୍ଯ୍ୟକ୍ରମ ଆରମ୍ଭ କରିବେ। ଏହି ଯୋଜନାରେ ପର୍ଯ୍ୟାୟ କ୍ରମେ ୧୪ ଲକ୍ଷ ୫୦ ହଜାର ଜନଜାତି ପରିବାରକୁ ଚାଷ ଏବଂ ଆନୁଷଙ୍ଗିକ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯିବ। ଏଥିପାଇଁ ରାଜ୍ୟ ସରକାର ୨୦୨୨-୨୩ ଆର୍ଥିକ ବର୍ଷରୁ ୨୦୨୫-୨୬ ମଧ୍ୟରେ ୫୦୦ କୋଟି ବିନିଯୋଗ କରିବେ। ଏହି ଯୋଜନାରେ ମୋଟ ୧.୫ ଲକ୍ଷରୁ ଊର୍ଦ୍ଧ୍ୱ ଜନଜାତି ପ୍ରତିନିଧିଙ୍କୁ ୨୬ଟି ସମନ୍ୱିତ ଜନଜାତି ବିକାଶ ସଂସ୍ଥା (ଆଇଟିଡିଏ) ମାଧ୍ୟମରେ ସହାୟତା ପ୍ରଦାନ କରାଯିବ। ଏଥିସହିତ ଜନଜାତି ହିତାଧିକାରୀଙ୍କ ଆୟ ବଢ଼ାଇବାକୁ ଉନ୍ନତମାନର ମଞ୍ଜି, ସାର ଓ ଜଳସେଚନ ସୁବିଧା କରାଯିବ। ଏସ୍‌ସି/ଏସ୍‌ଟି ଉନ୍ନୟନ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅନୁମୋଦନ କରାଯାଇଛି। ଗୁରୁବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୧୮ଟି ପ୍ରସ୍ତାବରେ ମୋହର ମରାଯାଇଛି। ବିଧାନସଭା ଅଧିବେଶନ ଚାଲିବାରୁ କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଶୁକ୍ରବାର ଗୃହକୁ ଅବଗତ କରାଇଛନ୍ତି।

ରାଜ୍ୟ ସରକାର ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ଅଧିନିୟମ-୧୯୮୨ ଏବଂ ଓଡ଼ିଶା ଆପାର୍ଟମେଣ୍ଟ ମାଲିକାନା ନିୟମ-୧୯୯୨ କାର୍ଯ୍ୟକାରୀ କରୁଛନ୍ତି। ମାତ୍ର ଏଥିରେ ଅନେକ ତ୍ରୁଟିବିଚ୍ୟୁତି ଥିବାରୁ ରାଜ୍ୟ ସରକାର ଏଥିପାଇଁ

## କ୍ୟାବିନେଟ ନିଷ୍ପତ୍ତି

- ଜନଜାତି ସମ୍ପ୍ରଦାୟକୁ ଫୋକସ
- ସାମିଲ ହେବେ ୧୪.୫ ଲକ୍ଷ ପରିବାର
- ୫୦୦ କୋଟି ବ୍ୟୟବରାଦ
- ଆସିବ ନୂଆ ଆପାର୍ଟମେଣ୍ଟ ମାଲିକାନା ଆଇନ
- କଣ୍ଟ୍ରୋଲ ଡିଲରଙ୍କ କାର୍ଯ୍ୟ ଅବଧି ୧ ବର୍ଷ ବଢ଼ିଲା
- ମନୋଜ ମିଶ୍ରଙ୍କ ପାଇଁ ସୃଷ୍ଟି ହେଲା ପ୍ରମୁଖ ସଚିବ ପଦବୀ
- ୧୮ ପ୍ରସ୍ତାବ ଉପରେ ମୋହର

ନୂଆ ଆଇନ ଆଣିବେ। ନୂତନ ଆଇନ କାର୍ଯ୍ୟକାରୀ ହେଲେ ବ୍ୟକ୍ତିଗତ ଆପାର୍ଟମେଣ୍ଟ ମାଲିକାନା ପ୍ରଦାନ କରାଯିବ। ପ୍ରସ୍ତାବିତ ଆଇନରେ ସମସ୍ତଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେବା ସହ ଆପାର୍ଟମେଣ୍ଟ ମାଲିକଙ୍କ ସମ୍ପର୍କରେ ସ୍ପଷ୍ଟ ବ୍ୟବସ୍ଥା ରହିବ। ଫଳରେ ଆପାର୍ଟମେଣ୍ଟ ମାଲିକାନାକୁ ନେଇ ଦେଖାଦେଇଥିବା ଦ୍ୱନ୍ଦ୍ୱ ଦୂର ହୋଇପାରିବ। ସୁବିଧାରେ ଘର ପାଇଁ ରେଜିଷ୍ଟ୍ରେଶନ କରି ହେବ। ବିଲ୍‌ଡରଙ୍କ ସହିତ ମଧ୍ୟ କୌଣସି ସମସ୍ୟା ରହିବ ନାହିଁ। କମନ ଏରିଆ ସହିତ ଜମିର ମାଲିକାନା ଓନର୍ ଆସୋସିଏଶନ ନାଁରେ ହିଁ ରହିବ। ଏହାଦ୍ୱାରା ବିଲ୍‌ଡର ଓ ଘର ମାଲିକଙ୍କ ମଧ୍ୟରେ ଲାଗି ରହୁଥିବା ବିବାଦର ଅନ୍ତ ହେବା ସହିତ ଘର କିଣାବିକା ସହଜରେ ହୋଇପାରିବ।

ବର୍ଷେ ହେଲା ବନ୍ଦ ଥିବା ଆପାର୍ଟମେଣ୍ଟ ରେଜିଷ୍ଟ୍ରେଶନ ପାଇଁ ପୁଣି ବାଟ ଫିଟିବ। ସେହିପରି ରାଜ୍ୟରେ ୧୩,୪୨୮ କଣ୍ଟ୍ରୋଲ ଡିଲରମାନଙ୍କର ଲାଇସେନ୍ସ ଅବଧିକୁ ଆଉ ୧ ବର୍ଷ ବୃଦ୍ଧି କରାଯାଇଛି। ଯେଉଁ ଡିଲରମାନଙ୍କ ବିରୋଧରେ କୌଣସି ଅଭିଯୋଗ ନାହିଁ, ସାଧାରଣ ବଣ୍ଟନ ବ୍ୟବସ୍ଥାର ପରିଚାଳନା ପାଇଁ ସେମାନଙ୍କ ଲାଇସେନ୍ସକୁ ୨୦୨୩ ଏପ୍ରିଲ ପହିଲାରୁ ୨୦୨୪ ମାର୍ଚ୍ଚ ୩୧ ଯାଏ ସରକାର ବୃଦ୍ଧି କରିଛନ୍ତି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ଏହି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ କରିଛି।

ଭାରତ ସରକାରଙ୍କ ଆଇଆରଟିଏସ୍‌ରୁ ମନୋଜ ମିଶ୍ରଙ୍କ ଇସ୍ତଫା ପରେ ରାଜ୍ୟ ସରକାର ତାଙ୍କୁ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଦ୍ୟାର ପ୍ରମୁଖ ଶାସନ ସଚିବ ପାହ୍ୟାରେ ନିଯୁକ୍ତି ଦେଇଛନ୍ତି। ତେବେ ତାଙ୍କ ନିଯୁକ୍ତି ନେଇ ବିରୋଧୀ ଦଳ ଅନେକ ସମୟରେ ଆପତ୍ତି ଉଠାଇ ଆସୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମନୋଜ ମିଶ୍ରଙ୍କ ପାଇଁ ଏକ ପ୍ରମୁଖ ସଚିବ ପଦବୀ ସୃଷ୍ଟି କରିଛନ୍ତି, ଏହାକୁ କ୍ୟାବିନେଟ ଅନୁମୋଦନ କରିଛି।

ରାଜ୍ୟରେ ସ୍ୱଳ୍ପ ସଞ୍ଚୟ କାର୍ଯ୍ୟକ୍ରମକୁ ବ୍ୟାପକ କରାଇବା ଏବଂ ଡିଜିଟି ନଗଦବିହୀନ କାରବାର ଓ ଡିଜିଟାଲ ବ୍ୟୟ ବ୍ୟବସ୍ଥାର ବ୍ୟାପକ ପ୍ରଚାର ପ୍ରସାର ପାଇଁ ସ୍ୱଳ୍ପ ସଞ୍ଚୟ କ୍ୟାଡର ପୁନର୍ଗଠନ କରାଯିବ। ସେହିପରି ଓଡ଼ିଶା ମୁଖ୍ୟ ବିଭାଗୀୟ ଦପ୍ତର ଅଧିକାରୀ ଓ ସହାୟକ ନିଯୁକ୍ତି ନିୟମାବଳୀରେ ସଂଶୋଧନ କରାଯିବ। ଏହି ନୂଆ ବ୍ୟବସ୍ଥାରେ ପଦୋନ୍ନତି ମିଳିପାରିବ। ଏହି ଉଭୟ ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିଛି।

# ୩ ମହଲା ଛାତରୁ ଖସି ଛାତ୍ରୀଙ୍କ ମୃତ୍ୟୁ

**ବଡ଼ବିଲ,୧୦।୩ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ୱାର୍ଡ ନଂ. ୪ ସ୍ଥିତ ଶ୍ରୀରାମ ନଗରରେ ତିନି ମହଲା ଛାତରୁ ଖସିପଡ଼ି ଜଣେ ଛାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତକ ଏକ ଘରୋଇ ଖଣି କମ୍ପାନୀର ଅଧିକାରୀ ସବଲ ଝାଙ୍କ ବଡ଼ ଝିଅ ରୁଚି ଝା ବୋଲି ଜଣାପଡ଼ିଛି। ସେ ସ୍ଥାନୀୟ ଏକ କଲେଜରେ ଏକାଦଶ ଶ୍ରେଣୀରେ ଅଧ୍ୟୟନ କରୁଥିଲେ। ତେବେ ଛାତରୁ ତଳକୁ କିପରି ଖସି ପଡ଼ିଲେ ତାହା ଅସ୍ପଷ୍ଟ ରହିଥିବା ବେଳେ ପୋଲିସ ତଦନ୍ତ କରୁଛି।

ସୂଚନା ଅନୁଯାୟୀ, ଗତ ପ୍ରାୟ ଏକବର୍ଷ ହେବ ସବଲ ଝା ନିଜ ପରିବାର ସହିତ ଶ୍ରୀରାମ ନଗର ଅଞ୍ଚଳର ସଞ୍ଜୀବ ମିଶ୍ରଙ୍କ ଉପର ମହଲାରେ ଘର ଭଡ଼ା ନେଇ ରହୁଥିଲେ। ଶୁକ୍ରବାର ଅପରାହ୍ନ ପ୍ରାୟ ୪ ଟା ୨୦ରେ ରୁଚି ଛାତରୁ ୩୫ଫୁଟ ତଳକୁ ଖସିପଡ଼ିଥିଲେ। ପରିବାର ଲୋକେ ସଙ୍କଟାପନ୍ନ ଅବସ୍ଥାରେ ତାଙ୍କୁ ଉଦ୍ଧାରକରି ନିକଟସ୍ଥ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତଳ ମହଲାରେ ରହୁଥିବା ଘର ମାଲିକ ମିଶ୍ରଙ୍କ କହିବା ଅନୁଯାୟୀ, ସେ ଘର ଭିତରେ ଶୋଇଥିଲେ। ହଠାତ୍ ଘର ବାହାରୁ ଏକ ଶବ୍ଦ ଶୁଣି ବାହାରକୁ ଆସି ଦେଖିବା ବେଳକୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ରୁଚି ପଡ଼ିଥିଲେ। ବଡ଼ବିଲ ପୋଲିସ ଖବର ପାଇ ଘଟଣାର ତଦନ୍ତ ଆରମ୍ଭ କରିଛି।

# ବିଧାନସଭାରେ ନବ ଝଡ଼

## ବିରୋଧୀଙ୍କ ହଙ୍ଗାମା, ହଟ୍ଟଗୋଳ

**ଭୁବନେଶ୍ୱର,୧୦।୩(ବ୍ୟୁରୋ)**

ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବ ଦାସଙ୍କ ହତ୍ୟାକାଣ୍ଡକୁ ମାସେରୁ ଊର୍ଦ୍ଧ୍ୱ ସମୟ ବିତିଗଲାଣି। ତଦନ୍ତର ଦିଗ କେଉଁଆଡ଼େ ଯାଉଛି ତାହା ଜଣାପଡୁ ନାହିଁ। ଏ ପର୍ଯ୍ୟନ୍ତ ହତ୍ୟାର କାରଣ ମଧ୍ୟ ଲୋକଲୋଚନକୁ ଆସିପାରିଲା ନାହିଁ। ରାଜ୍ୟ କ୍ରାଇମବ୍ରାଞ୍ଚ ଉପରେ ଭରସା ନାହିଁ। ଏହାର ତଦନ୍ତ ଭାର ସିବିଆଇକୁ ଦିଆଯାଉ ଏବଂ ମୁଖ୍ୟମନ୍ତ୍ରୀ ଇସ୍ତଫା ଦିଅନ୍ତୁ। ଏଭଳି ଦାବି କରି ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟମାନେ ବିଧାନସଭାରେ ହୁଲସ୍ଥୁଲ କରିଛନ୍ତି।

ଶୁକ୍ରବାରଠାରୁ ବିଧାନସଭା ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ତେବେ ଆରମ୍ଭରୁ ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ ହତ୍ୟାକାଣ୍ଡ ତଦନ୍ତକୁ ନେଇ ବିରୋଧୀ ଦଳ ବିଧାନସଭାରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ବିରୋଧୀଙ୍କ ହୋହଲ୍ଲାରେ ବିଧାନସଭାର ଦିନତମାମ କାର୍ଯ୍ୟକ୍ରମ ବରବାଦ ହୋଇଯାଇଛି। ପ୍ରଶ୍ନୋତ୍ତର, ଶୂନ୍ୟକାଳ, ମୁଲତବୀ ଆଲୋଚନା ବାଏଁ ବାଏଁ ଉଡ଼ିଯାଇଛି। ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ବାଚସ୍ପତି ବିକ୍ରମ କେଶରୀ ଆରୁଖ ବିଭିନ୍ନ ପର୍ଯ୍ୟାୟରେ ଗୃହକୁ ଆସନ୍ତା ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଛନ୍ତି।

ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ ମିନିଟରେ ବିଧାନସଭା ଗୃହ କାର୍ଯ୍ୟ ଆରମ୍ଭ ହୋଇଥିଲା। ବାଚସ୍ପତି ପ୍ରଶ୍ନକାଳ ଆରମ୍ଭ କରିବା ମାତ୍ରେ କଂଗ୍ରେସ ସଦସ୍ୟମାନେ ଆଇନ ଶୃଙ୍ଖଳା, ନବ ଦାସ ହତ୍ୟାକାଣ୍ଡ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କରିଥିଲେ। ଭାଜପା ସଦସ୍ୟମାନେ ମଧ୍ୟ ନବ ଦାସ ହତ୍ୟା ଘଟଣାର ସିବିଆଇ ତଦନ୍ତ ଦାବି କରି ହୋହଲ୍ଲା କରିଥିଲେ। ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଯୋଗ



### ଫେଲ୍ ମାରିଲା ସର୍ବଦଳୀୟ ବୈଠକ

### ସୋମବାର ଯାଏ ଗୃହ ମୁଲତବୀ

ଦେବାକୁ ବାଚସ୍ପତି ବିରୋଧୀ ଦଳ ସଭ୍ୟମାନଙ୍କୁ ଅନୁରୋଧ କରିଥିଲେ। ତେବେ ଏହାର ପ୍ରଭାବ ସେମାନଙ୍କ ଉପରେ ଆଦୌ ପଡ଼ି ନ ଥିଲା। ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ଶିଳ୍ପମନ୍ତ୍ରୀ ପ୍ରତାପ ଦେବଙ୍କୁ ବିଜେଡି ସଭ୍ୟ ପ୍ରଦୀପ କୁମାର ଦିଶାରୀଙ୍କ ପ୍ରଶ୍ନ ନଂ. ୨୮୧ର ଉତ୍ତର ଦେବାକୁ ଡାକିଥିଲେ। ପ୍ରଶ୍ନ ଥିଲା, କଳାହାଣ୍ଡି ଜିଲାରେ କେତୋଟି ଶିଳ୍ପ ପ୍ରତିଷ୍ଠା ପାଇଁ ସରକାର ଅନୁମୋଦନ କରିଛନ୍ତି। ଏଥିପାଇଁ କେତେ ଟଙ୍କାର ନିବେଶ ପ୍ରସ୍ତାବ ରହିଛି। ଲାଞ୍ଜିଗଡ଼ ନିର୍ବାଚନମଣ୍ଡଳୀରେ ଇଣ୍ଡଷ୍ଟ୍ରିଆଲ ପାର୍କ ପ୍ରତିଷ୍ଠା ପାଇଁ ସରକାରଙ୍କ ପ୍ରସ୍ତାବ ଅଛି କି। ମନ୍ତ୍ରୀ ଉତ୍ତରରେ କହିଥିଲେ, କଳାହାଣ୍ଡି ଜିଲାରେ ୮ଟି ବୃହତ୍ ଶିଳ୍ପ ପ୍ରତିଷ୍ଠା ପାଇଁ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି ଅନୁମୋଦନ କରିଛନ୍ତି। ଲାଞ୍ଜିଗଡ଼ରେ ଇଣ୍ଡଷ୍ଟ୍ରିଆଲ ପାର୍କ ପ୍ରତିଷ୍ଠା ପାଇଁ ବର୍ତ୍ତମାନ କୌଣସି ବ୍ୟବସ୍ଥା ନାହିଁ। ଅନ୍ୟପକ୍ଷରେ ବିରୋଧୀଙ୍କ ହଟ୍ଟଗୋଳ ଜାରି ରହିବାରୁ ବାଚସ୍ପତି ଗୃହକୁ ୧୦ଟା ୩୨ରୁ ୧୧ଟା ୩୦ ମିନିଟ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ୧୧ଟା ୩୦ ମିନିଟରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ପୁଣି ବିରୋଧୀ ଦଳ ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ପାଟିତୁଣ୍ଡ କରିଥିଲେ। ହଟ୍ଟଗୋଳ ମଧ୍ୟରେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ବିଷୟରେ ଗୃହରେ ଘୋଷଣା କରିଥିଲେ। ଏହା ପରେ ଗୃହ ସ୍ୱାଭାବିକ ନ ହେବାରୁ ବାଚସ୍ପତି ଗୃହକୁ ୧୧ଟା ୩୭ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଅପରାହ୍ନରେ ମଧ୍ୟ ବିରୋଧୀଙ୍କ ହଟ୍ଟଗୋଳ ଜାରି ରହିଥିଲା। ବାଚସ୍ପତି ଗୃହକୁ ସ୍ୱାଭାବିକ କରିବାକୁ ସର୍ବଦଳୀୟ ବୈଠକ ଡାକିଥିଲେ। ତେବେ ସର୍ବଦଳୀୟ ବୈଠକରେ କୌଣସି ସହମତି ହୋଇପାରି ନ ଥିଲା। ବିରୋଧୀ କଂଗ୍ରେସ ଓ ଭାଜପା ସଦସ୍ୟମାନେ ପୁଣି ହୋହଲ୍ଲା କରିଥିଲେ। ହଟ୍ଟଗୋଳ ମଧ୍ୟରେ ଗୃହରେ ବିଭିନ୍ନ ବିଭାଗର ପେପର ଉପସ୍ଥାପନ କରାଯାଇଥିଲା। ହୋହଲ୍ଲା ନ କମିବାରୁ ବାଚସ୍ପତି ବାଧ୍ୟ ହୋଇ ଗୃହକୁ ସୋମବାର ପୂର୍ବାହ୍ନ ୧୦ଟା ୩୦ ମିନିଟ ଯାଏ ମୁଲତବୀ ଘୋଷଣା କରିଛନ୍ତି।

ଗୃହ ଅଚଳ ନେଇ ଶାସକ ଦଳ ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି। ବିଜେଡି ବିଧାୟକ ନୃସିଂହ ସାହୁ କହିଛନ୍ତି, ଯେଉଁ ପ୍ରସଙ୍ଗରେ ଗୃହରେ ଆଲୋଚନା ହୋଇଛି ସେ ନେଇ ଗୃହରେ ଦାବି କରିବା ଉଚିତ ନୁହେଁ। ପାଟିତୁଣ୍ଡ ଯୋଗୁ ଆମେ ଆମର ନିର୍ବାଚନମଣ୍ଡଳୀ ସମସ୍ୟା ବିଷୟ ଉତ୍ଥାପନ କରିପାରୁନାହୁଁ। ଅଯଥା ପ୍ରସଙ୍ଗରେ ଗୃହରେ ନାରାବାଜି ଯୋଗୁ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ବାଧାପ୍ରାପ୍ତ ହୋଇଛି।

# ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ ଷ୍ଟାଡିୟମ ଲୋକାର୍ପଣ



ରାଉରକେଲା ଆଥ୍‌ଲେଟିକ୍ ଷ୍ଟାଡିୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ୫-ଟି ସଚିବ ଭି.କେ. ପାଣ୍ଡିଆନ ଓ ଅନ୍ୟମାନେ।

## ଷ୍ଟାଡିୟମକୁ ଗିନିଜ ୱାର୍ଲ୍ଡ ପ୍ରମାଣପତ୍ର ପ୍ରଦାନ

**ରାଉରକେଲା ଅଫିସ,୧୦।୩:** ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମକୁ ଗିନିଜ ୱାର୍ଲ୍ଡ ପକ୍ଷରୁ ଶୁକ୍ରବାର ପ୍ରଶଂସା ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଲଣ୍ଡନ ଗିନିଜ ୱାର୍ଲ୍ଡ ଏଡ୍‌ଜୁଡିକେଟର ରିଷି ନାଥ ଏହି ପ୍ରଶଂସାପତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରିଛନ୍ତି। ଏହି ଅବସରରେ ହକି ଇଣ୍ଡିଆର ଅଫିସିଆଲମାନେ ଉପସ୍ଥିତ ଥିଲେ। ୨୦,୦୧୧ ଆସନ ବିଶିଷ୍ଟ ରାଉରକେଲା ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ଓଡ଼ିଶା ସରକାରଙ୍କ ରାଜ୍ୟବାସୀଙ୍କ ପାଇଁ ଏକ ବଡ ଅବଦାନ ଏବଂ ଦେଶ ପାଇଁ ଗୌରବ ବୋଲି ଅଫିସିଆଲମାନେ କହିଥିଲେ। ପ୍ରମାଣପତ୍ର ପାଇବା ପରେ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିଥିଲେ।

**ରାଉରକେଲା ଅଫିସ,୧୦।୩**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଦୁଇଦିନିଆ ରାଉରକେଲା ଗସ୍ତ କରିଛନ୍ତି। ଏହି ସମୟରେ ସେ ୯୬୪ କୋଟି ଟଙ୍କାର ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ରାଉରକେଲା ବିଶ୍ରା ଛକରେ ନିର୍ମିତ ନୂତନ ବିର୍ସା ମୁଣ୍ଡା ଆଥ୍‌ଲେଟିକ ଷ୍ଟାଡିୟମ ସମେତ ବିର୍ସା ମୁଣ୍ଡା ସୁଇମିଂ କମ୍ପ୍ଲେକ୍ସ ଏବଂ ବହୁତଳ କାର୍ ପାର୍କିଂ ସୁବିଧାର ଉଦ୍‌ଘାଟନ କରିଛନ୍ତି।

ମୁଖ୍ୟମନ୍ତ୍ରୀ ଶୁକ୍ରବାର ଅପରାହ୍ନ ୫ଟା ୨୦ରେ ରାଉରକେଲା ବିମାନ ବନ୍ଦରରେ ପହଞ୍ଚିଥିଲେ। ସେଠାରୁ ସେ ବିଶ୍ରା ଛକରେ ନିର୍ମିତ ବିର୍ସା ମୁଣ୍ଡା ଷ୍ଟାଡିୟମ ଅଭିମୁଖେ ବାହାରି ୫ଟା ୩୦ମିନିଟ୍‌ରେ ପହଞ୍ଚିଥିଲେ। ମୁଖ୍ୟମନ୍ତ୍ରୀ ପ୍ରଥମେ ଷ୍ଟାଡିୟମରେ ବିର୍ସା ମୁଣ୍ଡା ସୁଇମିଂ କମ୍ପ୍ଲେକ୍ସ ଏବଂ ବହୁତଳ କାର୍ ପାର୍କିଂ ସୁବିଧାର ଉଦ୍‌ଘାଟନ କରିଥିଲେ। ଏହାସହ ସେ ରାଉରକେଲାବାସୀଙ୍କ

### ମୁଖ୍ୟମନ୍ତ୍ରୀଙ୍କ ରାଉରକେଲା ଗସ୍ତ

### ସୁନ୍ଦରଗଡ଼ ଜିଲାକୁ ୯୬୪ କୋଟି ଟଙ୍କାର ପ୍ରକଳ୍ପ ଭେଟିଦେଲେ

ପାଇଁ ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ ଷ୍ଟାଡିୟମକୁ ଉତ୍ସର୍ଗ କରିଥିଲେ। ଏହାପରେ ସେ ସୁନ୍ଦରଗଡ଼ ଜିଲାର ସ୍ୱାସ୍ଥ୍ୟ, ଶିକ୍ଷା, ରାସ୍ତାଘାଟ, ପରିମଳ, କୃଷି ଏବଂ ପର୍ଯ୍ୟଟନର ବିକାଶ ପାଇଁ ୯୬୪ କୋଟି ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୫ଟା ୪୦ ମିନିଟ୍‌ରେ ମୁଖ୍ୟମନ୍ତ୍ରୀ କାର୍ ଯୋଗେ ବିର୍ସା ମୁଣ୍ଡା ହକି ଷ୍ଟାଡ଼ିୟମ ଅଭିମୁଖେ ଯାଇଥିଲେ।

କାର୍ଯ୍ୟକ୍ରମରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ, ରଘୁନାଥପାଲି ବିଧାୟକ ସୁବ୍ରତ ତରାଇ, ୫-ଟି ସଚିବ ଭି. କେ. ପାଣ୍ଡିଆନ, କ୍ରୀଡ଼ା ଓ ଯୁବସେବା ସଚିବ ଆର. ଭିନିଲ କ୍ରିଷ୍ଣା, ସୁନ୍ଦରଗଡ଼ ଜିଲାପାଳ ଡାକ୍ତର ପରାଗ ହର୍ଷଦ ଗାଭାଲି, ରାଉରକେଲା ଅତିରିକ୍ତ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର, ସୁନ୍ଦରଗଡ଼ ଜିଲା ପରିଷଦର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ ମହାଜନ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ୧୦ ଏକର ଜମିରେ ୧୫୭. ୨୧ କୋଟି ଟଙ୍କା ବ୍ୟୟରେ ନିର୍ମିତ ନୂତନ ବିର୍ସା ମୁଣ୍ଡା ଆଥ୍‌ଲେଟିକ ଷ୍ଟାଡିୟମରେ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ସହ ପ୍ରାୟ ୧୦ହଜାର ଦର୍ଶକ ଏକକାଳୀନ ଖେଳ ଉପଭୋଗ କରିପାରିବାର ବ୍ୟବସ୍ଥା ରହିଛି। ଏଠାରେ ଫୁଟବଲ ସମେତ ଟ୍ରାକ୍ ଆଣ୍ଡ ଫିଲ୍ଡ ବିଭାଗର ସମସ୍ତ ପ୍ରତିଯୋଗିତା ଅନୁଷ୍ଠିତ ହୋଇପାରିବ। ସେହିପରି ସୁଇମିଂ ପୁଲ୍‌ରେ ସନ୍ତରଣ ପ୍ରଶିକ୍ଷଣ ଦିଆଯିବା ସହ ରାଜ୍ୟ ତଥା ଜାତୀୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେବ ବୋଲି ସୂଚନା ମିଳିଛି।




**ଆଜିର ମନ୍ତବ୍ୟ**

ଭାରତ ବଡ଼ ଭୂମିକା ନ ନେଲେ ଜଳବାୟୁ ପରିବର୍ତ୍ତନଜନିତ ଆହ୍ୱାନର ସମାଧାନ ଅସମ୍ଭବ।
-ଆଣ୍ଟୋନି ଅଲ୍‌ବାନେସ୍,ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଦିନେ କୁହୁଡ଼ି ଆସିଲା ମାଡ଼ି**
**ଅଦିନେ ମିଳିଲା ଦେଖା**
**ପର ପୁଅ ଆଣି ପୋଷା ପୁଅ କଲେ**
**କେଉଁ ପୁଅକୁ ସେ ଲେଖା ?**

ଅଦିନରେ ଘୋଟି ଆସୁଥିବା କୁହୁଡ଼ିର ଯେମିତି ସ୍ଥାୟିତ୍ୱ ନ ଥାଏ, ସେମିତି ଅଦିନରେ ଦେଖା ହେଉଥିବା ବ୍ୟକ୍ତି ସେତେଟା ଭରସାଯୋଗ୍ୟ ଓ ବିଶ୍ୱସ୍ତ ହୋଇପାରି ନ ଥାନ୍ତି। ସେହିପରି ପର କେବେ ନିଜ ରକ୍ତ ପରି ଆପଣାର ହୋଇପାରନ୍ତି ନାହିଁ। ପୋଷ୍ୟ ପୁତ୍ରର ଆନୁଗତ୍ୟ ପ୍ରତି ସନ୍ଦେହ ପ୍ରକାଶ ପାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଧକାଣ୍ଡି ପାଣି ନଉତି**
**ନଣନ୍ଦ ଗୋଡ଼ରେ ବଳା**
**ଥିରି ଥିରି କରି ଆସିବୁ ଚୋର**
**ପୁଅକୁ ଝୁଣ୍ଟିବୁ ପରା।**

ବିଦେଶରେ ସ୍ୱାମୀ, ଘରେ ନଣନ୍ଦ ଓ ପୁଅ। ଏସବୁ ସତ୍ତ୍ୱେ ଚୋରା ପୀରତିରେ ମନ ବଳିଥିବା ତରୁଣୀ ସ୍ତ୍ରୀର ପରପୁରୁଷ ପ୍ରତି ଥିବା ଆବେଗ ଓ ସତର୍କତାକୁ ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ୍ ପବ୍ଲିଶର୍ସ

# ୪ ରାଉଣ୍ଡ ଗୁଳି ଫୁଟାଇ ଆତଙ୍କ

### ରଙ୍ଗଖେଳକୁ ନେଇ ଦୁର୍ବୃତ୍ତଙ୍କ ତାଣ୍ଡବକାଣ୍ଡ

**ସୋର, ୧୦।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲା ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ଗ୍ରାମରେ ହୋଲି ଦିନ ରଙ୍ଗ ମାରିବାକୁ ବିରୋଧ କରିବାରୁ କେତେଜଣ ଯୁବକ ଖଣ୍ଡା, ତଲୱାର ଧରି ଗ୍ରାମରେ ଆତଙ୍କ ସୃଷ୍ଟି କରିବା ସହିତ ଗୁଳି ଫୁଟେଇ ଲୋକଙ୍କୁ ଭୟଭୀତ କରାଇଥିଲେ। ଏହି ଘଟଣାରେ ପୋଲିସ୍ ପହଞ୍ଚି ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

ବୁଧବାର ଗ୍ରାମର ଶଶିକାନ୍ତ ଜେନା, ତାଙ୍କ ସାଙ୍ଗ ଶ୍ରୀତମ ବିଶ୍ୱାଳ ଓ ଅନ୍ୟ ଜଣେ ସାଙ୍ଗଙ୍କ ସହ ମିଶି ସେହି ଗ୍ରାମର ଜୀବନ ଦାସଙ୍କ ଘରକୁ ରଙ୍ଗ ମାରିବା ପାଇଁ ଯାଇଥିଲେ। ସେତେବେଳେ ଜୀବନ ଘରେ ନ ଥିବାରୁ ତାଙ୍କ ସ୍ତ୍ରୀଙ୍କୁ ରଙ୍ଗ ମାରିବାକୁ ତାଙ୍କର ଜଣେ ନାବାଳିକା ନଣନ୍ଦ ବିରୋଧ କରିଥିଲେ। ଏଥିରେ ସେମାନେ ଉତ୍‌କ୍ଷିପ୍ତ ହୋଇ ନାବାଳିକାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ଭାଉଜ ଏବଂ ଶାଶୂ ବିରୋଧ କରିବାରୁ ତାଙ୍କୁ ମଧ ମାଡ଼ ମାରି ଆହତ କରିଥିଲେ। ପଡ଼ୋଶୀମାନେ ବାହାରି ତାଙ୍କୁ ବିରୋଧ କରିବା ସହିତ ସେମାନଙ୍କୁ ଘଉଡ଼ାଇ ଦେଇଥିଲେ। ସନ୍ଧ୍ୟାରେ ଜୀବନଙ୍କ ମା' ବାସନ୍ତୀ ଦାସ ଏବଂ ଝିଅ ବୋହୂ ମିଶି ସୋର ଥାନାରେ ଏତାଲା ଦେଇଥିଲେ। ପୋଲିସ ପରଦିନ ଘଟଣାର ତଦନ୍ତ କରିବାକୁ ସମୟ ଦେଇଥିବା ବେଳେ ଥାନାକୁ ଯିବା ଘଟଣାକୁ ନେଇ ଶଶୀକାନ୍ତ ଏବଂ ତାଙ୍କର ସହଯୋଗୀମାନେ ଖଣ୍ଡା ତଲୱାର ଧରି ଗାଁ ଲୋକଙ୍କୁ ଧମକଚମକ ଦେଇଥିଲେ। ଏନେଇ ଜୀବନଙ୍କ ପରିବାର ଲୋକେ ପୁଣି ସୋର ଥାନାରେ ପହଞ୍ଚିବା ଦେଖି ଶଶିକାନ୍ତ ଏବଂ ତାଙ୍କ ୧୦/୧୫ ଜଣ ସହଯୋଗୀ ଖଣ୍ଡା ଓ ବନ୍ଧୁକ ଧରି ଲୋକଙ୍କୁ ଭୟଭୀତ କରିବା ସହିତ ତାଙ୍କ ବିରୋଧ ଏତଲା ନ ଉଠାଇଲେ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଗାଁ ଲୋକେ ରାତିରେ ଠେଙ୍ଗାବାଡ଼ି ଧରି ସେମାନଙ୍କୁ ପ୍ରତିରୋଧ କରିବାକୁ ଉଦ୍ୟମ କରିବାରୁ ସେମାନଙ୍କ ତରଫରୁ ୪ ରାଉଣ୍ଡ ଗୁଳି ଚାଳନା କରାଯାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ୩ଟି ଖୋକା ଜବତ କରିଛି। ଏହି ଘଟଣାରେ ଶଶିକାନ୍ତଙ୍କ ବାପାଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଚଳାଇଥିବା ଦେଖାଯାଇଛି।

# ମାଓବାଦୀ ନେତାଙ୍କ ମା'ଙ୍କୁ କାନ୍ଧ ଦେଲା ପୋଲିସ



ଏସ୍‌ଆଇ ରାମକୃଷ୍ଣା ସହକର୍ମୀଙ୍କ ସହ ସୀତାସାଙ୍କ ମୃତଦେହ ସତ୍କାର ପାଇଁ ମଶାଣିକୁ ବୋହି ନେଉଛନ୍ତି।

**ଚିତ୍ରକୋଣ୍ଡା,୧୦।୩(ଡି.ଏନ.ଏ.)**

ମାଓବାଦୀମାନେ ସର୍ବଦା ପୋଲିସକୁ ଟାର୍ଗେଟ କରି ବିଭିନ୍ନ ହିଂସା ଘଟାଇଥାନ୍ତି। କେବେ ସଫଳ ହୋଇଥାନ୍ତି ତ କେବେ ପୋଲିସ ସେମାନଙ୍କ ଯୋଜନାକୁ ପଣ୍ଡ କରିଦେଇଥାଏ। ଏହା ସତ୍ତ୍ୱେ ପୋଲିସ ସେମାନଙ୍କ ପ୍ରତି କଠୋର ହୋଇ ନ ଥାଏ। ଆବଶ୍ୟକ ସ୍ଥଳେ ମାନବିକତାର ପରିଚୟ ଦେଇ ସହାୟତାର ହାତ ବଢ଼ାଇଥାଏ। ଏପରି ଦେଖିବାକୁ ମିଳିଛି ଚିତ୍ରକୋଣ୍ଡା ବ୍ଲକ ସୀମାନ୍ତରେ ଥିବା ସିଲେରୁ ପୋଲିସ କ୍ଷେତ୍ରରେ। କେନ୍ଦ୍ରୀୟ କମିଟିର ମାଓବାଦୀ ନେତା ଜଗନ୍ନଙ୍କ ମା' ସୀତାସାଙ୍କ ପରଲୋକ ହେବା ସମୟରେ ତାଙ୍କ ପାଖରେ କେହି ସମ୍ପର୍କୀୟ ନ ଥିବାରୁ ସିଲେରୁ ଏସ୍‌ଆଇ ରାମକୃଷ୍ଣା ଅନ୍ୟମାନଙ୍କ ସହ ନିଜେ କୋକେଇ କାନ୍ଧେଇ ମଶାଣିକୁ ନେଇ ମୃତଦେହ ସତ୍କାର କରିଥିଲେ। ଏପରି ଦୃଶ୍ୟ ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। ଖବରରୁ ଜଣାପଡ଼ିଛି ମାଓବାଦୀ ନେତା ଜଗନ୍ନଙ୍କ ମା' ସୀତାସାଙ୍କ ଶୁକ୍ରବାର ପରଲୋକ ହୋଇଥିଲା। ଏହି ଖବର ପାଇ ମଧ ମା'ଙ୍କୁ ଶେଷ ଦର୍ଶନ କରିବାକୁ ଆସିପାରି ନ ଥିଲେ ଜଗନ୍ନ। ଏ ସମ୍ପର୍କରେ ଖବର ପାଇ ସିଲେରୁ ଥାନା ଏସ୍‌ଆଇ ରାମକୃଷ୍ଣା ସଙ୍ଗେ ସଙ୍ଗେ କମୁଲୱାଡା ଗ୍ରାମରେ ପହଞ୍ଚି ପୋଲିସ ସହକର୍ମୀଙ୍କ ସହ ନିଜେ ସୀତାସାଙ୍କ ମୃତଦେହକୁ କାନ୍ଧରେ ବୋହି ମଶାଣିକୁ ନେଇଥିଲେ। ସେଠାରେ ରୀତିନୀତି ଅନୁଯାୟୀ ସତ୍କାର କାର୍ଯ୍ୟ ସମ୍ପନ୍ନ କରିଥିଲେ। ପରେ ଅନ୍ୟାନ୍ୟ କାର୍ଯ୍ୟ ଲାଗି ଗ୍ରାମବାସୀଙ୍କ ଉପସ୍ଥିତିରେ ପରିବାରର ଅନ୍ୟମାନଙ୍କୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା। ପୋଲିସର ଏଭଳି କାର୍ଯ୍ୟକୁ ଅଞ୍ଚଳବାସୀ ପ୍ରଶଂସା କରିଛନ୍ତି।

# ଆରମ୍ଭ ହେଲା ମାଟ୍ରିକ ପରୀକ୍ଷା

- ପ୍ରଥମ ଦିନରେ ୧୯,୩୯୭ ଛାତ୍ରୀଛାତ୍ର ଅନୁପସ୍ଥିତ
- କପି କରି ୧୧ ପରୀକ୍ଷାର୍ଥୀ ଧରାପଡିଲେ

କଟକ ଅଫିସ,୧୦।୩: ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ସମ୍ମେଟିଭ-୨ ବା ମାଟ୍ରିକ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ରାଜ୍ୟରେ ୫ ଲକ୍ଷ ୩୦ ହଜାର ୭୬୭ ଜଣ ଛାତ୍ରୀଛାତ୍ର ଏହି ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା ପାଇଁ ଫର୍ମପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ପ୍ରଥମ ଦିନରେ ୫ ଲକ୍ଷ ୧୨ ହଜାର ୬୪୪ଜଣ ମାତୃଭାଷା ବିଷୟରେ ପରୀକ୍ଷା ଦେଇଥିବାବେଳେ ୧୮,୧୩୩ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିବା ଜଣାପଡିଛି। ଅନ୍ୟପକ୍ଷରେ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ କପିକରି ୧୧ଜଣ ଛାତ୍ରୀଛାତ୍ର ଧରାପଡିଛନ୍ତି। ସେହିଭଳି ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ଓ ସଂସ୍କୃତ ମଧ୍ୟମା ପରୀକ୍ଷା ମଧ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ରାଜ୍ୟ ମୁକ୍ତ ବିଦ୍ୟାଳୟ ସାର୍ଟିଫିକେଟ ପରୀକ୍ଷା ନିମନ୍ତେ ୪,୧୨୩ ଜଣ ପରୀକ୍ଷାର୍ଥୀ ଫର୍ମପୂରଣ କରିଥିଲେ। ସେମାନଙ୍କ ମଧ୍ୟରୁ ୩,୩୮୯ଜଣ ପରୀକ୍ଷା ଦେଇଥିବାବେଳେ ୭୩୪ଜଣ ଅନୁପସ୍ଥିତ ଥିଲେ। ସଂସ୍କୃତ ମଧ୍ୟମା ପରୀକ୍ଷାରେ ୩,୫୪୬ଜଣଙ୍କ ମଧ୍ୟରୁ ୩୦୧୬ଜଣ ପରୀକ୍ଷା ଦେଇଛନ୍ତି। ୫୩୦ଜଣ ପରୀକ୍ଷାରେ ଅନୁପସ୍ଥିତ ଥିଲେ। ତେବେ ରାଜ୍ୟରେ ମୋଟ ୧୯, ୩୯୭ ଜଣ ପରୀକ୍ଷାର୍ଥୀ ପ୍ରଥମ ଦିନରେ ଅନୁପସ୍ଥିତ ରହିଛନ୍ତି। ଏତେ ସଂଖ୍ୟକ ପରୀକ୍ଷାର୍ଥୀ କେଉଁ କାରଣରୁ ପରୀକ୍ଷା ଦେବାକୁ ଆସିପାରିନାହାନ୍ତି ସେଥିନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ନୀଳାଦ୍ରି କମ୍ପ୍ଲେକ୍ସ ହ୍ୟାଣ୍ଡଲୁମ୍ ଶୋ' ରୁମ୍‌ରେ ନିଆଁ



ଘଟଣାସ୍ଥଳରେ ଏସ୍‌ପି କନୱର ବିଶାଲ ସିଂ ସ୍ଥିତି ଅନୁଧାନ କରୁଛନ୍ତି।

**ପୁରୀ ଅଫିସ, ୧୦।୩**

ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସରେ ନିଆଁ ନ ଲିଭୁଣୁ ପୁଣି ଏକ ମାର୍କେଟ କମ୍ପ୍ଲେକ୍ସରେ ଅଗ୍ନିକାଣ୍ଡ ଘଟିଛି। ଶୁକ୍ରବାର ସକାଳେ ନୀଳାଦ୍ରି କମ୍ପ୍ଲେକ୍ସ ପରିସରସ୍ଥ ଓଡ଼ିଶା ହ୍ୟାଣ୍ଡଲୁମ୍ ଶୋ' ରୁମ୍‌ରେ ନିଆଁ ଲାଗିଥିଲା। ତେବେ ଶୋ'ରୁମ୍ କର୍ମଚାରୀମାନେ ତୁରନ୍ତ ୧୧୨କୁ ଫୋନ୍ କରିବା ସହ ନିଆଁ ଲିଭାଇବାକୁ ଉଦ୍ୟମ କରିଥିଲେ। ଅଗ୍ନିଶମ ବାହିନୀ ସହାୟତାରେ ନିଆଁକୁ ଆୟତ୍ତ କରାଯାଇଥିଲା। ଫଳରେ ପୁଣି ଏକ ବଡ଼ ଧରଣର ଅଘଟଣରୁ ସମ୍ପୃକ୍ତ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ବର୍ତ୍ତିଯାଇଛି। ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସଠାରୁ ମାତ୍ର ୫୦ ମିଟର ଦୂରରେ ନୀଳାଦ୍ରି କମ୍ପ୍ଲେକ୍ସ ରହିଛି। ଏ ନେଇ ଏସ୍‌ପି କନୱର ବିଶାଲ ସିଂ ସୂଚନା ଦେଇ କହିଛନ୍ତି, ଏହା ଏକ ଛୋଟ ଘଟଣା। ଶଟ୍ ସର୍କିଟରୁ ନିଆଁ ଲାଗିଥିଲା। ତେବେ ତାହାକୁ ୫-୧୦ ମିନିଟ ମଧ୍ୟରେ ଆୟତ୍ତ କରାଯାଇଥିଲା। ଏଥିରେ କିଛି କ୍ଷୟକ୍ଷତି ହୋଇନାହିଁ। ତେଣୁ ଭୟଭୀତ ନ ହେବାକୁ କିମ୍ବା କୌଣସି ଗୁଜବରେ ବିଶ୍ୱାସ ନ କରିବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି। ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ ଅଗ୍ନି ନିର୍ବାପକ ବ୍ୟବସ୍ଥା ଅଛି କି ନାହିଁ ତା'ର ଯାଞ୍ଚ କରାଯିବ ବୋଲି ଏସ୍‌ପି କହିଛନ୍ତି। ପ୍ରତ୍ୟେକ ବିଲ୍‌ଡିଂରେ ଅଗ୍ନି ନିର୍ବାପକ ବ୍ୟବସ୍ଥା କରିବା ସହ ଧୂଆଁ ନିଷ୍କାସନ ଲାଗି ଯଥେଷ୍ଟ ବାଟ ରଖିବାକୁ ସେଣ୍ଟ୍ରାଲ ରେଞ୍ଜ୍ ଫାୟାର ଅଫିସର ରମେଶ ଚନ୍ଦ୍ର ମାଝି ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି।

# ୩୬ ଘଣ୍ଟା ପରେ ଲିଭିଲା



ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସକୁ ପୋଲିସ ନିଜ ଅଧୀନକୁ ନେଇ ଜଗି ରହିଛି।

**ଲକ୍ଷ୍ମୀ ମାର୍କେଟ ଅଗ୍ନିକାଣ୍ଡ ଘଟଣା**

- ଟୁଇଟ୍ କରି ସାଧୁବାଦ ଦେଲେ ମୁଖ୍ୟମନ୍ତ୍ରୀ
- କର୍ମଚାରୀଙ୍କୁ ପୁରସ୍କୃତ କରାଯିବ: ଅଗ୍ନିଶମ ଡିଜି
- ତଦନ୍ତ ଓ କ୍ଷୟକ୍ଷତି ଆକଳନ ପାଇଁ କମିଟି ଗଠିତ
- ସରକାରୀ ସହାୟତା ପାଇଁ ଗୁହାରି କଲେ ବ୍ୟବସାୟୀ

**ପୁରୀ ଅଫିସ, ୧୦।୩**

ଅଗ୍ନିଶମ ବାହିନୀ ଏବଂ ଓଡ୍ରାଫ୍ ଟିମ୍ ପକ୍ଷରୁ ମିଳିତ ଭାବେ ଦୀର୍ଘ ୩୬ ଘଣ୍ଟାର ଅକ୍ଳାନ୍ତ ପରିଶ୍ରମ ପରେ ମରୀଚିକୋଟ ଛକ ନିକଟସ୍ଥ ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସରେ ଲାଗିଥିବା ନିଆଁ ଲିଭିଛି। ବୁଧବାର ରାତି ପ୍ରାୟ ୮ଟାରୁ ଏହି କମ୍ପ୍ଲେକ୍ସରେ ନିଆଁ ଲାଗିଥିବାବେଳେ ଶୁକ୍ରବାର ସକାଳ ପ୍ରାୟ ୧୦ଟାରେ ତାହାକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରାଯାଇପାରିଛି। ଅଗ୍ନିକାଣ୍ଡରେ କୌଣସି ଜୀବନ ହାନି ହୋଇ ନ ଥିଲେ ମଧ ସମସ୍ତ ୪୩ ବ୍ୟବସାୟ ପ୍ରତିଷ୍ଠାନ ଜଳିଯାଇଛି। ଫଳରେ ସମ୍ପୃକ୍ତ ବ୍ୟବସାୟୀମାନଙ୍କର ବିପୁଳ ପରିମାଣର କ୍ଷତି ଘଟିଛି। ସେମାନେ ଏକପ୍ରକାର ବେସାହାରା ହୋଇପଡ଼ିଛନ୍ତି। ସେହିପରି ଏଠାକାର ସମ୍ରାଟ ହୋଟେଲରେ ରହୁଥିବା ପର୍ଯ୍ୟଟକମାନଙ୍କୁ ସୁରକ୍ଷିତ ଭାବେ ଅନ୍ୟ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଅଗ୍ନିକାଣ୍ଡ ସମ୍ପର୍କରେ ପ୍ରଶାସନ ପକ୍ଷରୁ ତଦନ୍ତ ଓ କ୍ଷୟକ୍ଷତି ଆକଳନ କରାଯିବା ପାଇଁ ଏକ କମିଟି ଗଠନ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍ କରି ନିଆଁ ଲିଭାଇବା କାର୍ଯ୍ୟରେ ସାମିଲ ଥିବା କର୍ମଚାରୀମାନଙ୍କୁ ସାବାସି ଦେବା ସହ ସାଧୁବାଦ ଜଣାଇଛନ୍ତି। ସେହିପରି ଅଗ୍ନିଶମ ଡିଜି ସନ୍ତୋଷ ଉପାଧ୍ୟାୟ ସମସ୍ତ କର୍ମଚାରୀଙ୍କୁ ପ୍ରଶଂସା କରିଛନ୍ତି। ସମ୍ପୃକ୍ତ କର୍ମଚାରୀମାନଙ୍କୁ ପୁରସ୍କୃତ କରାଯିବ ବୋଲି ସେ କହିଛନ୍ତି।

ସୂଚନା ଅନୁଯାୟୀ, ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସ ପରିସରସ୍ଥ ତଳ ମହଲାରେ ଥିବା ଅମ୍ବିକା ଲୁଗା ଦୋକାନରେ ପ୍ରଥମେ ନିଆଁ ଲାଗିଥିଲା। ସଙ୍ଗେସଙ୍ଗେ ତାହା ପ୍ରଥମ ଓ ଦ୍ୱିତୀୟ ମହଲାକୁ ବ୍ୟାପିଯାଇଥିଲା। ଖବର ପାଇ ପୋଲିସ, ଅଗ୍ନିଶମ ବାହିନୀ, ଓଡ୍ରାଫ୍ ଟିମ୍ ପହଞ୍ଚି ନିଆଁ ଲିଭାଇବା କାର୍ଯ୍ୟ ଆରମ୍ଭ କରିଥିଲେ। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟା ବେଳକୁ ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରାଯାଇପାରିଥିଲା। ତେବେ କ୍ଷତିଗ୍ରସ୍ତ ବ୍ୟବସାୟୀମାନେ କିପରି ପରିବାର ପ୍ରତିପୋଷଣ କରିବେ, ଧାରକରଜ ଶୁଝିବେ ଓ ପୁଣି ବେଉସା ସଜାଡ଼ିବେ ସେ ନେଇ ଚିନ୍ତାରେ ପଡ଼ିଛନ୍ତି। ଏହି ଚିନ୍ତାରେ ପୂର୍ଣ୍ଣିମା ମହାନ୍ତିଙ୍କ ସମେତ କେତେଜଣ ବ୍ୟବସାୟୀ ସଂଜ୍ଞାହୀନ ହୋଇପଡ଼ିଥିବା ଦେଖିବାକୁ ମିଳିଛି। ଉକ୍ତ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀଙ୍କ ଜୀବିକା ମଧ ପ୍ରଭାବିତ ହୋଇଛି। କ୍ଷତିଗ୍ରସ୍ତ ବ୍ୟବସାୟୀମାନେ ଥଇଥାନ ସହ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରଶାସନକୁ ନିବେଦନ କରିଛନ୍ତି। ଘଟଣାର ତଦନ୍ତ ସହ କ୍ଷୟକ୍ଷତି ଆକଳନ ପାଇଁ ପୁରୀ ଉପଜିଲାପାଳଙ୍କ ଅଧକ୍ଷତାରେ ସଦର ତହସିଲଦାର, ଟାଉନ ଥାନା ଆଇଆଇସି ଏବଂ ଅଗ୍ନିଶମ ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିବା ସୂଚନା ମିଳିଛି। ଏ ନେଇ ସଦର ତହସିଲଦାର କ୍ଷୀରୋଦ କୁମାର ବେହେରା କହିଛନ୍ତି, ନିଆଁକୁ ସମ୍ପୂର୍ଣ୍ଣ ଭାବେ ଆୟତ୍ତ କରାଯାଇଛି। ତେବେ ତାପମାତ୍ରା ଅଧିକ ଥିବାରୁ ଏବଂ ଅଣନିଃଶ୍ୱାସୀ ଭଳି ପରିସ୍ଥିତି ଥିବାରୁ କମ୍ପ୍ଲେକ୍ସ ପରିସରକୁ କାହାରିକୁ ଛଡ଼ାଯାଉନାହିଁ। ପ୍ରଶାସନ ନିଜ ଅଧୀନକୁ କମ୍ପ୍ଲେସକୁ ନେଇଛି। ଶନିବାର ସ୍ଥିତି ସ୍ୱାଭାବିକ ହେଲେ ଦୋକାନୀମାନଙ୍କୁ ଭିତରକୁ ଛଡ଼ାଯିବ ଓ ସେମାନେ ସେମାନଙ୍କ ଜିନିଷ କାଢିବେ। ତେବେ ପ୍ରଶାସନ ପକ୍ଷରୁ ଇଂଜିନିୟରିଂ ଟିମ୍‌କୁ ଅନୁଧାନ ପାଇଁ କୁହାଯାଇଛି। ଟିମ୍ ଆସି ଅନୁଧାନ କରି ରିପୋର୍ଟ ଦେବା ପରେ ଯାହାକିଛି ନିଷ୍ପତ୍ତି ନିଆଯିବ। ପ୍ରାଥମିକ ପର୍ଯ୍ୟାୟରେ କ୍ଷୟକ୍ଷତି ଆକଳନ କରାଯିବ। ଏ ନେଇ ରିପୋର୍ଟ ପ୍ରସ୍ତୁତ ହେବ। ସରକାରୀ ବ୍ୟବସ୍ଥା ଅନୁଯାୟୀ ସାହାଯ୍ୟ ଯୋଗାଇ ଦିଆଯିବ। ଲକ୍ଷ୍ମୀ ମାର୍କେଟ କମ୍ପ୍ଲେକ୍ସର ଅଗ୍ନି ନିରାପତ୍ତା ବ୍ୟବସ୍ଥା ଥିଲା କି ନାହିଁ ତାହା ପରବର୍ତ୍ତୀ ପର୍ଯ୍ୟାୟରେ ତଦନ୍ତ କରାଯିବ। ଯଦି ନିୟମ ଉଲ୍ଲଂଘନ ହୋଇଥିବ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସହରରେ ଥିବା ବିଭିନ୍ନ ଶପିଂ କମ୍ପ୍ଲେକ୍ସର ଅଗ୍ନି ନିରାପତ୍ତା ବ୍ୟବସ୍ଥା ସମ୍ପର୍କରେ ତଦନ୍ତ କରାଯିବ ବୋଲି ବେହେରା ସୂଚନା ଦେଇଛନ୍ତି।

**ପ୍ରଥମ ପୃଷ୍ଠାରୁ...**

## ଝିଅକୁ ବନ୍ଧକ ରଖି ...

ମୃତ୍ୟୁ ଘଟିଥିବା ଉଷା ଅଭିଯୋଗ କରିଛନ୍ତି। ସେଠାକାର ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ମୃତଦେହ ପୋତିଦେବା ପାଇଁ ଉଦ୍ୟମ କରାଯିବା ଜାଣି ଉଷା ବହୁ କାକୁତିମିନତି ହୋଇ ନିଜ ଗ୍ରାମକୁ ଆଣିବା ପାଇଁ ଅନୁରୋଧ କରିଥିଲେ। ପରେ ଇଟାଭାଟି ମାଲିକ ଏକ ଆମ୍ବୁଲାନ୍ସ ଯୋଗେ ଗାଁକୁ ମୃତଦେହ ପଠାଇବା ବ୍ୟବସ୍ଥା କରିଥିଲେ। କିନ୍ତୁ ନିଜ ଛୋଟ ପୁଅ ପବିତ୍ର (୬) ଓ ସ୍ୱାମୀଙ୍କ ମୃତଦେହ ଧରି ଉଷା ଗାଁରେ ପହଞ୍ଚିଥିଲେ। ଶୁକଦେବଙ୍କ ଉପରେ ଟଙ୍କା ବକେୟା ରହିଥିବାରୁ ଝିଅ କୈକେୟୀଙ୍କୁ ଇଟାଭାଟି ମାଲିକ ଜବରଦସ୍ତ ବନ୍ଧକ ରଖିଥିବା ଉଷା ଗ୍ରାମବାସୀଙ୍କ ନିକଟରେ କହିଥିଲେ। ଏନେଇ ଖବର ପାଇ ସାମାଜିକ କର୍ମୀ ଡ. ଜନସନ ନାଗ, ଡିଙ୍ଗର କୁମ୍ଭାର ଶ୍ରମ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ। ଅତିରିକ୍ତ ଶ୍ରମ ଅଧିକାରୀ ନିରଞ୍ଜନ ଭୂୟାଁ ବନମାଳ ଗ୍ରାମରେ ପହଞ୍ଚି ଆଲୋଚନା କରିଛନ୍ତି। ଭୂୟାଁ କହିଛନ୍ତି, ଶ୍ରମ ଅଧିକାର ଆଇନ ଅନୁଯାୟୀ ମୃତକଙ୍କ ପରିବାରକୁ ସାହାଯ୍ୟ ସହଯୋଗ କରାଯିବା ସହ ବନ୍ଧକ ରହିଥିବା କୈକେୟୀଙ୍କୁ ଉଦ୍ଧାର କରାଯିବ। ସେହିପରି ବେଆଇନ ଶ୍ରମିକ ଚାଲାଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ସ୍ଥାନୀୟ ସରପଞ୍ଚ ପ୍ରଦୀପ ବେହେରା ମୃତକଙ୍କ ପରିବାରକୁ ଭେଟି ହରିଶ୍ଚନ୍ଦ୍ର ଯୋଜନାରେ ୩୦୦୦ଟଙ୍କା ଦେଇଥିବା ଜଣାପଡ଼ିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କେତୁଯୁକ୍ତ ଚନ୍ଦ୍ର ସପ୍ତମସ୍ଥ ଯୋଗୁ ଘର, ପରିବାର, ଜମିଜମା ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଯାତ୍ରା, ପ୍ରତିଯୋଗିତା, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ସାଧାରଣ ବାଧାପ୍ରାପ୍ତ ହୋଇପାରେ। ନୂତନ କର୍ମାରମ୍ଭ ସକାଶେ ନିଷ୍ପତ୍ତି ନେଇପାରନ୍ତି। ଉପରିସ୍ଥଙ୍କ ଅନୁକମ୍ପା କାର୍ଯ୍ୟ ହାସଲରେ ସାହାଯ୍ୟ କରିବ।

**ବୃଷ** କାର୍ଯ୍ୟ ହାସଲ ପରିପ୍ରେକ୍ଷୀରେ ଅନ୍ୟମାନଙ୍କୁ ମନେଇବାକୁ ଚେଷ୍ଟା କରି ସଫଳତା ପାଇବେ। ମନରେ ଉତ୍ତେଜନା ଲାଗିରହିବା ଫଳରେ ଚିଡ଼ିଚିଡ଼ା ମନୋଭାବ ପରିଲକ୍ଷିତ ହୋଇପାରେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରୁ ଭଲ ଲାଭ ପାଇବେ। ମାଙ୍ଗଳିକ କାମ ସକାଶେ କୌଣସି ବିଳାସ ଉପକରଣ କ୍ରୟ କରିପାରନ୍ତି।

**ମିଥୁନ** ପାପଗ୍ରହ ମଧ୍ୟସ୍ଥ ଶୁକ୍ର ଓ ବୃହସ୍ପତି ଜନିତ ପ୍ରତିବନ୍ଧକ କାରଣରୁ ଅଟକି ରହିଥିବା କାମ ସକାଶେ ଅନୁତାପ କରିବେ। ଭ୍ରମଣ, ରାଜନୀତି, ପ୍ରଶାସନ, ସଭାସମିତି, ଲେଖାପଢ଼ା ପାଇଁ ଦିନଟି ବହୁତ ଭଲ। ଅସମର୍ଥିତ ସୂତ୍ରରୁ ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ପାରିବାରିକ ସ୍ଥିତି ପୂର୍ବପରି ଅକ୍ଷୁଣ୍ଣ ରହିବ।

**କର୍କଟ** ରାହୁଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ଅନ୍ୟ ଦ୍ୱାରା ପ୍ରଭାବିତ ହୋଇ କୌଣସି ଭୁଲ୍‌କାମ କରିପାରନ୍ତି। ବିତର୍କଜନିତ ପରିବାରରେ ସାଧାରଣ କଥାରୁ କଳହର ସମ୍ମୁଖୀନ ହେବାକୁ ପଡ଼ିବ। ବନ୍ଧୁଙ୍କ ନିକଟରୁ କିଛି ପାଇବାର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିପାରନ୍ତି। ଋଣ ପରିଶୋଧକୁ କେନ୍ଦ୍ରକରି କରଜଦାତାଙ୍କ ସହ ଯୁକ୍ତିତର୍କ ଲାଗିପାରେ।

**ସିଂହ** ପାରିବାରିକ ସମସ୍ୟାର ସରଳ ସମାଧାନ ସକାଶେ ଅନୁକୂଳ ପରିବେଶ ସୃଷ୍ଟିହେବ। ସ୍ୱାର୍ଥସାଧନରେ ବିଫଳତାକୁ ନେଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ଅସମ୍ମାନିତ ହୋଇପାରନ୍ତି। ଜମିଜମା କିଣାବିକା ବାବଦରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ।

**କନ୍ୟା** ନୀଚାରୋହୀ ବୁଧଜନିତ କର୍ମକ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ ବଢ଼ିପାରେ। ପାରିବାରିକ ସ୍ତରରେ ନୀରବଦ୍ରଷ୍ଟା ଭଳି କାମ କରି ପରେ ଚିନ୍ତିତ ହେବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହ ସୃଷ୍ଟି ହେବାର ସୂଚନା ରହିଛି। ବନ୍ଧୁଙ୍କ ସ୍ୱାସ୍ଥ୍ୟହାନି କାରଣରୁ ଡାକ୍ତରଙ୍କ ପରାମର୍ଶ ପାଇଁ ଆପଣଙ୍କୁ ଦୌଡ଼ିବାକୁ ପଡ଼ିପାରେ।

**ତୁଳା** କର୍ମାଧିପ ରାଶିରେ ଥିବାରୁ ଆଜି ଯେଉଁ କାମଟିକୁ ଆରମ୍ଭ କରିବାକୁ ଯାଉଛନ୍ତି ତାହା ନିର୍ବିଘ୍ନରେ ସମାପନ ହେବ। ବିଶେଷ ଭ୍ରମଣ କାରଣରୁ ଶାରୀରିକ ଅସୁସ୍ଥି ଅନୁଭବ କରିପାରନ୍ତି। କୌଣସି କାମ ହାସଲ ପାଇଁ ବହୁତ ଟଙ୍କା ଖର୍ଚ୍ଚକରି ଦୁଃଖିତ ହେବେ। ବିବାଦୀୟ ଘଟଣାରେ ସଫଳତା ବିଳମ୍ବରେ ପାଇବେ।

**ବିଛା** କର୍ମାଧିପ ଅଷ୍ଟମାଧିପତି ଯୁକ୍ତ କାରଣରୁ ଈର୍ଷାପରାୟଣ ବ୍ୟକ୍ତିଙ୍କ ପ୍ରତିରୋଧ କାମକୁ ବିଶୃଙ୍ଖଳିତ କରିପାରେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ସମସ୍ୟା ଭୋଗିବେ। ପଡ଼ୋଶୀଙ୍କ ସହ ମଧୁର ସମ୍ପର୍କ ସାହାଯ୍ୟକାରୀ ହେବ।

**ଧନୁ** ଶନି ଓ ବୁଧଙ୍କ ସଂଯୋଗ ହେତୁ ଫେରିବା ରାସ୍ତାରେ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। କର୍ମକ୍ଷେତ୍ରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ। ସାଂଗଠନିକ ରାଜନୀତିରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହେବାର ଆଶଙ୍କା ରହିଛି।

**ମକର** ଗୁରୁ ସହ ଶୁକ୍ରଙ୍କ ସଂଯୋଗ ହେତୁ ସବୁ ସମୟରେ ପାଖରେ ରହୁଥିବା କୌଣସି ବ୍ୟକ୍ତି ଦ୍ୱାରା କାମ ହାସଲ କରିବେ। କଳା ସାହିତ୍ୟ, କ୍ରୀଡ଼ା ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ। ଭାବୁଥିବା କାମଟି ସକାଶେ ସହଯୋଗ ଆଶା ରଖିବେ କିନ୍ତୁ ବନ୍ଧୁଙ୍କୁ କହିପାରିବେ ନାହିଁ। ବିବାଦୀୟ ଘଟଣା ଅପରାହ୍ନେ ସମାଧାନ ହୋଇଯିବାର ଆଶା ରହିଛି।

**କୁମ୍ଭ** ବ୍ୟୟାଧିପ ରାଶିସ୍ଥ ଯୋଗୁ ପରିବାରର ଖର୍ଚ୍ଚ ବୃଦ୍ଧି କାରଣରୁ ଚିନ୍ତା ପ୍ରକଟ କରିବେ। ବିଭିନ୍ନ ସମସ୍ୟାମୂଳକ କାମରେ ପ୍ରବେଶ କରି ବ୍ୟସ୍ତତା ଅନୁଭବ କରିପାରନ୍ତି। ପାରିବାରିକ ସୁଖ ସ୍ୱାଚ୍ଛନ୍ଦ୍ୟ କାରଣରୁ କିମ୍ବା ହସ ଖୁସିର ବାତାବରଣରୁ ମନ ପ୍ରଫୁଲ୍ଲ ରହିବ। ସହକର୍ମୀମାନଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ।

**ମୀନ** ଉଚ୍ଚସ୍ଥ ଶୁକ୍ର ରାଶ୍ୟାଧିପ ସହ ଥିବାରୁ ନୂତନ ସମ୍ପର୍କ ସ୍ଥାପନ କରିବା କ୍ଷେତ୍ରରେ ବନ୍ଧୁଙ୍କ ଅବଦାନ ସ୍ମରଣୀୟ ରହିବ। ବୁଝାମଣା ମାଧ୍ୟମରେ ପାରିବାରିକ ଅଶାନ୍ତିର ସମାପ୍ତି ଘଟାଇବେ। ବଡ଼ ଭାଇଙ୍କ ସ୍ୱାସ୍ଥ୍ୟ ଓ ସମ୍ପର୍କୀୟଙ୍କ ଅନୁଚିତ ଚିନ୍ତାଧାରା ମନକୁ ବ୍ୟଥିତ କରିପାରେ। ବ୍ୟବସାୟ, ବାଣିଜ୍ୟ, ପରିବହନ ମାନ୍ଦା ହେବ ନାହିଁ।

ଆଜି ଚୈତ୍ର କୃଷ୍ଣ ଚତୁର୍ଥୀ, ଶନିବାର, ମାର୍ଚ୍ଚ ୧୧ ତାରିଖ, ଶାସ୍ତ୍ରୀୟ ଓଡ଼ିଆଭାଷା ଦିବସ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, ଚତୁର୍ଥୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ୧୦।୨୮ ଗତେ ଘ.୦୧।୦୭ ମଧ୍ୟେ ଶୁଦ୍ଧଶୁଭବେଳା। ଦିବା ଘ.୦୮।୫୯ ଗତେ ଘ.୧୦।୨୮ମଧ୍ୟେ ରାହୁକାଳ ॥

# ଓଡ଼ିଶାକୁ ସୁଭାଷ ବୋଷ ବିପର୍ଯ୍ୟୟ ପରିଚାଳନା ପୁରସ୍କାର

ଭୁବନେଶ୍ୱର,୧୦।୩(ବ୍ୟୁରୋ)



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କଠାରୁ 'ସୁଭାଷ ଚନ୍ଦ୍ର ବୋଷ ବିପର୍ଯ୍ୟୟ ପରିଚାଳନା ପୁରସ୍କାର-୨୦୨୩' ଗ୍ରହଣ କରୁଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ।

ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ପାଇଁ ଓଡ଼ିଶାକୁ ସୁଭାଷ ଚନ୍ଦ୍ର ବୋଷ ବିପର୍ଯ୍ୟୟ ପରିଚାଳନା ପୁରସ୍କାର-୨୦୨୩ ପ୍ରଦାନ କରାଯାଇଛି। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ତୃତୀୟ ବିପର୍ଯ୍ୟୟ ବିପଦ ହ୍ରାସ ମଞ୍ଚ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସମ୍ମାନ ପ୍ରଦାନ କରିଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ ପ୍ରଧାନମନ୍ତ୍ରୀଙ୍କ ଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି।

ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜୟନ୍ତୀରେ କେନ୍ଦ୍ର ସରକାର ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସଡିଏମଏ)କୁ ଏହି ସମ୍ମାନ ପ୍ରଦାନ ପାଇଁ ଘୋଷଣା କରିଥିଲେ। ପୁରସ୍କାର ବାବଦରେ ୫୧ ଲକ୍ଷ ଟଙ୍କାର ଅର୍ଥ ରାଶି ସହିତ ପ୍ରମାଣ ପତ୍ର ପ୍ରଦାନ ପ୍ରଦାନ କରାଯାଇଛି। ଓଡ଼ିଶାର ବିପର୍ଯ୍ୟୟ ପରିଚାଳନାକୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି। ବାତ୍ୟାଠୁ ବନ୍ୟା ଭଳି ବିପର୍ଯ୍ୟୟ ସମୟରେ ଓଡ଼ିଶାର ପରିଚାଳନା ଖୁବ୍ ଭଲ ରହିଛି। ଲଗାତର ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ଉତ୍ତମ ପ୍ରଦର୍ଶନ କରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ହାଉସିଂ ବୋର୍ଡ, ଉନ୍ନୟନ କର୍ତ୍ତୃପକ୍ଷଙ୍କ ଲିଜ୍ ଜମିକୁ ଫ୍ରି ହୋଲ୍ଡ କରାଯିବ

ଭୁବନେଶ୍ୱର,୧୦।୩(ବ୍ୟୁରୋ)

ବାସଗୃହ ପ୍ରକଳ୍ପ ପାଇଁ ଲିଜ୍ ସୂତ୍ରରେ ଆବଣ୍ଟିତ ଜମିକୁ ସରକାର ଫ୍ରି ହୋଲ୍ଡ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେହିପରି ପିପିପି ମୋଡ୍‌ରେ ବିକଶିତ ପ୍ରକଳ୍ପଗୁଡ଼ିକ ପାଇଁ ଓଡ଼ିଶା ରାଜ୍ୟ ହାଉସିଂ ବୋର୍ଡ ଏବଂ ଉନ୍ନୟନ କର୍ତ୍ତୃପକ୍ଷ ସପକ୍ଷରେ ଲିଜ୍ ହୋଇଥିବା ଜମି ମଧ୍ୟ ଫ୍ରି ହୋଲ୍ଡ ସ୍ଥିତିକୁ ରୂପାନ୍ତର କରାଯିବ। ଏହାଦ୍ୱାରା ଆବଣ୍ଟନଗ୍ରାହୀମାନେ ପାଇଥିବା ଘରକୁ ଭୋଗ ଦଖଲ କରିପାରିବେ। ଏହି ପ୍ରସ୍ତାବକୁ ଗୁରୁବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ଅନୁମୋଦନ କରାଯାଇଛି।

ସେହିପରି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗରେ ପ୍ରଶାସନିକ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ସରକାର ଓଡ଼ିଶା ପଞ୍ଚାୟତିରାଜ ସେବା ବର୍ଗରେ ୩୧୪ଟି ଦ୍ୱିତୀୟ ଶ୍ରେଣୀ ପଦବୀକୁ ଉଚ୍ଛେଦ କରିବେ। ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ପଦବୀରୁ ଯୁଗ୍ମ ନିର୍ଦ୍ଦେଶକ ପଦବୀ ପର୍ଯ୍ୟନ୍ତ ୧୦୩ଟି ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀ ପଦ ସୃଷ୍ଟି କରାଯିବ।

ଓଡ଼ିଶା ସରକାରଙ୍କ ବନ୍ଦୋବସ୍ତ ଓ ଚକବନ୍ଦୀ ସଂସ୍ଥାର ୧୦୫ ଠିକା କର୍ମଚାରୀ, ଯେଉଁମାନେ ୧୯୯୩ ଏପ୍ରିଲ ୧୨ ପୂର୍ବରୁ ନିଯୁକ୍ତି ପାଇଥିବେ ଓ ୨୦୦୫ ମାର୍ଚ୍ଚ ୧୫ ପୂର୍ବରୁ ଅବସର ଗ୍ରହଣ କରି କିମ୍ବା ମୃତ୍ୟୁ ହୋଇଥିବ, ସେମାନଙ୍କୁ ସର୍ବନିମ୍ନ ଅବସରକାଳୀନ ପ୍ରାପ୍ୟ ବା ପାରିବାରିକ ଅବସରକାଳୀନ ପ୍ରାପ୍ୟ ପ୍ରଦାନ କରାଯିବ। କ୍ୟାବିନେଟ ଏହି ପ୍ରସ୍ତାବକୁ ମଞ୍ଜୁରୀ ପ୍ରଦାନ କରିଛି।

ଓଡ଼ିଶା ଭୂସଂସ୍କାର ଆଇନ-୧୯୬୦ର ଧାରା ୭୩(ଗ) ଅନୁଯାୟୀ ଓଡ଼ିଶା ସରକାର ଟାଉନପ୍ଲାନିଂ ସ୍କିମ୍‌ଗୁଡ଼ିକ ନିମନ୍ତେ ଚାଷଜମିକୁ ଅଣଚାଷ ଉଦ୍ଦେଶ୍ୟରେ କିସମ ପରିବର୍ତ୍ତନ ସମ୍ପୂର୍ଣ୍ଣ ଦେୟମୁକ୍ତ କରାଯିବ। ଓଡ଼ିଶା ପଞ୍ଚାୟତିରାଜ ଯାନ୍ତ୍ରିକ ସେବା ନିଯୁକ୍ତି ନିୟମାବଳୀ-୨୦୧୭କୁ ସଂଶୋଧନ କରାଯିବ। ଏହି ସଂଶୋଧନ ଫଳରେ ପଞ୍ଚାୟତିରାଜ କ୍ୟାଡରର ସହକାରୀ ଯନ୍ତ୍ରୀମାନଙ୍କୁସହକାରୀ ନିର୍ବାହୀ ଯନ୍ତ୍ରୀ ଗ୍ରେଡ୍‌କୁ ପଦୋନ୍ନତି ମିଳିପାରିବ। ଏହି ପ୍ରସ୍ତାବକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି। ସେହିପରି ବରିଷ୍ଠ ସହକାରୀ ନିବନ୍ଧକ ପଦବୀ ସୃଷ୍ଟି କରାଯିବା ସହ ରାଜ୍ୟ ସମବାୟ ସେବାରେ କାର୍ଯ୍ୟରତ ଅଧିକାରୀମାନଙ୍କ ସେବା ସର୍ତ୍ତାବଳୀକୁ ସଂଗଠିତ ଓ ପଦୋନ୍ନତିକୁ ତ୍ୱରାନ୍ୱିତ କରିବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଓଡ଼ିଶା ସମବାୟ ସେବା(ନିଯୁକ୍ତି ଓ ସେବା ସର୍ତ୍ତାବଳୀ) ନିୟମ ୧୯୭୪ର ସଂଶୋଧନ କରାଯାଇ ଓଡ଼ିଶା ସମବାୟ ସେବା( ନିଯୁକ୍ତି ଓ ସେବା ସର୍ତ୍ତାବଳୀ)-୨୦୨୩ କାର୍ଯ୍ୟକାରୀ ହେବ। ଏହାକୁ କ୍ୟାବିନେଟ ମଞ୍ଜୁରୀ ମିଳିଛି।

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ତହସିଲ ଅନ୍ତର୍ଗତ ଅଁଳା ଡୋଭା ମୌଜାର ୫ ଡିସିମିଲ ଜମି ରାଇରଙ୍ଗପୁର ଗୋଶାଳା କମିଟି ଦଖଲରେ ରହିଛି। ଏହାକୁ ମାଗଣାରେ ରାଇରଙ୍ଗପୁର ଗୋଶାଳା କମିଟି ସମ୍ପାଦକଙ୍କୁ ପ୍ରଦାନ କରାଯିବ। ସେହିପରି ନୟାଗଡ଼ର ବଲାଙ୍ଗୀବନ୍ଧ ପାର୍କ ଓ ପୁଷ୍କରିଣୀ ନିର୍ମାଣ ପାଇଁ ରାଜ୍ୟ ସରକାର ଷ୍ଟାମ୍ପ ଦେୟ ଓ ପଞ୍ଜୀକରଣ ଫି' ଛାଡ଼ କରିବେ। ବୟନିକା ପରିଚାଳନା ନିର୍ଦ୍ଦେଶକ ଶ୍ୟାମଭକ୍ତ ମିଶ୍ରଙ୍କୁ ରାଜ୍ୟ ସରକାର ଓଡ଼ିଶା ଲୋକସେବା ଆୟୋଗ ସଦସ୍ୟ ଭାବେ ନିଯୁକ୍ତି ଦେଇଛନ୍ତି। ଏହାକୁ କ୍ୟାବିନେଟ ଅନୁମୋଦନ କରିଛି।

## କ୍ୟାବିନେଟ ନିଷ୍ପତ୍ତି

- ପଞ୍ଚାୟତିରାଜ ବିଭାଗର ୩୧୪ ପଦବୀ ଉଚ୍ଛେଦ ହେବ
- ଟାଉନ ପ୍ଲାନିଂ ସ୍କିମ୍: ଜମି କିସମ ପରିବର୍ତ୍ତନ ଦେୟମୁକ୍ତ ହେବ
- ୧୦୫ ଚକବନ୍ଦୀ ଠିକା କର୍ମଚାରୀଙ୍କୁ ମିଳିବ ପ୍ରାପ୍ୟ

# ଅଟେଇ ସଂରକ୍ଷିତ ଜଙ୍ଗଲରୁ ୨ ଟ୍ରାପ୍ କ୍ୟାମେରା ଚୋରି

କେନ୍ଦୁଝର/ପାଟଣା,୧୦।୩(ସ୍ୱ.ପ୍ର.)

- ବନ ବିଭାଗ ପକ୍ଷରୁ ଥାନାରେ ମାମଲା
- ମହାବଳ ବାଘ ଉପସ୍ଥିତିକୁ ନେଇ ଦ୍ୱନ୍ଦ୍ୱ



ଗଛରେ ଲାଗିଥିବା ଟ୍ରାପ୍ କ୍ୟାମେରା।

ମହାବଳ ବାଘର ଗତିବିଧି ନିରୀକ୍ଷଣ ପାଇଁ କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଞ୍ଚଳରେ ଲଗାଯାଇଥିବା ୨ ଟ୍ରାପ୍ (ସିସିଟିଭି) କ୍ୟାମେରା ଚୋରିହୋଇଯାଇଛି। ଦୁଇ କ୍ୟାମେରା ରୋହିଣୀଦୁମା ଜଙ୍ଗଲରେ ଲଗାଯାଇଥିଲା। ଚୋରି ପଛରେ ସ୍ଥାନୀୟ ଲୋକ କିମ୍ବା ଶିକାରୀଙ୍କ ହାତ ଥିବା ବନ ବିଭାଗ ସନ୍ଦେହ କରୁଛି। ଚୋରି ନେଇ ପାଟଣା ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଡିଏଫଓ ଏଚ୍.ଡି.ଧନରାଜ କହିଛନ୍ତି।

ପ୍ରକାଶ ଯେ, କିଛିମାସ ତଳେ ପାଟଣା ବନାଞ୍ଚଳ ଅନ୍ତର୍ଗତ ଉକ୍ତ ଗ୍ରାମ ନିକଟରେ ଜଣେ ବ୍ୟକ୍ତିଙ୍କ କ୍ଷତାକ୍ତ ମୃତଦେହ ରାସ୍ତାରୁ ମିଳିବା ପରେ ବାଘ ଆତଙ୍କ ଦେଖାଦେଇଥିଲା। କିନ୍ତୁ ବାଘ ଆକ୍ରମଣ ନୁହେଁ ଏହା ଏକ ହତ୍ୟାକାଣ୍ଡ ବୋଲି ବନ ବିଭାଗ କହି ଆସୁଥିଲା। ବ୍ୟବଚ୍ଛେଦ ରିପୋର୍ଟରେ କ'ଣ ବାହାରିଲା ତାହାର ଯାଞ୍ଚ କଲେ ସତ୍ୟାସତ୍ୟ ଜଣାପଡ଼ିବ ବୋଲି ମତପ୍ରକାଶ ପାଉଛି। ଅଭିଯୋଗ ପରେ କେନ୍ଦୁଝର ବନଖଣ୍ଡର ପାଟଣା ଓ ଘଟଗାଁ ରେଞ୍ଜରେ ମହାବଳ ବାଘ ନିରୀକ୍ଷଣ ପାଇଁ ସମୁଦାୟ ୫୫ଟି ସିସିଟିଭି ବା ଟ୍ରାପ୍ କ୍ୟାମେରା ବିଭିନ୍ନ ଗଛରେ ଲଗାଯାଇଥିଲା। ସେଥି ମଧ୍ୟରୁ ଦୁଇ କ୍ୟାମେରା ମିଳୁ ନ ଥିବା ଅଭିଯୋଗରେ ଦର୍ଶାଯାଇଛି। ଟ୍ରାପ୍ କ୍ୟାମେରା ଲାଗିବା ଫଳରେ ଅଟେଇ ଜଙ୍ଗଲରେ ଶିକାରୀମାନଙ୍କ ଚଳପ୍ରଚଳ ଉପରେ ଅଙ୍କୁଶ ଲାଗିଛି। ଏଣୁ ଏହି ଚୋରି ପଛରେ ଶିକାରୀ କିମ୍ବା ସ୍ଥାନୀୟ ଲୋକଙ୍କ ହାତ ଥିବା ସନ୍ଦେହ କରାଯାଉଛି। ଅନ୍ୟପକ୍ଷରେ କିଛି ଦିନ ତଳେ ମହାବଳ ବାଘର ଏକ ଫଟୋକୁ ନେଇ ବନ ବିଭାଗ ପକ୍ଷରୁ ଘଟଗାଁ ଅଞ୍ଚଳରେ ବାଘର ଉପସ୍ଥିତି ନେଇ ଦାବି କରାଯାଇଥିଲା। କିନ୍ତୁ ଅଦ୍ୟାବଧି ବାଘର ଉପସ୍ଥିତି ନେଇ କୌଣସି ସୂଚନା ମିଳୁନାହିଁ। ଏନେଇ ବନ ବିଭାଗ ଅଧିକ ସିସିଟିଭି କ୍ୟାମେରା ଲଗାଇଥିଲେ ହେଁ ବାଘର ଫଟୋ କୌଣସି କ୍ୟାମେରାରେ କଏଦ ହୋଇ ନ ଥିବା ସମସ୍ତଙ୍କୁ ଚକିତ କରିଛି। ଆଖପାଖ ଜଙ୍ଗଲରେ ବାଘର ଉପସ୍ଥିତିକୁ ନେଇ ସେଭଳି ପାରିପାର୍ଶ୍ୱିକ ପ୍ରମାଣ ଯଥା ଲୋକଙ୍କୁ ଆକ୍ରମଣ, ବାଘର ଗର୍ଜନ, ଗୋରୁ ବା ମଇଁଷିକୁ ଆକ୍ରମଣ ଆଦି ମଧ୍ୟ ମିଳୁନାହିଁ। ଏଣୁ ମହାବଳ ବାଘର ଉପସ୍ଥିତିର ସତ୍ୟତାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ବାଘର କୌଣସି ଫଟୋ ଉତ୍ତୋଳନ ହୋଇ ନ ଥିବାରୁ ବାଘଟି ପୁଣି ନିଜ ବାସସ୍ଥାନକୁ ଚାଲିଯାଇଥାଇ ପାରେ ବୋଲି ବନ ବିଭାଗର ବରିଷ୍ଠ ଅଧିକାରୀମାନେ ଆଶଙ୍କା କରୁଛନ୍ତି।

# ମାନସିକ ରୋଗୀ ପାଇଲେ ନୂଆ ଜୀବନ

ଭୁବନେଶ୍ୱର,୧୦।୩(ବ୍ୟୁରୋ)



ଡିସ୍‌ଚାର୍ଜ ହେବା ପୂର୍ବରୁ ଡାକ୍ତର ଓ ପରିବାର ଲୋକଙ୍କ ସହ ପ୍ରଭାସିନୀ ନାଇକ।

## ବିଏସ୍‌କେୱାଇ ଓ ଗଞ୍ଜାମ ଜିଲା ମାନସିକ ସ୍ୱାସ୍ଥ୍ୟ ଟିମ୍‌ର ମିଳିତ ପ୍ରଚେଷ୍ଟା

## ଶିକ୍ଷା ପାଇଁ ଝିଅକୁ ମିଳିଲା ସହାୟତା

ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା (ବିଏସ୍‌କେୱାଇ) ଏବଂ ଗଞ୍ଜାମ ଜିଲା ମାନସିକ ସ୍ୱାସ୍ଥ୍ୟ ଟିମ୍‌ର ମିଳିତ ପ୍ରଚେଷ୍ଟା ଯୋଗୁ ଜଣେ ମାନସିକ ଦିବ୍ୟାଙ୍ଗ ରୋଗୀ ସୁସ୍ଥ ହୋଇଛନ୍ତି। ସେ ହେଲେ ଗଞ୍ଜାମ ଜିଲା ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ କଇଥପୋଲି ହରିଜନ ସାହିର ପ୍ରଭାସିନୀ ନାଇକ। ସେ ମାନସିକ ରୋଗରୁ ଆରୋଗ୍ୟ ଲାଭ କରିଥିବାବେଳେ ତାଙ୍କ ଝିଅ ବର୍ଷା (୧୭ ବର୍ଷ)ଙ୍କୁ ପାଠପଢ଼ା ପାଇଁ ସରକାରୀ ସହାୟତା ମିଳିଥିବା ଶୁକ୍ରବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଭାସିନୀ ମାନସିକ ରୋଗଗ୍ରସ୍ତ ହୋଇପଡ଼ିଥିଲେ। ତେଣୁ ନାବାଳିକା ଝିଅ ବର୍ଷାଙ୍କୁ ଘରର ସବୁ କାମଧନ୍ଦା ସହ ଖାଦ୍ୟ ଯୋଗାଡ଼, ମା'ଙ୍କର ଯତ୍ନ ଆଦି ସମସ୍ତ ଦାୟିତ୍ୱ ସମ୍ଭାଳିବାକୁ ପଡୁଥିଲା। ଆର୍ଥିକ ଦୁରବସ୍ଥା ମଧ୍ୟ ଆଉ ଏକ ବାଧକ ଥିଲା। ଏ ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ବିଏସ୍‌କେୱାଇ ଟିମ୍ ମିଶନ ମୋଡରେ କାମ ଆରମ୍ଭ କରିଥିଲା। ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟ, ଗଞ୍ଜାମ ଜିଲା ମାନସିକ ସ୍ୱାସ୍ଥ୍ୟ ଟିମ୍ ଓ ବେଲଗୁଣ୍ଠା କମ୍ୟୁନିଟି ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଦଳଗତ ଉଦ୍ୟମ ଆରମ୍ଭ ହୋଇଥିଲା। ପ୍ରଭାସିନୀ ରହୁଥିବା ଗ୍ରାମରେ ପହଞ୍ଚି ଏହି ମିଳିତ ଟିମ ସ୍ଥାନୀୟ ଜନପ୍ରତିନିଧି, ସ୍ୱୟଂ ସହାୟକ ଗୋଷ୍ଠୀ, ଆଶା ଓ ଅଙ୍ଗନୱାଡ଼ି କର୍ମୀଙ୍କ ସହାୟତାରେ ପ୍ରଭାସିନୀଙ୍କ ପରିବାର ସହ ଆଲୋଚନା କରିଥିଲା। ପରିବାରର ପୂର୍ଣ୍ଣ ସହମତିରେ ପ୍ରଭାସିନୀଙ୍କୁ ଗତ ଫେବୃଆରୀ ୧୬ରେ ସ୍ୱତନ୍ତ୍ର ଗାଡିରେ କମ୍ୟୁନିଟି ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇ ସେଠାରେ ଆବଶ୍ୟକ ଚିକିତ୍ସା ପରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡିକାଲ କଲେଜ ଓ ହସ୍ପିଟାଲ ପରିସରରେ ଥିବା ଜିଲା ମାନସିକ ସ୍ୱାସ୍ଥ୍ୟ ଓ ନିଶା ନିବାରଣ ଚିକିତ୍ସାଳୟକୁ ନିଆଯାଇ ଉନ୍ନତ ଚିକିତ୍ସା ଆରମ୍ଭ କରାଯାଇଥିଲା। ବିଶେଷଜ୍ଞଙ୍କ ଦ୍ୱାରା ପଦ୍ଧତିଗତ ଚିକିତ୍ସା ଓ ନିରନ୍ତର ପର୍ଯ୍ୟବେକ୍ଷଣ ଯୋଗୁ ପ୍ରଭାସିନୀଙ୍କ ମାନସିକ ସ୍ଥିତିରେ ଦ୍ରୁତ ଉନ୍ନତି ଆସିଥିଲା। ଶେଷରେ ଗୁରୁବାର ପ୍ରଭାସିନୀଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିଲା। ସମ୍ପୂର୍ଣ୍ଣ ଚିକିତ୍ସା ଏବଂ ଔଷଧ ଆଦି ତାଙ୍କୁ ମାଗଣାରେ ଯୋଗାଇ ଦିଆଯାଇଥିଲା। ଶୁକ୍ରବାର ମିଳିଥିବା ଖବର ଅନୁସାରେ ବର୍ତ୍ତମାନ ପ୍ରଭାସିନୀ ପ୍ରାୟ ସ୍ୱାଭାବିକ ଜୀବନ ଆରମ୍ଭ କରୁଛନ୍ତି। ବିଏସ୍‌କେୱାଇ ଏବଂ ଜିଲା ମାନସିକ ସ୍ୱାସ୍ଥ୍ୟ ଟିମ୍ ମଧ୍ୟ ତାଙ୍କ ପରିବାର ସହ ଯୋଗାଯୋଗରେ ଅଛନ୍ତି ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେପଟେ ବର୍ଷାଙ୍କୁ ଶିକ୍ଷା ବାବଦ ଜରୁରୀ ଖର୍ଚ୍ଚ ନିମନ୍ତେ ୫ହଜାର ଟଙ୍କାର ଆର୍ଥିକ ସହାୟତା ଦିଆଯାଇଛି। 'ବୁକ ବ୍ୟାଙ୍କ'ରୁ ମାଗଣାରେ ତାଙ୍କୁ ବହି ଯୋଗାଇ ଦିଆଯାଇଛି। ବର୍ଷାଙ୍କ ଯୁକ୍ତ୨ ଶିକ୍ଷା ନିମନ୍ତେ ସମସ୍ତ ଫି' ଛାଡ଼ କରିବା ପାଇଁ ଭଞ୍ଜନଗର ଉପଜିଲାପାଳ ସମ୍ପୃକ୍ତ କଲେଜକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ମଧ୍ୟ ସାମିଲ କରାଯାଇଥିବାବେଳେ ଗ୍ରାମୀଣ ଆବାସ ଯୋଜନାରେ ସାମିଲ ନିମନ୍ତେ ପ୍ରକ୍ରିୟା ଆରମ୍ଭ ହୋଇଥିବା ସୂଚନା ମିଳିଛି।

# ଝିଅର ମୃତଦେହ ନେଉଥିବା ଆମ୍ବୁଲାନ୍ସ ଦୁର୍ଘଟଣାଗ୍ରସ୍ତ

ଦାରିଙ୍ଗବାଡ଼ି,୧୦।୩(ଡି.ଏନ୍.ଏ)

## ମା'ଙ୍କ ସମେତ ୩ ଆହତ

କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା ମୁଣ୍ଡାନାଳୁ ବୁଲାଣି ରାସ୍ତାରେ ଶୁକ୍ରବାର ଝିଅର ମୃତଦେହ ନେଇ ଯାଉଥିବା ଏକ ଆମ୍ବୁଲାନ୍ସ (ଓଡି ୦୨ଆର-୩୬୭୭) ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ ମୃତକଙ୍କ ମା' ରାତ୍ନୀ ଭୋଇ, ଭଉଣୀ ବୀର ଭୋଇ ଓ ଭାଇ ସୁଦାମ ଭୋଇ।

ବାଲୁଗୁଡ଼ା ବ୍ଲକ ଲଣ୍ଡାଗାଁ ଗ୍ରାମର ନାଥ ଭୋଇଙ୍କ ନାବାଳିକା ଝିଅ ରଚନା ଅସୁସ୍ଥ ଥିବାରୁ ପରିବାର ଲୋକେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରଚନାଙ୍କ ମୃତ୍ୟୁ ଘଟିଥିଲା। ଝିଅର ମୃତଦେହ ନେଇ ପରିବାର ଲୋକେ ଲଣ୍ଡାଗାଁକୁ ଫେରୁଥିଲେ। ଏହି ସମୟରେ ରାତି ଅନିଦ୍ରା ଥିବା ଆମ୍ବୁଲାନ୍ସ ଚାଳକଙ୍କ ଆଖି ଲାଗିଯାଇଥିଲା। ଫଳରେ ଗାଡ଼ିଟି ଦାରିଙ୍ଗବାଡ଼ି ଥାନା ମୁଣ୍ଡାନାଳୁ ବୁଲାଣି ରାସ୍ତାରେ ଏକ ୱାଲ୍‌ରେ ପିଟିହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦାରିଙ୍ଗବାଡ଼ି ପୋଲିସ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ଅନ୍ୟ ଆମ୍ବୁଲାନ୍ସରେ ବାଲିଗୁଡ଼ା ଡାକ୍ତରଖାନାକୁ ପଠାଇଛି। ସେହିପରି ଅନ୍ୟ ଏକ ଗାଡ଼ିରେ ମୃତଦେହ ଲଣ୍ଡାଗାଁକୁ ପଠାଇଥିଲା। ଅନ୍ୟପଟେ ଦୁର୍ଘଟଣାଗ୍ରସ୍ତ ଆମ୍ବୁଲାନ୍ସକୁ ଜବତ କରିଥିବା ବେଳେ ଚାଳକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି।

# ମହିଳା-ପୁରୁଷଙ୍କୁ ସମାନ ସୁଯୋଗ, ସମ୍ମାନ ମିଳିବା ଆବଶ୍ୟକ



ଭୁବନେଶ୍ୱର, ୧୦।୩ (ବ୍ୟୁରୋ)

ଜାତୀୟ ନମୁନା ସର୍ବେକ୍ଷଣ କାର୍ଯ୍ୟାଳୟ ଓ ଭାରତ ସରକାରଙ୍କ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଭୁବନେଶ୍ୱର ପକ୍ଷରୁ ଶୁକ୍ରବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ନୟାପଲ୍ଲୀସ୍ଥିତ ଆଞ୍ଚଳିକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ପ୍ଲାନିଂ ଆପ୍ଲାଏଡ୍ ଇକୋନୋମିକ୍ସ ଆଣ୍ଡ୍ ଷ୍ଟାଟିଷ୍ଟିକ୍ସଠାରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ଉପମହାନିର୍ଦ୍ଦେଶକ ଶ୍ରୀନିବାସ ଉପ୍ପଲା ଅଧ୍ୟକ୍ଷତା କରି କହିଲେ, ଜୀବନର ପ୍ରତ୍ୟେକ କ୍ଷେତ୍ରରେ ପ୍ରଥମେ ମହିଳାଙ୍କ ଅପେକ୍ଷା ପୁରୁଷଙ୍କ ଅଧିକ କର୍ତ୍ତୃତ୍ୱ ଥିଲା। ମାତ୍ର ବର୍ତ୍ତମାନ ଆମେ ସମାନତା ଆଡ଼କୁ ଗତି କରୁଛୁ। ତେଣୁ ପୁରୁଷ ଓ ମହିଳା ଉଭୟଙ୍କୁ ପ୍ରତ୍ୟେକ କ୍ଷେତ୍ରରେ ସମାନ ସୁଯୋଗ ଏବଂ ସମ୍ମାନ ମିଳିବା ଉଚିତ। ଉତ୍କଳ ବିଶ୍ୱବିଦ୍ୟାଳୟ ସମାଜ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ନବନୀତା ରଥ ଅତିଥି ଭାବେ ଯୋଗଦେଇ ମହିଳାଙ୍କ ସଶକ୍ତୀକରଣ, ଲିଙ୍ଗଗତ ଅସମାନତା ଆଦି ବିଷୟରେ ବକ୍ତବ୍ୟ ରଖିଥିଲେ। ଉପନିର୍ଦ୍ଦେଶକ ସୋମନାଥ ଜାନା ଧନ୍ୟବାଦ ଦେଇଥିଲେ।

BIJU PATTANAIK
FILM & TELEVISION INSTITUTE OF ODISHA
BOSE Campus, Cuttack-753 007
email: bpftio123@gmail.com

ADMISSION NOTICE -2023

No.CAD-5097:- Biju Pattanaik Film & Television Institute of Orissa, Cuttack is a Government owned, AICTE recognized Institute offering 4 years Degree Course (B.CAT) under BPUT (Biju Pattanaik University of Technology).

ON-LINE Application are invited for admission to the 1st year Programme in the following specializations for academic session 2023-24.

| Sl No. | Course | No. of Seats | Entry Qualification |
|---|---|---|---|
| 1. | Cinematography | 20 | Intermediate (10+2) in Science from CHSE, Odisha/ CBSE/ICSE/ Other State Board or any equivalent recognized by CHSE. |
| 2. | Sound Recording & Sound Design | 20 | |
| 3. | Film Editing | 20 | Intermediate (10+2) in Science/Arts/Commerce from CHSE, Odisha/ CBSE/ICSE/ Other State Board or any equivalent recognized by CHSE. |

Desirous candidates may apply through OJEE (www.ojee.nic.in).

The last date of submission of online Application Form is 20.03.2023.

For any Queries Contact :
8249889162, 9437069564, 9439978071

Sd/-
Director

Make your Career in
Film / TV / Radio
For Details Visit : www.bpftio.org
OIPR-11058/11/0020/2223

IDBI BANK
ଆଇଡ଼ିବିଆଇ ବ୍ୟାଙ୍କ ଲିଃ., ୧ମ ମହଲା, ଆଇଡ଼ିବିଆଇ ହାଉସ୍, ଜନପଥ, ୟୁନିଟ୍ - ୯, ଭୁବନେଶ୍ୱର-୭୫୧୦୨୨, ଫୋନ୍: ୦୬୭୪-୬୬୧୬୫୪୬, CIN: L65190MH2004GOI148838

ପରିଶିଷ୍ଟ-୪ [ରୁଲ୍ ୮(୧)]
ଦଖଲ ନୋଟିସ୍
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ଼ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) (ସରଫେଶୀ ଆକ୍ଟ) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କୁ କଥିତ ଆକ୍ଟ ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରି ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥରାଶି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନେ ତାଙ୍କର ଦେୟ ପଇଠ କରିବାରେ ବିଫଳ ହୋଇଛନ୍ତି ସେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନ ଦର୍ଶିତ ତାରିଖରେ ଦଖଲକୁ ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ପାଇଁ ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ ନିକଟରେ ଉତ୍ତରଦାୟୀ ରହିବେ । ଏତଦ୍‌ଦ୍ୱାରା ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ବକେୟା ପରିମାଣ | ଡିମାଣ୍ଡ /ଦଖଲ ନୋଟିସ୍‌ର ତାରିଖ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| ଋଣଗ୍ରହୀତା: ମେସର୍ସ ମୁନରାଣୀ ଏଣ୍ଟରପ୍ରାଇଜର୍ସ, ସ୍ୱତ୍ୱାଧିକାରୀ/ବନ୍ଧକଦାତା: ଶ୍ରୀମତୀ ମୁନରାଣୀ ମହାନ୍ତି, ସା: ୧ମ ମହଲା, ଖାତା ନଂ.: ୬୪୩/୬୪୧, ପ୍ଲଟ୍ ନଂ.: ୭୪୩/୨୯୪୪୩, ଲେଙ୍କୁଡିପଡ଼ା, ଜିଲ୍ଲା: ନୟାଗଡ଼, ଓଡ଼ିଶା - ୭୫୨୦୭୦/ ଗ୍ୟାରେଣ୍ଟିଦାତା: ସତ୍ୟ ନାରାୟଣ ମାଝୀ, ସା: ନିଉ ରାଜବାଟି ଲେନ୍, ତ୍ରିନାଥ ଛକ, ନୟାଗଡ଼, ଓଡ଼ିଶା - ୭୫୨୦୬୯ | ଟ.୬୦,୦୬,୭୬୦/- ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ଓ ଦେୟ | ୨୯.୧୨.୨୦୨୨ / ୧୦.୦୩.୨୦୨୩ | ଶ୍ରୀମତୀ ମୁନରାଣୀ ମହାନ୍ତି, ସ୍ୱାମୀ: ଶ୍ରୀ ସତ୍ୟନାରାୟଣ ମାଝୀଙ୍କ ନାମରେ ଥିବା ସ୍ଥାବର ବାସୋପଯୋଗୀ ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୬୫/୧୭୦୯ (କ୍ଷେତ୍ର: ଏକର୦.୦୬୫ ଡିସିମିଲି), ଖାତା ନଂ.: ୬୧୬/୩୮୮, ମୌଜା: ଅଣ୍ଡିଲୋ, ଥାନା/ଏସଆରଓ/ତହସିଲ: ବାଲିଅନ୍ତା, ଥାନା ନଂ.: ୧୪, ଖୋର୍ଦ୍ଧା, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ଦକ୍ଷିଣ: ରେଭିନ୍ୟୁ ପ୍ଲଟ୍ ନଂ.: ୨୫୭, ପୂର୍ବ: ସବ୍ ପ୍ଲଟ୍ ନଂ.: ୨୦୯, ପଶ୍ଚିମ: ରେଭିନ୍ୟୁ ପ୍ଲଟ୍ ନଂ.: ୨୫୮, ସହିତ ସେଠାରେ ଥିବା ଗୃହ ଏବଂ ନିର୍ମାଣ ଏବଂ ଉକ୍ତ ସ୍ଥାନ ସହିତ ସଂଲଗ୍ନ ହୋଇଥିବା ସମସ୍ତ କଳକବ୍ଜା ଓ ଯନ୍ତ୍ରପାତି କିମ୍ବା ସ୍ଥାନ ସହିତ ସ୍ଥାୟୀ ଭାବରେ ଖୋଲା ପଡିଥିବା ଭୂ-ସଂଲଗ୍ନ ଯେକୌଣସି ଦ୍ରବ୍ୟ। |
| ଋଣଗ୍ରହୀତା/ବନ୍ଧକଦାତା: ୧) ଶ୍ରୀ ପ୍ରଣବ କୁମାର ରୟ, ଠିକଣା-୧: ମାର୍ଫତ୍: ହ୍ୱାଇଟ୍‌ପେପର ଇନ୍‌ଫ୍ରାଟେକ୍ ପ୍ରା. ଲିଃ., ସା: ପ୍ଲଟ୍ ନଂ.: ୫୮୪୦, ୫୨୦୮, ଗଜପତି ନଗର, ପୋ.: ସୈନିକ ସ୍କୁଲ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା - ୭୫୧୦୦୫, ଠିକଣା-୨: ସା: ପ୍ଲଟ୍ ନଂ.: ୨୮୯/୧୬୬୪/୬୫୯୪, ନିଳାଦ୍ରୀ ବିହାର, ଶୈଳଶ୍ରୀ ବିହାର, ଭୁବନେଶ୍ୱର, ଓଡ଼ିଶା - ୭୫୧୦୨୧, ଠିକଣା-୩: ସା: ଫ୍ଲାଟ୍ ନଂ.: ୧୦୨, ୧ମ ମହଲା, ପ୍ରିମିୟର ଆଶିଆନା, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୪/ ୨) ଶ୍ରୀମତୀ ସସ୍ମିତା ରୟ, ସା: ଫ୍ଲାଟ୍ ନଂ.: ୧୦୨, ୧ମ ମହଲା, ପ୍ରିମିୟର ଆଶିଆନା, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୪ | ଟ.୭,୧୦,୮୮୪/- ଏବଂ ସେବାବଦ ତତ୍‌ପରବର୍ତ୍ତୀ ସୁଧ ଓ ଦେୟ | ୨୩.୧୨.୨୦୨୨ / ୦୬.୦୩.୨୦୨୩ | ଶ୍ରୀ ପ୍ରଣବ କୁମାର ରୟ ଏବଂ ଶ୍ରୀମତୀ ସସ୍ମିତା ରୟଙ୍କ ନାମରେ ଥିବା ଜମିର ସମସ୍ତ ଅଂଶବିଶେଷ ଯାହାର ଫ୍ଲାଟ୍ ନଂ.: ୧୦୨, ୧ମ ମହଲା, ପ୍ରିମିୟର ଆଶିଆନା ହାଉସିଙ୍ଗ୍ କମ୍ପ୍ଲେକ୍ସ, ମୌଜା: ଚନ୍ଦ୍ରଶେଖରପୁର, ୟୁନିଟ୍ ନଂ.: ୪୧, ହାଲ୍ ଖାତା ନଂ.: ୩୦୦, ହାଲ୍ ପ୍ଲଟ୍ ନଂ.: ୮୪୬, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୮୪୭, ପଶ୍ଚିମ: ପଟିଆ ଗ୍ରାମର ମୌଜା ପାଟେରୀ, ଉତ୍ତର: ପଟିଆ ଗ୍ରାମର ମୌଜା ପାଟେରୀ ଏବଂ ରାସ୍ତା, ଦକ୍ଷିଣ: ପଟିଆ ଗ୍ରାମର ମୌଜା ପାଟେରୀ, ସହିତ ସେଠାରେ ଥିବା ଗୃହ ଏବଂ ନିର୍ମାଣ ଏବଂ ଉକ୍ତ ସ୍ଥାନ ସହିତ ସଂଲଗ୍ନ ହୋଇଥିବା ସମସ୍ତ କଳକବ୍ଜା ଓ ଯନ୍ତ୍ରପାତି କିମ୍ବା ସ୍ଥାନ ସହିତ ସ୍ଥାୟୀ ଭାବରେ ଖୋଲା ପଡିଥିବା ଭୂ-ସଂଲଗ୍ନ ଯେକୌଣସି ଦ୍ରବ୍ୟ। |

ସ୍ଥାନ: ଭୁବନେଶ୍ୱର, ତାରିଖ: ୧୦.୦୩.୨୦୨୩
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ

CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

URGENTLY REQUIRED
+2 Pass/continue (Should interest in ART n CRAFT WORK)
PROJECTRONICS
71, Lane 5, Bapuji Nagar, BBSR, Odisha
Ph.- 9776414425

URGENTLY REQUIRED
HOTEL MANAGER: (Exp. in Online Platform)
DATA ENTRY OPERATOR: (Tally & MS Office)
LEGAL ASSISTANT: (Graduate / LLB)
Contact: 9338554697

URGENT REQUIRED
FRESH / EXPERIENCED
Marketing Executive / Sales / Customer Support Engineer for M/s SIBA SHAKTI ELASTOMER
Qualification: Diploma / Degree / B.Tech.
Email CV to:
info@sibashaktielastomer.co.in

ସର୍ବସାଧାରଣ ସର୍ଭେ (କ୍ଷେତ୍ର କାର୍ଯ୍ୟ): 10th / +2 ପାସ୍ କିମ୍ବା ଫେଲ୍, ବୟସ: 20-28 ବର୍ଷ, ସ୍ମାର୍ଟ ଫୋନ୍ ଓ ବାଇକ୍ ଜରୁରୀ। ଦରମା- 15,000/- ମାସିକ + ପେଟ୍ରୋଲ + ଖାଇବା ଭତ୍ତା।
ଫୋନ୍/ WhatsApp :
9515249158

SWAMI VIVEKANAND NATIONAL INSTITUTE OF REHABILITATION TRAINING AND RESERCH
Department of Empowerment of Persons with Disabilities (Divyangjan)
(Ministry of Social Justice & Empowerment, Government of India)
OLATPUR, PO - BAIROI, DIST - CUTTACK (ODISHA) - 754010

RECRUITMENT NOTICE

Applications are invited from the eligible candidates for the following posts as under:

| Sl. No. | Name of the Post | No. of Posts |
|---|---|---|
| Adv. No. AD 6B 10.01.2023 Dated 07.03.2023 | | |
| 1. | General Duty Medical Officer | 1 |
| 2. | Prosthetist & Orthotist Grade- I | 1 |
| 3. | Laboratory Technician Grade- II | 1 |
| 4. | Plaster Technician | 1 |
| Adv. No. AD 6B 19.02.2023 Dated 07.03.2023 | | |
| 1. | General Duty Medical Officer (Consultant) | 6 |
| 2. | Legal Consultant | 1 |
| 3. | Staff Nurse (Consultant) | 5 |
| 4. | Physiotherapy (Consultant) | 1 |
| 5. | Occupational Therapy (Consultant) | 1 |
| 6. | Prosthetist & Orthotist (Consultant) | 1 |
| 7. | Radiographer (Consultant) | 1 |
| 8. | Pharmacist (Consultant) | 2 |
| 9. | Laboratory Technician (Consultant) | 1 |
| 10. | Office Assistant (Consultant) | 1 |
| 11. | MTS (Skilled) - Nursing Assistant (Out Sourcing) | 4 |

The aspiring applicants fulfilling the eligibility criteria in all respect can submit their application through online mode. The online registration of application will be made available on SVNIRTAR, Cuttack official Website i.e. https://www.recruitment.svnirtar.nic.in. The link of submission of online application in respect of above said posts along with other relevant information will be activated on 14th March, 2023 For all other details, terms and conditions please log on to website www.svnirtar.nic.in.

Sd/- Director (Offg.)


ସ୍ୱଦେଶୀ ମେଳା ଉଦ୍‌ଘାଟନୀ ମଞ୍ଚରେ ଉପସ୍ଥିତ ଅତିଥିଗଣ।

# ସ୍ୱଦେଶୀ ମେଳା ଉଦ୍‌ଘାଟିତ

## ମେଳାରେ ୩୨୦ ଷ୍ଟଲ ପ୍ରଦର୍ଶିତ

ରାଉରକେଲା ଅଫିସ,୧୦।୩

ରାଉରକେଲା ସେକ୍ଟର-୧୩ ସ୍ଥିତ ମେଳଣ ପଡିଆରେ ଭାରତ ବିପଣନ ବିକାଶ କେନ୍ଦ୍ର ଓ ସ୍ୱଦେଶୀ ଜାଗରଣ ମଞ୍ଚର ମିଳିତ ଆନୁକୂଲ୍ୟରେ ୨୪ତମ ସ୍ୱଦେଶୀ ମେଳା ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଏହି ମେଳାକୁ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅତନୁ ଭୌମିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଓ ରାଉରକେଲା ବଣିକ ସଂଘ ସଭାପତି ସୁବ୍ରତ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ସ୍ୱଦେଶୀ ଜାଗରଣ ମଞ୍ଚର ପ୍ରାନ୍ତ ସଂଯୋଜକ ଉମାକାନ୍ତ ପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ମେଳାର ଉଦ୍ଦେଶ୍ୟ ଉପରେ କହିଥିଲେ।

ଏହି ମେଳା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ମେଳାରେ ରାଜ୍ୟ ତଥା ରାଜ୍ୟ ବାହାର ସ୍ୱଦେଶୀ ବିଭିନ୍ନ ହାତ ତିଆରି ଆକର୍ଷଣୀୟ ସାମଗ୍ରୀ ୩୨୦ଟି ଷ୍ଟଲରେ ପ୍ରଦର୍ଶିତ ହୋଇଛି। ମେଳାରେ ପ୍ରଦର୍ଶିତ ସମସ୍ତ ଷ୍ଟଲକୁ ଅତିଥିଗଣ ବୁଲି ଦେଖିଥିଲେ। ମେଳାରେ ବିଦ୍ୟୁତଜନିତ ଘରୋଇ ସରଞ୍ଜାମ ସାଙ୍ଗକୁ, ବିଭିନ୍ନ ବାସନକୁସନ, କାର୍ପେଟ, ଜୁଏଲେରୀ, ଇ-ବାଇକ, କାର୍, ହ୍ୟାଣ୍ଡଲୁମ, ସ୍ୱଦେଶୀ ମସଲା, ହାତ ତିଆରି ପାମ୍ପଡ, ଆଚାର ଭଳି ଜିନିଷ ରହିଛି। ସୋରିଷ ପେଡା ତେଲ ଓ ରାଶି ଘଣାତେଲ ଗ୍ରାହକଙ୍କ ମୁଖ୍ୟ ଆକର୍ଷଣ ପାଲିଟିଛି। ସେହିପରି ବିଭିନ୍ନ ଟେରୋକୋଟା ଲାଇଭ ଡୋମୋ ଗ୍ରାହକଙ୍କୁ ବେଶ ଆକୃଷ୍ଟ କରିଛି। ଏହି ମେଳାରେ ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ବୋଲି ରାଜ୍ୟ ସଂଯୋଜକ ମନୋଜ କୁମାନ ନାୟକ ସୂଚନା ଦେଇଛନ୍ତି। ନିହାରିକା ବସ୍ତିଆ, ମନୋଜ ନାୟକ, ସରୋଜ ମହାପାତ୍ର, ପ୍ରମୋଦ ଜେନା, ଭରତ ଗୌଡ, ଦିନେଶ ଭୋଳ, ଆକାଶ ଗୌଡଙ୍କ ସମେତ ସ୍ୱଦେଶୀ ଜାଗରଣ ମଞ୍ଚ କର୍ମକର୍ତ୍ତା ସହଯୋଗ କରିଥିଲେ।

# ତୃଣମୂଳସ୍ତରରୁ ହକିର ଉତ୍ଥାନ ପାଇଁ ରଣନୀତି: ଦିଲୀପ ତିର୍କୀ

ରାଉରକେଲା ଅଫିସ,୧୦।୩

ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ ଏକ ଭର୍ଚୁଆଲ ମିଟିଂ ମାଧ୍ୟମରେ ତୃଣମୂଳ ସ୍ତରରୁ ଜାତୀୟ ଖେଳ ହକି ଉତ୍ଥାନ ନେଇ ପ୍ରସ୍ତାବିତ ରଣନୀତି ଉପରେ ସୂଚନା ଦେଇଛନ୍ତି। ସେ କହିଥିଲେ, ଚଳିତ ମାସ ଶେଷ ସୁଦ୍ଧା ଭାରତରେ ଜାତୀୟ ଖେଳ ହକି ତୃଣମୂଳ ସ୍ତରରେ ବିକାଶ ପାଇଁ ଅଣ୍ଡର-୧୬ ବାଳିକା ଏବଂ ବାଳକମାନଙ୍କୁ ଡ୍ରାଗ ଫ୍ଲିକିଙ୍ଗ ଓ ଗୋଲ କିପିଙ୍ଗରେ ବିସ୍ତୃତ ପ୍ରଶିକ୍ଷଣ ଦିଆଯିବ। ଏଥିରେ ରୁପିନ୍ଦର ପାଲ ସିଂ, ବି.ଆର. ରଘୁନାଥ ଏବଂ ବୀରେନ୍ଦ୍ର ଲାକ୍ରାଙ୍କ ଭଳି ଭାରତୀୟ ପୂର୍ବ ଡ୍ରାଗ ଫ୍ଲିକ ବିଶେଷଜ୍ଞ ପ୍ରଶିକ୍ଷକ ରହିବେ। ଦେଶରେ ଅଣ୍ଡର-୧୬ ଯୁବ ହକି କ୍ରୀଡାବିତଙ୍କୁ ଡ୍ରେଗ ଫ୍ଲିକ୍ ଓ ଗୋଲକିପିଙ୍ଗ ନେଇ ଆବଶ୍ୟକୀୟ ପ୍ରଶିକ୍ଷଣ ମିଳୁନାହିଁ। ଏଣୁ ଯୁବ ହକି ତାରକାମାନେ ଏଥିରେ ସାମର୍ଥ୍ୟ ହେବା ଆବଶ୍ୟକ। ବର୍ତ୍ତମାନ ଅଣ୍ଡର-୧୬ ଓ ୧୯ ଯୁବ ଉଭୟ ବର୍ଗର ଖେଳାଳିମାନଙ୍କୁ ପ୍ରଶିକ୍ଷଣ ମିଳିବ। ପ୍ରଶିକ୍ଷଣରୁ ୧୦ ପ୍ରତିଭାବାନ ଖେଳାଳି ଚୟନ ହୋଇ ଦକ୍ଷତାପୂର୍ଣ୍ଣ ବିଦେଶୀ କୋଚ୍‌ଙ୍କ ଦ୍ୱାରା ପ୍ରଶିକ୍ଷିତ ହେବେ। ସବ୍ ଜୁନିୟରରେ ଅଣ୍ଡର-୧୬ ଦଳକୁ ନେଇ ଜୋନାଲ ଚାମ୍ପିୟନସିପ୍ ହେବ। ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମ ଜୋନରୁ ପ୍ରତିଭାଶାଳୀ ହକି ଖେଳାଳିମାନଙ୍କ ଖୋଜ୍ ଆରମ୍ଭ ହୋଇଛି। ପ୍ରଥମ ଜୋନାଲ ଟୁର୍ଣ୍ଣାମେଣ୍ଟ ୧୯ ମାର୍ଚ୍ଚରେ ହେବାକୁ ଥିବାବେଳେ ରାଜ୍ୟର ୩୦ଟି ହକି ଦଳ ଭାଗ ନେବା ସ୍ଥିର ହୋଇଛି। ସେହିପରି ଅଣ୍ଡର-୧୬ ଏବଂ ଅଣ୍ଡର-୧୯ ଉଭୟ ବର୍ଗ କ୍ରୀଡ଼ାବିତ୍‌ମାନଙ୍କର କୋର୍ ଗ୍ରୁପ୍ ଚୟନ ହେବ। ଏଥିଆ ଯୁ-୧୭ ଓ ଯୁ-୧୯ ଭାରତୀୟ ହକି ଦଳ ଚିହ୍ନଟ କରି ଉକ୍ତ ଦଳକୁ ବିଦେଶରେ ଖେଳିବାକୁ ପଠାଯିବ। ପ୍ରସ୍ତୁତ ରଣନୀତି ଆଗାମୀ ସମୟରେ ହକିରେ ଭାରତ ଦଳକୁ ସୁନିଶ୍ଚିତ ସର୍ବଶ୍ରେଷ୍ଠ ପ୍ରଦର୍ଶନ କରିବାରେ ସହଯୋଗୀ ହେବ ବୋଲି ଦିଲୀପ ତିର୍କୀ କହିଛନ୍ତି।

# ଦେବଗଡ଼ ଜିଲାବାସୀଙ୍କ ଟୋଲ ଟିକସ ଛାଡ ଦାବି

## ଆଜି ଠାରୁ ବିଜେଡି ପକ୍ଷରୁ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ

ଦେବଗଡ଼, ୧୦।୩(ଡି.ଏନ୍.ଏ.)

ବାରକୋଟ ବ୍ଲକର ବଡକୁଦର ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥ ଟୋଲ ଗେଟରେ ଦେବଗଡ଼ ଜିଲାବାସୀଙ୍କ ପାଇଁ ଦେୟମୁକ୍ତ ବା ଟୋଲ ଟିକସ ଛାଡ ଦାବିରେ ବିଜେଡି ଆନ୍ଦୋଳନ କରିବ। ଶନିବାରଠାରୁ ଉପରୋକ୍ତ ଟୋଲ ଗେଟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଦାବିପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣା ଦିଆଯିବ। ଏଥିପାଇଁ ଜିଲା ବିଜେଡି ପକ୍ଷରୁ ଇତି ମଧ୍ୟରେ ସମସ୍ତ ପ୍ରକାର ପ୍ରସ୍ତୁତି ଚୂଡାନ୍ତ ହୋଇସାରିଛି। ସୂଚନା ଥାଉ କି ଯେ, ଚାଷ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭରଶୀଳ ଦେବଗଡ଼ ଜିଲାବାସୀ ଉକ୍ତ ଜାତୀୟ ରାଜପଥରେ ଯାତାୟାତ ସମୟରେ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି। ଏଣୁ ଜିଲାବାସୀଙ୍କର ଟୋଲ ଟିକସ ଛାଡ କରି ଏହି ସମସ୍ୟାର ସମାଧାନ କରିବାକୁ ଗତ ୨ ତାରିଖ ଦେବଗଡ ଜିଲା ବିଜୁ ଜନତାଦଳ ସଭାପତି ରୋମାଞ୍ଚରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ବହୁ ବିଜେଡି ନେତା ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣଙ୍କୁ ଏମର୍ମରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେହିପରି ଉକ୍ତ ସ୍ମାରକପତ୍ରର ନକଲ ଦେବଗଡ଼ ଜିଲାପାଳ ଓ ଜିଲା ଆରକ୍ଷୀ ଅଧୀକ୍ଷକଙ୍କୁ ପ୍ରଦାନ କରିବା ସହ ଚଳିତ ମାସ ୧୦ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ମାର୍ଚ୍ଚ ୧୧ ତାରିଖ ଉକ୍ତ ଟୋଲ ଗେଟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଉକ୍ତ ସ୍ମାରକପତ୍ର ଜରିଆରେ ଲିଖିତ ଚେତାବନୀ ଦିଆଯାଇଥିଲା। ମାତ୍ର ଧାର୍ଯ୍ୟ ଦିବସ ସୁଦ୍ଧା ସେମାନଙ୍କର ଦାବି ପୂରଣ ନ ହେବାରୁ ୧୧ ତାରିଖଠାରୁ ଏହି ଆନ୍ଦୋଳନ ଆରମ୍ଭ ହେବ ଓ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧାରଣାଜାରି ରହିବ ବୋଲି ଜିଲା ବିଜେଡି ସଭାପତି ବିଶ୍ୱାଳ ସୂଚନା ଦେଇଛନ୍ତି।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଗିରଫ

ରାଉରକେଲା ଅଫିସ,୧୦।୩

ଜଣେ ନାବାଳିକାଙ୍କୁ ବଳାତ୍କାର ଅଭିଯୋଗରେ ଉଦିତନଗର ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ସୋନୁ ଜାମୁଦା(୫୦)। ତାଙ୍କୁ ଶୁକ୍ରବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ.୮୪।୨୩) ରୁଜୁ କରିଛି। ସୂଚନା ଅନୁସାରେ, ଉଦିତନଗର ଥାନା ଅନ୍ତର୍ଗତ ମାଲଗୋଦାମ ବସ୍ତିର ସୋନୁ ତାଙ୍କ ଘର ନିକଟ ଜଣେ ନାବାଳିକାଙ୍କୁ ଚକ୍‌ଲେଟ ଦେଇ ଘରକୁ ଖେଳିବାକୁ ଡାକି ବଳାତ୍କାର କରିଥିଲେ। ନାବାଳିକା ଜଣଙ୍କୁ ଏ ନେଇ ଘରେ ନ କହିବାକୁ ସୋନୁ ଧମକ ଦେଇଥିଲେ। ବହୁ ସମୟ ଧରି ନାବାଳିକା ଜଣଙ୍କ ଘରକୁ ନ ଫେରିବାରୁ ପରିବାର ଲୋକେ ତାଙ୍କୁ ଖୋଜାଖୋଜି କରିଥିଲେ। ନାବାଳିକା ଜଣଙ୍କ ସନ୍ଧ୍ୟା ସମୟରେ କାନ୍ଦି କାନ୍ଦି ଘରକୁ ଫେରି ଘଟଣା ସମ୍ପର୍କରେ କହିବାରୁ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ।

# ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର


ଶିକ୍ଷକ ସଂଘ ପକ୍ଷରୁ ବିଇଓଙ୍କୁ ଦାବିପତ୍ର ଦିଆଯାଉଛି।

କୋଲାବିରା,୧୦।୩(ଡି.ଏନ.ଏ.)

କୋଲାବିରା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଜିଲା ସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ଲଳିନ୍ଦ୍ର ଗୋଖରାଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ ଦଫା ସମ୍ବଳିତ ଦାବିପତ୍ର ବିଇଓ ସତ୍ୟବ୍ରତ ସାହୁଙ୍କୁ ପ୍ରଦାନ କରାଯାଇଛି। ୫ଟି ଇନ୍‌କ୍ରିମେଣ୍ଟ ସହ ୬ବର୍ଷ ଠିକା କାର୍ଯ୍ୟକାଳକୁ ମୂଳ ଚାକିରିରେ ଗଣନା, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ନେଇ ଆନ୍ଦୋଳନ କରାଯାଇଥିଲା। ସେହି ସମୟରେ ପ୍ରତିଶ୍ରୁତି ମିଳିଥିଲେ ମଧ୍ୟ ସରକାର ଏ ପର୍ଯ୍ୟନ୍ତ କୌଣସି ଘୋଷଣା କରିନାହାନ୍ତି। ଏହାର ପ୍ରତିବାଦରେ ସଂଘ ପୁଣି ଆନ୍ଦୋଳନକୁ ଓହ୍ଲାଇଛି। ଏହା ପର୍ଯ୍ୟାୟକ୍ରମେ ଜାରି ରହିବ ଓ ସରକାର ନିଷ୍ପତ୍ତି ନ ନେଲେ ଏନ୍‌ପିଏସ୍ ଅଧୀନ ସମସ୍ତ ଶିକ୍ଷକ ୧୮ ତାରିଖଠାରୁ ସମୂହ ଛୁଟିରେ ଯିବେ ଓ ସରକାରଙ୍କୁ ଅସହଯୋଗ କରିବେ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଶିକ୍ଷକ ସଂଘ ସଭାପତି ରାଜେନ୍ଦ୍ର ବଟ, ସମ୍ପାଦକ ତପନ କରାଲି, ସୁରେଶ ସାହୁ, ଲିଙ୍କନ ନାଏକ ଉପେନ୍ଦ୍ର ପଟଏଲ, ସସ୍ମିତା ପଟେଲ, ଜ୍ୟୋସ୍ନାରାଣୀ ପଟେଲ, ରିପ୍ରିୟା ପଟେଲ, ବିକାଶ ମହାପାତ୍ର ପ୍ରମୁଖଙ୍କ ସମେତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ।

# ବଲାଙ୍ଗୀର ପୌରସଂସ୍ଥା କର୍ମଚାରୀ ସଂଘ ବୈଠକ

ବଲାଙ୍ଗୀର ଅଫିସ, ୧୦।୩

ବଲାଙ୍ଗୀର କଲେଜ ଛକସ୍ଥିତ କଲ୍ୟାଣ ମଣ୍ଡପ ଠାରେ ବରିଷ୍ଠ ଆଡଭୋକେଟ ରତନ ମହାରଣାଙ୍କ ସଭାପତିତ୍ୱରେ ବଲାଙ୍ଗୀର ପୌରସଂସ୍ଥା କର୍ମଚାରୀ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଓ ଅଭିଯୋଗ ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଆଗାମୀ ଦିନରେ କର୍ମଚାରୀଙ୍କ ସମସ୍ୟାର ସମାଧାନ ନିମନ୍ତେ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯିବାକୁ ସର୍ବସମ୍ମତ ନିଷ୍ପତ୍ତି ହୋଇଥିଲା।

# କ୍ୟାମ୍ପରେ ଆକ୍ରମଣ କରି ୪ କୋର୍ଟ ଚାଲାଣ

ଲହୁଣୀପଡ଼ା, ୧୦।୩(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଭୁତୁଡା ପଞ୍ଚାୟତଠାରେ ଥିବା ଖଣ୍ଡାଧାର ଖଣିରେ କାମ କରୁଥିବା ଠିକା କମ୍ପାନୀର କ୍ୟାମ୍ପ ଭିତରେ ପଶି କେତେକ ସଂଘବଦ୍ଧ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏଥିରେ ସୁପର ଭାଇଜର ଅଞ୍ଜନ କୁମାର ବେହେରା (୨୫) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଲହୁଣୀପଡ଼ା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ରାଉରକେଲାକୁ ସ୍ଥାନାନ୍ତର କରାଯାଇଛି। କର୍ମଦେ ପୁହାଣ, କ୍ଷୀରୋଦ ବେଉରିଆ, ସିଦ୍ଧାର୍ଥ ତ୍ରିପାଠୀ, ଦୀପକ ସାହୁ ପ୍ରମୁଖ ମଧ୍ୟ ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ସୂଚନାରୁ ପ୍ରକାଶ ଯେ, ବୁଧବାର ଅପରାହ୍ନ ପ୍ରାୟ ୩ଟାରେ କମ୍ପାନୀର କର୍ମଚାରୀମାନେ ବିଶ୍ରାମ କରୁଥିବା ବେଳେ ପଡୋଶୀ କେଏମପିଏଲ କମ୍ପାନୀ କ୍ୟାମ୍ପର କେତେଜଣ ଯୁବକ ଆସି କାଣ୍ଡୋଇ କମ୍ପାନୀରୁ କିଛି ଜିନିଷ ମାଗିବାରୁ ମନା କରିଦେଇଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। କେଏମପିଏଲ କମ୍ପାନୀର କର୍ମଚାରୀମାନେ ଉତ୍ତେଜିତ ହୋଇ ଫେରିଯାଇଥିଲେ। କିଛି ସମୟ ପରେ ଠେଙ୍ଗା, ବାଡ଼ି, ହକିଷ୍ଟିକ ଧରି ଆସି ଆକ୍ରମଣ କରିଥିଲେ। ଫଳରେ କାଣ୍ଡୋଇ କମ୍ପାନୀର କର୍ମଚାରୀମାନେ ଆହତ ହେବା ସହିତ ପ୍ରାଣ ବିକଳରେ କ୍ୟାମ୍ପ ଛାଡି ଯିଏ ଯୁଆଡେ ଦୌଡ଼ି ପଳାଇ ଯାଇଥିଲେ। ଏ ଘଟଣା ନେଇ କାଣ୍ଡୋଇ କମ୍ପାନୀ ପକ୍ଷରୁ ଲହୁଣୀପଡ଼ା ଥାନାରେ ଲିଖିତ ଅଭିଯୋଗ କରିବାରୁ ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପୋଲିସ ତଦନ୍ତ କରି ଦମାଲୁ ଗ୍ରାମର ଅମିତ ଟପ୍ପୋ (୨୩), ମୁକେଶ ମୁଣ୍ଡା(୨୪), ପ୍ରେମଜାନ କାଣ୍ଡୁଲାନା(୨୩) ଏବଂ ଲୁଂଗୁଡା ଗ୍ରାମର ଲୁଲୁନ ମୁଣ୍ଡା (୩୨) ଚାରି ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି।

# ୪ ଦଫା ଦାବି ନେଇ ଧାରଣା

ଦେଓଗାଁ,୧୦।୩(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଡୁମେରପିଟା ପଞ୍ଚାୟତ ସମ୍ମୁଖରେ ଭିଲେଜର୍ସ ଇଣ୍ଡିଆ ପାର୍ଟି ତରଫରୁ ୪ ଦଫା ଦାବି ନେଇ ଧାରଣା ଦିଆଯାଇଛି। ରାଜ୍ୟ ସରକାରଙ୍କ ତରଫରୁ ବସୁଧା ଯୋଜନାରେ ବିଶୁଦ୍ଧ ପାନୀୟ ଜଳ ପ୍ରତ୍ୟେକ ପରିବାରକୁ ଯୋଗାଇ ଦେବା ପାଇଁ ଟଙ୍କା ମଞ୍ଜୁର ହୋଇଥିଲେ ହେଁ ଦୁଇ ବର୍ଷ ହେଲା କାର୍ଯ୍ୟକାରୀ ହୋଇ ପାରିନାହିଁ। ଏହା ତୁରନ୍ତ କାର୍ଯ୍ୟକ୍ଷମ କରିବା, ଡୁମେରପିଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ହାଇସ୍କୁଲ ସ୍ତରକୁ ଉନ୍ନୀତ କରିବା, ଜିଆରଏସ ପଦବୀ ପୂରଣ କରିବା, ଜିଲା ପ୍ରଶାସନର ଉଦ୍ୟମକ୍ରମେ ସ୍ଥାନୀୟ ଏସଏଚଜି ମହିଳାଙ୍କ ଜରିଆରେ ଦୁଗ୍ଧକ୍ରାନ୍ତି ପାଇଁ ଗୋପାଳନର ପଦକ୍ଷେପ ନିଆଯାଇଛି। ହେଲେ ଉକ୍ତ ଗ୍ରାମରେ ଗାଇଙ୍କ ପାଇଁ ଘାସ ଚାଷ ନିମନ୍ତେ ୧୩ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବା ସତ୍ତ୍ୱେ ସରକାରୀ ଉଦାସୀନତା ଯୋଗୁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ପାରୁନି। ଏଣୁ ପ୍ରଶାସନ ତତ୍ପରତା ଦେଖାଇ ପ୍ରକଳ୍ପ କାର୍ଯ୍ୟକାରୀ କରିବାକୁ ଦାବି ହୋଇଛ। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ଭିଆଇପି ପାର୍ଟିର ଅଧ୍ୟକ୍ଷ କୁଶଲିଆ ସୂଚନା ଦେଇଛନ୍ତି। ଧାରଣାରେ ସ୍ଥାନୀୟ ପଞ୍ଚାୟତ ସ୍ତରୀୟ କୃଷକ ମହାସଂଘର ଅଧ୍ୟକ୍ଷ କେଦାର ମାଝୀ ତଥା ଅନ୍ୟମାନେ ସାମିଲ ହୋଇଛନ୍ତି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 77-KUR-TRD-OT-2022-23

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ / TRD / ଯାଜପୁର କେନ୍ଦୁଝର ରୋଡ୍ (JJKR) ପରିସୀମା ଅଧୀନରେ OHE ଷ୍ଟ୍ରକ୍‌ଚରଗୁଡ଼ିକର ସୁଦୃଢ଼ୀକରଣ।

**ବିଜ୍ଞାପିତ ମୂଲ୍ୟ (ଟଙ୍କାରେ):** 1,21,15,773.83, EMD (ଟଙ୍କାରେ) : 2,10,600.00, ଶେଷ ହେବା ଅବଧି : 365 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.15.03.2023ରିଖ,

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.03.2023 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-1068/N/22-23

**The Odisha Small Industries Corporation Ltd.**
(A Government of Odisha Undertaking)
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
No.CAD-5096 OSIC GST No. 21AAACO2101M1Z1

**TENDER CALL NOTICE**

Tender Notice No.1274/RE/OSIC Dt.09.03.2023

The Managing Director, OSIC Ltd., Cuttack invites tender from experienced MSMEs duly empanelled with OSIC for 3 nos. of work i.e. **"Supply of Stainless steel combo Dining Table & Chair for SSD School/Hostels under I.T.D.A, Koraput", "Supply of 250 Nos. of Big Size stainless steel combo Dining Table with Chair to Hostels under I.T.D.A. Jeypore"** & Supply of Stainless steel Combo Dining Table & Chair for SSD Hostels in Malkangiri District. Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/changes/modifications will appear in OSIC Ltd. website **www.osicltd.in** only.

Sd/-
GENERAL MANAGER(O)

OIPR-14073/11/0167/2223

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER, ANANDAPUR BARRAGE PROJECT, SALAPADA**
(E-mail id: cceabp@gmail.com/loabpbbsr@gmail.com)
No.A-1234: E-procurement Notice No. CCEABP-19 of 2022-23

| E-Procurement Officer | Name of the Work | Bid Id No. | Tender Cost in Lakhs (Appx) | Bid Security (online) | Cost of Bid Document (Online) | Class of Contractor | Period of Completion | Availability of tender online for bidding From | To | Date of Opening of technical bid (Cover-1) |
|---|---|---|---|---|---|---|---|---|---|---|
| Chief Construction Engineer, A.B. Project, Salapada | Excavation of Salandi Left Main Canal (SLMC) from RD 69700 m to RD 73003 m including construction of structures, lining and service road. | ABP-Soro-01/19 of 2022-23 | 1681.00 | 16,81,000/- | 10,000/- | 'A' & Spl. Class | 12 Calendar Months | 14.03.23 11.30 AM | 04.04.23 5.00 PM | 05.04.23 11.30 AM |

Further details can be seen from the Govt. website www.tendersorissa.gov.in/ www.dowrodisha.gov.in. Addendum/Corrigendum/ Cancellation if any required will be published in Govt. website only.

OIPR-32068/11/0026/2223 Sd./- Chief Construction Engineer, Anandapur Barrage Project, Salapada

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯

**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ପରିଶୋଧ କରିନାହାନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୪.୦୩.୨୦୨୩ ରିଖ ସୁଦ୍ଧା** ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୨୭.୦୩.୨୦୨୩ ରିଖ ଅପରାହ୍ନ ୩.୦୦ ଘଟିକା ସମୟରେ ସମ୍ପୃକ୍ତ ଶାଖା ପରିସରରେ** ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି।

| କ୍ର. ନଂ. | ଋଣ ଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଗଙ୍ଗାଧରପୁର ଶାଖା, ଜିଲ୍ଲା - ଖୋର୍ଦ୍ଧା, ଓଡିଶା — ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଭାଗୀରଥି ନାୟକ, ଫୋନ୍ ନଂ. ୭୬୦୯୯୧୨୨୯୯** | | |
| ୧. | ପ୍ରଭାସିନୀ ସୁବୁଧି, ସ୍ୱା- ରୋହିତ ସୁବୁଧି, ସା/ପୋ- ବିରିବାଡି, ଜିଲ୍ଲା - ଖୋର୍ଦ୍ଧା / ୧୦୭୬୦୬୧୦୦୨୫୬୬୬ | ଟ.୨୨,୦୦୦.୦୦ + ଲାଗୁ ହୋଇନଥିବା ସୁଧ | ୧୫.୦୦ |
| ୨. | ରଜନୀ ସୁବୁଧି, ସ୍ୱା - ରାଜେନ୍ଦ୍ର ସୁବୁଧି, ସା/ପୋ- ବିରିବାଡି, ଜିଲ୍ଲା - ଖୋର୍ଦ୍ଧା/ ୧୦୭୬୦୬୧୦୦୨୬୫୫୭ | ଟ.୧୯,୯୮୩.୪୨ + ଲାଗୁ ହୋଇନଥିବା ସୁଧ | ୧୦.୦୦ |
| ୩. | ସରୋଜିନୀ ବିଶ୍ୱାଳ, ସ୍ୱା - ପ୍ରଶାନ୍ତ ବିଶ୍ୱାଳ, ସା/ପୋ- ହାଟବରାଡି, ଜିଲ୍ଲା - ଖୋର୍ଦ୍ଧା / ୧୦୭୬୦୬୧୦୦୩୧୩୫୩ | ଟ. ୪୫,୦୦୦.୦୦ + ଲାଗୁ ହୋଇନଥିବା ସୁଧ | ୧୪.୦୦ |
| ୪. | ମେଘାନ୍ଦ ପାତ୍ର, ପି - ସନାତନ ପାତ୍ର, ସା-ଗଇଣ୍ଡା, ପୋ-ହାଟବରାଡି, ଜିଲ୍ଲା - ଖୋର୍ଦ୍ଧା/ ୧୦୭୬୦୬୧୦୦୨୩୨୫୯ | ଟ. ୧୫,୦୪୧.୦୦ + ଲାଗୁ ହୋଇନଥିବା ସୁଧ | ୦୮.୦୦ |
| ୫. | ବିଳାସିନୀ ଦେଇ, ସ୍ୱା - ରାଜା କିଶୋର, ସା/ପୋ - ବଉଳବନ୍ଧ, ଜିଲ୍ଲା - ଖୋର୍ଦ୍ଧା ୧୦୭୬୦୬୧୦୦୨୩୦୬୮ | ଟ. ୪୦,୪୧୩.୫୦ + ଲାଗୁ ହୋଇନଥିବା ସୁଧ | ୨୮.୦୦ |
| | **ଅସ୍ତରଙ୍ଗ ଶାଖା, ସା/ପୋ - ଅସ୍ତରଙ୍ଗ, ପୁରୀ, ଓଡିଶା — ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଦିପନ ସାହୁ, ଫୋନ୍ ନଂ. ୮୯୦୮୭୨୯୭୪୭** | | |
| ୧. | ଯଶୋବନ୍ତ ସ୍ୱାଇଁ,ପି- ବାବାଜି ଚରଣ ସ୍ୱାଇଁ, ସା- ଜିଉଁଣ୍ଡି, ପୋ-କାହଲ,ଅସ୍ତରଙ୍ଗ, ଜିଲ୍ଲା - ପୁରୀ / ୩୨୧୦୦୬୧୦୦୧୬୯୧୬ | ଟ.୨୩,୧୮୮.୦୦ + ଲାଗୁ ହୋଇନଥିବା ସୁଧ | ୦୭.୯୫ |
| ୨. | ଶିବ ଚରଣ ଓଝା, ପି - ବନ୍ଧୁ ଓଝା, ସା- ଦକ୍ଷିଣପଣ୍ଡଳ, ପୋ-ନଗର, ଅସ୍ତରଙ୍ଗ, ଜିଲ୍ଲା - ପୁରୀ / ୩୨୧୦୦୬୧୦୦୦୯୦୨୪ | ଟ.୨୨,୦୦୦.୦୦ + ଲାଗୁ ହୋଇନଥିବା ସୁଧ | ୦୯.୦୦ |
| ୩. | କୈଳାଶ ଚନ୍ଦ୍ର ସେଠୀ, ପି-ଶଙ୍କର ସେଠୀ, ସା-ବିଜିପୁର, ପୋ- ନୋମାରୋ, ଅସ୍ତରଙ୍ଗ, ଜିଲ୍ଲା - ପୁରୀ / ୩୨୧୦୦୬୧୦୦୨୦୪୫୬ | ଟ. ୪୦,୫୬୪.୦୦ + ଲାଗୁ ହୋଇନଥିବା ସୁଧ | ୧୧.୩୦ |
| ୪. | କୈଳାଶ ଚନ୍ଦ୍ର ସେଠୀ, ପି-ଶଙ୍କର ସେଠୀ, ସା-ବିଜିପୁର, ପୋ- ନୋମାରୋ, ଅସ୍ତରଙ୍ଗ, ଜିଲ୍ଲା - ପୁରୀ / ୩୨୧୦୦୬୧୦୦୨୧୩୫୪ | ଟ. ୧,୧୩,୪୭୬/- + ଲାଗୁ ହୋଇନଥିବା ସୁଧ | ୩୪.୫୦ |
| ୫. | ସବିତା ମହାନ୍ତି, ସା- ଜିଓଳ, ପୋ-କାହଲ, ଥା-କାକଟପୁର, କେନ୍ଦ୍ରପଡି, ପିନ - ୭୫୨୧୦୮ / ୩୨୧୦୦୬୧୦୦୧୭୫୪୮ | ଟ. ୭୩,୦୦୦.୦୦ + ଲାଗୁ ହୋଇନଥିବା ସୁଧ | ୨୮.୦୦ |
| | **ବଡ଼ଖୋଲି ଶାଖା, ବଡ଼ଖୋଲି, ଭାୟା-ଆସ୍କା, ବ୍ରହ୍ମପୁର — ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଦେବବ୍ରତ ପ୍ରଧାନ, ଫୋନ୍ ନଂ. ୭୭୪୯୦୦୦୮୭୮** | | |
| ୧. | କେ ଅଶୋକ କୁମାର ଡୋରା, ପି- କେ ଦେବେନ୍ଦ୍ର ଡୋରା, ସା/ପୋ - ପଣ୍ଡିଆପଥର, ଗଞ୍ଜାମ / ୧୧୬୦୦୬୧୦୦୩୦୬୯୧ | ଟ.୭୫,୯୦୧.୦୦ + ଲାଗୁ ହୋଇନଥିବା ସୁଧ | ୩୦.୦୦ |
| ୨. | ଅହଲ୍ୟା ମହାରଣା, ସ୍ୱା - ସନ୍ତୋଷ ମହାରଣା, ବଡସାହି, ପଣ୍ଡିଆପଥର, ସୁନାପାଲ୍ଲୀ, ଗଞ୍ଜାମ,/ ୧୧୬୦୦୬୧୦୦୩୩୭୯୧ | ଟ.୩୨,୦୫୨.୦୦ + ଲାଗୁ ହୋଇନଥିବା ସୁଧ | ୧୩.୨୧ |
| ୩. | ପ୍ରସନ୍ନ କୁମାର ଜେନା,ପି- ସ୍ୱର୍ଗତ ଗଣପତି ଜେନା, ସା-ସାନ୍ତାପୁର, ପୋ - ବଡଖୋଲି, ଗଞ୍ଜାମ / ୧୧୬୦୦୬୧୦୦୩୨୭୧୮ | ଟ. ୭୫,୯୭୮.୦୦ + ଲାଗୁ ହୋଇନଥିବା ସୁଧ | ୩୨.୮୨ |
| | **ବିଦ୍ୟୁତ ମାର୍ଗ ଶାଖା, ବିଦ୍ୟୁତ୍ ମାର୍ଗ, ଶିକ୍ଷା ସୌଧ (ଓପେପା), ୟୁନିଟ୍-୫, ଭୁବନେଶ୍ୱର — ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀମତୀ ସୌମ୍ୟା ସୁଚରିତା ପଟ୍ଟନାୟକ, ଫୋନ୍ ନଂ. ୮୭୬୩୯୯୨୯୪୦** | | |
| ୧. | ନିଳମଣି ସାହୁ, ପି- ସ୍ୱର୍ଗତ ବେହରୀ ସାହୁ, ଓଜି-୩୯୨, ୟୁନିଟ-୪, ଖାରବେଳ ନଗର, ଜିପିଓ, ଭୁବନେଶ୍ୱର / ୨୦୭୪୦୬୧୦୦୧୩୩୨୮ | ଟ.୩୬,୯୨୮.୦୦ + ଲାଗୁ ହୋଇନଥିବା ସୁଧ | ୧୧.୫୦ |
| | **ଭୁବନେଶ୍ୱର ମୁଖ୍ୟ ଶାଖା, ବାପୁଜି ନଗର, ଭୁବନେଶ୍ୱର, ଓଡିଶା — ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀମତୀ ପ୍ରତିଭା ଭାରତୀ ସାନବର୍ଷା, ଫୋନ୍ ନଂ. ୮୯୧୭୩୯୯୭୨୮** | | |
| ୧. | ଅବିନାଶ ଧିର୍‌ସାମନ୍ତ, ପ୍ଲଟ ନଂ - ୧୯୪/୧୬୧ ଏବଂ ୧୬୨, ସାମନ୍ତ ମାନସିୟନ, ଓଗଲପଡା, ଜାଁଳା, ଭୁବନେଶ୍ୱର / ୦୪୭୦୦୬୧୦୦୨୨୩୫୧ | ଟ.୪,୧୪,୫୦୨.୯୪ + ଲାଗୁ ହୋଇନଥିବା ସୁଧ | ୧୧୫.୦୦ |
| | **ବାଲିଗୁଡା ଶାଖା, ପାଟଖଣ୍ଡ, ସା/ପୋ-ବାଲିଗୁଡା, ଓଡିଶା — ଶାଖା ପ୍ରବନ୍ଧକଙ୍କ ନାମ : ଶ୍ରୀଯୁକ୍ତ ଚନ୍ଦ୍ର ଶେଖର ଯାନି, ଫୋନ୍ ନଂ. ୮୨୪୯୬୬୫୬୦୫** | | |
| ୧. | ରଂଜିତ୍ ସାହୁ, ପି-ସୁବାଶ ଚନ୍ଦ୍ର ସାହୁ, ସା- ଡାଣ୍ଡପଦର, ପୋ- ବାଲିଗୁଡା, ଜିଲ୍ଲା କନ୍ଧମାଳ / ୨୯୪୭୦୬୧୦୦୦୮୧୯୫ | ଟ.୫୨,୦୦୦.୦୦ + ଲାଗୁ ହୋଇନଥିବା ସୁଧ | ୨୩.୦୦ |
| ୨. | ବିଜୟ କେତନ ରାଜ୍, ପି - ନାରାୟଣ ରାଜ୍, ସା - ଡାମେରିକିଆ, ପୋ - ନୂଆଗାଁ, ଜିଲ୍ଲା - କନ୍ଧମାଳ / ୨୯୪୭୦୬୧୦୦୧୦୯୭୬ | ଟ.୧,୦୫,୦୦୦/- + ଲାଗୁ ହୋଇନଥିବା ସୁଧ | ୩୫.୪୮ |
| ୩. | ରାଧା ମୋହନ ନାୟକ, ପି - ଜୋଗେନ୍ଦ୍ର ନାୟକ, ସା - ପାଟଖଣ୍ଡସାହି, ପୋ- ବାଲିଗୁଡା, ଜିଲ୍ଲା କନ୍ଧମାଳ / ୨୯୪୭୦୬୧୦୦୧୧୮୬୭ | ଟ. ୧୦,୦୦୦.୦୦ + ଲାଗୁ ହୋଇନଥିବା ସୁଧ | ୦୬.୫୦ |
| ୪. | ସଚ୍ଚିଦାନନ୍ଦ ପଣ୍ଡା, ପି - ଗୋପାଳ ପଣ୍ଡା, ସା - କଞ୍ଜାମେଣ୍ଡି, ପୋ - କେ. ନାଉଗାଁ, ବାଲିଗୁଡା, ଜିଲ୍ଲା - କନ୍ଧମାଳ / ୨୯୪୭୦୬୧୦୦୦୭୩୨୭ | ଟ. ୩୧,୦୦୦.୦୦ + ଲାଗୁ ହୋଇନଥିବା ସୁଧ | ୧୯.୫୦ |
| ୫. | ସଚ୍ଚିଦାନନ୍ଦ ପଣ୍ଡା, ପି - ଗୋପାଳ ପଣ୍ଡା, ସା - କଞ୍ଜାମେଣ୍ଡି, ପୋ - କେ. ନାଉଗାଁ, ବାଲିଗୁଡା, ଜିଲ୍ଲା - କନ୍ଧମାଳ / ୨୯୪୭୦୬୧୦୦୦୭୩୮୯ | ଟ. ୧୭,୦୦୦.୦୦ + ଲାଗୁ ହୋଇନଥିବା ସୁଧ | ୧୧.୧୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**

୧. ବ୍ୟାଙ୍କ ଅଳଙ୍କାର / କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ।
୨. ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରର ଯାଞ୍ଚ କରିପାରିବେ।
୩. **ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪. ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି (ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫ଙ୍କ ଅମାନତ ରାଶି ରୂପେ ଜମା କରିବେ।
୫. ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପଇଠ କରିବା ପରେ ଅଳଙ୍କାର ଗୁଡିକ ପ୍ରଦାନ କରାଯିବ।
୬. ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ ୩୦ ଦିନ ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭. ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ।
୮. କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ।

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୦.୦୩.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

## ସଂକ୍ଷେପରେ

### ବାଇକ୍ ଧକ୍କାରେ ବୃଦ୍ଧ ମୃତ

ପଲମ,୧୦।୩(ଡି.ଏନ.ଏ.): କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନସ୍ଥ ବାଗପୁର ପଞ୍ଚାୟତସ୍ଥିତ ବାଗପୁର ଗ୍ରାମ ମୁଖ୍ୟ ରାସ୍ତାରେ ବାଇକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବାଗପୁର ଗ୍ରାମର ମଧୁ ହରିଜନ। ଖବରରୁ ଜଣାପଡେ ଯେ ମଧୁ ରାସ୍ତାକଡରେ ଚାଲି ଚାଲି ଘରକୁ ଯାଉଥିଲେ। ସେହି ସମୟରେ ପଟାଙ୍ଗ ପଡା ନିଜ ସମୁଦି ଘରୁ ଫେରୁଥିବା ସମୟରେ ମ.ରାମପୁର ବ୍ଲକ ନୁନପୁର ଗ୍ରାମର ବାଇକ୍ ଚାଳକ କରୁଣାକର ବିଭାର ବାଇକ୍ ଧକ୍କା ଦେବାରୁ ଘଟଣାସ୍ଥଳରେ ମଧୁଙ୍କ ମୃତ୍ୟୁ ଘଟିଛି। ଖବର ପାଇ ନର୍ଲା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣା ଅନୁଧାନ ପରେ ବାଇକ ଚାଳକଙ୍କୁ ଗିରଫ କରିବା ସହ ବାଇକ (ନଂ. ଓଡି୦୮ଏଫ-୩୫୫୭) ଜବତ କରି ଥାନାକୁ ଆଣିଥିଲେ। ପୋଲିସ ମୃତଦେହ ଜବତ କରି ଡାକ୍ତରୀ ମାଇନା ପାଇଁ ମ.ରାମପୁର ଡାକ୍ତରଖାନାକୁ ପଠାଇଥିଲା। ଗାଡି ଚଳକଙ୍କୁ ପଚାରିବାରୁ ସାମ୍ନାପଟରୁ ଏକ ବୋଲେରୋ ଆସୁଥିବା ବେଳେ ମୁହଁରେ ଖୀପ୍ର ଆଲୁଅ ପଡିବାରୁ ସାଇଡ ଦେବାବେଳେ ବୃଦ୍ଧଙ୍କୁ ଦେଖି ନ ପାରି ଗାଡି ଚଢି ଯାଇଥିବା ବୋଲି କହିଥିଲେ।

### ହାଇଦ୍ରାବାଦ ଟ୍ରେନ୍ ଲାଇନରୁ ଦାଦନଙ୍କ ମୃତଦେହ ଜବତ

କୋକସରା,୧୦।୩(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଖୁଣ୍ଟିଆ ପଞ୍ଚାୟତ ଖୁଣ୍ଟିଆ ଗ୍ରାମର ଜଣେ ଦାଦନ ଶ୍ରମିକଙ୍କ ମୃତଦେହ ହାଇଦ୍ରାବାଦ ନିକଟ ଟ୍ରେନ ଲାଇନରୁ ସ୍ଥାନୀୟ ଜିଆରପି ପୋଲିସ ଜବତ କରିଛି। ମୃତକ


ଯୁବକଙ୍କ ଫାଇଲ ଫଟୋ।

ହେଲେ ଖୁଣ୍ଟିଆ ଗ୍ରାମର ଦେବାନନ୍ଦ ପୂଝାରୀ (୨୭)। ଦେବାନନ୍ଦ ଗତ ୨ ମାସ ତଳେ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିଲେ। ଗୁରୁବାର ସନ୍ଧ୍ୟାରେ ହାଇଦ୍ରାବାଦ ନିକଟ ଟ୍ରେନ ଲାଇନରେ ଯୁବକଙ୍କ କ୍ଷତାକ୍ତ ମୃତଦେହ ପଡି ରହିଥିବା ଖବର ପାଇ ସ୍ଥାନୀୟ ଜିଆରପି ପୋଲିସ ଜବତ କରି କରିଥିବା ଜଣାପଡିଛି। ମୃତ ଯୁବକ ନିକଟରେ ଥିବା ଆଧାର ଓ ପାନ କାର୍ଡରୁ ପରିଚୟ ପାଇ ପରିବାରକୁ ଫୋନ ଯୋଗେ ସୂଚନା ଦେଇଥିଲେ ଜିଆରପି ପୋଲିସ। ଯୁବକ ଜଣକ ହେଉଛନ୍ତି କଳାହାଣ୍ଡି ଜିଲା କୋକସରା ବ୍ଲକ ଖୁଣ୍ଟିଆ ଗ୍ରାମର ଦେବାନନ୍ଦ ପୂଝାରି ବୟସ ୨୭ ବୋଲି ଜଣାପଡିଛି। ତେବେ କେଉଁ ପରିସ୍ଥିତିରେ ଯୁବକର ମୃତ୍ୟୁ ହୋଇଛି ତାହା ଅସ୍ପଷ୍ଟ ରହିଛି। ଜୁଆନ ପୁଅର ମୃତ ଖବର ଶୁଣି ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡିଛନ୍ତି। ତେବେ ଖବର ମିଳିବା ପରେ ପରିବାର ଲୋକେ ଶବ ଚିହ୍ନଟ ଓ ଆଣିବାକୁ ହାଇଦ୍ରାବାଦ ଯାଇଥିବା ଜଣାପଡିଛି।

### ଲାଞ୍ଜିଗଡ଼ ବ୍ଲକରେ ୨ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ

ଲାଞ୍ଜିଗଡ଼,୧୦।୩(ଡି.ଏନ.ଏ.): କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ସଞ୍ଜୀବ କୁମାର ନାଏକଙ୍କ ଅବସର ପରେ ବ୍ଲକର ଶିକ୍ଷା ବିଭାଗରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ସମେତ ଅତିରିକ୍ତ ଶିକ୍ଷାଧିକାରୀ ପଦବୀ ମଧ ଖାଲି ପଡ଼ିଥିଲା। ଏପରିସ୍ଥଳେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପଦ୍ମଲୋଚନ ସୁନା ଦାୟିତ୍ୱ ତୁଲାଇ ଆସୁଥିଲେ। ଜିଲା ଶିକ୍ଷା ବିଭାଗ ପକ୍ଷରୁ ଭବାନୀପାଟଣା ଗୋଷ୍ଠୀ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା ଭବାନୀପାଟଣା ସରକାରୀ ବାଳିକା ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁନନ୍ଦା ପଣ୍ଡାଙ୍କୁ ଲାଞ୍ଜିଗଡ଼ ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ଖାଲି ପଡ଼ିଥିବା ୨ଟି ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପଦବୀରେ ସୁଢ଼ଳଦେବ ମୁଣ୍ଡ ଓ ଦ୍ରୋଣ ରଣାଙ୍କୁ ପଦୋନ୍ନତି ସହିତ ଲାଞ୍ଜିଗଡ଼ ବ୍ଲକରେ ନିଯୁକ୍ତି ମିଳିଛି। ଶୁକ୍ରବାର ଦୁଇଜଣ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲାଞ୍ଜିଗଡ଼ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଯୋଗଦେଇଛନ୍ତି। ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟରେ ଯୋଗଦେବା ପରେ ସମସ୍ତ କର୍ମଚାରୀଙ୍କ ସମେତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଉଭୟଙ୍କୁ ସ୍ୱାଗତ କରିଥିଲେ। ସେହିପରି ବ୍ଲକ ଏକ୍ସକ୍ୟାଡ଼ର ଶିକ୍ଷକ ସଂଘ ପକ୍ଷରୁ ୨ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ସ୍ୱାଗତ କରିଥିଲେ। ଏକ୍ସ କ୍ୟାଡ଼ର ଶିକ୍ଷକ ସଂଘ ପକ୍ଷରୁ ସଭାପତି ଦିଲୀପ ପରିଛା, ଉପସଭାପତି ଥବିର ଦୋରା, ସମ୍ପାଦକ ଦାମୋଦର ସା, କୋଷାଧକ୍ଷ ରଞ୍ଜିତ ରାୟ, ସହକୋଷାଧକ୍ଷ ତପନ କୁମାର ସାମଲ, ସଦସ୍ୟ କ୍ଷୀରସିନ୍ଧୁ ସାହୁ, ଗୌତମ ଦଣ୍ଡସେନା, ଶୋଭାବନ ଛତର, ଲୋକନାଥ ହରିଜନ, ବିଶିକେଶନ ଦୋରା, ବୈଷ୍ଣବ ବାଗଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ୧୩୬ କେନ୍ଦ୍ରରେ ପରୀକ୍ଷା ଦେଲେ ୨୦ ହଜାର ୬୫୫

**କଳାହାଣ୍ଡି ଜିଲା: ମାଟ୍ରିକ ସମ୍ମେଟିଭ-୨ ପରୀକ୍ଷା**

**■ପ୍ରଥମ ଦିନରେ ୭୬୬ ଛାତ୍ରୀଛାତ୍ର ଅନୁପସ୍ଥିତ**

ଭବାନୀପାଟଣା/ କେସିଙ୍ଗା, ୧୦।୩(ସ୍ୱ.ପ୍ର./ ଡି.ଏନ.ଏ.)

ଚଳିତବର୍ଷ ଶିକ୍ଷାବର୍ଷର ଦଶମ ଶ୍ରେଣୀ ସମ୍ମେଟିଭ-୨ ପରୀକ୍ଷା ଶୁକ୍ରବାରରୁ ଆରମ୍ଭ ହୋଇଯାଇଛି। ଏପରିସ୍ଥଳେ କଳାହାଣ୍ଡି ଜିଲାରେ ୩୪୨ଟି ହାଇସ୍କୁଲରୁ ଚଳିତବର୍ଷ ୧୩୬ଟି ପରୀକ୍ଷା କେନ୍ଦ୍ର ହୋଇଛି। ପ୍ରଥମ ଦିନରେ ୨୧ ହଜାର ୪୨୧ଜଣ ପରୀକ୍ଷା ଦେବାକୁ ଥିବାବେଳେ ସେଥିମଧ୍ୟରୁ ୨୦ହଜାର ୬୫୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି। ଏଥିରେ ନିୟମିତ, ଏକ୍ସରେଗୁଲାର ଓ କରେସପଣ୍ଡେନ୍ସ ଛାତ୍ରୀଛାତ୍ର ରହିଛନ୍ତି। ପ୍ରଥମ ଦିନରେ ୭୬୬ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିଲେ। ପ୍ରଥମ ଦିନରେ ସାହିତ୍ୟ ଓଡ଼ିଆ ଭାଷା ହୋଇଥିବାବେଳେ ଏହା ସକାଳୁ ୮ଟାରୁ ୧୦ଟା ପର୍ଯ୍ୟନ୍ତ ପରୀକ୍ଷା ହୋଇଥିଲା। କପି ରୋକିବା ପାଇଁ ଜିଲା ଶିକ୍ଷାଅଧିକାରୀଙ୍କ ପକ୍ଷରୁ ୩ଟି ଟିମ ଓ ସ୍ୱତନ୍ତ୍ର ସ୍କ୍ୱାର୍ଡ ପ୍ରମୁଖ ପରିଦର୍ଶନ କରିଥିଲେ। ମାର୍ଚ୍ଚ ୨୦ ପର୍ଯ୍ୟନ୍ତ ପରୀକ୍ଷା ଚାଲିବ। ପ୍ରଥମ ଦିନରେ ପରୀକ୍ଷା ଦେଇ ହଲରୁ ବାହାରିବା ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା।


ପ୍ରଥମ ଦିନ ପରୀକ୍ଷା ଦେଇ ହଲରୁ ବାହାରିବା ପରେ ଛାତ୍ରୀମାନେ ଆଲୋଚନା କରୁଛନ୍ତି।

### କେସିଙ୍ଗା ବ୍ଲକ: ୧୨ କେନ୍ଦ୍ରରେ ୧୯୪୭ ଛାତ୍ରୀଛାତ୍ର

ରାଜ୍ୟରେ ଚଳିତ ଶିକ୍ଷାବର୍ଷର ଦଶମ ଶ୍ରେଣୀ ସମ୍ମେଟିଭ-୨ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହା ଆସନ୍ତା ମାର୍ଚ୍ଚ ୨୦ରେ ଶେଷ ହେବ। ଏହି ପରିପ୍ରେକ୍ଷୀରେ କେସିଙ୍ଗା ବ୍ଲକ ୩୩ଟି ହାଇସ୍କୁଲର ୧୯୪୭ଜଣ ଛାତ୍ରୀଛାତ୍ର ୧୨ଟି କେନ୍ଦ୍ରରେ ପରୀକ୍ଷା ଦେଉଥିବା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି। ସର୍ବମୋଟ ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରଙ୍କ ମଧ୍ୟରେ କେସିଙ୍ଗା ବିଦ୍ୟାପୀଠ କେନ୍ଦ୍ରରେ ୨୦୨ଜଣ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ୧୮୦ଜଣ ଓ ସରସତୀ ଶିଶୁ ବିଦ୍ୟା ମନ୍ଦିରରେ ୨୩୨ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। ସେହିପରି ଉତ୍କେଲା ଚାଚା ନେହେରୁ ଉଚ୍ଚ ବିଦ୍ୟାଳୟରେ ୧୮୪ଜଣ, ରାଜୀବ ଜି ଗାଈଗା ହାଇସ୍କୁଲରେ ୯୭ଜଣ, ପାଷ୍ଟିକୁଡି ଏସଏସଡି କେନ୍ଦ୍ରରେ ୧୭୮ଜଣ, ଫଟକାମାଲ ନେତାଜୀ ହାଇସ୍କୁଲରେ ୧୬୮ଜଣ, କାଣ୍ଡେଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୧୪ଜଣ, ଜବାହର ଉଚ୍ଚ ବିଦ୍ୟାପୀଠ ବାଲସି (କ)ରେ ୧୨୦ଜଣ, କଣ୍ଡପଡା ଜନତା ହାଇସ୍କୁଲରେ ୧୫୭ ଜଣ, ତୁଣ୍ଡଲା ହାଇସ୍କୁଲରେ ୧୪୬ଜଣ ଓ ଘାସିରାମ ଦୋରା ହାଇସ୍କୁଲ ବେଲଖଣ୍ଡି କେନ୍ଦ୍ରରେ ୧୭୬ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଉଥିବା ଶିକ୍ଷା ବିଭାଗ ପକ୍ଷରୁ ସୂଚନା ମିଳିଛି।

## ଜିଲାର ଅଧିକାଂଶ ଜଙ୍ଗଲରେ ଲାଗିଛି ନିଆଁ


ଜଙ୍ଗଲ ଜଳୁଛି।

ନୂଆପଡ଼ା ଅଫିସ,୧୦।୩

ନୂଆପଡା ଜିଲାର ଅଧିକାଂଶ ଜଙ୍ଗଲରେ ନିଆଁ ଲାଗିଥିବା ଅଭିଯୋଗ ହେଉଛି। ଜିଲାର ବଡପାହାଡ ବୋଲି କୁହାଯାଉଥିବା ଗୋଡା ପାହାଡ, ନୂଆପଡା ଓ ବଲାଙ୍ଗୀର ଜିଲା ମଧ୍ୟ ଭାବେ ଅବସ୍ଥାପିତ ଚାନ୍ଦେଲ ପାହାଡ, ତରବୋଡଠାରୁ ବଲାଙ୍ଗୀରକୁ ସଂଯୋଗ କରୁଥିବା ଉଭୟ ପାର୍ଶ୍ୱ ରାସ୍ତାର ଭାଲୁଡୋଙ୍ଗରୀ, ବୁଢାରଜା ଜଙ୍ଗଲ, ଲଙ୍କେଶ୍ୱରୀ ଜଙ୍ଗଲ, ୩୫୩ ନମ୍ବର ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଘାଟିପଡା ଜଙ୍ଗଲ, ମେଣ୍ଡାଟାଲ, ଶୁକ୍ଲିମୁଣ୍ଡି, ବାବୁପାଲି, ମଖାପଦର ଅଞ୍ଚଳରେ ଥିବା ନିଶାନି ଓ ରାଣୀ ଡୋଙ୍ଗରୀ ଜଙ୍ଗଲ, ଘୋଡା ପାହାଡ ପାଦ ଦେଶରେ ଥିବା ସିଲେଟପାଣି, ବେଲରଦନା, ସିଆଲଲଟି ଜଙ୍ଗଲ, ବୁଟିବାହାଲି ଜଙ୍ଗଲ ସହ ବନ ବିଭାଗ ଦ୍ୱାରା କରାଯାଇଥିବା ସଂରକ୍ଷିତ ଗ୍ରାମ୍ୟ ଜଙ୍ଗଲ ସବୁ ନିଆଁ ଲାଗି ନଷ୍ଟ ହୋଇସାରିଲାଣି। ଜଙ୍ଗଲ ବିଭାଗ ଖାମ ଖିଆଲି ମନୋଭାବ, ସଚେତନତା ଅଭାବ ଓ ଆବଶ୍ୟକ ସରଞ୍ଜାମ ନ ଥିବାରୁ ଜଙ୍ଗଲରେ ନିଆଁ ଲାଗି ସର୍ବ ସ୍ୱାହା ହେଉଥିବା ବରିଷ୍ଠ ଭାଜପା ନେତା ଯଦୁମଣୀ ପାଣିଗ୍ରାହୀ ଅଭିଯୋଗ କରିଛନ୍ତି। ସେହିପରି ପ୍ରକୃତି ବନ୍ଧୁ ଅରୁଣ ବିଶ୍ୱାଳ ବିଭାଗୀୟ କର୍ମଚାରୀଙ୍କ ଅବହେଳା ଯୋଗୁ ପ୍ରକୃତିର ଦୃଶ୍ୟ ନଷ୍ଟ ହେବା ସହ ବନ୍ୟଜନ୍ତୁମାନେ ବାସହରା ହୋଇ ଗାଁ ମୁହାଁ ହୋଇ ଶିକାରୀଙ୍କ ଶିକାର ହୋଇଥିବା ବେଳେ ବନ୍ୟଜନ୍ତୁର ଶିକାର ମଧ୍ୟ ସାଧାରଣ ଲୋକେ ହେଉଛନ୍ତି ବୋଲି ପ୍ରକାଶ କରିଛନ୍ତି।

## ଭାଗବତ ପାରାୟଣ ଉଦ୍‌ଘାଟିତ

ବୋଡେନ,୧୦।୩(ଡି.ଏନ.ଏ.)

ନୂଆପଡ଼ା ଜିଲା ବୋଡେନ ବ୍ଲକ ଲିଟିସର୍ଗିଠାରେ ନଅ ଦିନ ବ୍ୟାପି ଭାଗବତ ପୁରାଣ ପଠନ ଓ ସତ୍‌ସଙ୍ଗ ପ୍ରବଚନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ଗୁରୁବାରରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୧୭ ତାରିଖ ପଯ୍ୟନ୍ତ ଚାଲିବ। ପ୍ରତ୍ୟହ ସନ୍ଧ୍ୟା ୭ରୁ ରାତି ୧୧ଟା ପର୍ଯ୍ୟନ୍ତ ଭାଗବତ ଭାସ୍କର ପରୀକ୍ଷିତ ଜୀ ମହାରାଜଙ୍କ ଦ୍ୱାରା ପ୍ରବଚନ, ବଲାଙ୍ଗୀର ଜିଲା ବେଲପଡାରୁ ଲକ୍ଷ୍ମୀକାନ୍ତ ମିଶ୍ର ବ୍ୟାସ ଭାବେ ଯୋଗଦାନ କରି ଭାଗବତ ପୁରାଣ ପଠନ ପରିଚାଳନା କରୁଛନ୍ତି। ଶ୍ରୀବତ୍ସ ସୁପକାର ଓ ଦିନେଶ ପଣ୍ଡା ପୂଜକ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ବେଳେ ମୁଖ୍ୟ କର୍ତ୍ତା ଭାବେ ପ୍ରଦୀପ କୁମାର ପଣ୍ଡା ଓ ବିନୋଦିନୀ ପଣ୍ଡା ଦାୟିତ୍ୱ ନିର୍ବାହ କରୁଛନ୍ତି। କାର୍ଯ୍ୟକ୍ରମରେ ରମେଶ ପଣ୍ଡା, ରାଜକିଶୋର ବାଗ, ଅର୍ଜୁନଜୟ ପଣ୍ଡା, ପ୍ରଜାପତି ବାଗ, ବଳରାମ ବାଗ, ପ୍ରଦୀପ ପଣ୍ଡା, ସର୍ବଜ୍ଞ ପଣ୍ଡା, ବିଷ୍ଣୁପତି ବାଗ, ଲକ୍ଷ୍ମୀନାରାୟଣ ପଣ୍ଡା, ଲଛମନ ଜାଲ, ଲକ୍ଷ୍ମଣ ଜାଲ, ଗୁରୁଜୁ ହଂସ, ଦିନନାଥ ନାଗ, ହରିପ୍ରସାଦ ପଣ୍ଡା, ପରମେଶ୍ୱର ବାଗ, ନରେନ୍ଦ୍ର ବଛା, ଦିଗାମ୍ବର ବଛା, ଜୟଶଙ୍କର ବାଗ, ଚିନ୍ତାମଣୀ ନିଆଲ, ତ୍ରିନାଥ ବାଗ, ଦେବ ଖର୍ସେଲ କ୍ଷିରସାଗର କାଣ୍ଡ, ଛବି ଜାଲ ପ୍ରମୁଖ ୩୦ଜଣ ବ୍ରତି ହୋଇଛନ୍ତି। ସନ୍ଧ୍ୟାରେ ଭାଗବତ ଭାସ୍କରଙ୍କ ପ୍ରବଚନ ଶୁଣିବାକୁ ପ୍ରବଳ ଭିଡ଼ ଜମୁଛି।

## ପାରିବାରିକ କଳହ ନେଇ ମହିଳାଙ୍କ ଆତ୍ମହତ୍ୟା, ସ୍ୱାମୀ ଅଟକ

ଭବାନୀପାଟଣା,୧୦।୩(ସ୍ୱ.ପ୍ର.)

**ହତ୍ୟା ଅଭିଯୋଗ ଆଣିଲେ ମହିଳାଙ୍କ ପରିବାର**

କଳାହାଣ୍ଡି ଜିଲା ଭବାନୀପାଟଣା ସଦର ଥାନା ଅନ୍ତର୍ଗତ କାଦୋପଦର ଗ୍ରାମରେ ଶୁକ୍ରବାର ଜଣେ ବିବାହିତା ମହିଳା ପାରିବାରିକ କଳହ ନେଇ ଆତ୍ମହତ୍ୟା କରିଥିବା ସ୍ଥାନୀୟ ପୋଲିସଠାରୁ ଜଣାପଡିଛି। ମୃତା ମହିଳାଙ୍କ ନାମ ଅମ୍ବିକା ଗହୀର (୨୨)। ଖବର ପାଇ ସଦର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଡାକ୍ତରଖାନା ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହ ପୋଲିସ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲା। ଅନ୍ୟପଟେ ମୃତା ମହିଳାଙ୍କ ପରିବାରବର୍ଗ ଏହା ଆତ୍ମହତ୍ୟା ନୁହେଁ ବରଂ ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଅଭିଯୋଗ ଆଣିଛନ୍ତି। ଏପରିକି ଏହି ଘଟଣାରେ ଜ୍ୱାଇଁ ସାମିଲ ଥିବା ଅଭିଯୋଗ ଆଣି ସ୍ଥାନୀୟ ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ଜ୍ୱାଇଁଙ୍କୁ ଥାନାରେ ଅଟକ ରଖି ପଚରାଉଚୁରା କରୁଥିବା ଜଣାପଡିଛି।

## ବେକରେ ଗାମୁଛା ଦେଇ ଯୁବକଙ୍କ ଆତ୍ମହତ୍ୟା

କୋକସରା,୧୦।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଆମପାଣି ଥାନା ଅନ୍ତର୍ଗତ କାଉଡୋଳା ଗ୍ରାମର ଗୋବର୍ଦ୍ଧନ ମାଝି (୩୦) ଆତ୍ମହତ୍ୟା କରିଥିବା ଜଣାପଡିଛି। ପ୍ରେମରେ ବିଫଳ ହେବା ପରେ ହତାଶହୋଇ ଗୋବର୍ଦ୍ଧନ ଏଭଳି କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଗୋବର୍ଦ୍ଧନ ଜଣେ ନାବାଳିକାକୁ ଭଲ ପାଉଥିଲେ। କୌଣସି କାରଣକୁ ନେଇ ପ୍ରେମ ସମ୍ପର୍କରେ ଫାଟ ହେବାରୁ ଶୁକ୍ରବାର ସକାଳେ ଘରୁ ଗାଧେଇବାକୁ ବାହାରି ଗିରିଗୋବରର୍ଦ୍ଧ ପାହାଡ଼ ନୂଆବନ୍ଧ ପାଖ ଏକ ନିମ୍ବ ଗଛରେ ଗାମୁଛା ଲଗାଇ ଆତ୍ମହତ୍ୟା କରିଥିଲେ। ଖବର ପାଇ ଆମପାଣି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୧/୨୩) ରୁଜୁ କରି ତଦନ୍ତ ଜାରି ରହିଥିବା ପୋଲିସ ସୂଚନା ଦେଇଛି।

## ବିବାହ ଭୋଜିଖାଇ ୬ ଡାକ୍ତରଖାନାରେ ଭର୍ତ୍ତି

କୋକସରା,୧୦।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଡାଲଗୁମା ପଞ୍ଚାୟତ ଲଟାପଡା ଗ୍ରାମରେ ଗୁରୁବାର ବିବାହ ଭୋଜିଖାଇ ଗୋଟିଏ ପରିବାରର ୬ଜଣ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଛନ୍ତି। ଗୁରୁତରଙ୍କୁ ସନ୍ଧ୍ୟାରେ କୋକସରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କ ସ୍ୱାସ୍ଥ୍ୟ ସ୍ଥିର ଥିବା ଜଣାପଡିଛି। ଝାଡ଼ାବାନ୍ତିରେ ଆକ୍ରାନ୍ତମାନେ ହେଲେ ଲଟାପଡା ଗ୍ରାମର ମୋହନ ରୋଟି, ସ୍ତ୍ରୀ ଡାଲିମ୍ବ ରୋଟି, କବିତା (୧୨), ସିନ୍ଧୁକା (୮), ଆୟୁଷ (୬) ଓ ୨ବର୍ଷରୁ ଶିଶୁ ଜୁଳି। ବର୍ତ୍ତମାନ ସମସ୍ତେ କୋକସରା ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ବେଳେ ସମସ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଜଣାପଡ଼ିଛି। ଏ ନେଇ କୋକସରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ଼. ତତ୍ତ୍ୱଦର୍ଶୀ ଦାସଙ୍କ ପ୍ରତିକ୍ରିୟା ନେବାରୁ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କ ଅବସ୍ଥା ସ୍ଥିର ରହିଛି ବୋଲି କହିଛନ୍ତି।


ଡାକ୍ତରଖାନାରେ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି।

## ଚଚରାଭଟାରେ ସାପ୍ତାହିକ ହାଟ ଉଦ୍‌ଘାଟିତ

ଖଡ଼ିଆଲ,୧୦।୩(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଲ ବ୍ଲକ ଖାସବାହାଲ ଗ୍ରାମପଞ୍ଚାୟତର ଚଚରାଭଟା ଗ୍ରାମରେ ସାପ୍ତାହିକ ହାଟ ଶୁଭାରମ୍ଭ କରାଯାଇଛି। ଏହି ଗ୍ରାମକୁ ଲାଗି ବ୍ଲକର ଅନେକ ଗ୍ରାମ ଓ ବଲାଙ୍ଗୀର, କଳାହାଣ୍ଡି ଜିଲାର ଅନେକ ଗ୍ରାମ ରହିଥିବାରୁ ଚାଷୀ, ବେପାରୀ ଓ ଜନସାଧାରଣଙ୍କ ପାଇଁ ଏହି ହାଟ ଲାଭଦାୟକ ହୋଇପାରିବ ବୋଲି ଲୋକେ କହିଛନ୍ତି। ବ୍ଲକ ଅଧକ୍ଷା ପୁଷ୍ପାଞ୍ଜଳି ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲା ବେଳେ ସ୍ଥାନୀୟ ସରପଞ୍ଚ କୁନୁ ଚରଣ ବେହେରା ଯୋଗଦେଇ ଏହି ହାଟ ଦ୍ୱାରା ଏହି ଅଞ୍ଚଳର ଲୋକେ ସୁବିଧା ପାଇବା ସହ ସ୍ଥାନୀୟ ବେପାରୀମାନେ ବେପାର ବଣିଜ କରିପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ବିଡିଓ ବିରସେନ ବେହେରା ଆନୁଷଙ୍ଗିକ ସୁବିଧା ସୁଯୋଗ ବ୍ୟବସ୍ଥା ସହ ଉନ୍ନତମାନ ହାଟ ଭାବେ ଗଢିତୋଳିବେ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରତିନିଧି ଅକ୍ଷୟ ନନ୍ଦ, ବ୍ଲକ ଉପାଧକ୍ଷ ଗୌତମ ତାଣ୍ଡି, ରାନିମୁଣ୍ଡା ସରପଞ୍ଚ ତୁକାରାମ ହିଆଲ, ସାନମହେଶ୍ୱର ସରପଞ୍ଚ ଆଲ୍ଲାଦିନି ବେହେରା, ଖାସବାହାଲ ସମିତି ସଭ୍ୟ ହେମନ୍ତ ଶବର, ନାଏବ ସରପଞ୍ଚ ମିଥିଲା ହଂସ, ପୂର୍ବତନ ସରପଞ୍ଚ ସନ୍ତୋଷ ନିଆଲ, ଯୋଗେଶ୍ୱର ହଂସ ଯୋଗଦେଇଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ମେହେର ସ୍ୱାଗତ ସମ୍ଭାଷଣ କରିଥିବା ବେଳେ ହରି ଟାହାଣୀ ଧନ୍ୟବାଦ ଦେଇଥିଲେ। ଗ୍ରାମ ରୋଜଗାର ସେବକ ଜଗନ୍ନାଥ ମେହେର, ଦୟାନନ୍ଦ ମହାନନ୍ଦ, ହରି ବାଗ, ଦେ ବାଗ, ଦୁର୍ଯ୍ୟୋଧନ ହଂସ, ଜଗତ ଟାହାଣୀ, ସୁଶାନ୍ତ ନିଆଲ, ବିରଞ୍ଚି ନିଆଲ, ମନୋଜ ବେହେରା, ଦିତେନ୍ଦ୍ର ବାଗ, ବିଷ୍ଣୁ,ଅକ୍ରୁର ତେଜି ପ୍ରମୁଖ ସହଯୋଗ କରିଥିଲେ।


ସାପ୍ତାହିକ ହାଟ ଉଦ୍‌ଘାଟିତ ପରେ ଅତିଥିମାନେ ବୁଲି ଦେଖୁଛନ୍ତି।

## ତମାଖୁ ନିୟନ୍ତ୍ରଣ ସଚେତନତା କାର୍ଯ୍ୟକ୍ରମ

ବୋଡେନ,୧୦।୩(ଡି.ଏନ.ଏ.)

ନୂଆପଡ଼ା ଜିଲା ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଜାତୀୟ ସେବା ସଂସ୍ଥା ବିଜୁ ପଟ୍ଟନାୟକ ଡିଗ୍ରୀ କଲେଜ ବୋଡେନର ମିଳିତ ଆନୁକୂଲ୍ୟରେ ଡିଗ୍ରୀ କଲେଜରେ ଦିନିକିଆ ତମାଖୁ ନିୟନ୍ତ୍ରଣ ସମ୍ପର୍କିତ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅଧକ୍ଷ ଅବନୀ କୁମାର ଖମାରୀଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଡା. କିଶୋର କୁମାର କର୍ଣ୍ଣ, ଲିଙ୍ଗେଶ୍ୱର ଦାଶ, ଡାକ୍ତର ମାଝି, ମହେଶ ଜେନା ପ୍ରମୁଖ ମଞ୍ଚାସୀନ ଥିଲେ। ଜାତୀୟ ସେବା ସଂସ୍ଥା କାର୍ଯ୍ୟକ୍ରମ ଅଧିକାରୀ ଡା କିଶୋର କୁମାର କର୍ଣ୍ଣ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ ଲିଙ୍ଗେଶ୍ୱର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଅଧାପକ ଅଧାପିକା ଓ ଛାତ୍ରୀଛାତ୍ର ଯୋଗଦେଇ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ। ଜାତୀୟ ସେବା ସଂସ୍ଥା ସ୍ୱେଚ୍ଛାସେବୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ।

# ସରିଲା ଭିଜିଲାନ୍ସର ୨ ଦିନିଆ ରିମାଣ୍ଡ

ଭବାନୀପାଟଣା,୧୦।୩(ସ୍ୱ.ପ୍ର.)

**ବିଇଓ ଅଫିସ ଟଙ୍କା ହଡ଼ପ ଘଟଣା**

**■ପୁଣି ଜେଲ ଗଲେ ଶୁଚିସ୍ମିତା**

କଳାହାଣ୍ଡି ଜିଲା ଭବାନୀପାଟଣା ବିଇଓ ଅଫିସ ଏକ୍ସକ୍ୟାଡ଼ର ଶିକ୍ଷକଙ୍କ ଦରମା ଓ ଅନ୍ୟାନ୍ୟ ବାବଦ ଲକ୍ଷାଧିକ ଟଙ୍କା ହଡ଼ପ ଘଟଣାର ମୁଖ୍ୟ ଅଭିଯୁକ୍ତ ଆକାଉଣ୍ଟାଣ୍ଟ ଶୁଚିସ୍ମିତା ସୁଆରଙ୍କୁ ଗୁରୁବାରଠାରୁ ୨ଦିନିଆ ରିମାଣ୍ଡରେ ନେଇଥିଲା କଳାହାଣ୍ଡି ଭିଜିଲାନ୍ସ ବିଭାଗ। ଶୁକ୍ରବାର ରିମାଣ୍ଡ ଶେଷ ହେବା ପରେ ପୁଣି ଜେଲ ଯାଇଛନ୍ତି ଅଭିଯୁକ୍ତ ଶୁଚିସ୍ମିତା। ଅଭିଯୁକ୍ତ ସୁଆରଙ୍କୁ ଭିଜିଲାନ୍ସ କାର୍ଯ୍ୟାଳୟରେ ରିମାଣ୍ଡ ସମୟରେ ବିଭିନ୍ନ ଦିଗ ନେଇ ଜେରା କରାଯାଇଛି। ଅନେକ ବଡ଼ବଡ଼ ଅଧିକାରୀ ଏହି ଅର୍ଥ ଆତ୍ମସାତ ମାମଲାରେ ଜଡିତ ଥିବା ସନ୍ଦେହ କରାଯାଉଥିବା ବେଳେ ଅଭିଯୁକ୍ତ ଅଧିକାରୀଙ୍କ ଏକ ଲମ୍ବା ତାଲିକା ଭିଜିଲାନ୍ସକୁ ଦେଇଥିବା ଜଣାପଡିଛି। ସୁଚିସ୍ମିତାଙ୍କୁ ଜେରା କରିବା ପରେ ଅପରାହ୍ନରେ ତାଙ୍କର


ଶୁଚିସ୍ମିତା ସୁଆର

ଭବାନୀପାଟଣା ଇରିଗେଶନ କଲୋନୀ ୧୫ ନଂ ଲାଇନରେ ଥିବା ୪ମହଲା କୋଠା ଘରେ ଯାଞ୍ଚ କରାଯାଇଥିଲା। ପୂର୍ବରୁ ଭିଜିଲାନ୍ସ ବିଭାଗ ଉକ୍ତ କୋଠା ସିଲ କରିଥିଲା। ଭିଜିଲାନ୍ସ ବିଭାଗ ଡିଏସପି ସଦାନନ୍ଦ ପାଣିଙ୍କ ନେତୃତ୍ୱରେ ଏକ ଟିମ ଅଭିଯୁକ୍ତଙ୍କ ମା'ଙ୍କ ଉପସ୍ଥିତିରେ ସିଲ ଖୋଲି ଘର ଛାନଭିନ କରିଥିଲା। ଭିଜିଲାନ୍ସ ଟିମ ପଶିବା ପୂର୍ବରୁ ଘରେ କେହି ବିଭିନ୍ନ ସାମଗ୍ରୀ ଫିଙ୍ଗା ଫୋପଡା କରିଥିବା ଦେଖିବାକୁ ମିଳିଥିଲା। ତେବେ ଘର ଆଲମିରାରୁ ଶୁଚିସ୍ମିତା ଓ ତାଙ୍କ ମା'ଙ୍କ ନାମରେ ଥିବା ବ୍ୟାଙ୍କ ଜମାଖାତା ଓ ଖଟ ତଳୁ କ୍ୟାସ ବୁକ, ଚେକବୁକ ସହ ଅନେକ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଭିଜିଲାନ୍ସ ବିଭାଗ ହାତରେ ଲାଗିଥିବା ଜଣାପଡିଛି। ଏ ସଂକ୍ରାନ୍ତରେ ଭିଜିଲାନ୍ସ ଡିଏସପି ସଦାନନ୍ଦ ପାଣିଙ୍କୁ ପଚରାଯିବାରୁ ସେ କହିଛନ୍ତି, ଅଭିଯୁକ୍ତଙ୍କୁ ଦୁଇ ଦିନିଆ ରିମାଣ୍ଡରେ ନିଆଯାଇଥିଲା। ତାଙ୍କ ନାଁରେ ବିଇଓ କାର୍ଯ୍ୟାଳୟର ୨ କୋଟି ୫୬ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗର ତଦନ୍ତ ଜାରି ରହିଛି ବୋଲି କହିଥିଲେ। ସୂଚନା ଯୋଗ୍ୟ ଯେ, ଭବାନୀପାଟଣା ବିଇଓ ଅଫିସ ଆକାଉଣ୍ଟାଣ୍ଟ ସୁଚିସ୍ମିତା ଏକ୍ସକ୍ୟାଡର ଶିକ୍ଷକଙ୍କ ଦରମା ଓ ଅନ୍ୟାନ୍ୟ ସରକାରୀ ଅର୍ଥ ନିଜ ଆକାଉଣ୍ଟକୁ ଟ୍ରାନ୍ସଫର କରି ଆତ୍ମସାତ କରିଥିବା ଅଭିଯୋଗ ହୋଇଥିଲା। ଭବାନୀପାଟଣା ଟାଉନ ଥାନାରେ ସ୍ଥାନୀୟ ବିଇଓ ଅଭିଯୋଗ ପରେ ଗିରଫ ଭୟରେ ୨୦୨୨ ଅକ୍ଟୋବର ୬ରେ ଶୁଚିସ୍ମିତା ଫେରାର୍ ହୋଇଯାଇଥିଲେ। ପରବର୍ତ୍ତୀ ସମୟରେ ଜିଲା ଶିକ୍ଷା ବିଭାଗ ଥାନାରେ ଅଭିଯୋଗ କରିଥିଲା। ଏହି ଘଟଣାରେ ଭିଜିଲାନ୍ସ ବିଭାଗ ନିଜ ଆଡୁ ମାମଲା ରୁଜୁ କରି ଶିକ୍ଷା ବିଭାଗର ଜଣଙ୍କ ପରେ ଜଣେ ଅଧିକାରୀଙ୍କୁ ଜେରା କରିଥିଲା। ଦୀର୍ଘ ୫ ମାସ ପରେ ଗତ ମାସରେ ଶୁଚିସ୍ମିତା ଭବାନୀପାଟଣା ଏସ୍‌ଡିଜେଏମ୍ କୋର୍ଟରେ ଆତ୍ମସମର୍ପଣ କରିଥିଲେ।

# ବୀରମହାରାଜପୁରରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**ଅମରପାଲି, ୧୦।୩(ଡି.ଏନ.ଏ.)**


ବୀରମହାରାଜପୁରରେ ପୋଲିସର ଫ୍ଲାଗ୍‌ମାର୍ଚ୍ଚ।

ବୀରମହାରାଜପୁର ସହରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଶୁକ୍ରବାର ସନ୍ଧ୍ୟାରେ ପୋଲିସ ତରଫରୁ ୨ ପ୍ଲାଟୁନ ଫୋର୍ସକୁ ନେଇ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ଏହାସହିତ ଅଘଟଣ ନ ଘଟିବା ପାଇଁ ଦୋକାନ ବଜାର ସନ୍ଧ୍ୟା ୮ ଟାରୁ ବନ୍ଦ ପାଇଁ ବ୍ୟବସାୟୀମାନଙ୍କୁ ପ୍ରଶାସନ ନିର୍ଦ୍ଦେଶ ଜାରି କରିଛି। ପ୍ରକାଶ ଯେ, ସୋନପୁର ଜିଲା ବୀରମହାରାଜପୁର ସହରରେ ଆୟୋଜିତ ହୋଇଥିବା ପ୍ରସିଦ୍ଧ ଫଗୁନ ପୁନି ଯାତ୍ରାର ହରିହର ଭେଟଘାଟ ସମୟରେ କୌଣସି କାରଣରୁ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଏବଂ ମାରପିଟ ହୋଇଥିଲା। ଉକ୍ତ ଘଟଣାକୁ ନେଇ ଗୁରୁବାର ମିନାବଜାର ନିକଟରେ ପୁଣି ଉଭୟ ଗୋଷ୍ଠୀ ମଧ୍ୟରେ ଝଗଡା ଆରମ୍ଭ ହୋଇ ଉଗ୍ରରୂପ ନେଇଥିଲା। ଏହାକୁ ନେଇ ସହରରେ ଉତ୍ତେଜନା ଦେଖାଦେଇଥିବା ବେଳେ ପରିସ୍ଥିତିକୁ ଦେଖି ପୋଲିସ ପ୍ରଶାସନ ତରଫରୁ ଏକଜକ୍ୟୁଟିଭ ମାଜିଷ୍ଟ୍ରେଟ ଅତିରିକ୍ତ ତହସିଲଦାର ସ୍ୱାଗତ ପଣ୍ଡାଙ୍କ ଉପସ୍ଥିତିରେ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ସହରରେ ଫ୍ଲାଗମାର୍ଚ୍ଚ କରିଛି। ବୀରମହାରାଜପୁର ଥାନା ଅଧିକାରିଣୀ ପଦ୍ମାସିନୀ ମେହେରଙ୍କ ନେତୃତ୍ୱରେ ଫ୍ଲାଗମାର୍ଚ୍ଚ କରାଯାଇଥିଲା।

# ୮୭୩୯ ଛାତ୍ରୀଛାତ୍ର ପରୀକ୍ଷା ଦେଲେ, ୨୦୬ ଅନୁପସ୍ଥିତ

**ସୋନପୁର, ୧୦।୩(ନି.ପ୍ର.)**

**ସୁବର୍ଣ୍ଣପୁର ଜିଲା: ମାଟ୍ରିକ ସମ୍ମେଟିଭ-୨ ପରୀକ୍ଷା**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ମାଟ୍ରିକ୍ ସମ୍ମେଟିଭ-୨ ପରୀକ୍ଷା ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ପରୀକ୍ଷାର ପ୍ରଥମ ଦିନ ଓଡିଆ ଭାଷା ପରୀକ୍ଷା ଥିଲା। ମାଟ୍ରିକ ପରୀକ୍ଷା ପାଇଁ ସୁବର୍ଣ୍ଣପୁର ଜିଲାରେ ଚଳିତବର୍ଷ ୮ହଜାର ୯୪୫ଜଣ ରେଗୁଲାର ଓ ଏକ୍ସ ରେଗୁଲାର ପିଲା ଫର୍ମ ପୂରଣ କରିଥିଲେ। ତେବେ ଶୁକ୍ରବାର ୮୭୩୯ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିବା ବେଳେ ୨୦୬ ଜଣ କୌଣସି କାରଣରୁ ଅନୁପସ୍ଥିତ ଥିବା ଜିଲା ଶିକ୍ଷା ବିଭାଗ ସୂତ୍ରରୁ ଜଣାପଡିଛି। ସେହିପରି ଷ୍ଟେଟ୍ ଇନଷ୍ଟିଚ୍ୟୁଟ ଅଫ ଓପନ ସ୍କୁଲିଂ(ଏସଆଇଓଏସ) ପକ୍ଷରୁ ୬୧ ଜଣ ପରୀକ୍ଷା ଦେବା ପାଇଁ ଫର୍ମ ପୂରଣ କରିଥିଲେ। ତେବେ ସେଥି ମଧ୍ୟରୁ ୫୮ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ସଂସ୍କୃତ ସ୍କୁଲରେ ପଢୁଥିବା ୬୯ ଜଣ ଛାତ୍ରୀଛାତ୍ର ମଧ୍ୟମା ପରୀକ୍ଷା ଦେବାକୁ ଥିବା ବେଳେ ୬୭ ପରୀକ୍ଷାର୍ଥୀ ପରୀକ୍ଷା ଦେଇଛନ୍ତି। ବୋର୍ଡର ନିର୍ଦ୍ଦେଶ ଅନୁଯାୟୀ ପ୍ରଥମ ଦିନର ପରୀକ୍ଷା ପାଇଁ ସମସ୍ତ ପରୀକ୍ଷାର୍ଥୀ ମାନେ ୧ ଘଣ୍ଟା ପୂର୍ବରୁ ପରୀକ୍ଷା କେନ୍ଦ୍ରରେ ପହଞ୍ଚି ଥିଲେ। କପି ରୋକିବା ପାଇଁ ୩ଟି ସ୍କ୍ୱାଡ୍ ଜିଲାର ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲିଥିଲେ। ଶାନ୍ତିଶୃଙ୍ଖଳାର ସହ ପ୍ରଥମ ଦିନର ପରୀକ୍ଷା ସରିଛି। ୬୫ଟି ସରକାରୀ ସ୍କୁଲକୁ ମିଶାଇ ସୁବର୍ଣ୍ଣପୁର ଜିଲାର ମୋଟ ୧୨୬ଟି ସ୍କୁଲ ପିଲାଙ୍କ ପାଇଁ ୪୮ଟି ପରୀକ୍ଷା କେନ୍ଦ୍ର ରହିଛି। ପ୍ରଶ୍ନପତ୍ର ରଖିବା ପାଇଁ ଜିଲାରେ ମୋଟ ୭ଟି ନୋଡାଲ ସେଣ୍ଟର କରାଯାଇଛି। ପରୀକ୍ଷା ଆରମ୍ଭ ହେବା ପୂର୍ବରୁ ସମସ୍ତ ପରୀକ୍ଷା କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚିଥିଲା। ଏଥିପାଇଁ ୧୫ଟି ଡେସପାଚ୍ ଟିମ ଓ ପ୍ରତି ନୋଡାଲ ସେଣ୍ଟର ପାଇଁ ଜଣେ ଲେଖାଏ ପଏଣ୍ଟ ଅଫିସର ନିଯୁକ୍ତ ଥିଲେ।

# ତମାଖୁ ନିୟନ୍ତ୍ରଣ ନେଇ ତାଲିମ କାର୍ଯ୍ୟକ୍ରମ

**ଡୁଙ୍ଗୁରିପାଲି, ୧୦।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାତୃ ଓ ଶିଶୁକେନ୍ଦ୍ରର ସମ୍ମିଳନୀ କକ୍ଷଠାରେ ଶୁକ୍ରବାର ବ୍ଲକର ଜନ ପ୍ରତିନିଧିଙ୍କ ତମାଖୁ ନିୟନ୍ତ୍ରଣକୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଅଧୀକ୍ଷକ କିରନପ୍ରଭା ଡୁଙ୍ଗଡୁଙ୍ଗ ଜାତୀୟ ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ନାରାୟଣ ମେହେର ତମାଖୁ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ଜନପ୍ରତିନିଧିଙ୍କ ଦାୟିତ୍ୱ ବିଷୟରେ ଆଲୋଚନା କରିଥିଲେ । ସୁବର୍ଣ୍ଣପୁର ଜିଲା ମୁଖ୍ୟ କାର୍ଯ୍ୟାଳୟରୁ ଆସିଥିବା ଆସିଷ୍ଟାଣ୍ଡ ମ୍ୟାନେଜର ଗୀତାଞ୍ଜଳି ମେହେର ଓ ସାମାଜିକ କର୍ମୀ ଶିବ କର୍ମୀ ତାଲିମ ଦେଇଥିଲେ। କାର୍ଯ୍ୟକ୍ରମରେ ଡୁଙ୍ଗୁରିପାଲି ବ୍ଲକ ର ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟାସଭ୍ୟ ଓ ଅନ୍ୟାନ୍ୟ କର୍ମକର୍ତ୍ତା ଯୋଗ ଦେଇଥିଲେ। ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ଶେଷଦେବ ଥନାପତି ପରିଚାଳନା କରିଥିଲେ। ଗୋଷ୍ଠୀ ଅର୍ଥ ପରିଚାଳକ ପ୍ରଦୀପ ସାହୁ, ତଥ୍ୟ ପରିଚାଳକ ଗଦାଧର ବାରିକ ସଂଯୋଜନା କରିଥିଲେ। ମୋତିଲାଲ ଖମାରୀ, ପ୍ରଦୀପ ଦାସ, ଉଦୟ ମେଣ୍ଡଲୀ, ଆଲୋକ ମଲ୍ଲିକ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରଶ୍ନପତ୍ର ଦେଖିଲା ପରେ ଭୟ ଦୂର ହେଲା

**ଅମରପାଲି, ୧୦।୩(ଡି.ଏନ.ଏ.):** ଶୁକ୍ରବାର ଠାରୁ ମାଟ୍ରିକ ସମ୍ମେଟିଭ-୨ ପରୀକ୍ଷା ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଓଡିଆ ଭାଷା ପରୀକ୍ଷା ଥିଲା। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକରେ ପରୀକ୍ଷା ପରିଚାଳନା ପାଇଁ ୭ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ବ୍ଲକର ୨୦ଟି ସ୍କୁଲର ପ୍ରାୟ ୧୫୦୩ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଛନ୍ତି।୧୪ଶହ ୪୧ଜଣ ରେଗୁଲାର ପରୀକ୍ଷାର୍ଥୀ, ୩୪ଜଣ ଏକ୍ସ ରେଗୁଲାର, ଜଣେ କରେସପଣ୍ଡେଣ୍ଟ ପରୀକ୍ଷାର୍ଥୀ ଓ ୨୦ଜଣ ମଧ୍ୟମା ପରୀକ୍ଷାର୍ଥୀ ବିଭିନ୍ନ କେନ୍ଦ୍ରରେ ପରୀକ୍ଷା ଦେଉଛନ୍ତି। ପରୀକ୍ଷାକୁ ନିରପେକ୍ଷ ଓ ସ୍ୱଚ୍ଛ କରିବା ପାଇଁ ସ୍କ୍ୱାଡ୍ ଗଠନ କରାଯାଇଛି। ପ୍ରଥମ ଦିବସରେ ଭାଷା ପରୀକ୍ଷା ଥିବା ବେଳେ କେମିତି ଥିଲା ଛାତ୍ରୀଛାତ୍ରଙ୍କ ପ୍ରତିକ୍ରିୟା ତାହା ନିମ୍ନରେ ଉପସ୍ଥାପନା କରାଗଲା ।

**ଆରମ୍ଭ ହେଲା ମାଟ୍ରିକ ସମେଟିଭ-୨ ପରୀକ୍ଷା**

## ସେମାନେ କୁହନ୍ତି...



“ମୁଁ ପରୀକ୍ଷା ପୂର୍ବରୁ ଟିକେ ନର୍ଭସ ଥିଲି। ମାତ୍ର ପ୍ରଶ୍ନପତ୍ର ଦେଖିଲା ପରେ ଭୟ ଦୂର ହେଲା। ପରୀକ୍ଷା ପାଇଁ ଦୈନିକ ୭ରୁ ୮ ଘଣ୍ଟା ପରିଶ୍ରମ କରୁଥିଲି। ପରୀକ୍ଷା ଭଲ ହୋଇଛି। ଭାଷା ପରୀକ୍ଷାରେ ମୋର ପ୍ରାୟ ୭୫ପ୍ରତିଶତରୁ ଅଧିକ ନମ୍ବର ରହିବ ବୋଲି ଆଶା କରୁଛି।

**ପ୍ରତ୍ୟାଶା ସାହୁ (ଛାତ୍ରୀ, ଅମରପାଲି ହାଇସ୍କୁଲ)**



“ଗତ ସମ୍ମେଟିଭ -୧ ପରୀକ୍ଷାରେ ମୋର ଟିକେ ଭଲ ହୋଇ ନ ଥିଲା। ତେଣୁ ସମ୍ମେଟିଭ -୨ ପାଇଁ ଭଲ ଭାବରେ ପ୍ରସ୍ତୁତ କରିଥିଲି। ଶିକ୍ଷକଙ୍କ ପରାମର୍ଶ ଅନୁସାରେ ସେଟ୍‌କୁ ଅଭ୍ୟାସ କରିବାରେ ଗୁରତ୍ୱ ଦେଇଥିଲି। ଭାଷା ପରୀକ୍ଷା ମୋର ଭଲ ହୋଇଛି। ପ୍ରାୟ ୮୫ପ୍ରତିଶତ ନମ୍ବର ରହିବ ବୋଲି ଆଶା କରୁଛି।

**ଉମାକାନ୍ତ ଦାଶ(କେନଝିରିଆପାଲି ହାଇସ୍କୁଲ)**



“ଅଧ୍ୟବସାୟ ସଫଳତାର ଚାବିକାଠି। ପ୍ରଶ୍ନପତ୍ର ସେଟ୍ ଅଧିକ ଅଭ୍ୟାସ କରିଛି। ଏସଏ-୧ ପରୀକ୍ଷା ଠାରୁ ଏସଏ -୨ ଅଧିକ ଭଲ ହୋଇଛି। ଦୈନିକ ୧୨ଘଣ୍ଟା ପରିଶ୍ରମ କରୁଥିଲି। ଏଥିରେ ମୋର ୯୦ ପ୍ରତିଶତ ନମ୍ବର ରହିବ ବୋଲି ଆଶା ରଖିଛି।

**ସିମ୍ରନ ଶୁଭ୍ରା ପୂଜାହାରୀ, ଛାତ୍ରୀ, ସୁବଳୟା ହାଇସ୍କୁଲ**



“ଭାଷା ପରୀକ୍ଷା ଭଲ ହୋଇଛି। ପରୀକ୍ଷା ପାଇଁ ଯେପରି ଆଶା କରିଥିଲି ସେପରି ହୋଇଛି। ପ୍ରଶ୍ନପତ୍ର ସହଜ ଥିଲା। ପରୀକ୍ଷା ଭଲ ହୋଇଛି। ମୋର ୮୫ ପ୍ରତିଶତ ନମ୍ବର ରହିବ ବୋଲି ଆଶା କରୁଛି।

**ଶୁଭଶ୍ରୀ ପ୍ରଧାନ, ଛାତ୍ରୀ (ଗାୟତ୍ରୀ ଆବାସିକ ଶିକ୍ଷାନୁଷ୍ଠାନ)**

# ବିଏସ୍‌ପିର ରାଲି, ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର

**ସୋନପୁର, ୧୦।୩(ନି.ପ୍ର.)**


ସୋନପୁରରେ ବାଇକ୍ ରାଲିରେ ବିଏସ୍‌ପି କର୍ମକର୍ତ୍ତା ସହର ପରିକ୍ରମା କରୁଛନ୍ତି ।

ବହୁଜନ ସମାଜ ପାର୍ଟି(ବିଏସ୍‌ପି) ପକ୍ଷରୁ ସୋନପୁର ସହରରେ ଏକ ବାଇକ୍ ରାଲି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଭୂମିହୀନ ପରିବାରକୁ ଚାଷ ଜମି ପ୍ରଦାନ କରିବା, ବେସରକାରୀ ବିଦ୍ୟାଳୟରେ ୨୫ ପ୍ରତିଶତ ଛାତ୍ରୀଛାତ୍ରଙ୍କ ପାଇଁ ଆରକ୍ଷଣ, ସୁବର୍ଣ୍ଣପୁର ମ୍ୟୁନିସିପାଲିଟିରେ ପୂର୍ବରୁ ଠିକାରେ ସଫେଇ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ କାମ ଯୋଗାଇ ଦେବା ଓ ସମସ୍ତ ଗରିବଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେବା ପାଇଁ ପାର୍ଟି ପକ୍ଷରୁ ଦାବି ହୋଇଥିଲା। ଏହି ଅବସରରେ ଜିଲାପାଳଙ୍କ ଜରିଆରେ ରାଜ୍ୟପାଳ ପ୍ରଫେସର ଗଣେଶି ଲାଲଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ନିଶି ପୁନମ ମିଞ୍ଜ୍ ସ୍ମାରକପତ୍ର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଏସ୍‌ପିର ରାଜ୍ୟ ସଭାପତି ଟଙ୍କଧର ବାଗ ଯୋଗଦାନ କରିଥିଲେ। ସୁବର୍ଣ୍ଣପୁର ଜିଲା ସଭାପତି ଅନିଲ କୁମାର ତାଣ୍ଡି, ବଲାଙ୍ଗୀର ଲୋକସଭା ପ୍ରଭାରୀ ବିଭୁତି ଭୂଷଣ କୁମ୍ଭାର, ନୀଳାମ୍ବର ହରିପାଲ, ଅଷ୍ଟମ ବାଗ, କୃଷ୍ଣ ବାଗ, ମିଳନ କୁମ୍ଭାର, ରତନ ତାଣ୍ଡି, ସୁନିଲ ତାଣ୍ଡି, ରଞ୍ଜିତ ତାଣ୍ଡି, ଜିତୁ ତାଣ୍ଡି ଓ ଗରୁଡ ଧ୍ୱଜ ତାଣ୍ଡି ପ୍ରମୁଖ କାର୍ଯ୍ୟକ୍ରମର ନେତୃତ୍ୱ ନେଇଥିଲେ।

# ବ୍ଲକ କଂଗ୍ରେସ ପକ୍ଷରୁ ବିକ୍ଷୋଭ

**ଡୁଙ୍ଗୁରିପାଲି, ୧୦।୩(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଭାରତୀୟ ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ବ୍ଲକ କଂଗ୍ରେସ ପକ୍ଷରୁ ଶୁକ୍ରବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ବ୍ଲକ କଂଗ୍ରେସ ସଭାପତି ଚିତ୍ତରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଆଦାନୀ ଗ୍ରୁପର ଜାଲିଆତି ତଥା ରାଷ୍ଟ୍ର ବିରୋଧୀ କାରନାମାର ପ୍ରତିବାଦ କରି ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ବିକ୍ଷୋଭ କରିଥିଲେ । ଆଦାନୀ କମ୍ପାନୀର ଅର୍ଥନୈତିକ ଅପରାଧ ପ୍ରସଙ୍ଗ ସଂସଦରେ ଆଲୋଚନା କରିବା ଏବଂ କଳା କାରନାମା ପର୍ଦ୍ଦାଫାଶ ପାଇଁ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କ ତତ୍ତ୍ୱାବଧାନରେ ଯୁଗ୍ମ ସଂସଦୀୟ କମିଟି ଦ୍ୱାରା ତଦନ୍ତ କରାଯାଉ ବୋଲି କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଯଦି ଦାବି ପୂରଣ ନ ହୁଏ ତାହେଲେ ଆନ୍ଦୋଳନ ଆହୁରି ତୀବ୍ର ହେବ ବୋଲି ବ୍ଲକ ସଭାପତି ମିଶ୍ର ପ୍ରକାଶ କରିଛନ୍ତି । ବିକ୍ଷୋଭରେ ବନମାଳୀ ପୋଢ଼, ଜିଲା କଂଗ୍ରେସ ଏସି ସେଲର ସଭାପତି ସୁରୁବାବୁ ନନ୍ଦ, ବ୍ଲକ କଂଗ୍ରେସ ସମ୍ପାଦକ ବୀରେନ୍ଦ୍ର ଯୁଆଡ଼ି, କୃଷକ ସେଲର ସଭାପତି ଭରତ ଭୋଇ, ବିଭୁତି ଚୌହାନ, ପୀତବାସ ଦଣ୍ଡସେନା, ଗୌର ଦଣ୍ଡସେନା, ନିତ୍ୟାନନ୍ଦ ପଧାନ, ମୁରଲୀ ବେହେରା, ଚୈତନ୍ୟ ଦଣ୍ଡସେନା, ରମେଶ ଭୋଇ ପ୍ରମୁଖ ସାମିଲ ଥିଲେ।

# ଗୁଳି, ଭୁଜାଲି ମାଡ଼ ଘଟଣା: ୨ ଗିରଫ

**ବରଗଡ଼ ଅଫିସ୍, ୧୦।୩**

- ଗୁରୁତରଙ୍କୁ କଟକ ବଡ଼ଡାକ୍ତରଖାନା ସ୍ଥାନାନ୍ତର
- ଅନ୍ୟ ଫେରାର୍ ଅଭିଯୁକ୍ତଙ୍କୁ ଖୋଜୁଛି ପୋଲିସ

ବରଗଡ଼ସହରର ସରକାରୀ ବସ୍‌ଷ୍ଟାଣ୍ଡ ନିକଟରେ ଗୁରୁବାର ରାତିରେ ସଂଘଟିତ ଗୁଳି, ଭୁଜାଲି ମାଡ଼ ଘଟଣାର ୨ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ପ୍ରମୋଦ ମଲ୍ଲିକ ଏବଂ ବିଷ୍ଣୁ ମହାପାତ୍ର। ସେମାନଙ୍କ ବିରୋଧରେ ଦଫା ୩୪୧, ୧୪୩, ୧୪୭, ୧୪୮, ୩୨୩, ୩୨୬, ୩୦୭, ୧୨୦(ବି), ୨୯୪, ୫୯୬, ୨୬/୨୭ ଆର୍ମସ୍ ଆକ୍ଟ ଏବଂ ୩ଏସ୍‌ଟି,ଏସ୍‌ସି ପିଏ ଆକ୍ଟରେ ଏକ ମାମଲା (ନଂ.୧୬୬।୨୩) ରୁଜୁ ହୋଇଛି। ୮ଜଣଙ୍କ ବିରୋଧରେ ଏହି ମାମଲା ରୁଜୁ ହୋଇଛି ଏବଂ ଅନ୍ୟ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଏସ୍‌ପି ପି.ଏସ୍ ମିନା କହିଛନ୍ତି। ଏଥିପାଇଁ ସ୍ୱତନ୍ତ୍ର ପୋଲିସ ଟିମ୍ ଗଠନ କରାଯାଇଥିବା ସେ ସୂଚନା ଦେଇଛନ୍ତି। ଅନ୍ୟପଟେ ଗୁଳି, ଭୁଜାଲି ମାଡ଼ରେ ଗୁରୁତର ଥିବା ବରଗଡ଼ ହାଟପଦାର ଜଗନ୍ନାଥ କର୍ଣ୍ଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ତାଙ୍କୁ ବରଗଡ଼ର ଏକ ଘରୋଇ ଡାକ୍ତରଖାନାରୁ କଟକ ଏସ୍‌ସିବି ମେଡ଼ିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

ପ୍ରକାଶଥାଉକି, ଜଗନ୍ନାଥ ଗୁରୁବାର ରାତି ପ୍ରାୟ ୯ଟାରେ ତାଙ୍କର ଜଣେ ସହଯୋଗୀ ଲଖନ ସାହୁଙ୍କ ସହିତ ସରକାରୀ ବସଷ୍ଟାଣ୍ଡରୁ ନିଶାମଣି ସ୍କୁଲ ପଡ଼ିଆକୁ ଯାଇଥିବା ରାସ୍ତାକଡରେ ଥିଲେ। ସେହି ସମୟରେ ଅଭିଯୁକ୍ତମାନେ ଜଗନ୍ନାଥ ଏବଂ ଲଖନଙ୍କ ଉପରେ ସଂଘବଦ୍ଧ ଆକ୍ରମଣ କରିଥିଲେ। ଜଗନ୍ନାଥଙ୍କୁ ଭୁଜାଲି ଏବଂ ଗୁଳିମାଡ଼ ହେବା ଯୋଗୁ ସେ ଗୁରୁତର ହୋଇଥିଲେ। ଏହାପରେ ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନା ନିଆଯାଇଥିଲା। ଲଖନ ଘଟଣାକୁ ନେଇ ବରଗଡ଼ ଟାଉନ ଥାନାରେ ଏତଲା ଦେବା ପରେ ପୋଲିସ ଉକ୍ତ ମାମଲା ରୁଜୁ କରି ତଦନ୍ତ କରୁଛି । ଘଟଣାସ୍ଥଳରୁ ପୋଲିସ ଗୋଟିଏ ଫୁଟା ଏବଂ ଅନ୍ୟ ଏକ ଅଫୁଟା ଗୁଳି ଜବତ କରିଥିଲା। ଏପର୍ଯ୍ୟନ୍ତ ପୋଲିସ ବ୍ୟବହୃତ ବନ୍ଧୁକ ଜବତ କରି ପାରି ନ ଥିବା ସୂଚନା ମିଳିଛି। ଆକ୍ରମଣ ଘଟଣାର କାରଣ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇ ନ ଥିବାବେଳେ ପୂର୍ବ ଶତ୍ରୁତାରୁ ଏହା ଘଟିଥାଇପାରେ ବୋଲି ପୋଲିସ ଅନୁମାନ କରୁଛି।

# ଶିଶୁ ସାହିତ୍ୟିକଙ୍କୁ ସମୃଦ୍ଧିଶ୍ରୀ ସମ୍ମାନ

**ବରଗଡ଼ ଅଫିସ, ୧୦।୩**

ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାର ପ୍ରତିଷ୍ଠା କରି ସମଗ୍ର ରାଜ୍ୟରେ ଭ୍ରାମ୍ୟମାଣ ପାଠାଗାରକୁ ଆନ୍ଦୋଳନରେ ପରିଣତ କରିଥିବା ବରଗଡ଼ର ଶିଶୁ ସାହିତ୍ୟିକ ଡଃ ରବିନାରାୟଣ ସାହୁଙ୍କୁ ଭୁବନେଶ୍ୱରର ସ୍ଥାପନା ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଜୟଦେବ ଭବନଠାରେ ଆୟୋଜିତ ଓଡ଼ିଶା ସଦ୍‌ଭାବନା ଉତ୍ସବ-୨୦୨୩ରେ ସମୃଦ୍ଧିଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଅବସରରେ ବିଶିଷ୍ଟ ବୈଜ୍ଞାନିକ, ଅବସରପ୍ରାପ୍ତ ସୈନିକ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ରାଜ୍ୟର ବିଶିଷ୍ଟ ୧୦ ଜଣଙ୍କ ମଧ୍ୟରେ ନିଆରା ପଦକ୍ଷେପ ଭ୍ରାମ୍ୟମାଣ ପାଠାଗାର ପାଇଁ ତାଙ୍କୁ ଉତ୍ତରୀୟ, ମାନପତ୍ର ଓ ସ୍ମୃତିଫଳକ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠାନର ଅଧ୍ୟକ୍ଷା ନିବେଦିତା ନାୟକଙ୍କ ନେତୃତ୍ୱରେ ସମ୍ପାଦିତ ହୋଇଥିଲା।

# ବରଗଡ଼ରେ କୃଷକ ମେଳା, ପ୍ରଦର୍ଶନୀ



କୃଷକ ମେଳା, ପ୍ରଦର୍ଶନୀ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ।

**ବରଗଡ଼ ଅଫିସ୍, ୧୦।୩**

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଶୁକ୍ରବାର ଏକ କୃଷକ ମେଳା ଓ ପ୍ରଦର୍ଶନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ଲୋକସଭା ଏମ୍‌ପି ସୁରେଶ ପୂଜାରୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏହାସହିତ ସେ କୃଷକ ମେଳା ଏବଂ ପ୍ରଦର୍ଶନୀ ବୁଲି ଦେଖିଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ଅଶୋକ କୁମାର ଅମାତ ପ୍ରାକୃତିକ ଉପାୟରେ ଚାଷ କରିବା ସହିତ କୃଷିରେ ଖର୍ଚ୍ଚ କମାଇବା ନିମନ୍ତେ ବୁଝାଇଥିଲେ। ବରଗଡ଼ ଜିଲାରେ ମାଣ୍ଡିଆ ଏବଂ ଫଳଚାଷ ପାଇଁ ପୂଜାରୀ ଚାଷୀଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ୨୫୦ଜଣ ଚାଷୀ ଏବଂ କୃଷି ବିଭାଗର ଅଧିକାରୀ ଅଂଶଗ୍ରହଣ କରିଥିଲେ।

# ଶିଳ୍ପଦ୍ୟୋଗୀ ସପ୍ତାହ ପାଳନ ଉଦ୍‌ଯାପିତ


ଶିଳ୍ପଦ୍ୟୋଗୀ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ଅତିଥିବୃନ୍ଦ ।

**ବରଗଡ଼ ଅଫିସ୍, ୧୦।୩**

ବରଗଡ଼ ଜର୍ଜ ହାଇସ୍କୁଲ ପଡ଼ିଆରେ ଚାଲିଥିବା ଶିଳ୍ପଦ୍ୟୋଗୀ ସପ୍ତାହ ପାଳନ ଗୁରୁବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିଳ୍ପ କେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମ ଅବସରରେ ଜିଲାସ୍ତରୀୟ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ପ୍ରଦର୍ଶନୀ ହୋଇଥିଲା। ଉଦଘାଟନୀ ଦିବସରେ ବରଗଡ଼ ଏମ୍‌ପି ସୁରେଶ ପୂଜାରୀ, ବିଧାୟକ ଦେବେଶ ଆଚାର୍ଯ୍ୟ, ପୌରାଧ୍ୟକ୍ଷା କଳ୍ପନା ମାଝି, ରାଜ୍ୟ ଯୋଜନା ବୋର୍ଡ଼ ସଦସ୍ୟ ସାଧୁ ନେପାକ ପ୍ରମୁଖ ଯୋଗଦାନ କରିଥିଲେ। ସେହିପରି ସରକାରୀ ପଲିଟେକନିକ୍‌ର ଅଧ୍ୟାପିକା ରଶ୍ମିତା ଗୌଡ଼, ସହକାରୀ ଉଦ୍ୟାନ ନିର୍ଦ୍ଦେଶକ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲା ପ୍ରାଣୀଧନ ଅଧିକାରୀ ଡା. ସୁଶାନ୍ତ ନାୟକ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ପ୍ରଦର୍ଶନୀ ବୁଲିଥିଲେ। ସରକାରୀ ପଲିଟେକ୍‌ନିକ୍‌ର ଛାତ୍ରୀଛାତ୍ର ପ୍ରଦର୍ଶନୀକୁ ଆସି ଜ୍ଞାନ ଆହରଣ କରିଥିଲେ। ସିଟିଓ ସୁରେନ୍ଦ୍ର କୁମାର ପ୍ରଧାନ, ଶ୍ରବଣ ଲାଠ, ମହେଶ୍ୱର ସାହୁ ପ୍ରମୁଖ ଉଦ୍ୟୋଗୀଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଦିବସରେ ଇମ୍ପେରିଅଲ କଲେଜର ଝରଣା ମିଶ୍ର, ରସିକ ସିଂଘଲ, ଆଡ଼ଭୋକେଟ୍ ବାହାଦୂର ବେହେରା, ଏଡ଼ିଏଓ ରବିନ୍ଦ୍ର ସେନାପତି, ଓରମାସ୍‌ର ରାଜଗୋପାଳ ଦାଶ ପ୍ରମୁଖ ଯୋଗଦାନ କରିଥିଲେ।

# ପ୍ରଦୂଷଣ ବିରୋଧରେ ଚେତାବନୀ ଦେଲେ ଗ୍ରାମବାସୀ

**ସରଣ୍ଡା, ୧୦।୩(ଡି.ଏନ.ଏ.)**


ସ୍ମାରକପତ୍ର ପ୍ରଦାନ ପାଇଁ ଲୋକେ ଏକାଠି ହୋଇଛନ୍ତି।

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ଚକୁଳି ପଞ୍ଚାୟତବାସୀ ସ୍ଥାନୀୟ ୩ଟି ରାଇସ ମିଲ୍‌ରୁ ନିର୍ଗତ ରାଖଡ଼ ଓ ପ୍ରଦୂଷିତ ଜଳ ପାଇଁ ଅତିଷ୍ଠ ହୋଇପଡିଲେଣି। ତୁରନ୍ତ ଏହି ସମସ୍ୟାର ପ୍ରତିକାର ପାଇଁ ସେମାନେ ଉକ୍ତ ରାଇସ୍ ମିଲ୍‌ଗୁଡ଼ିକୁ ଶୁକ୍ରବାର ଲିଖିତ ଚେତାବନୀ ଦେଇଛନ୍ତି।

ସୂଚନା ଅନୁସାରେ, ଶୁକ୍ରବାର ଅପରାହ୍ନ ୫ଟାରେ ସରଣ୍ଡା ଶିବ ମନ୍ଦିର ପରିଚାଳନା କମିଟି ଆହ୍ୱାନ କ୍ରମେ ସରଣ୍ଡା, ଆଖପାଖ ତଥା ଚକୁଳି ଗ୍ରାମପଞ୍ଚାୟତ ଅଞ୍ଚଳର ଲୋକେ ଏକତ୍ରିତ ହୋଇଥିଲେ। ସ୍ଥାନୀୟ ୩ଟି ରାଇସ ମିଲ୍ ପ୍ରଦୂଷଣ କରୁଥିବା ସେମାନେ ଅଭିଯୋଗ କରିଥିଲେ। ରାଇସ ମିଲ୍‌ରୁ ନିର୍ଗତ ରାଖଡ଼ ଓ ପ୍ରଦୂଷିତ ଜଳ ପାଇଁ ମନ୍ଦିର ସଂଲଗ୍ନ ଦେଉଳକଟା ସମ୍ପୂର୍ଣ୍ଣ ଖରାପ ହୋଇଯାଇଛି। ରାଖଡ଼ ଉଡି ଚର୍ମ ରୋଗ ହେବା ସହ ଧାନ ଚାଷ କ୍ଷତିଗ୍ରସ୍ତ ହେଉଛି। ରାସ୍ତାରେ ଯାତାୟାତ କରୁଥିବା ପଥଚାରୀ ଅସୁବିଧା ଭୋଗୁଛନ୍ତି। ତୁରନ୍ତ ଏହି ସମସ୍ୟାର ସାମଧାନ ପାଇଁ ଲୋକେ ସମ୍ପୃକ୍ତ ରାଇସ୍ ମିଲ୍‌କୁ ଯାଇ ସ୍ମାରକପତ୍ର ପ୍ରଦାନ କରିଥିଲେ। ଏଥିରେ ମନ୍ଦିର ପରିଚାଳନା କମିଟି ସଭାପତି ସଚ୍ଚିଦାନନ୍ଦ ମିଶ୍ର, ପ୍ରଶାନ୍ତ ମିଶ୍ର, ମନୋଜ ମହାପାତ୍ର, ଦାରସିଂହ ମହାପାତ୍ର, କୁବେର ପ୍ରଧାନ, ୱାର୍ଡ ସଭ୍ୟ ମନବୋଧ ଗଡ଼ତିଆ ପ୍ରମୁଖ ବହୁ ଗ୍ରାମବାସୀ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣା: ଜଣେ ମୃତ, ୨ ଆହତ

**ଲହୁଣୀପଡ଼ା, ୧୦।୩(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ଲଲେଇ ଖଣ୍ଡାଧାର ପୂର୍ତ୍ତ ବିଭାଗ ରାସ୍ତାର ବୁଢ଼ାଭୁଇଁ ଗ୍ରାମ ନିକଟରେ ଶୁକ୍ରବାର ଅପରାହ୍ଣ ପ୍ରାୟ ୪ଟାରେ ଏକ ବାଇକ୍ ଦୁର୍ଘଟଣାରେ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସୂଚନାରୁ ପ୍ରକାଶ ଓଡ଼ି ୧୩ଏଲ -୧୧୬୯ ବାଇକ୍ ଯୋଗେ ତିନି ଜଣ ଖଣ୍ଡାଧାର ଜଳପ୍ରପାତକୁ ବୁଲିବାକୁ ଯାଉଥିବାବେଳେ ବୁଢ଼ାଭୁଇଁ ଗ୍ରାମ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଖୁଣ୍ଟିଗୁଡ଼ିକରେ ବାଡେଇ ହୋଇଥିଲେ। ଫଳରେ ତିନି/ଚାରିଟି ଖୁଣ୍ଟି ଉପାଡି ହୋଇଯାଇଥିଲା। ଘଟଣାସ୍ଥଳରେ ଦୁର୍ଲ୍ଲଭ କିଷାନ (୩୨)ଙ୍କର ମୃତ୍ୟୁ ଘଟିଥିଲା। ତାଙ୍କ ଘର ବଡପୁରୁଣାପାଣି ପଞ୍ଚାୟତ ଅନ୍ତର୍ଗତ ନୂଆଗାଁ ଗ୍ରାମରେ ବୋଲି ଜଣାପଡ଼ିଛି। ରାମେଶ୍ୱର କିଷାନ ଓ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ବଣାଇଁ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିବାବେଳେ ରାମେଶ୍ୱର ଗୁରୁତର ଥିବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତର କରାଯାଇଛି। ଅନ୍ୟ ଜଣଙ୍କ ପରିଚୟ ମିଳିନାହିଁ। ଖବରପାଇ ଲହୁଣୀପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଇକ୍ ଜବତ କରିଛି। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ବଣାଇ ଉପଖଣ୍ଡ ଡାକ୍ତରଖାନାକୁ ପଠାଇ ଘଟଣାର ତଦନ୍ତ ଚଳାଇଛି।

### ସୁନ୍ଦରଗଡ଼ରେ ପିସିସି ସଭାପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ସୁନ୍ଦରଗଡ଼,୧୦।୩(ଡି.ଏନ.ଏ.):** ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କୁ ଶୁକ୍ରବାର ସୁନ୍ଦରଗଡ଼ଠାରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପିସିସି ସଭାପତି ପଟ୍ଟନାୟକ ରାଉରକେଲାରୁ ଝାରସୁଗୁଡ଼ା ଗସ୍ତ ସମୟରେ ସୁନ୍ଦରଗଡ଼ ବାଏପାସ (ରାଣୀବଗିଚା)ଛକ ଠାରେ ଟାଉନ କଂଗ୍ରେସ କମିଟିର ସଭାପତି ନେପାଳ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ସଭାପତି ପଟ୍ଟନାୟକଙ୍କୁ ଫୁଲତୋଡା ଦେଇ ସ୍ୱାଗତ କରିଥିଲେ। ଏହି ସ୍ୱାଗତବେଳେ କଂଗ୍ରେସର ସତ୍ୟନାରାୟଣ ସାହୁ, ଯୁବ କଂଗ୍ରେସ ସଭାପତି ବିଶ୍ୱଜିତ ପଟ୍ଟନାୟକ, ଶୁଭେନ୍ଦୁ ନାଏକ, ସୁଧାଂଶୁ ପଶାୟତ, କମଲେଶ ବେନିଆ, ପୁରୁଷୋତ୍ତମ ପଧାନ, ସଦାମ ହୁସେନ, ଦିନେଶ ବାଦି, ବିଶୁ ପ୍ରଧାନ, ଇମତିଆଜ ଖାନ,ଛାତ୍ର କଂଗ୍ରେସ ସଭାପତି ସୋୟବ ଖାନ, ଯୁବ ନେତା ଇଲୁଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଧର୍ମପ୍ରାଣ ବ୍ୟକ୍ତିଙ୍କ ପରଲୋକରେ ବଡ଼ଗାଁରେ ଶୋକ

**ବଡ଼ଗାଁ, ୧୦।୩(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା ବଡ଼ଗାଁର ବୟୋଜ୍ୟେଷ୍ଠ ବ୍ୟକ୍ତି ପ୍ରଫୁଲ୍ଲ ମିଶ୍ର (୯୫)ଙ୍କ ଶୁକ୍ରବାର ମଧ୍ୟାହ୍ନରେ ନିଜ ବାସଭବନରେ ପରଲୋକ ଘଟିଛି। ଅବସରପ୍ରାପ୍ତ ଶିକ୍ଷକ ମିଶ୍ର ବଡ଼ଗାଁରେ ୭୦ବର୍ଷ ହେଲା ହୋଇଆସୁଥିବା ଗୀତା ଜୟନ୍ତୀ ଓ ଭାଗବତ ଜୟନ୍ତୀର ଉଦ୍ୟୋକ୍ତା ଥିଲେ। ଏହା ସହିତ ଗ୍ରାମରେ ହେଉଥିବା ବିଭିନ୍ନ ଧର୍ମକର୍ମରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିଲେ। ଅଞ୍ଚଳର ବହୁ ସଂଖ୍ୟକ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ। କିଛି ମାସ ହେଲା ସେ ଶଯ୍ୟାଶାୟୀ ଥିଲେ। ତାଙ୍କର ମୃତ୍ୟୁ ସମୟରେ ପୁଅ ଦେବାଶିଷ ମିଶ୍ର ଓ ପୁତ୍ରବଧୂ, ନାତିନାତୁଣୀମାନେ ଉପସ୍ଥିତ ଥିଲେ।

# ଜୈବିକ ପଦ୍ଧତିରେ ଆଦିବାସୀଙ୍କ ଫୁଲକୋବି ଚାଷ

**ସୁନ୍ଦରଗଡ଼, ୧୦।୩(ଡି.ଏନ.ଏ.)**

- ବଜାରରେ ବଢ଼ୁଛି ଚାହିଦା
- ବାଲିଶଙ୍କରା, କୁତ୍ରା ଓ ହେମଗିର ବ୍ଲକରେ ଫୁଲ କୋବି ଚାଷ
- ସୁନ୍ଦରଗଡ଼ ଆଇଟିଡିଏ ପକ୍ଷରୁ ସହାୟତା

ସୁନ୍ଦରଗଡ଼ ଜିଲାର ଆଦିବାସୀ ବର୍ଗର ଚାଷୀମାନଙ୍କ ଜୀବିକାକୁ ସୁନିଶ୍ଚିତ କରିବା ପାଇଁ ବିଭିନ୍ନ ପ୍ରକାରର ପନିପରିବା ଚାଷକୁ ପ୍ରୋତ୍ସାହନ ଦିଆଯାଉଛି। ସେଥିମଧ୍ୟରେ ଫୁଲ କୋବି ହେଉଛି ଏକ ପ୍ରମୁଖ ଚାଷ। ଆଦିବାସୀ ଚାଷୀମାନେ ଏହାକୁ ଜୈବିକ ପଦ୍ଧତିରେ କରୁଥିବାରୁ ବଜାରରେ ଏହି ଫୁଲ କୋବିର ଭଲ ଚାହିଦା ରହିଛି। ଏହାକୁ ବିକ୍ରି କରି ଚାଷୀମାନେ ବିଶେଷ ଲାଭବାନ ହେଉଛନ୍ତି।

ରାଜ୍ୟ ସରକାରଙ୍କ 'ମିଶନ ଜୀବିକା' କାର୍ଯ୍ୟକ୍ରମ ଅଧୀନରେ ଫୁଲ କୋବି ଚାଷ କରାଯାଉଛି। ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) ପକ୍ଷରୁ ଏଥିପାଇଁ ଚାଷୀମାନଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଉଛି। ଆଦିବାସୀ ବର୍ଗର ଚାଷୀମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବା ପାଇଁ ସୁନ୍ଦରଗଡ଼ ଆଇଟିଡିଏ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି। 'ମିଶନ ଜୀବିକା' ଅଧୀନରେ କୃଷି ଓ ଉଦ୍ୟାନ କୃଷି ଭିତ୍ତିକ କାର୍ଯ୍ୟକ୍ରମକୁ ଅଗ୍ରାଧିକାର


ସୁନ୍ଦରଗଡ଼ରେ ଚାଷୀମାନେ ଫୁଲକୋବି ଚାଷ କରିଛନ୍ତି।

ଦିଆଯାଇ ଚାଷୀମାନଙ୍କୁ ଦୀର୍ଘସ୍ଥାୟୀ ଜୀବିକା ଯୋଗାଇ ଦେବା ପାଇଁ ଲକ୍ଷ୍ୟ ରହିଛି ବୋଲି ସୁନ୍ଦରଗଡ଼ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ରାମକୃଷ୍ଣ ଗଣ୍ଡ କହିଛନ୍ତି।

ସୁନ୍ଦରଗଡ଼ ଆଇଟିଡିଏ ଅଧୀନରେ ମୋଟ ୯ଟି ବ୍ଲକ ରହିଛି। ତା' ଭିତରୁ ୩ଟି ବ୍ଲକ ବାଲିଶଙ୍କରା, ହେମଗିର ଏବଂ କୁତ୍ରାରେ ଫୁଲ କୋବି ଚାଷ କରାଯାଉଛି। ୨୦୨୨-୨୩ ଆର୍ଥିକ ବର୍ଷରେ ୨୫୦ ଏକର ଜମିରେ ୩୧୫ ଜଣ ଚାଷୀ ଏହି ।ବି ଅମଳ ହେବା ପରେ ଚାଷୀମାନେ ଏହାକୁ ପାଖ ବଜାରରେ ବିକ୍ରି କରି ଭଲ ଦି' ପଇସା ରୋଜଗାର କରିପାରୁଛନ୍ତି। ଏଥର ଫୁଲ କୋବି ଫସଲ ଭଲ ହୋଇଛି। ବଜାରରେ ଏହା ଭଲ ଦରରେ ବିକ୍ରି ହେଉଛି। ଭଲ ବିହନ ମିଳିଥିବାରୁ ଫୁଲ କୋବି ଉତ୍ପାଦନ ମଧ୍ୟ ଭଲ ହୋଇଛି। ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ଫୁଲକୋବିରୁ ଅଧିକ ଲାଭ ମିଳିଛି ବୋଲି କୁତ୍ରା ବ୍ଲକର ଜଣେ ଚାଷୀ ହାରୁନ ବରୁଆ କହିଛନ୍ତି।

ଫୁଲକୋବି ଚାଷ ପାଇଁ ସୁନ୍ଦରଗଡ଼ ଆଇଟିଡିଏ ପକ୍ଷରୁ ଚାଷୀମାନଙ୍କୁ ମାଗଣାରେ ବିହନ ଏବଂ ଜୈବିକ ସାର ଦିଆଯାଉଛି। ତା'ଛଡ଼ା ମିଶନ ଜୀବିକାର ବିଶେଷଜ୍ଞ ଟିମ୍ କ୍ଷେତ୍ର ପରିଦର୍ଶନ କରି ଫସଲର ସ୍ଥିତି ଅନୁଧ୍ୟାନ କରୁଛନ୍ତି। ଫୁଲକୋବିରେ ରୋଗ ପୋକ ପରିଚାଳନା ପାଇଁ ଏହି ବିଶେଷଜ୍ଞ ଟିମ୍ ଚାଷୀମାନଙ୍କୁ ଆବଶ୍ୟକ ପରାମର୍ଶ ଦେଉଛନ୍ତି। ଫୁଲକୋବି ଚାଷରେ ଆମେ ଆଗରୁ ରାସାୟନିକ ସାର ପ୍ରୟୋଗ କରୁଥିଲୁ। ସୁନ୍ଦରଗଡ଼ ଆଇଟିଡିଏ ପକ୍ଷରୁ ମାଗଣାରେ ଜୈବିକ ସାର ମିଳିବା ଫଳରେ ଆମେ ଏବେ ଏହାର ବ୍ୟବହାର କରୁଛୁ। ଏହା ଫଳରେ ଫୁଲକୋବି ଏଥର ଭଲ ଅମଳ ହେଉଛି ବୋଲି ସୁନ୍ଦରଗଡ଼ର ଆଉ ଜଣେ ଚାଷୀ ପ୍ରେମଧାନୀ ବେଗ କହନ୍ତି। ସୁନ୍ଦରଗଡ଼ ଆଇଟିଡିଏ ଅଧୀନରେ କୁତ୍ରା ବ୍ଲକର ରାଜବସା ଓ କଣ୍ଡେଇମୁଣ୍ଡା ଗ୍ରାମପଞ୍ଚାୟତରେ ଫୁଲକୋବି ଚାଷ କରାଯାଇଛି। ସେହିପରି ହେମଗିର ବ୍ଲକର କେନ୍ଦୁଡିହି, ଗରଜନଜୋରି ଓ ହେମଗିର ଗ୍ରାମପଞ୍ଚାୟତ ସହିତ ବାଲିଶଙ୍କରା ବ୍ଲକର ତୁମୁଲିଆ, ସାଗବାହାଲ ଏବଂ ବେହେରାଡିହି ଗ୍ରାମପଞ୍ଚାୟତର ଚାଷୀ ଏହି ଚାଷ କରିଛନ୍ତି।

ମିଶନ ଜୀବିକା କାର୍ଯ୍ୟକ୍ରମରେ ସୁନ୍ଦରଗଡ଼ ଜିଲାର ଚାଷୀମାନେ ବିଭିନ୍ନ ପ୍ରକାରର ଚାଷ କରି ଅଧିକ ରୋଜଗାର କରିପାରୁଛନ୍ତି। ଚଳିତବର୍ଷ ସେମାନେ ଫୁଲକୋବି ସହିତ ଟମାଟୋ, ଲଙ୍କା, ବାଇଗଣ ଏବଂ ଆଳୁ ଚାଷ କରିଛନ୍ତି। ତେବେ ଫୁଲକୋବି ଋତୁକାଳୀନ ଫସଲ ହୋଇଥିବାରୁ ଏହା ଆଦିବାସୀ ପରିବାରର ଆର୍ଥିକ ସ୍ଥିତିରେ ଉନ୍ନତି ଆଣିବାରେ ବେଶ ସହାୟକ ହୋଇପାରିଛି।

### ଦୋକାନରେ ଅଗ୍ନିକାଣ୍ଡ

**କୋଲାବିରା,୧୦।୩ (ଡି.ଏନ.ଏ.)**

କୋଲାବିରା ଥାନା ଅନ୍ତର୍ଗତ ମାଲିଡିହି ଗ୍ରାମର ପ୍ରଶାନ୍ତ ପୁଝାରିଙ୍କ ମାଲିଡିହି ଛକସ୍ଥିତ ରାଶନ ଦୋକାନରେ ନିଆଁଲାଗି ଦୋକାନରେ ଥିବା ଜିନିଷପତ୍ର ପୋଡି ନଷ୍ଟ ହୋଇଯାଇଛି। ସନ୍ଧ୍ୟା ସାଢେ ୭ଟା ସମୟରେ ହଠାତ୍ ଦୋକାନ ଭିତରୁ ଧୂଆଁ ବାହାରୁଥିବା ପ୍ରଶାନ୍ତ ଦେଖିଥିଲେ। ପରେ ହଠାତ୍ ଦୋକାନ ଭିତରେ ନିଆଁ ଉପରକୁ ଉଠିଥିଲା। କୋଲାବିରା ଦମକଳ ବାହିନୀ ପହଞ୍ଚି ନିଆଁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ଦୋକାନରେ ଥିବା ସମସ୍ତ ସାମଗ୍ରୀ ପୋଡିଯାଇଥିଲା। ଏହି ଅଗ୍ନିକାଣ୍ଡରେ ଲକ୍ଷାଧିକ ଟଙ୍କାର କ୍ଷୟକ୍ଷତି ହୋଇଥିବା ସେ ପ୍ରକାଶ କରିଛନ୍ତି।

### ଅସ୍ୱାଭାବିକ ମୃତ୍ୟୁ

**ଲହୁଣୀପଡ଼ା,୧୦।୩(ଡି.ଏନ.ଏ.)**

ଲହୁଣୀପଡ଼ା ଥାନା ଅନ୍ତର୍ଗତ କୁରଡ଼ା ପଞ୍ଚାୟତ ଗୁଣ୍ଡିଚାନାଳୀ ଗ୍ରାମର ଟୁକା ଓରାମ ନିକଟସ୍ଥ ଫୁଲଝର ଗ୍ରାମର ଗୁରୁଚରଣ କିଷାନଙ୍କ ଘରୁ ନିଜ ଘରକୁ ଫେରୁଥିବାବେଳେ ଅଧା ବାଟରେ କୌଣସି କାରଣ ଯୋଗୁ ମୃତ୍ୟୁ ଘଟିଥିଲା। ଖବରପାଇ ଲହୁଣୀପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବଣାଇ ଉପଖଣ୍ଡ ଚିକିତ୍ସାଳୟର ମର୍ଗ ହାଉସ ଠାରେ ରଖିଛି। ପୋଲିସ ଘଟଣାର ତଦନ୍ତ କରୁଛି।

## ସୁନ୍ଦରଗଡ଼ ଜିଲାକୁ ୯୬୪ କୋଟି ଟଙ୍କାର ପ୍ରକଳ୍ପ ଭେଟିଦେଲେ ମୁଖ୍ୟମନ୍ତ୍ରୀ

**ରାଉରକେଲା ଅଫିସ,୧୦।୩**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଦୁଇଦିନିଆ ରାଉରକେଲା ଗସ୍ତ କରିଛନ୍ତି। ଏହି ସମୟରେ ସେ ୯୬୪ କୋଟି ଟଙ୍କାର ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେଗୁଡିକ ହେଲା ୫୩.୫୩ କୋଟି ଟଙ୍କାର ପାନପୋଷଠାରେ ବଜାର ଗୃହ ନିର୍ମାଣ, ୧୧.୭୭ କୋଟି ଟଙ୍କାର ଆସ୍ଥା ଗୃହ (ମାନସିକ ରୋଗ ରେ ପୀଡିତ ମହିଳାଙ୍କ ପାଇଁ), ୨୩୨ କୋଟି ଟଙ୍କାର ୫ଗୋଟି ଉଚ୍ଚ କ୍ଷମତା ସମ୍ପନ୍ନ ଉଠା ଜଳ ସେଚନ ପ୍ରକଳ୍ପ, ଟାଙ୍ଗରପାଲ୍ଲୀ ବ୍ଲକ୍ର ଉଜ୍ଜଳପୁର ଠାରେ ୨.୫୫ କୋଟି ଟଙ୍କା ମୂଲ୍ୟର ମାର୍କେଟ ୟାର୍ଡ ଓ ଗୋଦାମ ଗୃହ, ୩୩.୯୦ କୋଟି ଟଙ୍କାର ୧୪ ଗୋଟି ଅନୁସୂଚିତ ଜାତି ଓ ଜନଜାତି/ପଛୁଆ ବର୍ଗଙ୍କ ନିମନ୍ତେ ଛାତ୍ରାବାସ, ୨୩୭.୨୦ କୋଟି ଟଙ୍କାର ୬୬ ଗୋଟି ରାସ୍ତା ପ୍ରକଳ୍ପ, ୧୧.୫୦ କୋଟି ଟଙ୍କାର ୨୭୩ ଗୋଟି ପଞ୍ଚାୟତସ୍ତରୀୟ ବର୍ଜ୍ୟବସ୍ତୁ ପୃଥକୀକରଣ ଓ ଗୋଟିଏ କଠିନ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ର, ସରଫଗ ଠାରେ ୭୫ ଲକ୍ଷ ଟଙ୍କାର ପ୍ରାକୃତିକ ପର୍ଯ୍ୟଟନସ୍ଥଳୀର ଉନ୍ନତିକରଣ, ୬.୪୭ କୋଟି ଟଙ୍କାରେ ନିର୍ମିତ ୨୩ ଗୋଟି ଅଙ୍ଗନୱାଡି କେନ୍ଦ୍ର, ୬୩.୨୯ କୋଟି ଟଙ୍କାରେ ନିର୍ମିତ ୪୭ ଗୋଟି ଗୋଷ୍ଠୀ ସଭା ଗୃହ, ୨୫.୩୭ କୋଟି ଟଙ୍କାରେ ନିର୍ମିତ ୮୫ ଗୋଟି ବିଦ୍ୟାଳୟ ଗୃହ, ୧.୩୪ କୋଟି ଟଙ୍କାରେ ନିର୍ମିତ ୩ଟି ଗୋଷ୍ଠୀ ଉପ ସ୍ୱାସ୍ଥ୍ୟ କେନ୍ଦ୍ରର ଉଦ୍ଘାଟନ କରିଥିଲେ। ଏହାସହିତ ୬୬.୯୩ କୋଟି ଟଙ୍କାର ବ୍ୟାୟରେ ନିର୍ମିତ ହେବାକୁ ଥିବା ୨୩ ଗୋଟି ରାସ୍ତା, କଲଭର୍ଟ ଏବଂ ଗୃହ ନିର୍ମାଣ କାର୍ଯ୍ୟ , ୮.୭୯ କୋଟି ଟଙ୍କାରେ ହେବାକୁ ଥିବା ୨୯ ଗୋଟି ଗୋଷ୍ଠୀ ସଭା ଗୃହ, ୩୫.୨୬ କୋଟି ଟଙ୍କା ମୂଲ୍ୟରେ ହେବାକୁ ଥିବା ୭୩ ଗୋଟି ସ୍ୱାସ୍ଥ୍ୟ ସମ୍ପର୍କିତ ପ୍ରକଳ୍ପ, ୧୬.୧୦ କୋଟି ଟଙ୍କାରେ ଲାଇଙ୍ଗ ଠାରେ ହେବାକୁ ଥିବା ପ୍ରକୃତି ପର୍ଯ୍ୟଟନସ୍ଥଳର ଉନ୍ନତିକରଣ କାର୍ଯ୍ୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ।

## ୩ଦଫା ଦାବିରେ ଏନ୍‌ପିଏସ ପ୍ରାଥମିକ ଶିକ୍ଷକ ସଂଘର ସ୍ମାରକପତ୍ର

**ଦେବଗଡ଼, ୧୦।୩(ଡି.ଏନ୍.ଏ.)**

ପ୍ରାଥମିକ ଶିକ୍ଷକ ନୂତନ ପେନଶନ ଯୋଜନା ଭୁକ୍ତମାନଙ୍କର ବିଭିନ୍ନ ସମସ୍ୟା ସମ୍ବନ୍ଧିତ ତିନି ଦଫା ଦାବିରେ ଶୁକ୍ରବାର ଓଡ଼ିଶା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ (ଏନପିଏସ) ଦେବଗଡ ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀ, ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ତିଲେଇବଣି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଅପରାହ୍ଣରେ ଦେବଗଡ଼ ଜିଲା ପ୍ରାଥମିକ ଏନପିଏସ ଶିକ୍ଷକ ସଂଘର ସଭାପତି ତ୍ରିନାଥ ଖୁଣ୍ଟିଆ ଓ ତିଲେଇବଣି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ (ଏନପିଏସ)ର ସଭାପତି ଶରତ ଚନ୍ଦ୍ର ନାୟକଙ୍କ ନେତୃତ୍ୱରେ ସଂଘର ବହୁ ସଦସ୍ୟ ସଦସ୍ୟା ତିଲେଇବଣି ଗୋଷ୍ଠୀ ଶିକ୍ଷା ଅଧିକାରୀ ସିକରେନ୍ଦ୍ର ଛତ୍ରିଆଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଉପରୋକ୍ତ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ସଂଘର କାର୍ଯ୍ୟକାରୀ ସଭାପତି ମେଘନାଦ ରଣଜିତ, ସମ୍ପାଦକ ସୁବ୍ରତ କୁମାର ପ୍ରଧାନ, କୋଷାଧ୍ୟକ୍ଷ ଗୋବର୍ଦ୍ଧନ ବିଶ୍ୱାଳ, ଷ୍ଟିୟରିଂ କମିଟି ସଦସ୍ୟ ଛତ୍ରୁ କଲେତ, ସଂଘର ଉପଦେଷ୍ଟା ଅଶୋକ କୁମାର ସାହୁ, ବିଶ୍ୱନାଥ କିଷାନ, ଜୟଶ୍ରୀ ନାୟକ, ସୁଜିତ ନାୟକ, ତମସା ଦେହୁରୀ, ବନିତା କୁଜୁର, ଗ୍ଲୋରିଆ ଟପ୍ପୋ ଓ ଅଞ୍ଜନ କୁମାର ପ୍ରଧାନଙ୍କ ସମେତ ସଂଘର ବହୁ ସଦସ୍ୟାସଦସ୍ୟ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କର ୬ବର୍ଷର ଠିକା ଅବଧିକୁ ମୂଳ ଚାକିରି ସମୟରେ ଗଣନା କରାଯାଇ ସେମାନଙ୍କୁ ୬ଟି ଇନକ୍ରିମେଣ୍ଟ ପ୍ରଦାନ, କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଓ ନୂତନ ପେନଶନ ଯୋଜନାକୁ ଉଚ୍ଛେଦ କରି ପୁରୁଣା ପେନଶନ ଯୋଜନାକୁ କାର୍ଯ୍ୟକାରୀ କରିବା ଆଦି ଦାବି ଉପରୋକ୍ତ ସ୍ମାରକପତ୍ରରେ ଉଲ୍ଲେଖ ରହିଥିବା ଜଣାପଡିଛି।

## ରାଜଗାଙ୍ଗପୁର କଂଗ୍ରେସର ଗଣବିକ୍ଷୋଭ



ରାଜଗାଙ୍ଗପୁରରେ କଂଗ୍ରେସ କର୍ମୀମାନେ ବିକ୍ଷୋଭ କରୁଛନ୍ତି।

**ରାଜଗାଙ୍ଗପୁର, ୧୦।୩ (ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁରରେ କଂଗ୍ରେସ ଟାଉନ ସଭାପତି ଦିପୁ ବିନୋଦଙ୍କ ନେତୃତ୍ୱରେ ଶୁକ୍ରବାର ବିକ୍ଷୋଭ କରାଯାଇଛି। କଂଗ୍ରେସ କର୍ମୀମାନେ ରାଜଗାଙ୍ଗପୁର ଷ୍ଟେଟ ବ୍ୟାଙ୍କ ମୁଖ୍ୟଶାଖା ସମ୍ମୁଖରେ ବିକ୍ଷୋଭ କରିଥିଲେ। ଦେଶର ମୋଦିସରକାର ଆଦାନିଗ୍ରୁପ ପ୍ରତି ଅନୁକମ୍ପା ଦେଖାଇ ଯେଉଁ ମହା ଘୋଟାଲା କାର୍ଯ୍ୟକରି ରାଷ୍ଟ୍ର ବିରୋଧି କାରନାମା କରିଛି,ତାର ପ୍ରତିବାଦରେ ଏହି ଗଣବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ କଂଗ୍ରେସର ପ୍ରଫୁଲ୍ଲ ଉପାଧ୍ୟାୟ, ପୱନ ଅଗ୍ରୱାଲ, ଶଶିଭୂଷଣ ଚୌରାସିଆ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ ଓ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ।

## ପରୀକ୍ଷା ଦେଲେ ୩୩୮୫: ଅନୁପସ୍ଥିତ ରହିଲେ ୯୪


ଦେବଗଡ଼ରେ ପରୀକ୍ଷା କେନ୍ଦ୍ର ଆଗରେ ପରୀକ୍ଷାର୍ଥୀ।

**ଦେବଗଡ଼ ୧୦।୩(ଡି.ଏନ୍.ଏ.)**

ଶୁକ୍ରବାର ୨୦୨୨-୨୩ ଶିକ୍ଷା ବର୍ଷରେ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ସମେଟିଭ ଆସେସମେଣ୍ଟ-୨ ମାଟ୍ରିକ ପରୀକ୍ଷାରେ ଦେବଗଡ଼ ଜିଲାର ମୋଟ ୩୩ଟି ପରୀକ୍ଷା କେନ୍ଦ୍ରରେ ୩୩୮୫ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ଜଣାପଡିଛି। ଜିଲାର ମୋଟ ୮୫ଟି ହାଇସ୍କୁଲର ୩୪୭୯ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ପାଇଁ ଫର୍ମ ଫିଲ୍ପ କରିଥିଲେ। ତେବେ ଏଥିମଧ୍ୟରୁ ମୋଟ ୯୪ ଜଣ ଛାତ୍ରୀଛାତ୍ର ପରୀକ୍ଷା କେନ୍ଦ୍ରରେ ଅନୁପସ୍ଥିତ ରହିଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଆରମ୍ଭ ହୋଇଥିବା ମାଟ୍ରିକ ପରୀକ୍ଷା ଜିଲାରେ ସମ୍ପୂର୍ଣ୍ଣ ଶାନ୍ତିଶୃଙ୍ଖଳା ସହିତ ଅନୁଷ୍ଠିତ ହୋଇଛି। ଦେବଗଡ଼ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ବିଭିନ୍ନ ପରୀକ୍ଷା କେନ୍ଦ୍ର ବୁଲି ଦେଖିଥିଲେ। ପରୀକ୍ଷା ପରିଚାଳନା ପାଇଁ ଜିଲାରେ ମୋଟ ୬ଟି ନୋଡାଲ କେନ୍ଦ୍ର ସ୍ଥାପନ କରାଯାଇଛି। ପଞ୍ଚାୟତ ହାଇସ୍କୁଲ ଡଂରା, କଣ୍ଢେଇ ନୋଡାଲ ହାଇସ୍କୁଲ, ରିଆମାଳ ହାଇସ୍କୁଲ, କୁଣ୍ଡେଇଗୋଳା ହାଇସ୍କୁଲ, ରାଜା ବାସୁଦେବ ହାଇସ୍କୁଲ ଓ ଟାଉନ ହାଇସ୍କୁଲକୁ ନୋଡାଲ କେନ୍ଦ୍ର କରାଯାଇଛି। ନୋଡାଲ ସେଣ୍ଟରଗୁଡିକରୁ ୩୩ଟି ପରୀକ୍ଷା କେନ୍ଦ୍ର ନିମନ୍ତେ ୬ଟି ଟିମ୍ ଗଠନ କରାଯାଇ ୧୨ ଜଣ ଶିକ୍ଷକଙ୍କୁ ନିଯୁକ୍ତ କରାଯାଇଛି। ସେହିଭଳି ମଧ୍ୟମା ପରୀକ୍ଷା ନିମନ୍ତେ ୧ଟି ପରୀକ୍ଷା କେନ୍ଦ୍ର ଏବଂ ୧ଟି ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ର ସ୍ଥାପନ କରାଯାଇଛି। ପରୀକ୍ଷା କେନ୍ଦ୍ରରେ ଶାନ୍ତିଶୃଙ୍ଖଳା ପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ୨୦ଜଣ ପର୍ଯ୍ୟବେକ୍ଷକ ନିଯୁକ୍ତ କରାଯାଇଛି। ସେହିଭଳି ପରୀକ୍ଷା କେନ୍ଦ୍ର ପାଇଁ ତ୍ରିସ୍ତରୀୟ ସ୍କ୍ୱାଡ୍ ଗଠନ କରାଯାଇଥିବା ଜିଲା ଶିକ୍ଷା ଅଧିକାରୀ ସଚ୍ଚିତା ନନ୍ଦ ବେହେରା ସୂଚନା ଦେଇଛନ୍ତି।

## ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା, ୬୬୦ ଅନୁପସ୍ଥିତ


ପରୀକ୍ଷା କେନ୍ଦ୍ର ନିକଟରେ ପରୀକ୍ଷାର୍ଥୀ।

**ସୁନ୍ଦରଗଡ଼,୧୦।୩(ଡି.ଏନ.ଏ.)**

ଶୁକ୍ରବାରଠାରୁ ଆରମ୍ଭ ହୋଇଛି ଚଳିତବର୍ଷର ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷା। ସୁନ୍ଦରଗଡ ଜିଲାରେ ୧୨୧ ପରୀକ୍ଷା କେନ୍ଦ୍ର ଜରିଆରେ ୪୦୪ଟି ହାଇସ୍କୁଲର ମୋଟ ୨୨ହଜାର ୯୭୧ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୨ହଜାର ୨୧୧ ଜଣ ପରୀକ୍ଷା ଦେଇଛନ୍ତି। ୬୬୦ ଜଣ ଅନୁପସ୍ଥିତ ରହିଛନ୍ତି। ଏତଦ୍‌ବ୍ୟତୀତ ମଧ୍ୟମାରେ ୧ଟି କେନ୍ଦ୍ରରେ ୧୨ଜଣ ଏବଂ ୪ଟି ପରୀକ୍ଷା କେନ୍ଦ୍ରରେ ୩୮୨ଜଣ ଏସଓଏସସି ପରୀକ୍ଷା ଦେଉଛନ୍ତି। ମାତୃଭାଷା ବିଷୟରୁ ପ୍ରଥମ ଦିନର ପରୀକ୍ଷା ଆରମ୍ଭ ହୋଇଛି। ଶାନ୍ତିଶୃଙ୍ଖଳାର ସହ ପରୀକ୍ଷା ପରିଚାଳନା ଓ ଅସାଧୁ ଉପାୟ ରୋକିବା ପାଇଁ ତ୍ରିସ୍ତରୀୟ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପ୍ରଥମ ଦିବସରେ ଗଠନ ହୋଇଥିବା ଜିଲା ଫ୍ଲାଇଙ୍ଗ ସ୍କ୍ୱାଡ୍ ୧୨ଟି କେନ୍ଦ୍ର ପରିଦର୍ଶନ କରିଥିଲାବେଳେ ସ୍ପେଶାଲ ସ୍କ୍ୱାଡ୍ ୪ଟି ଓ ଜିଲା ଶିକ୍ଷା ଅଧିକାରୀ ୬ଟି ପରୀକ୍ଷା କେନ୍ଦ୍ର ପରିଦର୍ଶନ କରିଥିଲେ। ଜିଲାରେ୨୦ଟି ନୋଡାଲ କେନ୍ଦ୍ରରୁ ପରୀକ୍ଷା କେନ୍ଦ୍ରଗୁଡିକୁ କଡା ସୁରକ୍ଷା ବ୍ୟବସ୍ଥା ମଧ୍ୟରେ ପ୍ରଶ୍ନପତ୍ର ପଠାଯାଇଥିବା ଜିଲା ଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

## ଗ୍ୟାସ୍ ଦରବୃଦ୍ଧି ପ୍ରତିବାଦରେ ଗଣଧାରଣା

**ସୁନ୍ଦରଗଡ଼,୧୦।୩(ଡି.ଏନ.ଏ.)**

ଗ୍ୟାସ ଦରବୃଦ୍ଧି ପ୍ରତିବାଦ ଓ ବିଭିନ୍ନ ଦାବି ନେଇ ଶୁକ୍ରବାର କୋଶଳସମାଜ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ଡିଆରଡିଏ ଛକରେ ଗଣଧାରଣା ଦିଆଯାଇଥିଲା। କୋଶଳ ସମାଜର ମହାସଚିବ ଦିଲୀପ ପଣ୍ଡାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୋଶଳ ସମାଜ ପକ୍ଷରୁ ମହିଳା ସମ୍ମିଳନୀ ଆୟୋଜନ ଅବସରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବା ସହ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ଜିଲାରେ ମଦବିକ୍ରି ବନ୍ଦ କରାଯିବା, ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନ, କଳକାରଖାନାରେ ସ୍ଥାନୀୟ ନିଯୁକ୍ତିକୁ ଅଗ୍ରାଧିକାର, ବାର୍ଦ୍ଧକ୍ୟ ଓ ଭିନ୍ନକ୍ଷମ ଭତ୍ତା ମାସିକ ୩ ହଜାର ଟଙ୍କା ଲେଖାଏଁ ପ୍ରଦାନ ସମେତ ଓ ଅନ୍ୟାନ୍ୟ ଦାବି ପୂରଣ ନିମନ୍ତେ ଦାବିପତ୍ର ପ୍ରଦାନ କରାଯାଇଥିଲା। ଗଣଧାରଣା ପରେ ଜିଲା ଅବକାରୀ ଅଫିସ ଓ ମ୍ୟୁନିସିପାଲିଟି ଅଫିସ ଘେରାଉ କରାଯାଇଥିଲା।


ଡିଆରଡିଏ ଛକରେ କୋଶଳ ସମାଜ ପକ୍ଷରୁ ଧାରଣା ଦିଆଯାଇଛି।

## ପ୍ରାଥମିକ ଶିକ୍ଷକ ସଂଘର ବିଇଓଙ୍କୁ ଦାବିପତ୍ର

**୩ ଦଫା ଦାବି ପୂରଣ ନ ହେଲେ ୧୫ରେ ଭୁବନେଶ୍ୱରରେ ଆନ୍ଦୋଳନ କରିବେ ଶିକ୍ଷକ**

**ହେମଗିର, ୧୦।୩(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ହେମଗିର ଗୋଷ୍ଠୀ ଶିକ୍ଷା ଅଧିକାରୀ (ବିଇଓ)ଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରାଥମିକ ଶିକ୍ଷକ ସଂଘ (ଏନ୍‌ପିଏସ୍) ତରଫରୁ ଶୁକ୍ରବାର ୩ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ବାତିଲ କରିବା, ୬ବର୍ଷ ଠିକା କାର୍ଯ୍ୟକାଳକୁ ୬ଟି ନ୍ୟାସନାଲ ଇନକ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିବା, କେନ୍ଦ୍ରୀୟ ହାରରେ ଦରମା ଓ ପୁରୁଣା ପେନସନକୁ ପୁନଃହ ପ୍ରଚଳନ କରିବା ଆଦି ୩ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଗତ ୯ ତାରିଖ



ହେମଗିର ବିଇଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଗୁରୁବାରଠାରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ କଳାବ୍ୟାଜ୍ ପରିଧାନ କରିଛନ୍ତି। ଆସନ୍ତା ମାର୍ଚ୍ଚ ୧୪ତାରିଖ ପର୍ଯ୍ୟନ୍ତ କଳାବ୍ୟାଜ୍ ପରିଧାନ ସହ ଦାବି ପୂରଣ ନ ହେଲେ ୧୫ ତାରିଖଠାରୁ ଭୁବନେଶ୍ୱର ଠାରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି ସଂଘ ତରଫରୁ କୁହାଯାଇଛି। ବିଇଓଙ୍କୁ ଦାବିପତ୍ର ପ୍ରଦାନ ଅବସରରେ ସଭାପତି ସଞ୍ଜିବ କୁମାର ନାଏକ, ବିଟିଏ ସଭାପତି ରାମଲାଲ ପଟେଲ, ସମ୍ପାଦକ ରଞ୍ଜନ ବୁଡ଼ା, ଉପଦେଷ୍ଟା ଉମେଶ ରାଏ, ସୁଶ୍ରୀ ସଙ୍ଗୀତା ପାତ୍ରୀ, ଟଗର ହଂସ, କୁନ୍ତିଲତା ପଟେଲ, ପ୍ରଶାନ୍ତ କୁମାର ପଟେଲ, ଛବିଲ ଗଉଡ ପ୍ରମୁଖ ଉପସ୍ଥିତ ଥିଲେ।

**ଦୀର୍ଘସ୍ଥାୟୀ ଜଳ ପରିଚାଳନାରେ ବଲାଙ୍ଗୀରକୁ ସିଲଭର ସ୍କୋଚ୍ ପୁରସ୍କାର**

ବଲାଙ୍ଗୀର ଅଫିସ: ଜଳଶକ୍ତି ଅଭିଯାନ ଅନ୍ତର୍ଗତ ଦୀର୍ଘସ୍ଥାୟୀ ଜଳ ପରିଚାଳନା ଓ ଜୀବିକା ପାଇଁ ଜଳବାୟୁ ସମ୍ବେଦନଶୀଳ କାର୍ଯ୍ୟର ସଫଳ ରୂପାୟନ ନିମନ୍ତେ ବଲାଙ୍ଗୀର ଜିଲାକୁ ମର୍ଯ୍ୟାଦାଜନକ ସିଲଭର ସ୍କୋଚ ପୁରସ୍କାର ମିଳିବ ବୋଲି ଜଣାପଡିଛି। ଆସନ୍ତା ୨୫ ତାରିଖରେ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ବଲାଙ୍ଗୀର ଜିଲାକୁ ଏହି ପୁରସ୍କାର ପ୍ରଦାନ କରାଯିବ। ଏହି ସଫଳତା ପାଇଁ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣାଙ୍କ ବଳିଷ୍ଠ ନେତୃତ୍ୱ ତଥା ଆନ୍ତରିକ ଉଦ୍ୟମକୁ ପ୍ରଶଂସା କରାଯାଇଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ଟିଟିଲାଗଡ଼,୧୦।୩(ଡି.ଏନ.ଏ.):** ଟିଟିଲାଗଡ ବ୍ଲକ ନାରେନ ପଞ୍ଚାୟତର ନାରେନ ଗ୍ରାମ ନିକଟରେ ଗୁରୁବାର ରାତିରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଅଭିଷେକ ଭାଟି (୩୮)। ମୃତ ଯୁବକ ପରାଶରା ଗ୍ରାମ ନିବାସୀ ବରୁଣ ଭାଟିଙ୍କ ପୁଅ ବୋଲି ସୂଚନା ମିଳିଛି। ଅଭିଷେକ ବଲାଙ୍ଗୀରକୁ ଯାଉଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଟିଟିଲାଗଡ ପୋଲିସ ଘଟଣାସ୍ଥଳ ରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଘଟଣାସ୍ଥଳରୁ ମୃତ ଯୁବକଙ୍କ କଳା ରଙ୍ଗର ବାଇକ୍ (ନଂ ସି ଜି ୦୪ ଏଚଏସ୦୮୭୩) ଜବତ ହୋଇଛି। ଏନେଇ ଟିଟିଲାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ପୋଡ଼ିଗଲା ଦୋକାନ, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

**ଖଡ଼ିଆଳ,୧୦।୩(ଡି.ଏନ.ଏ.):** ନୂଆପଡା ଜିଲା ଖଡିଆଳ ଥାନା ତୁକୁଲା ଗାଁର କିରାନା ଦୋକାନରେ ହଠାତ ନିଆଁ ଲାଗି ପୋଡ଼ିଯାଇଛି। ଗୁରୁବାର ରାତିରେ ତୁକୁଲା ଗାଁର ବଲ୍ଲଭ ମେହେର କିରାନା ଦୋକାନ ପ୍ରତିଦିନ ଭଳି ବନ୍ଦ କରି ମାଲପଡା ଘରକୁ ଚାଲିଯାଇଥିଲେ। ରାତିରେ ଦୋକାନରେ ସଟସର୍କିଟ ହୋଇ ପ୍ରଥମେ ଭିତରେ ଥିବା ଲୁନା ଗାଡି ପୋଡି ଯାଇଥିଲା। ଏହାପରେ ତଳ ଓ ଉପର ମହଲାରେ ଥିବା ସାମଗ୍ରୀ ପୋଡି ଯାଇଛି। ଖବର ପାଇ ଖଡ଼ିଆଳ, କୋମନା ଓ ପଡୋଶୀ ବଲାଙ୍ଗୀର ଜିଲା ବଙ୍ଗୋମୁଣ୍ଡାରୁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ ହେଁ ଦୋକାନ ସମ୍ପୂର୍ଣ୍ଣ ପୋଡି ନଷ୍ଟ ହୋଇଛି। ଏଥିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡି ନଷ୍ଟ ହୋଇଯାଇଛି। ଉଦ୍ଧାର କାର୍ଯ୍ୟରେ ଓଆଇସି ଚିନ୍ତାମଣି ଜଟି, ହାବିଲଦାର ରାଜେଶ ସେଠି, ଆଗ୍ନିକ ଚୂଡ଼ାମଣି ସାହୁ, ମୁକେଶ କୁମାର ସାଆନ୍ତ, ସଞ୍ଜୀବ ମହାନ୍ତି, ସୁରେନ୍ଦ୍ର କୁମାର ଭୋଇ, ମନୋଜ କୁମାର ଭୋଇ ପ୍ରମୁଖ ସାମିଲ ଥିଲେ।

### ନୂତନ ମନ୍ଦିର ପରିଚାଳକ କମିଟି ଗଠିତ

**ଖଡ଼ିଆଳ,୧୦।୩(ଡି.ଏନ.ଏ.):** ନୂଆପଡା ଜିଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ନେହେନା ବାସୁଦେବ କୀର୍ତ୍ତନ ମନ୍ଦିର ପ୍ରାଙ୍ଗଣରେ ନୂତନ ମନ୍ଦିର ପରିଚାଳନା କମିଟି ଗଠିତ ହୋଇଛି। ଯୋଗେଶ୍ୱର ରାଉତରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନୂତନ କମିଟିରେ ସଭାପତି ସୁଶାନ୍ତ କୁମାର ବିଶି, ଉପସଭାପତି ଅରୁଣ କୁମାର ଗହୀର, ସମ୍ପାଦକ ବାଞ୍ଛାନିଧି ରାଉତରାୟ, ସହସମ୍ପାଦକ ପୀତବାସ ବାଗ, କୋଷାଧକ୍ଷ ତ୍ରିଲକ୍ଷ ଦଜୀ, ସମିତି ସଙ୍ଗଠକ ଅତୁଳ କୁମାର ଦଣ୍ଡସେନା, ଚିନ୍ତାମଣି ବାଗ, ଆବାହକ ଭାବେ ତରଣୀସେନ ବିଶି, ନିତାଇ ଗୌର ବିଶିଙ୍କୁ ଚୟନ କରାଯାଇଛି। ନୂତନ କମିଟିକୁ ସମସ୍ତ କାଗଜାତ ହସ୍ତାନ୍ତର କରାଯାଇଛି। ବରିଷ୍ଠ ସଦସ୍ୟ ସୁଧା ଚରଣ ଦର୍ଜି ଧନ୍ୟବାଦ ଦେଇଥିଲେ।

### ପୋଲିସ ପିସିଆର ଗାଡ଼ି ଧକ୍କାରେ ବୃଦ୍ଧ ଗୁରୁତର

**ନୂଆପଡ଼ା ଅଫିସ,୧୦।୩:** ନୂଆପଡା ସଦର ବ୍ଲକ ଜୋଙ୍କ ଥାନା ପୋଲିସ ପିସିଆର ଗାଡି ଦଶମ ଶ୍ରେଣୀ ପରୀକ୍ଷା ଡ୍ୟୁଟିରେ ଯାଉଥିବା ବେଳେ ଅମଲ୍ଲିଦାଦରଠାରେ ଜଣେ ବୃଦ୍ଧଙ୍କୁ ଧକ୍କା ଦେଇଛି। ମହେଶ ରାମ ଦଣ୍ଡସେନା (୬୭) ଗୁରୁତର ହୋଇଛନ୍ତି। ପରିବାର ଲୋକଙ୍କ ଥାନାରେ ଅଭିଯୋଗ ମୁତାବକ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ମହେଶ ଯାଉଥିବା ବେଳେ ହଠାତ ଜୋଙ୍କ ଥାନା ପିସିଆର ଗାଡ଼ି (ନଂ.ଓଡି୦୫ଏଏମ ୫୬୦୦) ତାଙ୍କ ଉପରରେ ମାଡି ଯାଇଥିଲା। ମହେଶଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସେହି ପୋଲିସ ଗାଡିରେ ଖରିଆର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ଛତିଶଗଡ଼ ରାୟପୁରସ୍ଥିତ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବୃଦ୍ଧର ମୁଣ୍ଡରେ ଶକ୍ତ ଧକ୍କା ହୋଇ ୧୯ଟିଚ ଲାଗିଥିବା ବେଳେ ଦୁଇ ଗୋଡ ଆଣ୍ଠୁ ଓ ଶରୀର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଏ ସଂକ୍ରାନ୍ତରେ ଜୋଙ୍କ ଥାନା ଆଇଆଇସି କୈଳାଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ବୃଦ୍ଧ ନିଜେ ପଡି ଯାଇଥିଲେ। ଆମ ପୋଲିସ ଗାଡି ସେପଟେ ପରୀକ୍ଷା ଡ୍ୟୁଟିରେ ଯାଉଥିବା ସମୟରେ ଦେଖି ତାଙ୍କୁ ଉଦ୍ଧାର କରି ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ବୋଲି କହିଥିଲେ।

# ପୁନଃଜୀବନ ପାଇଛି ଜୟନ୍ତପୁର ହସ୍ତତନ୍ତ ସମିତି

**ବେହେରା,୧୦।୩(ଡି.ଏନ.ଏ.)**

- ତାଲିମରେ ୧୫ ମହିଳା, ୫ ପୁରୁଷ ସାମିଲ
- ରାଜ୍ୟ ହସ୍ତତନ୍ତ ବିଭାଗ ତତ୍ପରତା
- ମହିଳାଙ୍କ ପାଇଁ ସ୍ୱାବଲମ୍ବୀ ହେବା ଆଶା ସଞ୍ଚାର

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଜୟନ୍ତପୁରରେ ଥିବା ହସ୍ତତନ୍ତ ସମବାୟ ସମିତି ପୁନଃଉଥାନ ପାଇଁ ରାଜ୍ୟ ହସ୍ତତନ୍ତ ବିଭାଗ ଏବେ ତତ୍ପରତା ଦେଖାଇଛି। ଗତ ଫେବୃୟାରୀ ୮ରୁ ବୁଣାକାରମାନଙ୍କୁ ଉନ୍ନତମାନର ତାଲିମ ଯୋଗାଇ ଦେଇଛି ଜିଲା ପ୍ରଶାସନ। ୧୫ଜଣ ମହିଳା ଓ ୫ଜଣ ପୁରୁଷ ତାଲିମ ନେଉଛନ୍ତି। ବିଶେଷ ଭାବେ ଦକ୍ଷତା, ଆଧୁନିକକରଣ ଗୁଣାତ୍ମକ ଡିଜାଇନ ଆଦି ତାଲିମ ଦିଆଯାଉଛି। ବଲାଙ୍ଗୀର ଜିଲାର ଟ୍ରେନିଂ ଶିକ୍ଷକ ଆସି ତାଲିମ ଦେଉଥିବା ବେଳେ ଭିନ୍ନ ଭିନ୍ନ କୌଶଳ, ଡିଜାଇନ ପ୍ରତି ଗୁରୁତ୍ୱ ଦିଆଯାଉଥିବା ଶିକ୍ଷକ ଶଶୀଧର ମେହେର କହିଛନ୍ତି। ଅନ୍ୟପଟେ ମାସ ଭିତରେ ତାଲିମ ନେଉଥିବା ମହିଳାମାନେ ଲୁଙ୍ଗି ଓ ଗାମୁଛା ବୁଣିବା ଶିଖିଛନ୍ତି। ୬ ମାସ ଧରି ତାଲିମ ଶିବିର ହେବ। ତାଲିମ ମହିଳାଙ୍କ ପାଇଁ ସ୍ୱାବଲମ୍ବୀ ହେବା ଦିଗ ଦେଖାଇବାରେ ଆଶା ସଞ୍ଚାର ହୋଇଛି। ସରକାର, ପ୍ରଶାସନିକଙ୍କ ଆନ୍ତରିକତା ଓ ପ୍ରୋତ୍ସାହ ବଳରେ ପୁନଃଜୀବୀ


ମହିଳାଙ୍କୁ ତାଲିମ ଦିଆଯାଉଛି।

ପାଲଟି ଥିବା ହସ୍ତତନ୍ତ ସେବା ସମବାୟ ସମିତି ପାଇଁ ରାହା ସୃଷ୍ଟି କରିବ ବୋଲି ବୁଣାକାରମାନେ ଆଶା ବାନ୍ଧିଛନ୍ତି। ସୂଚନାଯୋଗ୍ୟ ଯେ, ଜୟନ୍ତପୁରଠାରେ ହସ୍ତତନ୍ତ ସମବାୟ ସମିତି ବହୁ ଦିନରୁ ଅବସ୍ଥିତ ରହିଛି। ପ୍ରଥମ ପର୍ଯ୍ୟାୟରେ ୯୪ଜଣ ବୁଣାକାରଙ୍କୁ ନେଇ ସମିତି ଆଗେଇ ଚାଲିଥିଲା। ସରକାରଙ୍କ ଅବହେଳା ଯୋଗୁ ତାହା ୬୩ଜଣଙ୍କୁ ହ୍ରାସ ପାଇଥିଲା। ଏହାପରେ ସରକାର ସୁତା ବିକ୍ରି ପାଇଁ ସୁବିଧା ଯୋଗାଇ ନ ଦେବାରୁ ଦୋଦୋମାନ ସ୍ଥିତିକୁ ପହଞ୍ଚିଥିଲା। ଘୋର ଅସୁବିଧା ଭିତରେ ଘାଣ୍ଟି ହୋଇ ବୁଣାକାରମାନେ ଏହିବୃତ୍ତି ପ୍ରତି ମୁହଁ ଫେରାଇଥିଲେ। ହାତଗଣତି ୫ରୁ ୬ଜଣ ବୁଣାକାର ଛତିଶଗଡ଼ରୁ ସୁତା ଆଣି ସେଠାରେ ବୁଣା କପଡା ଶସ୍ତାରେ ବିକ୍ରି କରି ନିଜ ବୃତ୍ତି ବଜାଇ ରଖିଛନ୍ତି। ସରକାର ପୁନଃ ଏହି ସେବା ସମବାୟ ସମିତି ଜୀବିତ ରଖିବା ଉଦ୍ୟମ କରୁଥିବା ନେଇ ତାଲିମ ନେଉଥିବା ମହିଳା ଜୟନ୍ତୀ ମେହେର, ହେମାଲତା ମେହେର, ଅହଲ୍ୟା ମେହେର, କଳ୍ପନା ମେହେର, ମେନକା ଭୋଇ, ଟିକମଣି ମେହେର, ରୁକ୍ମଣୀ ମେହେର ପ୍ରମୁଖ ଖୁସିବ୍ୟକ୍ତ କରିଛନ୍ତି। ଅନ୍ୟପଟେ ସମବାୟ ସମିତି ଗୃହ ବହୁଦିନ ଧରି ଭାଙ୍ଗି ପଡିଥିବା ବେଳେ ତାର ନିର୍ମାଣ ଅଦ୍ୟାବଧି ହୋଇନାହିଁ। ଅନ୍ୟ ଲୋକଙ୍କ ଘରେ ବୁଣା ଯନ୍ତ୍ରପାତି ରଖି ତାଲିମ ନେଉଛନ୍ତି। ପ୍ରଶାସନ ତୁରନ୍ତ ଏହାପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
smbselfie@gmail.com


@ ଅଲିଭା


@ ଗୌରୀଶଙ୍କର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏପ୍ରିଲ ୬ ସୁଦ୍ଧା ରିପୋର୍ଟ ଦିଅ

**ବଲାଙ୍ଗୀର ଅଫିସ, ୧୦।୩**

**କଣ୍ଟାବାଞ୍ଜି ଜେଲରେ ଗୋବିନ୍ଦ ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା**

- ଏନ୍‌ଏଚ୍‌ଆରସି ପକ୍ଷରୁ ନିର୍ଦ୍ଦେଶ ଜାରି କଲେ
- ବଲାଙ୍ଗୀର ଜିଲାପାଳ, ଏସ୍‌ପି , କଣ୍ଟାବାଞ୍ଜି ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନୋଟିସ

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ କଣ୍ଟାବାଞ୍ଜି ଜେଲ ଭିତରେ ସନ୍ଦେହଜନକ ମୃତ୍ୟୁ ହେବା ରାଜ୍ୟବ୍ୟାପି ଆଲୋଡ଼ନ ଖେଳାଇ ଦେଇଥିଲା। ଏହି ସନ୍ଦେହଜନକ ମୃତ୍ୟୁ ମାମଲାରେ ଜାତୀୟ ମାନବିକ ଅଧିକାର କମିଶନ ବଲାଙ୍ଗୀର ଜିଲାପାଳ, ଏସ୍‌ପି, କଣ୍ଟାବାଞ୍ଜି ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ କଳାହାଣ୍ଡି ଏସପିଙ୍କୁ ରିପୋର୍ଟ ତଲବ କରିଥିଲେ। ଏହି ଜେଲ ଭିତର ମୃତ୍ୟୁ ଘଟଣା ସମ୍ପର୍କରେ ୬ ସପ୍ତାହ ମଧ୍ୟରେ ୧୫ଟି ସମ୍ବେଦନଶୀଳ ତଥ୍ୟର ତଦନ୍ତ ରିପୋର୍ଟ ଦେବାକୁ ଗତ ଜାନୁୟାରୀ ୯ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ତଦନ୍ତ ରିପୋର୍ଟ ଠିକଣା ସମୟରେ ନ ପହଞ୍ଚିବାରୁ କମିଶନ ଅସନ୍ତୋଷ ପ୍ରକାଶ କରି ଗତ ୬ ତାରିଖ ଦିନ ପ୍ରଥମ ରିମାଇଣ୍ଡର ଯୋଗେ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଏପ୍ରିଲ ୬ ତାରିଖ ସୁଦ୍ଧା ଉକ୍ତ ରିପୋର୍ଟ ପ୍ରଦାନ କରିବା ପାଇଁ ଜାତୀୟ ମାନବିକ ଅଧିକାର କମିଶନ ବଲାଙ୍ଗୀର ଜିଲାପାଳ, ଏସ୍‌ପି, କଣ୍ଟାବାଞ୍ଜି ଜେଲ ସୁପରିଣ୍ଟେଣ୍ଡେଣ୍ଟ, କଳାହାଣ୍ଡି ଏସ୍‌ପି ଏବଂ ରାଜ୍ୟ ମାନବ ଅଧିକାର କମିଶନଙ୍କୁ ପୁନଃ ନିର୍ଦ୍ଦେଶ ଜାରି କରିଥିବା ଜଣାପଡିଛି। ନ୍ୟାୟ ପାଇଁ ଲଢେଇ ପରିବାରର ଓଡ଼ିଶାର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏହି ମାମଲା ଏନ୍‌ଏଚ୍‌ଆରସିରେ ଦାୟର କରିଥିଲେ।

## ଅଟୋ–ବାଇକ୍ ଧକ୍କା ୨ମୃତ, ଜଣେ ଗୁରୁତର

**ନୂଆପଡ଼ା ଅଫିସ,୧୦।୩**

ନୂଆପଡା ଜିଲା ବୋଡେନ ଥାନା ଖଇରା ପଞ୍ଚାୟତ ଅମେରା ଗାଁ ପୋଡାଖୁଟଠାରେ ବିଜୁ ଏକ୍ସପ୍ରେସ ୱେରେ ଅଟୋ–ବାଇକ୍ ମୁହାଁମୁହିଁ ଧକ୍କାରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମୃତକ ମଧ୍ୟରୁ ଅଟୋ ଚାଳକ କର୍ଲାକୋଟ ପଞ୍ଚାୟତ ଦରଗାଁର ଭୋଦେବ ବେହେରା (୪୫) ଓ କୋନାବିରା ଗାଁର ବାଇକ୍ ଆରୋହୀ ଲକ୍ଷ୍ମଣ ମାଝି (୩୫) ବୋଲି ଜଣାପଡିଛି। କୋନାବିରା ଗାଁର ବାଇକ୍‌ରେ ଥିବା ଅନ୍ୟ ଜଣେ ଜିତା ମିଶ୍ର (୨୮)ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ନୂଆପଡା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପ୍ରାପ୍ତ ସୂଚନାନୁସାରେ କୋମନା ଥାନା କୋନାବିରା ପଞ୍ଚାୟତ ଡୁମେରବାହାଲ ଗାଁରୁ ବୋଡେନ ଥାନା ଫରସରା ପଞ୍ଚାୟତ ଆମଗୁଡା ଗାଁକୁ ବରଯାତ୍ରୀ ଯାଉଥିଲେ। ବରଯାତ୍ରୀ ପାର୍ଟି ଏକ ଗାଡିରେ ଯାଉଥିବା ବେଳେ ଲକ୍ଷ୍ମଣ ଓ ଜିତା ୨ଜଣ ବାଇକ୍‌ରେ ଯାଉଥିଲେ। ବୋଡେନ ପଟୁ ଏକ ଅଟୋ ଆସୁଥିବା ବେଳେ ଖଇରା ପଞ୍ଚାୟତ ଅମେରା ଗାଁ ପାଖ ପୋଡାଖୁଟଠାରେ ବିଜୁ ଏକ୍ସପ୍ରେସ ୱେରେ ଅଟୋ ଓ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଅଟୋ ଚାଳକ ଭୋଦେବ, ବାଇକ୍ ଚାଳକ ଲକ୍ଷ୍ମଣ ଓ ବାଇକ୍‌ରେ ବସିଥିବା ଅନ୍ୟ ଜଣେ ଜିତାଙ୍କୁ ଆମ୍ବୁଲାନ୍ସ ଯୋଗେ ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଲକ୍ଷ୍ମଣ ଓ ଭୋଦେବଙ୍କୁ ମୃତ ଘୋଷଣା କରିଥିବା ବେଳେ ଜିତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# କେନ୍ଦ୍ର ଉପରେ ବର୍ଷିଲେ କଂଗ୍ରେସ ନେତା



କେସିଙ୍ଗା କଂଗ୍ରେସ କମିଟି କର୍ମକର୍ତ୍ତାଙ୍କ ପ୍ରତିବାଦ ସଭା।

**କେସିଙ୍ଗା,୧୦।୩(ଡି.ଏନ.ଏ.)**

ଆଦାନୀ ଗ୍ରୁପ୍‌ର ଅନିୟମିତତା ସମ୍ପର୍କରେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ରିପୋର୍ଟକୁ ନେଇ ଶୁକ୍ରବାର କଳାହାଣ୍ଡି ଜିଲା କେସିଙ୍ଗା ଷ୍ଟେଟବ୍ୟାଙ୍କ ପାଖରେ କେସିଙ୍ଗା କଂଗ୍ରେସ କମିଟି ପକ୍ଷରୁ ପ୍ରତିବାଦ ସଭା କରାଯାଇଛି। ଟାଉନ ସଭାପତି ସୁଭାଷ ଚନ୍ଦ୍ର ଜୈନ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କଂଗ୍ରେସ ଜିଲା ସଭାପତି ଭାରତ ବେମାଲ ଯୋଗଦେଇ ଆଦାନୀ ଗ୍ରୁପ୍‌ର ଅନିୟମିତତା ସମ୍ପର୍କରେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ରିପୋର୍ଟ ପ୍ରକାଶ ପାଇବା ଏବଂ ବିଭିନ୍ନ ସମସ୍ୟା ଯଥା ଗ୍ୟାସ ମୂଲ୍ୟ ବୃଦ୍ଧି, ବେକାରୀ ସମସ୍ୟା ଉପରେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ପ୍ରତିବାଦ ସଭାରେ ଆନ୍ୟମାନଙ୍କ ମଧ୍ୟରେ ପିସିସି ଉପସଭାପତି ମୋତି କୈବର୍ତ୍ତ, ବ୍ଲକ କଂଗ୍ରେସ ସଭାପତି ରାହାସ ସାହୁ, ଯୁବ ସଭାପତି ରୋହିତ ଜୈନ, ପୂର୍ବତନ ନଗରପାଳ ରାମ କୁମାର ଜୈନ, ପୂର୍ବତନ ନଗର ସଭାପତି ଦୟା ସାଗର ସାହା, ପୂର୍ବତନ କାଉନସିଲର ବିଜୟ ଦୀପ ଓ ହେମରାଜ ସାହା, ଆଶିଷ ସାହା, ବସନ୍ତ ନାୟକ, ସଞ୍ଜୀବ ସାହା, ବରୁଣ ସାହୁ, ଗୋରେଖ ବାଗ, ମୁନ୍ନା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## ଦୋଳପୂର୍ଣ୍ଣିମାରେ ଅଷ୍ଟପ୍ରହର ନାମଯଜ୍ଞ


ନଗର ପରିକ୍ରମା କରାଯାଉଛି।

**କୋକସରା,୧୦।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରାଠାରେ ଦୋଳ ପୂର୍ଣ୍ଣିମା ଅବସରରେ ଚାଲିଥିବା ଅଷ୍ଟ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅପରାହ୍ନରେ କଳସ ଯାତ୍ରାରେ ଗ୍ରାମର ଶତାଧିକ ମହିଳା ନଗର ପରିକ୍ରମା କରି ପୋଖରୀରୁ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ସୋମବାର ସକାଳୁ ନାମ ସଂକୀର୍ତ୍ତନ ସହ ନାମଯଜ୍ଞ ଆରମ୍ଭ ହୋଇ ମଙ୍ଗଳବାର ସକାଳେ ସମାପନ ହୋଇଥିଲା। ପୂଜା କର୍ତ୍ତା ଭାବେ ବିଶ୍ୱମ୍ଭର ଶବର ଓ କନକ ଶବର ସପତ୍ନୀକ ରହିଥିଲେ। ପୂଜକ ପୁରନ୍ଦର ଦାସ ପୂଜା କାର୍ଯ୍ୟ ସମାପନ କରିଥିଲେ। ଜିଲା ବାହାରୁ ମହିଳା ସଂକୀର୍ତ୍ତନ ଦଳ ସମେତ ସଂକୀର୍ତ୍ତନ ଦଳ ନାମ ସଂକୀର୍ତ୍ତନ କରିଥିଲେ। ମଙ୍ଗଳବାର ପୂର୍ଣ୍ଣାହୁତି ସହ ଦହି ହାଣ୍ଡିକୁ ନେଇ ଶହ ଶହ ସଂଖ୍ୟକ ଶ୍ରଦ୍ଧାଳୁ ହରେକୃଷ୍ଣ ନାମ ସଂକୀର୍ତ୍ତନ କରି ନଗର ପରିକ୍ରମା କରି ଦହି ହାଣ୍ଡି ଭାଙ୍ଗିବା ସହ ଅଷ୍ଟ ପ୍ରହର ସମାପନ ହୋଇଛି। କେଶରୀ ନାଏକ ଓ ମହେନ୍ଦ୍ର ନାଏକ ସହଯୋଗ କରିଥିଲେ।

# ଡିଆର୍‌ଏମ୍‌ଙ୍କୁ ସାକ୍ଷାତ କଲା କଳାହାଣ୍ଡି ରେଳଯାତ୍ରୀ ସଂଘ


ଡିଆର୍‌ଏମ୍‌ଙ୍କୁ ସାକ୍ଷାତ କରୁଛି ରେଳଯାତ୍ରୀ ସଂଘ।

**ଭବାନୀପାଟଣା,୧୦।୩(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାର ରେଳ ବିକାଶ ପାଇଁ ଅଣ୍ଟା ଭିଡ଼ିଛି ସ୍ଥାନୀୟ ରେଳଯାତ୍ରୀ ସଂଘ। ଏ ନେଇ ସଂଘ ପକ୍ଷରୁ ସମ୍ବଲପୁର ରେଳ ବିଭାଗ ଡିଆରଏମ ବିନୀତ ସିଂଙ୍କୁ ସାକ୍ଷାତ କରି ଜିଲାର ରେଳ ସମସ୍ୟା ନେଇ ଆଲୋଚନା କରିଥିଲେ। ବିଶେଷ କରି କେସିଙ୍ଗାରୁ ଭୁବନେଶ୍ୱର ପାଇଁ ଟ୍ରେନ, ଲିଫ୍ଟ ସୁବିଧା, ବୟସ୍କ ଲୋକଙ୍କ ପାଇଁ ବ୍ୟାଟେରି ଚାଳିତ ଗାଡ଼ି ଓ ଅନେକ ଆବଶ୍ୟକତା ବିଷୟରେ ଅବଗତ କରାଯାଇଥିଲା। ସେହିପରି ଭବାନୀପାଟଣା ପାଖ କୁରୁରୁଖମାର ନୂଆ ହସ୍ପିଟାଲ ପାଖରେ ଏକ ଅଣ୍ଡର ବ୍ରିଜ ନିର୍ମାଣ, ରୁପ୍ରାରୋଡରେ ସମତା ଏକ୍ସପ୍ରେସ ରହଣି ପାଇଁ ମଧ ଦାବି କରିଥିଲେ। ଏହି ସମୟରେ ରେଳଯାତ୍ରୀ ସଂଘ ଅଧ୍ୟକ୍ଷ ଡ.ଭବାନୀ ଶଙ୍କର ନିଆଲ, ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଉପସଭାପତି ରାକେଶ ସାହୁ ଓ ସମ୍ପାଦକ ବଣ୍ଟି ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ଦଫା ଦାବି ନେଇ ଗର୍ଜିଲେ ପ୍ରାଥମିକ ଶିକ୍ଷକ

**ଭବାନୀପାଟଣା,୧୦।୩(ସ୍ୱ.ପ୍ର.)**

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ୩ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ୨୦୦୧ରୁ ଚାକରି କରୁଥିବା ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ, ଶିକ୍ଷା ସହାୟକ, ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କ ଚୁକ୍ତି ଭିତ୍ତିକ ଉଚ୍ଛେଦ କରି ମୂଳ ଚାକିରୀରୁ ଗଣନା, ଓଡିଶା ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା, ପୁରୁଣା ପେନସନ ଲାଗୁ ଭଳି ୩ଦଫା ଦାବି ନେଇ ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ତଥା ସମସ୍ତ ସଦସ୍ୟ ଓ କନିଷ୍ଠ ଶିକ୍ଷକମାନେ ଅଂଶ ଗ୍ରହଣ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ ଭବାନୀପାଟଣା ବ୍ଲକ ସମ୍ପାଦକ ପ୍ରଦ୍ୟୁମ୍ନ ହୋତା, ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ



ଭବାନୀପାଟଣା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ।

ଭବାନୀପାଟଣା ବ୍ଲକ ସଭାପତି ବିଶ୍ୱଜିତ ରାଏ, ସାଧାରଣ ସମ୍ପାଦକ ନାରାୟଣ ବଗର୍ତ୍ତି, ପଦ୍ମିନୀ ସାହୁ, ରାଜକୁମାରି ଶବର, ଝରଣା ପ୍ରଧାନ, ସୁପ୍ରଭା ପଟ୍ଟନାୟକ, ଜ୍ୟୋତିରାଣୀ ଦାସ, ପ୍ରତିଭା ବିଶ୍ୱାଳ, ପ୍ରଦୀପ ରଥ, ପ୍ରଭାତ ପଣ୍ଡା, ଅନୀଲ ନାଏକ, ଚିନ୍ମୟ ମହାନ୍ତି, ପ୍ରଶାନ୍ତ ମୌଲାନା, ସୌମେନ୍ଦ୍ର ମହାନ୍ତି, ବିଜୟ ଦଳେଇ ପ୍ରଭୃତି ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ ବିଭିନ୍ନ ସ୍ଲୋଗାନ ଦେଇ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଜୟକୁମାର ମାଝିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ପୂରଣ ନ ହେଲେ ଆଗାମୀ ୧୫ ତାରିଖରୁ ସମସ୍ତ ଏନପିଏସ ଶିକ୍ଷକ ଓ କନିଷ୍ଠ ଶିକ୍ଷକ ରାଜଧାନୀରେ ଆନ୍ଦୋଳନ ଜୋରଦାର କରିବେ ବୋଲି ଜିଲା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ସଭାପତି ପ୍ରଫୁଲ୍ଲ କୁମାର ଠାକୁର, ଉପଦେଷ୍ଟା ମନୋଜ ପଣ୍ଡା, ମହମ୍ମଦ ଜାକିର, ଧନଞ୍ଜୟ ସାହୁ ସୂଚନା ଦେଇଥିଲେ।

**ଦୀର୍ଘସ୍ଥାୟୀ ଜଳ ପରିଚାଳନାରେ ବଲାଙ୍ଗୀରକୁ ସିଲଭର ସ୍କୋଚ୍ ପୁରସ୍କାର**

ବଲାଙ୍ଗୀର ଅଫିସ: ଜଳଶକ୍ତି ଅଭିଯାନ ଅନ୍ତର୍ଗତ ଦୀର୍ଘସ୍ଥାୟୀ ଜଳ ପରିଚାଳନା ଓ ଜୀବିକା ପାଇଁ ଜଳବାୟୁ ସମ୍ବେଦନଶୀଳ କାର୍ଯ୍ୟର ସଫଳ ରୂପାୟନ ନିମନ୍ତେ ବଲାଙ୍ଗୀର ଜିଲାକୁ ମର୍ଯ୍ୟାଦାଜନକ ସିଲଭର ସ୍କୋଚ ପୁରସ୍କାର ମିଳିବ ବୋଲି ଜଣାପଡିଛି। ଆସନ୍ତା ୨୫ ତାରିଖରେ ନୂଆଦିଲ୍ଲୀ ଠାରେ ଅନୁଷ୍ଠିତ ହେବାକୁ ଥିବା ଏକ ସ୍ୱତନ୍ତ୍ର ଉତ୍ସବରେ ବଲାଙ୍ଗୀର ଜିଲାକୁ ଏହି ପୁରସ୍କାର ପ୍ରଦାନ କରାଯିବ। ଏହି ସଫଳତା ପାଇଁ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣାଙ୍କ ବଳିଷ୍ଠ ନେତୃତ୍ୱ ତଥା ଆନ୍ତରିକ ଉଦ୍ୟମକୁ ପ୍ରଶଂସା କରାଯାଉଛି।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ

**ଟିଟିଲାଗଡ଼,୧୦।୩(ଡି.ଏନ.ଏ.):** ଟିଟିଲାଗଡ ବ୍ଲକ ନାରେନ ପଞ୍ଚାୟତର ନାରେନ ଗ୍ରାମ ନିକଟରେ ଗୁରୁବାର ରାତିରେ ଏକ ବାଇକ୍ ଦୁର୍ଘଟଣାଗ୍ରସ୍ତ ହେବାରୁ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତକ ହେଲେ ଅଭିଷେକ ଭାଟି (୩୮)। ମୃତ ଯୁବକ ପରାଶରା ଗ୍ରାମ ନିବାସୀ ବରୁଣ ଭାଟିଙ୍କ ପୁଅ ବୋଲି ସୂଚନା ମିଳିଛି। ଅଭିଷେକ ବଲାଙ୍ଗୀରକୁ ଯାଉଥିବା ବେଳେ କୌଣସି କାରଣରୁ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ଟିଟିଲାଗଡ ପୋଲିସ ଘଟଣାସ୍ଥଳ ରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲା । ଘଟଣାସ୍ଥଳରୁ ମୃତ ଯୁବକଙ୍କ କଳା ରଙ୍ଗର ବାଇକ୍ (ନଂ ସି ଜି ୦୪ ଏଚଏସ୦୮୭୩) ଜବତ ହୋଇଛି। ଏନେଇ ଟିଟିଲାଗଡ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ ତଦନ୍ତ ଜାରି ରହିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ମୌସୁମୀ ସାହୁ ବରଗଡ଼ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ

**ବରଗଡ ଅଫିସ,୧୦।୩:** ବରଗଡ ଜିଲା ମହିଳା କଂଗ୍ରେସ ସଭାନେତ୍ରୀ ଭାବେ



ମୌସୁମୀ ସାହୁଙ୍କ ନାମ ଘୋଷଣା କରାଯାଇଛି। ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ବନ୍ଦିତା ପରିଡ଼ାଙ୍କ ଅନୁମୋଦନକ୍ରମେ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ ଶୁକ୍ରବାର ତାଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ମୌସୁମୀ ସୋହେଲା ବ୍ଲକ ଅନ୍ତର୍ଗତ ତବଡା ଗ୍ରାମର ତେଜରାଜ ସାହୁଙ୍କ ଝିଅ। ସେ ପଦ୍ମପୁରର ଆଇନଜୀବୀ ତଥା ବରିଷ୍ଠ କଂଗ୍ରେସ ନେତା ଗୌନ୍ତିଆ ସାହୁଙ୍କ ପୁତ୍ରବଧୂ ତଥା କଂଗ୍ରେସ ନେତା ଅକ୍ଷୟ ସାହୁଙ୍କ ସ୍ତ୍ରୀ ଅଟନ୍ତି।

### କଂଗ୍ରେସର ଧାରଣା

**ସୋନପୁର,୧୦।୩(ନି.ପ୍ର.):** ସୋନପୁର ରୟାଲ ପଡିଆସ୍ଥିତ ଏଲଆଇସି କାର୍ଯ୍ୟାଳୟ ସମ୍ମୁଖରେ କଂଗ୍ରେସ ଦଳ ପକ୍ଷରୁ ଶୁକ୍ରବାର ଧାରଣା ଦିଆଯାଇଥିଲା । ଆଦାନି ଗ୍ରୁପ୍‌ର ଜାଲିଆତି ବିରୋଧରେ ଦଳ ଏହି ଆନ୍ଦୋଳନ କରିଥିଲା । ଆଦାନୀ କମ୍ପାନୀର ଅର୍ଥନୈତିକ ଅପରାଧ ସମ୍ପର୍କରେ ସଂସଦରେ ଆଲୋଚନା ହେବା ସହିତ ସୁପ୍ରିମକୋର୍ଟ ମୁଖ୍ୟ ବିଚାରପତିଙ୍କ ତତ୍ତ୍ୱାବଧାନରେ ଅଥବା ଯୁଗ୍ମ ସଂସଦୀୟ କମିଟି ଦ୍ୱାରା ତଦନ୍ତ କରାଯାଉ ବୋଲି ଦଳ ପକ୍ଷରୁ ଦାବି କରାଯାଇଛି । ବରିଷ୍ଠ ନେତା ଜିତେନ୍ଦ୍ର ପଟ୍ଟନାୟକ, ମାଧବ କୁମ୍ଭାର, ସୂର୍ଯ୍ୟକାନ୍ତି ବାଗ, ଭାଗିରଥୀ ମିଶ୍ର, ରଞ୍ଜିତ ରାଏ, ଜିତ କୁମ୍ଭାର ଓ ଶେଷଦେବ ମେହେର ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ ।

### କଂଗ୍ରେସର ବିକ୍ଷୋଭ

**ବିନିକା,୧୦।୩( ଡି.ଏନ. ଏ.):** ସୁବର୍ଣ୍ଣପୁର ଜିଲାର ବିନିକା ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ଶୁକ୍ରବାର ବିନିକା ବ୍ଲକ କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବ୍ଲକ କଂଗ୍ରେସ କମିଟି ସଭାପତି ରବୀନ୍ଦ୍ର ହୋତାଙ୍କ ନେତୃତ୍ୱରେ ଶତାଧିକ କଂଗ୍ରେସ କର୍ମୀ ବିକ୍ଷୋଭରେ ସାମିଲ ହୋଇଥିଲେ । ଆଦାନି ଗ୍ରୁପ୍‌ର ଜାଲିଆତି ବିରୋଧରେ ଦଳ ଏହି ଆନ୍ଦୋଳନ କରିଥିଲା ।

### ପୋଲିସ ପିସିଆର ଗାଡ଼ି ଧକ୍କାରେ ବୃଦ୍ଧ ଗୁରୁତର

**ନୂଆପଡ଼ା ଅଫିସ,୧୦।୩:** ନୂଆପଡା ସଦର ବ୍ଲକ ଜୋଙ୍କ ଥାନା ପୋଲିସ ପିସିଆର ଗାଡି ଦଶମ ଶ୍ରେଣୀ ପରୀକ୍ଷା ଡ୍ୟୁଟିରେ ଯାଉଥିବା ବେଳେ ଅମଲିଦାଦରଠାରେ ଜଣେ ବୃଦ୍ଧଙ୍କୁ ଧକ୍କା ଦେଇଛି। ମହେଶ ରାମ ଦଣ୍ଡସେନା (୬୭) ଗୁରୁତର ହୋଇଛନ୍ତି। ପରିବାର ଲୋକଙ୍କ ଥାନାରେ ଅଭିଯୋଗ ମୁତାବକ ଶୁକ୍ରବାର ପୂର୍ବାହ୍ନ ପ୍ରାୟ ସାଢ଼େ ୯ଟାରେ ମହେଶ ଯାଉଥିବା ବେଳେ ହଠାତ ଜୋଙ୍କ ଥାନା ପିସିଆର ଗାଡ଼ି (ନଂ.ଓଡି୦୫ଏଏମ ୫୬୦୦) ତାଙ୍କ ଉପରରେ ମାଡି ଯାଇଥିଲା। ମହେଶଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସେହି ପୋଲିସ ଗାଡିରେ ଖରିଆର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ଛତିଶଗଡ଼ ରାୟପୁରସ୍ଥିତ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ବୃଦ୍ଧର ମୁଣ୍ଡରେ ଶକ୍ତ ଧକ୍କା ହୋଇ ୧୯ଟିଚ ଲାଗିଥିବା ବେଳେ ଦୁଇ ଗୋଡ ଆଣ୍ଠୁ ଓ ଶରୀର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ଏ ସଂକ୍ରାନ୍ତରେ ଜୋଙ୍କ ଥାନା ଆଇଆଇସି କୈଳାଶ ଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ବୃଦ୍ଧ ନିଜେ ପଡି ଯାଇଥିଲେ। ଆମ ପୋଲିସ ଗାଡି ସେପଟେ ପରୀକ୍ଷା ଡ୍ୟୁଟିରେ ଯାଉଥିବା ସମୟରେ ଦେଖି ତାଙ୍କୁ ଉଦ୍ଧାର କରି ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ବୋଲି କହିଥିଲେ।

# ପୁନଃଜୀବନ ପାଇଛି ଜୟନ୍ତପୁର ହସ୍ତତନ୍ତ ସମିତି

**ବେହେରା,୧୦।୩(ଡି.ଏନ.ଏ.)**

- ତାଲିମରେ ୧୫ ମହିଳା, ୫ ପୁରୁଷ ସାମିଲ
- ରାଜ୍ୟ ହସ୍ତତନ୍ତ ବିଭାଗ ତତ୍ପରତା
- ମହିଳାଙ୍କ ପାଇଁ ସ୍ୱାବଲମ୍ବୀ ହେବା ଆଶା ସଞ୍ଚାର

କଳାହାଣ୍ଡି ଜିଲା ଧର୍ମଗଡ ବ୍ଲକ ଜୟନ୍ତପୁରରେ ଥିବା ହସ୍ତତନ୍ତ ସମବାୟ ସମିତି ପୁନଃଉଥାନ ପାଇଁ ରାଜ୍ୟ ହସ୍ତତନ୍ତ ବିଭାଗ ଏବେ ତତ୍ପରତା ଦେଖାଇଛି। ଗତ ଫେବୃୟାରୀ ୮ରୁ ବୁଣାକାରମାନଙ୍କୁ ଉନ୍ନତମାନର ତାଲିମ ଯୋଗାଇ ଦେଇଛି ଜିଲା ପ୍ରଶାସନ। ୧୫ଜଣ ମହିଳା ଓ ୫ଜଣ ପୁରୁଷ ତାଲିମ ନେଉଛନ୍ତି। ବିଶେଷ ଭାବେ ଦକ୍ଷତା, ଆଧୁନିକକରଣ ଗୁଣାତ୍ମକ ଡିଜାଇନ ଆଦି ତାଲିମ ଦିଆଯାଉଛି। ବଲାଙ୍ଗୀର ଜିଲାର ଟ୍ରେନିଂ ଶିକ୍ଷକ ଆସି ତାଲିମ ଦେଉଥିବା ବେଳେ ଭିନ୍ନ ଭିନ୍ନ କୌଶଳ, ଡିଜାଇନ ପ୍ରତି ଗୁରୁତ୍ୱ ଦିଆଯାଉଥିବା ଶିକ୍ଷକ ଶଶୀଧର ମେହେର କହିଛନ୍ତି। ଅନ୍ୟପଟେ ମାସ ଭିତରେ ତାଲିମ ନେଉଥିବା ମହିଳାମାନେ ଲୁଙ୍ଗି ଓ ଗାମୁଛା ବୁଣିବା ଶିଖିଛନ୍ତି। ୬ ମାସ ଧରି ତାଲିମ ଶିବିର ହେବ। ତାଲିମ ମହିଳାଙ୍କ ପାଇଁ ସ୍ୱାବଲମ୍ବୀ ହେବା ଦିଗ ଦେଖାଇବାରେ ଆଶା ସଞ୍ଚାର ହୋଇଛି। ସରକାର, ପ୍ରଶାସନିକଙ୍କ ଆନ୍ତରିକତା ଓ ପ୍ରୋତ୍ସାହ୍ନ ବଳରେ ପୁନଃଜୀବୀ



ମହିଳାଙ୍କୁ ତାଲିମ ଦିଆଯାଉଛି।

ପାଲଟି ଥିବା ହସ୍ତତନ୍ତ ସେବା ସମବାୟ ସମିତି ପାଇଁ ରାହା ସୃଷ୍ଟି କରିବ ବୋଲି ବୁଣାକାରମାନେ ଆଶା ବାନ୍ଧିଛନ୍ତି। ସୂଚନାଯୋଗ୍ୟ ଯେ, ଜୟନ୍ତପୁରଠାରେ ହସ୍ତତନ୍ତ ସମବାୟ ସମିତି ବହୁ ଦିନରୁ ଅବସ୍ଥିତ ରହିଛି। ପ୍ରଥମ ପର୍ଯ୍ୟାୟରେ ୯୪ଜଣ ବୁଣାକାରଙ୍କୁ ନେଇ ସମିତି ଆଗେଇ ଚାଲିଥିଲା। ସରକାରଙ୍କ ଅବହେଳା ଯୋଗୁ ତାହା ୬୩ଜଣଙ୍କୁ ହ୍ରାସ ପାଇଥିଲା। ଏହାପରେ ସରକାର ସୁତା ବିକ୍ରି ପାଇଁ ସୁବିଧା ଯୋଗାଇ ନ ଦେବାରୁ ଦୋଦୋମାନ ସ୍ଥିତିକୁ ପହଞ୍ଚିଥିଲା। ଘୋର ଅସୁବିଧା ଭିତରେ ଘାଣ୍ଟି ହୋଇ ବୁଣାକାରମାନେ ଏହିବୃତ୍ତି ପ୍ରତି ମୁହଁ ଫେରାଇଥିଲେ। ହାତଗଣତି ୫ରୁ ୬ଜଣ ବୁଣାକାର ଛତିଶଗଡ଼ରୁ ସୁତା ଆଣି ସେଠାରେ ବୁଣା କପଡା ଶସ୍ତାରେ ବିକ୍ରି କରି ନିଜ ବୃତ୍ତି ବଜାଇ ରଖିଛନ୍ତି। ସରକାର ପୁନଃ ଏହି ସେବା ସମବାୟ ସମିତି ଜୀବିତ ରଖିବା ଉଦ୍ୟମ କରୁଥିବା ନେଇ ତାଲିମ ନେଉଥିବା ମହିଳା ଜୟନ୍ତୀ ମେହେର, ହେମାଲତା ମେହେର, ଅହଲ୍ୟା ମେହେର, କଳ୍ପନା ମେହେର, ମେନକା ଭୋଇ, ଚିକମଣି ମେହେର, ରୁକ୍ମଣୀ ମେହେର ପ୍ରମୁଖ ଖୁସିବ୍ୟକ୍ତ କରିଛନ୍ତି। ଅନ୍ୟପଟେ ସମବାୟ ସମିତି ଗୃହ ବହୁଦିନ ଧରି ଭାଙ୍ଗି ପଡିଥିବା ବେଳେ ତାର ନିର୍ମାଣ ଅଦ୍ୟାବଧି ହୋଇନାହିଁ। ଅନ୍ୟ ଲୋକଙ୍କ ଘରେ ବୁଣା ଯନ୍ତ୍ରପାତି ରଖି ତାଲିମ ନେଉଛନ୍ତି। ପ୍ରଶାସନ ତୁରନ୍ତ ଏହାପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

ସେଲ୍‌ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
smbselfie@gmail.com



@ ଅଲିଭା



@ ଗୌରୀଶଙ୍କର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏପ୍ରିଲ ୬ ସୁଦ୍ଧା ରିପୋର୍ଟ ଦିଅ

**ବଲାଙ୍ଗୀର ଅଫିସ, ୧୦।୩**

**କଣ୍ଟାବାଞ୍ଜି ଜେଲରେ ଗୋବିନ୍ଦ ସାହୁଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା**

- ଏନ୍‌ଏଚ୍‌ଆରସି ପକ୍ଷରୁ ନିର୍ଦ୍ଦେଶ ଜାରି କଲେ
- ବଲାଙ୍ଗୀର ଜିଲାପାଳ, ଏସ୍‌ପି , କଣ୍ଟାବାଞ୍ଜି ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ନୋଟିସ

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁଙ୍କ କଣ୍ଟାବାଞ୍ଜି ଜେଲ ଭିତରେ ସନ୍ଦେହଜନକ ମୃତ୍ୟୁ ହେବା ରାଜ୍ୟବ୍ୟାପି ଆଲୋଡ଼ନ ଖେଳାଇ ଦେଇଥିଲା। ଏହି ସନ୍ଦେହଜନକ ମୃତ୍ୟୁ ମାମଲାରେ ଜାତୀୟ ମାନବିକ ଅଧିକାର କମିଶନ ବଲାଙ୍ଗୀର ଜିଲାପାଳ, ଏସ୍‌ପି, କଣ୍ଟାବାଞ୍ଜି ଜେଲ ସୁପରିଣ୍ଟେଣ୍ଡେଣ୍ଟଙ୍କ ସମେତ କଳାହାଣ୍ଡି ଏସପିଙ୍କୁ ରିପୋର୍ଟ ତଲବ କରିଥିଲେ । ଏହି ଜେଲ ଭିତର ମୃତ୍ୟୁ ଘଟଣା ସମ୍ପର୍କରେ ୬ ସପ୍ତାହ ମଧ୍ୟରେ ୧୫ଟି ସମ୍ବେଦନଶୀଳ ତଥ୍ୟର ତଦନ୍ତ ରିପୋର୍ଟ ଦେବାକୁ ଗତ ଜାନୁୟାରୀ ୯ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏହି ତଦନ୍ତ ରିପୋର୍ଟ ଠିକଣା ସମୟରେ ନ ପହଞ୍ଚିବାରୁ କମିଶନ ଅସନ୍ତୋଷ ପ୍ରକାଶ କରି ଗତ ୬ ତାରିଖ ଦିନ ପ୍ରଥମ ରିମାଇଣ୍ଡର ଯୋଗେ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଏପ୍ରିଲ ୬ ତାରିଖ ସୁଦ୍ଧା ଉକ୍ତ ରିପୋର୍ଟ ପ୍ରଦାନ କରିବା ପାଇଁ ଜାତୀୟ ମାନବିକ ଅଧିକାର କମିଶନ ବଲାଙ୍ଗୀର ଜିଲାପାଳ, ଏସ୍‌ପି, କଣ୍ଟାବାଞ୍ଜି ଜେଲ ସୁପରିଣ୍ଟେଣ୍ଡେଣ୍ଟ, କଳାହାଣ୍ଡି ଏସ୍‌ପି ଏବଂ ରାଜ୍ୟ ମାନବ ଅଧିକାର କମିଶନଙ୍କୁ ପୁନଃ ନିର୍ଦ୍ଦେଶ ଜାରି କରିଥିବା ଜଣାପଡିଛି। ନ୍ୟାୟ ପାଇଁ ଲଢେଇ ପରିବାରର ଓଡ଼ିଶାର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଏହି ମାମଲା ଏନ୍‌ଏଚ୍‌ଆରସିରେ ଦାୟର କରିଥିଲେ।

# ଅଟୋ-ବାଇକ୍ ଧକ୍କା ୨ମୃତ, ଜଣେ ଗୁରୁତର

**ନୂଆପଡ଼ା ଅଫିସ,୧୦।୩**

ନୂଆପଡା ଜିଲା ବୋଡେନ ଥାନା ଖଇରା ପଞ୍ଚାୟତ ଅମେରା ଗାଁ ପୋଡାଖୁଟଠାରେ ବିଜୁ ଏକ୍ସପ୍ରେସ ୱେରେ ଅଟୋ-ବାଇକ୍ ମୁହାଁମୁହିଁ ଧକ୍କାରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମୃତକ ମଧ୍ୟରୁ ଅଟୋ ଚାଳକ କର୍ଲାକୋଟ ପଞ୍ଚାୟତ ଦରଗାଁର ଭୋଦେବ ବେହେରା (୪୫) ଓ କୋନାବିରା ଗାଁର ବାଇକ୍ ଆରୋହୀ ଲକ୍ଷ୍ମଣ ମାଝି (୩୫) ବୋଲି ଜଣାପଡିଛି। କୋନାବିରା ଗାଁର ବାଇକ୍‌ରେ ଥିବା ଅନ୍ୟ ଜଣେ ଜିତା ମିଶ୍ର (୨୮)ଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସେଠାରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ନୂଆପଡା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ପ୍ରାପ୍ତ ସୂଚନାନୁସାରେ କୋମନା ଥାନା କୋନାବିରା ପଞ୍ଚାୟତ ଡୁମେରବାହାଲ ଗାଁରୁ ବୋଡେନ ଥାନା ଫରସରା ପଞ୍ଚାୟତ ଆମଗୁଡା ଗାଁକୁ ବରଯାତ୍ରୀ ଯାଉଥିଲେ। ବରଯାତ୍ରୀ ପାର୍ଟି ଏକ ଗାଡିରେ ଯାଉଥିବା ବେଳେ ଲକ୍ଷ୍ମଣ ଓ ଜିତା ୨ଜଣ ବାଇକ୍‌ରେ ଯାଉଥିଲେ। ବୋଡେନ ପଟୁ ଏକ ଅଟୋ ଆସୁଥିବା ବେଳେ ଖଇରା ପଞ୍ଚାୟତ ଅମେରା ଗାଁ ପାଖ ପୋଡାଖୁଟଠାରେ ବିଜୁ ଏକ୍ସପ୍ରେସ ୱରେ ଅଟୋ ଓ ବାଇକ ମୁହାଁମୁହିଁ ଧକ୍କା ହୋଇଥିଲା। ଅଟୋ ଚାଳକ ଭୋଦେବ, ବାଇକ୍ ଚାଳକ ଲକ୍ଷ୍ମଣ ଓ ବାଇକ୍‌ରେ ବସିଥିବା ଅନ୍ୟ ଜଣେ ଜିତାଙ୍କୁ ଆମ୍ବୁଲାନ୍ସ ଯୋଗେ ବୋଡେନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ଲକ୍ଷ୍ମଣ ଓ ଭୋଦେବଙ୍କୁ ମୃତ ଘୋଷଣା କରିଥିବା ବେଳେ ଜିତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# କେନ୍ଦ୍ର ଉପରେ ବର୍ଷିଲେ କଂଗ୍ରେସ ନେତା



କେସିଙ୍ଗା କଂଗ୍ରେସ କମିଟି କର୍ମକର୍ତ୍ତାଙ୍କ ପ୍ରତିବାଦ ସଭା।

**କେସିଙ୍ଗା,୧୦।୩(ଡି.ଏନ.ଏ.)**

ଆଦାନୀ ଗ୍ରୁପ୍‌ର ଅନିୟମିତତା ସମ୍ପର୍କରେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ରିପୋର୍ଟକୁ ନେଇ ଶୁକ୍ରବାର କଳାହାଣ୍ଡି ଜିଲା କେସିଙ୍ଗା ଷ୍ଟେଟବ୍ୟାଙ୍କ ପାଖରେ କେସିଙ୍ଗା କଂଗ୍ରେସ କମିଟି ପକ୍ଷରୁ ପ୍ରତିବାଦ ସଭା କରାଯାଇଛି। ଟାଉନ ସଭାପତି ସୁଭାଷ ଚନ୍ଦ୍ର ଜୈନ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ କଂଗ୍ରେସ ଜିଲା ସଭାପତି ଭାରତ ବେମାଲ ଯୋଗଦେଇ ଆଦାନୀ ଗ୍ରୁପ୍‌ର ଅନିୟମିତତା ସମ୍ପର୍କରେ ହିଣ୍ଡେନ୍‌ବର୍ଗ ରିସର୍ଚ୍ଚ ରିପୋର୍ଟ ପ୍ରକାଶ ପାଇବା ଏବଂ ବିଭିନ୍ନ ସମସ୍ୟା ଯଥା ଗ୍ୟାସ ମୂଲ୍ୟ ବୃଦ୍ଧି, ବେକାରୀ ସମସ୍ୟା ଉପରେ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ପ୍ରତିବାଦ ସଭାରେ ଆନ୍ୟମାନଙ୍କ ମଧ୍ୟରେ ପିସିସି ଉପସଭାପତି ମୋତି କୈବର୍ତ୍ତ, ବ୍ଲକ କଂଗ୍ରେସ ସଭାପତି ରାହାସ ସାହୁ, ଯୁବ ସଭାପତି ରୋହିତ ଜୈନ, ପୂର୍ବତନ ନଗରପାଳ ରାମ କୁମାର ଜୈନ, ପୂର୍ବତନ ନଗର ସଭାପତି ଦୟା ସାଗର ସାହା, ପୂର୍ବତନ କାଉନସିଲର ବିଜୟ ଦୀପ ଓ ହେମରାଜ ସାହା, ଆଶିଷ ସାହା, ବସନ୍ତ ନାୟକ, ସଞ୍ଜୀବ ସାହା, ବରୁଣ ସାହୁ, ଗୋରେଖ ବାଗ, ମୁନ୍ନା ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

# ଦୋଳପୂର୍ଣ୍ଣିମାରେ ଅଷ୍ଟପ୍ରହର ନାମଯଜ୍ଞ



ନଗର ପରିକ୍ରମା କରାଯାଉଛି।

**କୋକସରା,୧୦।୩(ଡି.ଏନ.ଏ.)**

କଳାହାଣ୍ଡି ଜିଲା କୋକସରାଠାରେ ଦୋଳ ପୂର୍ଣ୍ଣିମା ଅବସରରେ ଚାଲିଥିବା ଅଷ୍ଟ ପ୍ରହର ନାମଯଜ୍ଞ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅପରାହ୍ନରେ କଳସ ଯାତ୍ରାରେ ଗ୍ରାମର ଶତାଧିକ ମହିଳା ନଗର ପରିକ୍ରମା କରି ପୋଖରୀରୁ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ। ସୋମବାର ସକାଳୁ ନାମ ସଂକୀର୍ତ୍ତନ ସହ ନାମଯଜ୍ଞ ଆରମ୍ଭ ହୋଇ ମଙ୍ଗଳବାର ସକାଳେ ସମାପନ ହୋଇଥିଲା। ପୂଜା କର୍ତ୍ତା ଭାବେ ବିଶ୍ୱମ୍ଭର ଶବର ଓ କନକ ଶବର ସପତ୍ନୀକ ରହିଥିଲେ। ପୂଜକ ପୁରନ୍ଦର ଦାସ ପୂଜା କାର୍ଯ୍ୟ ସମାପନ କରିଥିଲେ। ଜିଲା ବାହାରୁ ମହିଳା ସଂକୀର୍ତ୍ତନ ଦଳ ସମେତ ସଂକୀର୍ତ୍ତନ ଦଳ ନାମ ସଂକୀର୍ତ୍ତନ କରିଥିଲେ। ମଙ୍ଗଳବାର ପୂର୍ଣ୍ଣାହୁତି ସହ ଦହି ହାଣ୍ଡିକୁ ନେଇ ଶହ ଶହ ସଂଖ୍ୟକ ଶ୍ରଦ୍ଧାଳୁ ହରେକୃଷ୍ଣ ନାମ ସଂକୀର୍ତ୍ତନ କରି ନଗର ପରିକ୍ରମା କରି ଦହି ହାଣ୍ଡି ଭାଙ୍ଗିବା ସହ ଅଷ୍ଟ ପ୍ରହର ସମାପନ ହୋଇଛି। କେଶରୀ ନାଏକ ଓ ମହେନ୍ଦ୍ର ନାଏକ ସହଯୋଗ କରିଥିଲେ।

# ଡିଆର୍‌ଏମ୍‌ଙ୍କୁ ସାକ୍ଷାତ କଲା କଳାହାଣ୍ଡି ରେଳଯାତ୍ରୀ ସଂଘ



ଡିଆର୍‌ଏମ୍‌ଙ୍କୁ ସାକ୍ଷାତ କରୁଛି ରେଳଯାତ୍ରୀ ସଂଘ।

**ଭବାନୀପାଟଣା,୧୦।୩(ସ୍ୱ.ପ୍ର.)**

କଳାହାଣ୍ଡି ଜିଲାର ରେଳ ବିକାଶ ପାଇଁ ଅଣ୍ଟା ଭିଡ଼ିଛି ସ୍ଥାନୀୟ ରେଳଯାତ୍ରୀ ସଂଘ। ଏ ନେଇ ସଂଘ ପକ୍ଷରୁ ସମ୍ବଲପୁର ରେଳ ବିଭାଗ ଡିଆରଏମ ବିନୀତ ସିଂଙ୍କୁ ସାକ୍ଷାତ କରି ଜିଲାର ରେଳ ସମସ୍ୟା ନେଇ ଆଲୋଚନା କରିଥିଲେ। ବିଶେଷ କରି କେସିଙ୍ଗାରୁ ଭୁବନେଶ୍ୱର ପାଇଁ ଟ୍ରେନ, ଲିଫ୍ଟ ସୁବିଧା, ବୟସ୍କ ଲୋକଙ୍କ ପାଇଁ ବ୍ୟାଟେରି ଚାଳିତ ଗାଡ଼ି ଓ ଅନେକ ଆବଶ୍ୟକତା ବିଷୟରେ ଅବଗତ କରାଯାଇଥିଲା। ସେହିପରି ଭବାନୀପାଟଣା ପାଖ କୁତୁରୁଖମାର ନୂଆ ହସ୍ପିଟାଲ ପାଖରେ ଏକ ଅଣ୍ଡର ବ୍ରିଜ ନିର୍ମାଣ, ରୁପ୍ରାରୋଡରେ ସମତା ଏକ୍ସପ୍ରେସ ରହଣି ପାଇଁ ମଧ ଦାବି କରିଥିଲେ। ଏହି ସମୟରେ ରେଳ ଯାତ୍ରୀ ସଂଘ ଅଧ୍ୟକ୍ଷ ଡ.ଭବାନୀ ଶଙ୍କର ନିଆଲ, ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଉପସଭାପତି ରାକେଶ ସାହୁ ଓ ସମ୍ପାଦକ ବଣ୍ଟି ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ଦଫା ଦାବି ନେଇ ଗର୍ଜିଲେ ପ୍ରାଥମିକ ଶିକ୍ଷକ

**ଭବାନୀପାଟଣା,୧୦।୩(ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଭବାନୀପାଟଣା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ (ନୂତନ ପେନସନଭୁକ୍ତ ଶିକ୍ଷକ ସଂଘ) ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ୩ ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ୨୦୦୧ରୁ ଚାକରି କରୁଥିବା ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ, ଶିକ୍ଷା ସହାୟକ, ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କ ଚୁକ୍ତି ଭିତ୍ତିକ ଉଚ୍ଛେଦ କରି ମୂଳ ଚାକିରୀରୁ ଗଣନା, ଓଡିଶା ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା, ପୁରୁଣା ପେନସନ ଲାଗୁ ଭଳି ୩ଦଫା ଦାବି ନେଇ ଭବାନୀପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ତଥା ସମସ୍ତ ସଦସ୍ୟ ଓ କନିଷ୍ଠ ଶିକ୍ଷକମାନେ ଅଂଶ ଗ୍ରହଣ କରିଥିଲେ। ଦାବିପତ୍ର ପ୍ରଦାନ ସମୟରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ମହାସଂଘ ଭବାନୀପାଟଣା ବ୍ଲକ ସମ୍ପାଦକ ପ୍ରଦ୍ୟୁମ୍ନ ହୋତା, ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ




ଭବାନୀପାଟଣା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ।

**ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ**

ଭବାନୀପାଟଣା ବ୍ଲକ ସଭାପତି ବିଶ୍ୱଜିତ ରାଏ, ସାଧାରଣ ସମ୍ପାଦକ ନାରାୟଣ ବଗର୍ତ୍ତି, ପଦ୍ମିନୀ ସାହୁ, ରାଜକୁମାରି ଶବର, ଝରଣା ପ୍ରଧାନ, ସୁପ୍ରଭା ପଟ୍ଟନାୟକ, ଜ୍ୟୋତିରାଣୀ ଦାସ, ପ୍ରତିଭା ବିଶ୍ୱାଳ, ପ୍ରଦୀପ ରଥ, ପ୍ରଭାତ ପଣ୍ଡା, ଅନୀଲ ନାଏକ, ଚିନ୍ମୟ ମହାନ୍ତି, ପ୍ରଶାନ୍ତ ମୌଲାନା, ସୌମେନ୍ଦ୍ର ମହାନ୍ତି, ବିଜୟ ଦଳେଇ ପ୍ରଭୃତି ଶିକ୍ଷକଙ୍କ ସମେତ ସମସ୍ତ ଶିକ୍ଷକ ବିଭିନ୍ନ ସ୍ଲୋଗାନ ଦେଇ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ ଜୟକୁମାର ମାଝିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ ଦାବି ପୂରଣ ନ ହେଲେ ଆଗାମୀ ୧୫ ତାରିଖରୁ ସମସ୍ତ ଏନପିଏସ ଶିକ୍ଷକ ଓ କନିଷ୍ଠ ଶିକ୍ଷକ ରାଜଧାନୀରେ ଆନ୍ଦୋଳନ ଜୋରଦାର କରିବେ ବୋଲି ଜିଲା ମିଳିତ ପ୍ରାଥମିକ ଶିକ୍ଷକ ମହାସଂଘ ସଭାପତି ପ୍ରଫୁଲ୍ଲ କୁମାର ଠାକୁର, ଉପଦେଷ୍ଟା ମନୋଜ ପଣ୍ଡା, ମହମ୍ମଦ ଜାକିର, ଧନଞ୍ଜୟ ସାହୁ ସୂଚନା ଦେଇଥିଲେ।

## ସଂକ୍ଷେପରେ

### ଶ୍ୟାମ ମେଟାଲିକ୍ସରେ ଜାତୀୟ ସୁରକ୍ଷା ସପ୍ତାହ

**ରେଙ୍ଗାଲି,୧୦।୩(ଡି.ଏନ.ଏ.):** ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ପଣ୍ଡଲୋଇସ୍ଥିତ ଶ୍ୟାମ ମେଟାଲିକ୍ସରେ ଗତ ୪ ତାରିଖରୁ ଆରମ୍ଭ ହୋଇଥିବା ଜାତୀୟ ସୁରକ୍ଷା ସପ୍ତାହ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଉତ୍ସବରେ ଫ୍ୟାକ୍ଟ୍ରି ଓ ବଏଲର ଅତିରିକ୍ତ ନିର୍ଦ୍ଦେଶକ ଉମାକାନ୍ତ ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ କମ୍ପାନୀ ନିର୍ଦ୍ଦେଶକ ଦେବ କୁମାର ତିୱାରୀ ଯୋଗଦେଇ କର୍ମଚାରୀମାନଙ୍କୁ ପୁରସ୍କୃତ କରିଥିଲେ। ସୁରଜିତ ପଡ଼ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଭିସୁଟ୍‌ରେ ଗୀତ ଗାଇଲେ ଭିଜିଲାନ୍ସ ଏସ୍‌ପି ସାରା ଶର୍ମା



**ସମ୍ବଲପୁର,୧୦।୩(ବ୍ୟୁରୋ):** ସମ୍ବଲପୁର ବୁର୍ଲା ଭିସୁଟ୍‌ରେ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଭିଜିଲାନ୍ସ ଏସ୍‌ପି ଶାରା ଶର୍ମା ଅତିଥିଭାବେ ଯୋଗ ଦେଇ ଗୀତ ଗାଇଥିଲେ। ତାଙ୍କ ଗୀତ ଶୁଣି ମହିଳାମାନେ ଉତ୍ସାହିତ ହୋଇଥିଲେ। ଏହା ସହ ଏସପି ଶର୍ମା କହିଥିଲେ, ମହିଳାମାନେ ସବୁ କ୍ଷେତ୍ରରେ ଆଗେଇ ଆସିଛନ୍ତି। ଅନ୍ୟ କେତେକ ଦେଶ ତୁଳନାରେ ଆମ ଦେଶରେ ମହିଳାମାନଙ୍କୁ ସୁବିଧା ଓ ଅଧିକାର ଦିଆଯାଉଛି। ଛାତ୍ରୀଛାତ୍ର ଲକ୍ଷ୍ୟ ହାସଲ କରିବା ପାଇଁ କଠିନ ପରିଶ୍ରମ କରିବାକୁ ସେ ଆହ୍ୱାନ ଦେଇଥିଲେ। କୁଳପତି ପ୍ରଫେସର ବଂଶୀଧର ମାଝି, ରେଜିଷ୍ଟ୍ରାର ପ୍ରଦୀପ କୁମାର ଡାଙ୍ଗ, ଡ. ପୂର୍ଣ୍ଣପ୍ରିୟା ମିଶ୍ର ଉପସ୍ଥିତ ରହି ମହିଳା ଓ ପୁରୁଷଙ୍କ କାର୍ଯ୍ୟ ସମାନତା ଉପରେ ଆଲୋକପାତ କରିଥିଲେ। ଆଇନଜୀବୀ ଅଦ୍ୱୈତ କୁମାର ପଣ୍ଡା ମହିଳାଙ୍କ ଆଇନଗତ ଅଧିକାର ଉପରେ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ।

### କଂଗ୍ରେସ ପକ୍ଷରୁ ବ୍ୟାଙ୍କ ଆଗରେ ପ୍ରତିବାଦ ସଭା

**କୁଚିଣ୍ଡା,୧୦।୩(ଡି.ଏନ.ଏ.):** ହିଣ୍ଡେନବର୍ଗ ରିପୋର୍ଟ ଆଧାରରେ କେନ୍ଦ୍ର ସରକାରଙ୍କ ପୁଞ୍ଜିପତି ପ୍ରୀତି ବିରୋଧରେ କୁଚିଣ୍ଡା ବ୍ଲକ ଓ ନଗର କଂଗ୍ରେସ ପକ୍ଷରୁ ଶୁକ୍ରବାର ଷ୍ଟେଟ ବ୍ୟାଙ୍କ ସମ୍ମୁଖରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ହୋଇଥିବା ଆନ୍ଦୋଳନରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, କତୁନାଥ ପିଙ୍ଗ, ପୂର୍ବତନ ଏନ୍‌ଏସି ଅଧକ୍ଷ ଅଖିଳ ପ୍ରତାପ ସିଂ, ସଞ୍ଜିତ ଶର୍ମା, ପୂର୍ବତନ କାଉନସିଲର ଆରତି ନାୟକ, ସଞ୍ଜୟ ମହାନନ୍ଦଙ୍କ ସମେତ ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ।

# ସ୍ମାରକପତ୍ର ଦେଲା ଶିକ୍ଷକ ସଂଘ




ଦାବିପତ୍ର ଦେବାକୁ ଆସିଥିବା ନାକଟିଦେଉଳ ଶିକ୍ଷକ ସଂଘ ସଦସ୍ୟମାନେ।



ଶିକ୍ଷକମାନେ କୁଚିଣ୍ଡା ଏବିଇଓଙ୍କୁ ଦାବିପତ୍ର ଦେଉଛନ୍ତି।

**ନାକଟିଦେଉଳ/ କୁଚିଣ୍ଡା,୧୦।୩(ଡି.ଏନ.ଏ.)**

ନାକଟିଦେଉଳ ବ୍ଲକ ନୂତନ ପେନ୍‌ସନ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଇଓଙ୍କୁ ୩ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଠିକା ନିଯୁକ୍ତି ବାତିଲ କରି ପୂର୍ବର ୬ ଓ ୮ବର୍ଷ ଶିକ୍ଷା ସହାୟକ କାର୍ଯ୍ୟକାଳକୁ ୬ ଏବଂ ୮ଟି ଇନକ୍ରିମେଣ୍ଟ ଦେଇ ମୂଳ ଚାକିରିରେ ଗଣନା କରିବା, ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ ଏବଂ ନୂତନ ପେନ୍‌ସନ ବ୍ୟବସ୍ଥା ଉଚ୍ଛେଦ କରି ପୁରୁଣା ବ୍ୟବସ୍ଥା ପ୍ରଚଳନ ଦାବି କରାଯାଇଥିଲା। ପୂର୍ବରୁ ଭୁବନେଶ୍ୱରଠାରେ ସଂଘ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ପରେ ଉଚ୍ଚସ୍ତରୀୟ ବୈଠକ ବସି ଆଲୋଚନା ହୋଇଥିଲେ ମଧ୍ୟ ଦାବି ପୂରଣ ଦିଗରେ ସରକାର କୌଣସି ପଦକ୍ଷେପ ନେଇ ନ ଥିବାରୁ ପୁନର୍ବାର ସଂଘ ଆନ୍ଦୋଳନକୁ ଓହ୍ଲାଇଛି। ଆସନ୍ତା ୧୫ତାରିଖଠାରୁ ସଂଘର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ସମୂହ ଛୁଟିରେ ଯାଇ ରାଜଧାନୀରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଚେତାବନୀ ଦେଇଛନ୍ତି। ନୂତନ ପେନ୍‌ସନ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘର ଜିଲା ସଭାପତି ପ୍ରମୋଦ କୁମାର ପ୍ରଧାନ, ନାକଟିଦେଉଳ ବ୍ଲକ ସମ୍ପାଦକ ମହେଶ୍ୱର ପ୍ରଧାନଙ୍କ ନେତୃତ୍ୱରେ ବ୍ଲକ ଉପସଭାନେତ୍ରୀ ରମ୍ଭା ସ୍ୱାଇଁ, ସଂଗଠନ ସମ୍ପାଦିକା ତଅପୋଇ ସେଠୀ, ସମ୍ପାଦକ ରଜନୀକାନ୍ତ ଆଚାର୍ଯ୍ୟ, ପ୍ରଜ୍ଞା ପ୍ରଧାନ, ସୋନାଲି ସାହୁ, ଶୁଭସ୍ମିତା ସାହୁ, ଶ୍ରୀପତି ସାହୁଙ୍କ ସମେତ ସଂଘର ଶତାଧିକ ଶିକ୍ଷକ/ଶିକ୍ଷୟିତ୍ରୀ ବିଇଓଙ୍କ କାର୍ଯ୍ୟାଳୟକୁ ଯାଇ ଏହି ସ୍ମାରକପତ୍ର ପ୍ରଦାନ କରିଥିଲେ।

କୁଚିଣ୍ଡା ବ୍ଲକ ନୂତନ ପେନ୍‌ସନ୍ ଅନ୍ତର୍ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଶୁକ୍ରବାର ସରକାରଙ୍କ ଉଦ୍ଦେଶ୍ୟରେ କୁଚିଣ୍ଡା ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌରାଙ୍ଗ କୁସୁମଙ୍କୁ ଦାବିପତ୍ର ଦିଆଯାଇଛି। ଶିକ୍ଷକ ସଂଘ ସଭାପତି ପ୍ରଶାନ୍ତ କୁମାର ଦାସଙ୍କ ନେତୃତ୍ୱରେ ସ୍ଥାନୀୟ କଳାପରିଷଦଠାରୁ ଶିକ୍ଷୟିତ୍ରୀ ଶିକ୍ଷକ ଶୋଭାଯାତ୍ରାରେ ବାହାରି ଗୋଷ୍ଠି ଶିକ୍ଷା ଅଫିସରେ ପହଞ୍ଚିଥିଲେ। ଶିକ୍ଷକମାନଙ୍କ ଦୀର୍ଘ ଦିନର ଦାବିକୁ ସରକାର ଅଣଦେଖା କରିଆସୁଥିବା ବେଳେ ଆସନ୍ତା ୧୫ ତାରିଖରେ ରାଜଧାନୀରେ ହେବାକୁ ଥିବା ଶିକ୍ଷକ ଆନ୍ଦୋଳନରେ ସାମିଲ ହେବାକୁ ସଂଘ ପକ୍ଷରୁ ଆହ୍ୱାନ ଦିଆଯାଇଛି। ପରେ ବିଭିନ୍ନ ଦାବି ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇଥିଲା।

## ସ୍ନାତକ କଲେଜରେ ଖୋଲିଲା ଏନ୍‌ସିସି ୟୁନିଟ୍

**ନାକଟିଦେଉଳ,୧୦।୩(ଡ଼ି.ଏନ.ଏ.)**

ନାକଟିଦେଉଳ ସ୍ନାତକ ମହାବିଦ୍ୟାଳୟରେ ୨ଟି ଏନ୍‌ସିସି ୟୁନିଟ ଖୋଲିଛି। ବାଳକ ବିଭାଗ ଏନ୍‌ସିସି ୟୁନିଟ ଅଫିସର ଭାବେ ଶିକ୍ଷା ବିଭାଗର ଅଧ୍ୟାପକ ହିମାଂଶୁ ବାରିକ ଓ ବାଳିକା ବିଭାଗ ୟୁନିଟର ଅଫିସର ଭାବେ ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ସଂଗୀତା ସେଠ ନିଯୁକ୍ତ ହୋଇଛନ୍ତି। ନାକଟିଦେଉଳ ମହାବିଦ୍ୟାଳୟରେ ସମ୍ବଲପୁର ଏନ୍‌ସିସି ଗ୍ରୁପ ମୁଖ୍ୟାଳୟର କମାଣ୍ଡିଂ ଅଫିସର ସି.ସି. ନାଗଙ୍କ ଦ୍ୱାରା ଏହା ଉଦ୍‌ଘାଟିତ ହୋଇଥିଲା। ଏହାସହ ଏନ୍‌ସିସି କାର୍ଯ୍ୟାଳୟ, ଫାୟାରିଂ ରେଞ୍ଜ ଏରିଆ ମଧ୍ୟ ଉଦ୍‌ଘାଟିତ ହୋଇଥିଲା। ନୂତନ କ୍ୟାଡେଟ ଚୟନ ପାଇଁ ସାକ୍ଷାତକାର କରାଯାଇଥିଲା। ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁଧୀର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଏନ୍‌ସିସିର ଭୂମିକା ଉପରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଦେବେଶ ବିଶ୍ୱାଳ, ଶେଷଦେବ ବିଶ୍ୱାଳ, ବିନୋଦ ବିହାରୀ ପ୍ରଧାନ, ଭଜମୋହନ ପ୍ରଧାନ, ଅଧ୍ୟାପିକା ପୁଷ୍ପାଞ୍ଜଳି ରବଣା, ଲିଁନା ପ୍ରିୟଦର୍ଶନୀ ଉପସ୍ଥିତ ଥିଲେ।

## ଏଲ୍‌ଆଇସି ଅଫିସ ସମ୍ମୁଖରେ କଂଗ୍ରେସର ବିକ୍ଷୋଭ

**ସମ୍ବଲପୁର,୧୦।୩(ବ୍ୟୁରୋ)**

କେନ୍ଦ୍ର ସରକାର ବିଭିନ୍ନ ସରକାରୀ ସମ୍ପତ୍ତିକୁ ଘରୋଇ କମ୍ପାନୀ ହାତରେ ଟେକି ଦେଉଛନ୍ତି। ଆଦାନୀ ଭଳି କମ୍ପାନୀ ହାତରେ ଦେଶ ପରିଚାଳିତ ହେଉଛି। ଉକ୍ତ କମ୍ପାନୀକୁ କେନ୍ଦ୍ର ସରକାର ଅହେତୁକ ଅନୁକମ୍ପା ଦେଖାଉଛନ୍ତି ବୋଲି ଶୁକ୍ରବାର ସମ୍ବଲପୁର ଏଲ୍‌ଆଇସି ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଜିଲା କଂଗ୍ରେସ କମିଟି ଅଭିଯୋଗ କରିଛି। ଜିଲା କଂଗ୍ରେସ କମିଟି ସଭାପତି ଅଶ୍ୱିନୀ ଗୁରୁଙ୍କ ନେତୃତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଉପସ୍ଥିତ ନେତାମାନେ ମଧ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଦାନି ପ୍ରୀତି ନେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏଥିସହିତ ଆଦାନୀ ଗ୍ରୁପର ଜାଲିଆତି ନେଇ ଦୃଢ଼ ପ୍ରତିବାଦ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରଞ୍ଜନ ତ୍ରିପାଠୀ, ଅମିତ ଗୁରୁ, ରବି ରାଉତ, ରମଣି ବାବୁ, ଲକ୍ଷ୍ମୀ ଯାଦବ, ଛବିରାଣି ପତି, ଗୀତା ଦୁବେ, ଜିତେନ୍ଦ୍ର ପ୍ରଧାନ, ସୁତାପା ମିତ୍ର, ବିଜୟଲକ୍ଷ୍ମୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।



ବିକ୍ଷୋଭ ସମାବେଶରେ ଦଳୀୟ ନେତୃବୃନ୍ଦ।

## ପୋଷ୍ୟ ସନ୍ତାନ ଗ୍ରହଣ ଉପରେ କର୍ମଶାଳା

**କୁଚିଣ୍ଡା,୧୦।୩(ଡି.ଏନ.ଏ.)**

ବାମରା ବ୍ଲକ ସଦର ମହୁକୁମା ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ କେଶାଇବାହାଲ ପଞ୍ଚାୟତ ସଭାଗୃହଠାରେ ପୃଥକ୍ ଭାବେ ଜିଲା ପ୍ରଶାସନ ଏବଂ ଜିଲା ଶିଶୁ ସୁରକ୍ଷା ୟୁନିଟ ସମ୍ବଲପୁର ପକ୍ଷରୁ ପୋଷ୍ୟ ସନ୍ତାନ ଗ୍ରହଣ ଆଇନ ଏବଂ ବାଲ୍ୟ ବିବାହ ନିରାକରଣ ସଂପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବାମରାଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାମରା ସିଡିପିଓ ମିନତୀ ମିଶ୍ରଙ୍କ ସଭାପତିତ୍ୱରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୂଚୀସ୍ମିତା ପଟ୍ଟନାୟକ ଯୋଗଦେଇ ଏହାର ଲକ୍ଷ୍ୟ, ଉଦ୍ଦେଶ୍ୟ ବିଷୟରେ ମାର୍ଗ ଦର୍ଶନ କରିଥିଲେ। ଏଥିରେ ଆଖପାଖ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ଆଶା କର୍ମୀ, ଅଙ୍ଗନୱାଡ଼ି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗୋବିନ୍ଦପୁର ସରପଞ୍ଚ ବିମଳ ଲାକ୍ରା, ଆଇସିଡିଏ ସୁପରଭାଇଜର ଅନିତା ଏକ୍କା, ବାମରା ବ୍ଲକ ଚାଇଲ୍ଡଲାଇନ କର୍ମୀ ସୁହାନୀ ବାଗେ, ପ୍ରାକ୍ତନ ସିଡବ୍ଲ୍ୟୁସି ସଭ୍ୟା ପୁଷ୍ପରାଣୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି କେଶାଇବାହାଲଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସରପଞ୍ଚ ବାଣେଶ୍ୱର ନାଏକ ସଭାପତିତ୍ୱ କରିଥିବାବେଳେ ଆଇସିଡିଏସ କ୍ଷେତ୍ର ପରିଚାଳିକା ଯାମିନି ଅଡ଼ୁ ସଭା ପରିଚାଳନା କରିଥିଲେ। ଏହି କର୍ମଶାଳାରେ ଡିସିପିୟୁ, ସମ୍ବଲପୁରର ଉତ୍ତମ ପ୍ରଧାନ ଆଇନ ଅନୁଯାୟୀ ପୋଷ୍ୟ ସନ୍ତାନ ଗ୍ରହଣର ନିୟାମବଳୀ ସମ୍ବନ୍ଧରେ ଉପସ୍ଥିତ ପ୍ରଶିକ୍ଷାର୍ଥୀଙ୍କୁ ଅବଗତ କରିଥିଲେ। ଏହାସହିତ ପଞ୍ଚାୟତ ସ୍ତରରେ ରହିଥିବା ଶିଶୁ ସୁରକ୍ଷା କମିଟିକୁ ସୁଦୃଢ଼ କରି ଗ୍ରାମାଞ୍ଚଳରେ ହେଉଥିବା ବାଲ୍ୟ ବିବାହକୁ କମିଟି ମାଧ୍ୟମରେ ରୋକଯାଇ ପାରିବ ବୋଲି ପିଓଏନଆଇସି ବବିତା କର ଅବଗତ କରିଥିଲେ।

## ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଦାବିପତ୍ର

**ରେଙ୍ଗାଲି,୧୦।୩(ଡି.ଏନ.ଏ.)**

ସମ୍ବଲପୁର ଜିଲା ରେଙ୍ଗାଲି ବ୍ଲକ ମିଳିତ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଏକ ପ୍ରତିବାଦ ରାଲି ଆୟୋଜନ କରାଯାଇଥିଲା। ପରେ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରେଙ୍ଗାଲି ବିଡିଓଙ୍କୁ ୩ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା। ପୁରୁଣା ପେନ୍‌ସନ୍ ଲାଗୁ କରିବା, ୬ଟି ଇନକ୍ରିମେଣ୍ଟ, କେନ୍ଦ୍ରୀୟ ହାରରେ ଦରମା ଦାବି କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷକ ସଂଘ ସଭାପତି ଲିଙ୍ଗରାଜ ଦୀପ, ସମ୍ପାଦକ ରୂପମଣି ସାହୁ, ପ୍ରଶାନ୍ତ ମାହାଣା, ହିମାଂଶୁ ସାହୁ, ପର୍ଶୁରାମ ନାଥ, ଚିନ୍ମୟୀ ପଟେଲ, ସଂଜୀବ ନାୟକଙ୍କ ସମେତ ବହୁ ଶିକ୍ଷକ ଉପସ୍ଥିତ ଥିଲେ।

## ହନୁମାନ ମନ୍ଦିର ପ୍ରତିଷ୍ଠା

**ପଡିଆବାହାଲ, ୧୦।୩(ଡି.ଏନ.ଏ.)**

ଝାରସୁଗୁଡ଼ା ବ୍ଲକ ମଲକୀଟିକିରା କଲୋନୀରେ ହନୁମାନ ମନ୍ଦିର ପ୍ରତିଷ୍ଠା ଶୁକ୍ରବାର ଆରମ୍ଭ ହୋଇଛି। ଅଧିବାସ କର୍ମରେ ଶତାଧିକ ମହିଳାପୁରୁଷ ସଂକୀର୍ତ୍ତନ କରି କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ପଣ୍ଡିତ ଶାଶ୍ୱତ କୁମାର, ସହଯୋଗୀ ପଣ୍ଡିତ ପୁରୁଷୋତ୍ତମ ମହାପାତ୍ର, ମାନସ ପୁରୋହିତ ଓ ସାଧୁ ଚରଣ କରଙ୍କ ପୌରୋହିତ୍ୟରେ ଭରତ ଓ ନନ୍ଦିନୀ ନାୟକ ଏବଂ ସରୋଜ ଓ ରୁପେଇ ପଧାନ ସପ୍ତ୍ରିକ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ଶନିବାର ମହାମନ୍ତ୍ର ଜପ, ରବିବାର ପୂର୍ଣ୍ଣାହୁତି ସାଙ୍ଗକୁ ମନ୍ଦିର କୁମ୍ଭ ଭରଣ ଓ ମନ୍ଦିର ପ୍ରତିଷ୍ଠା ହୋଇ ପ୍ରତିମା ମନ୍ଦିର ପ୍ରବେଶ କରାଯିବ ବୋଲି କମିଟି ତରଫରୁ ଜଣାପଡିଛି ।

## ଅବକାରୀ ଗୋଇନ୍ଦା ବିଭାଗ ଦ୍ୱାରା ଗଞ୍ଜେଇ ଜବତ



ଜବତ ଗାଡି ସହ ଗଞ୍ଜେଇ ଓ ଗିରଫ ୩ ଅଭିଯୁକ୍ତ।

**ସମ୍ବଲପୁର,୧୦।୩(ବ୍ୟୁରୋ)**

ସମ୍ବଲପୁର ଶାସନ ଥାନା ତାଲବ ଗ୍ରାମ ନିକଟରେ ଅବକାରୀ ଗୋଇନ୍ଦା ବିଭାଗ ଚଢାଉ କରି ୧କୁଇଣ୍ଟାଲ ୫କେଜି ଗଞ୍ଜେଇ ଜବତ କରିବା ସହ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବିହାରର ପ୍ରିନ୍ସ କୁମାର ସିଂ, ସଜନ ଯାଦବ ଓ ଶୈଳେନ୍ଦ୍ର କୁମାର। ଏମାନେ ବ୍ୟବହାର କରୁଥିବା ବୋଲେରୋ (ୟୁପି-ପିଏଫ୍-୨୫୧୪) ମଧ୍ୟ ଜବତ ହୋଇଛି। ବୌଦ୍ଧରୁ ବିହାର ଗଞ୍ଜେଇ ଚାଲାଣ ହେଉଥିବା ନେଇ ସମ୍ବଲପୁର ଗୋଇନ୍ଦା ଅବକାରୀ ବିଭାଗ ସୂଚନା ପାଇଥିଲା। ଏକ ଟିମ୍ ତାଲବ ନିକଟରେ ଚଢାଉ କରିଥିଲା। ଜବତ ଗଞ୍ଜେଇ ମୂଲ୍ୟ ୧୦ ଲକ୍ଷରୁ ଅଧିକ ଓ ଗାଡି ୫ ଲକ୍ଷ ମୋଟ ୧୫ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୟୁଏସ୍‌ଏ କମ୍ପାନୀ ସହ ଭିସୁଟ୍‌ର ଏମ୍‌ଓୟୁ



ଭିସୁଟ୍‌ରେ ଏମ୍‌ଓୟୁ ସ୍ୱାକ୍ଷର ।

**ସମ୍ବଲପୁର,୧୦।୩(ବ୍ୟୁରୋ)**

ସମ୍ବଲପୁର ବୁର୍ଲା ଭିସୁଟ୍ ଓ ୟୁଏସ୍‌ଏର ଏକ କମ୍ପାନୀ ସହିତ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଭିସୁଟ କୁଳପତି ପ୍ରଫେସର ବଂଶୀଧର ମାଝି ଓ ମରକ୍ୟୁସେମି କମ୍ପାନୀ ପ୍ରାଇଭେଟ ଲିମିଟେଡ ଓଡ଼ିଶା ଅପରେଶନ ମୁଖ୍ୟ ଉମେଶ ମହାନ୍ତି ସ୍ୱାକ୍ଷର କରିଥିଲେ। ଏହି ଅବସରରେ କୁଳସଚିବ ପ୍ରଦୀପ ଡାଙ୍ଗ, ପ୍ରଫେସର ହରିଶ କୁମାର ସାହୁ, ଆଦିତ୍ୟ କୁମାର ହୋତା, ମୁକେଶ କୁମାର ଶୁକ୍ଳା, ପ୍ରଦୀପ ଚାଇମାଲ ପତି ଉପସ୍ଥିତ ଥିଲେ। ଏହି ଏମ୍‌ଓୟୁ ହେବା ଫଳରେ ଛାତ୍ରୀଛାତ୍ର ଉକ୍ତ କମ୍ପାନୀ ସହିତ ମିଶି ଇଲେକ୍ଟ୍ରୋନିକ୍ସ ଚିପ୍‌ସ ବିଷୟରେ ଅଧିକ ଜ୍ଞାନ ହାସଲ କରିପାରିବେ। ଏହା ଛାତ୍ରୀଛାତ୍ର ଓ କମ୍ପାନୀକୁ ଲାଭଦାୟକ ହେବ। ଏହାଛଡା ଶିଳ୍ପ ଓ ଶିକ୍ଷାନୁଷ୍ଠାନ ଭିତରେ ରହିଯାଇଥିବା ସାମାନ୍ୟ ଦୂରତାକୁ ଏହା କମାଇଦେବ ବୋଲି ଆଶା କରାଯାଉଛି।

## ମନ୍ଦିର ପରିଚାଳନା କମିଟି ଗଠିତ

**ଖଡ଼ିଆଳ,୧୦।୩(ଡି.ଏନ.ଏ.)**

ଖଡ଼ିଆଳ ବ୍ଲକ ନେହେନା ବାସୁଦେବ କୀର୍ତ୍ତନ ମନ୍ଦିର ପରିଚାଳନା କମିଟି ଗଠିତ ହୋଇଛି। ସଭାପତି ସୁଶାନ୍ତ କୁମାର ବିଶି, ଉପସଭାପତି ଅରୁଣ କୁମାର ଗହୀର, ସମ୍ପାଦକ ବାଞ୍ଛାନିଧି ରାଉତରାୟ, ସହସମ୍ପାଦକ ପୀତବାସ ବାଗ, କୋଷାଧ୍ୟକ୍ଷ ତ୍ରିଲକ୍ଷ ଦଜୀଙ୍କୁ ଚୟନ କରାଯାଇଛି ।

## ଲାଡ଼୍‌ଠାରେ ଝୋଟ ବ୍ୟାଗ୍ ତାଲିମ ଶିବିର

**କୁଚିଣ୍ଡା,୧୦।୩(ଡି.ଏନ.ଏ.)**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ ବକ୍ସମା ପଞ୍ଚାୟତର ଲାଡ ଗ୍ରାମଠାରେ ଶୁକ୍ରବାର ଏକ ୧୦ଦିନିଆ ଝୋଟ ବ୍ୟାଗ ତାଲିମ ଶିବିର ଉଦ୍‌ଘାଟିତ ହୋଇଛି। ଚାରିଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ୩୦ ସଭ୍ୟାଙ୍କୁ ନେଇ ସ୍ୱେଚ୍ଛାସେବୀ ସଙ୍ଗଠନ ଆୱାର୍ଡ ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ନାବାର୍ଡ ସମ୍ବଲପୁର ଡିଡିଏମ୍ ଦୁଲାରାମ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଆୱାର୍ଡ ସମ୍ପାଦକ ପ୍ରହ୍ଲାଦ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ ସମ୍ମାନିତ ଅତିଥି ଭାବରେ ସରପଞ୍ଚ ସରସ୍ୱତୀ ଠାକୁର, ସମିତି ସଭ୍ୟା ରଶ୍ମି କୁସୁମ, ସାମାଜିକ କର୍ମୀ କରୁଣାକର କିଷାନ, ସିଆର୍‌ପି ଉଶବତୀ ବାହଲା ପ୍ରମୁଖ ଯୋଗଦାନ କରିଥିଲେ। ଶିବିରରେ ଝୋଟର କ୍ୟାରି ବ୍ୟାଗ, ପାଣି ବୋତଲ, ଭ୍ୟାନିଟ, ଅଫିସ ଫୋଲ୍ଡର ତିଆରି ଉପରେ ତାଲିମ ଦିଆଯାଇଥିଲା। ଏଥିରେ ସାଧନ ସହାୟିକା ଭାବେ କଳ୍ପନା ରଣା ଯୋଗଦେଇ ତାଲିମ ପ୍ରଦାନ କରିଥିଲେ। କୁଚିଣ୍ଡା ଅଞ୍ଚଳରେ ନୂଆ ହୋଇଥିବାରୁ ଏହାର ବିକ୍ରିବଟା ସୁରୁଖୁରୁରେ ହୋଇପାରିବ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ।

## ହିଣ୍ଡାଲ୍‌କୋ ହୀରାକୁଦ ପକ୍ଷରୁ ବିଶ୍ୱ ମହିଳା ଦିବସ

**ସମ୍ବଲପୁର,୧୦।୩(ବ୍ୟୁରୋ)**

ସମ୍ବଲପୁର ହୀରାକୁଦ ହିଣ୍ଡାଲ୍‌କୋ ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ଆନୁକୂଲ୍ୟରେ ମହିଳା ଦିବସ ପାଳିତ ହୋଇଯାଇଛି। ହିଣ୍ଡାଲ୍‌କୋ ସମ୍ବଲପୁର କ୍ଲଷ୍ଟର ମୁଖ୍ୟ କୈଳାଶ ନାଥ ପାଣ୍ଡେଙ୍କ ମାର୍ଗଦର୍ଶନ ଓ ମାନବ ସମ୍ବଳ ମୁଖ୍ୟ କ୍ରୀଷ୍ଣା ପାଢ଼ୀଙ୍କ ତତ୍ତ୍ୱାବଧାନରେ ପାୱାର କଲୋନୀ କମ୍ୟୁନିଟି ହଲଠାରେ ଏହା ଆୟୋଜିତ ହୋଇଥିଲା। ମହିଳାମାନଙ୍କୁ ବିକାଶର ଧାରାରେ ସାମିଲ କରିବା ଉଦ୍ଦେଶ୍ୟରେ କାର୍ଯ୍ୟକ୍ରମ ହୋଇଥିଲା। ହିଣ୍ଡାଲକୋର ଜେନେରାଲ ମ୍ୟାନେଜେର ମୌସୁମୀ ପାଢ଼ୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହିଳାମାନେ ଡିଜିଟାଲ ଦୁନିଆ ସହ ପାଦ ମିଳାଇ ବିକାଶର ଧାରାରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ଅର୍ଥ ବିଭାଗର କର୍ମକର୍ତ୍ତା ସୁଶ୍ରୀ ନୟନା ପଣ୍ଡା ଓ ଭାବନା ହୋତା ଉପସ୍ଥିତ ରହି ମହିଳା ମାନଙ୍କୁ ପ୍ରୋତ୍ସାହିତ କରିଥିଲେ। ସିଏସ୍‌ଆର୍ ମୁଖ୍ୟ ସୁକାନ୍ତ କୁମାର ମହାପାତ୍ର, ବିଘ୍ନେଶ୍ୱର ପଣ୍ଡା ଉପସ୍ଥିତ ରହି ମହିଳା ଦିବସରେ ନିଜର ମତ ପ୍ରକାଶ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏହି ଅବସରରେ ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।




ଜଣେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି ଅତିଥି।

## ଆତ୍ମନିର୍ଭରଶୀଳ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ

**ସମ୍ବଲପୁର,୧୦।୩(ବ୍ୟୁରୋ)**

ସମ୍ବଲପୁର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ସରକାରୀ ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ସିକତା ପଣ୍ଡାଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା । ସମ୍ବଲପୁର ଜିଲା ପରିଷଦ ସଭାପତି କୁମୁଦିନୀ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ମହିଳାମାନଙ୍କ ସ୍ୱାସ୍ଥ୍ୟ ଓ ଶିକ୍ଷାର ବିକାଶ ନ ଘଟିଲେ ରାଜ୍ୟ ତଥା ଦେଶର ପ୍ରଗତି ଅସମ୍ଭବ। ଏଣୁ ସ୍ୱାବଲମ୍ବୀ ହୋଇ ନିଜେ ଆତ୍ମନିର୍ଭରଶୀଳ ହେବା ପାଇଁ ସେ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ସମ୍ବଲପୁର ପର୍ଶୁରାମ ମିଶ୍ର ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷା ଡ. ନିରୁପମା ବଡ଼ପଣ୍ଡା ଯୋଗଦେଇ ମହିଳା ସଶକ୍ତୀକରଣ ଉଦ୍ଦେଶ୍ୟରେ ଏକତ୍ରିତ ହେବାର ସଂକଳ୍ପ ନେବା ସହିତ ଏ ଦିଗରେ ପନ୍ଥା ନିରୂପଣ କରିବା ସମୟ ଉପନୀତ ବୋଲି ମତ ପୋଷଣ କରିଥିଲେ । ଓଡ଼ିଆ ବିଭାଗ ଅଧ୍ୟାପିକା ଡ. ଶ୍ରଦ୍ଧାମୟୀ ପୁରୋହିତ ସଭା ପରିଚାଳନା କରିଥିବାବେଳେ ଅଧ୍ୟାପିକା ମେଞ୍ଜା ପୂର୍ତ୍ତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଶେଷରେ ବାଣିଜ୍ୟ ବିଭାଗ ଅଧ୍ୟାପିକା ଅଳକା ଲୁଗୁନ୍ ଧନ୍ୟବାଦ ଦେଇଥିଲେ।




ଏନ୍‌ଏସ୍‌ସିବି ମହାବିଦ୍ୟାଳୟରେ ଆୟୋଜିତ ସଭାରେ ଅତିଥି ଓ ଅନ୍ୟମାନେ।

## ସଂକ୍ଷେପରେ

### ଶିଶୁ ସୁରକ୍ଷା କର୍ମଶାଳା

**ପାଇକମାଲ, ୧୦।୩(ଡି.ଏନ.ଏ.):** ପାଇକମାଲ ବ୍ଲକ ସଭାଗୃହରେ ବରଗଡ଼ ଜିଲା ଶିଶୁ ସୁରକ୍ଷା ୟୁନିଟ ସହଯୋଗରେ ଶିଶୁ ସୁରକ୍ଷା, ବାଲ୍ୟ ବିବାହର ପ୍ରତିରୋଧ ଏବଂ ଆଇନଗତ ପୋଷ୍ୟସନ୍ତାନ ଗ୍ରହଣ ସମ୍ବନ୍ଧୀୟ ଏକଦିବସୀୟ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କର୍ମଶାଳାରେ ବିଡିଓ ସୁରେନ୍ଦ୍ର ନାଥ ସାହୁ ସଭାପତିତ୍ୱ କରିଥିଲେ। ଶିଶୁବିକାଶ ପ୍ରକଳ୍ପ ଅଧିକାରିଣୀ କାନ୍ତିଲତା ସାହୁ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଗୋଷ୍ଠୀ ପ୍ରକଳ୍ପ ପରିଚାଳକ ରେବତୀ ମୋହନ ଜେନା, ଜନସୁରକ୍ଷା ଅଧିକାରୀ ତପନ କୁମାର ପାତ୍ର ଅତିଥି ଭାବେ ଯୋଗଦାନ କରିଥିଲେ। ପାଇକମାଲ ବ୍ଲକର ସମସ୍ତ ଆଶା କର୍ମୀ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ବାବିତ ରାଉତ କର୍ମଶାଳା ପରିଚାଳନା କରିଥିଲେ ।

### ଏକ ଦିବସୀୟ କ୍ରିକେଟ ଟୁର୍ନାମେଣ୍ଟ

**ଜାମଟିକ୍ରା, ୧୦।୩(ଡି.ଏନ.ଏ.):** ଅତାବିରା ବ୍ଲକ ପାଲିବୁଗବୁଗା ଖେଳ ପଡ଼ିଆରେରେ ଶୁକ୍ରବାର କ୍ରିକେଟ ଲିଗ୍ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ସେମିଫାଇନାଲ ମ୍ୟାଚ୍ ପୋଢ଼ବାଡି ଓ ଟୋପ ଏବଂ ସୋର୍ନା ଓ ତାଳଶ୍ରୀଗିଡା ମଧରେ ହୋଇଥିଲା। ଫାଇନାଲ ମ୍ୟାଚ୍ ପୋଢ଼ବାଡି ଓ ସୋର୍ନା ମଧରେ ହୋଇଥିଲା । ୭ ଉଇକେଟରେ ସୋର୍ନା ଟିମ ବିଜୟ ହାସଲ କରିଥିଲା। ସମାଜସେବୀ ଯୁଗଳ କିଶୋର ସାହୁ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ପାଲିବୁଗବୁଗା ଗାନ୍ଧିଜୀ ଯୁବକ ସଂଘ ସଦସ୍ୟ ଏବଂ ଅନ୍ୟମାନେ ସହଯୋଗ କରିଥିଲେ।

### ବୌଦ୍ଧର ପ୍ରସିଦ୍ଧ ରାମଲୀଳା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ବୌଦ୍ଧ, ୧୦।୩ (ସ୍ୱ.ପ୍ର.):** ବୌଦ୍ଧ ଗଡଜାତର ପ୍ରସିଦ୍ଧ ରାମଲୀଳା ଯାତ୍ରା ପାଇଁ ପ୍ରସ୍ତୁତି ବୈଠକ ଜିଲାପାଳ ସତ୍ୟରଞ୍ଜନ ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏହି ବୈଠକରେ ଆଗାମୀ ୩୦ତାରିଖ ପବିତ୍ର ରାମନବମୀ ଠାରୁ ୧୮ଦିନଧରି ହେବାକୁ ଥିବା ବୌଦ୍ଧର ଗଣପର୍ବ ରାମଲୀଳା ଯାତ୍ରାକୁ ଅଧିକ ଆକର୍ଷଣୀୟ କରି ପାଳନ କରାଯିବାକୁ ଆଲୋଚନା କରାଯାଇଥିଲା। ବୈଠକରେ ଏନ୍ଏସି ଅଧକ୍ଷ ତଥା ରାମଲୀଳା ନାଟ୍ୟ ସଂସଦର ସଭାପତି ମୃତ୍ୟୁଞ୍ଜୟ ମିଶ୍ର ବୌଦ୍ଧରେ ରାମଲାଳୀ ଯାତ୍ରା ପାଳନ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ଜିଲା ପ୍ରଶାସନ ପକ୍ଷରୁ ଏହି ଯାତ୍ରା ଆୟୋଜନକୁ ମାନ୍ୟତା ପ୍ରଦାନ କରାଯାଇଥିବାରୁ କୃତଜ୍ଞତା ପ୍ରକାଶ କରିଥିଲେ। ଦୀର୍ଘ ୧୮ଦିନ ଧରି ପାଳନ ହେଉଥିବା ଏହି ଯାତ୍ରା ବ୍ୟୟବହୁଳ ସହିତ ଲକ୍ଷାଧିକ ଲୋକଙ୍କ ସମାଗମ ହେଉଥିବାରୁ ଶାନ୍ତିଶୃଙ୍ଖଳାର ସହିତ ଏହାକୁ ପାଳନ କରାଯିବାକୁ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଗତବର୍ଷଠାରୁ ରାମଲାଳୀ ଯାତ୍ରା ସମୟରେ ବୌଦ୍ଧରେ ପଲ୍ଲିଶ୍ରୀ ମେଳା ସହିତ ମହୋତ୍ସବ ଆୟୋଜନ କରାଯାଇଥିଲା। ଚଳିତବର୍ଷ ମଧ୍ୟ ମହାସମାରୋହରେ ଏହା ଆୟୋଜନ କରାଯିବାକୁ ମତପ୍ରକାଶ ପାଇଥିଲା। ଯାତ୍ରା ପୂର୍ବରୁ ମନ୍ଦିର ପରିସରର ଉନ୍ନତିକରଣ କାର୍ଯ୍ୟ ସମାପନ କରାଯିବାକୁ ଆଲୋଚନା କରାଯାଇଥିଲା। ଏହା ବ୍ୟତୀତ ବିଗତବର୍ଷର ଆୟବ୍ୟୟ ନେଇ ମଧ୍ୟ ଆଲୋଚନା କରାଯାଇଥିଲା। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ବବିତାରାଣୀ ଦଳବେହେରା, ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶ୍ୱିନୀ କୁମାର ମେହେର, ସହକାରୀ ଜିଲାପାଳ ଚନ୍ଦ୍ରକାନ୍ତ ବେହେରା, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ବଲିୟାରସିଂହ ଓ ରାମଲାଳୀ ନାଟ୍ୟ ସଂସଦର ସମ୍ପାଦକ ମନୋଜ କୁମାର ସାହୁ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



କେନାଲର ଟେଲ୍ ଅଞ୍ଚଳକୁ ପାଣି ଯାଉ ନ ଥିବାରୁ ଶୁକ୍ରବାର ଚାଷୀମାନେ ବରଗଡ-ଭେଡେନ ମୁଖ୍ୟ ରାସ୍ତା ଅବରୋଧ କରି ଆନ୍ଦୋଳନ କରୁଛନ୍ତି।

# ପୁଣି ରାସ୍ତା ରୋକିଲେ ଚାଷୀ

**ପ୍ରଶାସନ ପ୍ରତିଶ୍ରୁତି ପାଣିର ଗାର**

**ଭେଡେନ,୧୦।୩(ଡି.ଏନ.ଏ.)**

ବରଗଡ ଜିଲା ଭେଡେନ କେନାଲର ଟେଲ ଅଞ୍ଚଳକୁ ପାଣି ମାଡୁନାହିଁ। ଫଳରେ ଚାଷଜମି ଫାଟିବା ସହ ଧାନ ଗଛ ଗୁଡିକ ଝାଉଁଳି ମରୁଡି ପରିସ୍ଥିତି ଦେଖାଗଲାଣି। ଏ ନେଇ ଅଞ୍ଚଳର ଚାଷୀମାନେ ଗୁରୁବାର ବରଗଡ-ଭେଡେନ ମୁଖ୍ୟ ରାସ୍ତାକୁ ୪ ଘଣ୍ଟା ଅବରୋଧ କରିଥିଲେ। ପ୍ରଶାସନିକ ଓ କେନାଲ ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଶୁକ୍ରବାର ସୁଦ୍ଧା ଟେଲ୍ ଅଞ୍ଚଳକୁ ପାଣି ପହଞ୍ଚିବ ଏବଂ ଏଣିକି ପାଣିର ଅଭାବ ରହିବ ନାହିଁ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ସ୍ଥଗିତ ରହିଥିଲା। ମାତ୍ର ଶୁକ୍ରବାର ସକାଳ ଯାଏ ପାଣି ନ ପହଞ୍ଚିବାରୁ କୁବେଡେଗା, କୁଟେନପାଲି, ଅମଲିପାଲି, ପଧାନଟିକ୍ରା, ଜାଣ୍ଡୋଳ, ଭେଡେନ ଆଦି ଗ୍ରାମର ଶତାଧିକ ଚାଷୀ ପୁଣି ପଧାନଟିକ୍ରାଠାରେ ଭେଡେନ-ବରଗଡ ମୁଖ୍ୟ ରାସ୍ତାକୁ ଅବରୋଧ କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଅଟକି ରହିଥିଲା। ଖବର ପାଇ ଭେଡେନ ତହସିଲଦାର ନେପାଳ ଚନ୍ଦ୍ର ମୁଣ୍ଡା, ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ବିଶ୍ୱଜିତ ପାଣିଗ୍ରାହୀ, ଏସ୍‌ଡିଓ ରାଜକିଶୋର ମିଶ୍ର, କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ପଟେଲ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ସନ୍ଧ୍ୟା ସୁଦ୍ଧା ବିଭାଗୀୟ କର୍ମଚାରୀମାନଙ୍କ ଦ୍ୱାରା ପାଟ୍ରୋଲିଂ କରି ପାଣି ପହଞ୍ଚାଇବା ବ୍ୟବସ୍ଥା କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ହଟିଥିଲା। କୁନା ମିଶ୍ର, ତ୍ରିଦେବ ରଥ, ମଧୁ ତ୍ରିପାଠୀ, ପ୍ରଦ୍ୟୁତ ତ୍ରିପାଠୀ, ବାବୁଲା ଭୋଇ, ଘାସିରାମ କର୍ମୀ, ରଞ୍ଜନ ତ୍ରିପାଠୀ, ନରେନ୍ଦ୍ର ଭୋଇ, ଭରତ ବରେଇ, ଦିଲୀ ରଥ ପ୍ରମୁଖ ଚାଷୀ ଆନ୍ଦୋଳନରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ମାଟ୍ରିକ ପରୀକ୍ଷା: ମାତୃଭାଷାରେ ୩୦ ଅନୁପସ୍ଥିତ

**ଭେଡେନ,୧୦।୩(ଡି.ଏନ.ଏ.)**

ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ମାଟ୍ରିକ ସମ୍ମେଟିଭ-୨ ପରୀକ୍ଷା ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ଏହି ପରୀକ୍ଷା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବାବେଳେ ପ୍ରଥମ ଦିନ ମାତୃଭାଷା ବା ଓଡିଆ ପରୀକ୍ଷା ରହିଥିଲା। ଏହି କ୍ରମରେ ବରଗଡ ଜିଲା ଭେଡେନ ବ୍ଲକର ୭ଟି ସେଣ୍ଟରରେ ୧୩୧୫ ଜଣ ପରୀକ୍ଷାର୍ଥୀ ରହିଥିବା ବେଳେ କୌଣସି କାରଣରୁ ୩୦ ଜଣ ଛାତ୍ରୀଛାତ୍ର ପରୀକ୍ଷା କେନ୍ଦ୍ରମାନଙ୍କରେ ଅନୁପସ୍ଥିତ ଥିଲେ। ମିଳିଥିବା ସୂଚନା ଅନୁସାରେ, ସିଆଲଖଣ୍ଡହଥା କେନ୍ଦ୍ରରେ ୧୮୮ରୁ ୧୮୭, ସାଲଣା ୧୯୯ରୁ ୧୯୩, ଝରାପାଲି ୧୭୦ରୁ ୧୬୧, ରେମଣ୍ଡା ୧୫୬ରୁ ୧୫୫, ତାଳମେଣ୍ଡା ୨୦୩ରୁ ୧୯୯, ଭେଡେନ ୨୧୪ରୁ ୨୦୯ ଏବଂ ବରପଦର ପରୀକ୍ଷା କେନ୍ଦ୍ରରେ ୧୮୪ରୁ ୧୮୧ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ସେହିପରି ମଧ୍ୟମା ସଂସ୍କୃତ ବିଷୟରେ ଜଣେ ଅନୁପସ୍ଥିତ ରହିଥିବା ନୋଡାଲ ଅଧିକାରୀ ବନମାଳି ଦାଶ ପ୍ରକାଶ କରିଛନ୍ତି। ପ୍ରକାଶଯୋଗ୍ୟ, ଗତ ସମ୍ମେଟିଭ-୧ ପରୀକ୍ଷାରେ ଭେଡେନ ବ୍ଲକର ୭ଟି ପରୀକ୍ଷା କେନ୍ଦ୍ରରେ ଅନୁରୂପ ଭାବେ ସମୁଦାୟ ୧୬ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିଲେ।

## ମିଶନ ଶକ୍ତି ଭବନର ଶିଳାନ୍ୟାସ

**ବରଗଡ଼ ଅଫିସ, ୧୦।୩**

ବରଗଡ଼ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବରଗଡ଼ ବ୍ଲକସ୍ତରୀୟ ମିଶନ ଶକ୍ତି ଭବନ ନିର୍ମାଣ ପାଇଁ ଶିଳାନ୍ୟାସ ଉତ୍ସବ ସମ୍ପନ୍ନ ହୋଇଛି। ବିଡ଼ିଓ ଯୁଧିଷ୍ଠିର ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁ ଥିବା ମିଶନ ଶକ୍ତି ଭବନର ଶିଳାନ୍ୟାସ କରିଥିଲେ। ଏହି ଭବନ ନିର୍ମାଣ ଦ୍ୱାରା ବରଗଡ଼ ବ୍ଲକର ମିଶନ ଶକ୍ତିରେ ସାମିଲ ଥିବା ସମସ୍ତ ମାଆ ଉପକୃତ ହେବେ ବୋଲି ବିଧାୟକ ଆଚାର୍ଯ୍ୟ ପ୍ରକାଶ କରିଥିଲେ। ବ୍ଲକ ଅଧକ୍ଷା ନଳିନୀ ପାଣ୍ଡେ, ଉପାଧକ୍ଷ ଉମେଶ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରଗଡ଼ ବ୍ଲକ ମିଶନ ଶକ୍ତି ସଭାପତି, ସମ୍ପାଦକ ଓ ସଦସ୍ୟବୃନ୍ଦ ସହଯୋଗ କରିଥିଲେ ।



ମିଶନ ଶକ୍ତି ଭବନର ଶିଳାନ୍ୟାସ କରାଯାଉଛି।

## କେନାଲ ରାସ୍ତା ନିର୍ମାଣର ଶିଳାନ୍ୟାସ, ୮.୫ କୋଟି ମଞ୍ଜୁର

**ବରଗଡ଼ ଅଫିସ, ୧୦।୩**

ବରଗଡ଼ ମୁଖ୍ୟ କେନାଲ ରାସ୍ତାର ବାରଗାଡ଼ ଛକରୁ ଟେଙ୍ଗନାନାଲି ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ ହୋଇଛି। ଶୁକ୍ରବାର ବରଗଡ଼ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧକ୍ଷ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଶିଳାନ୍ୟାସ କରିଥିଲେ। ରାଜ୍ୟ ସରକାରଙ୍କ ଜଳସେଚନ ବିଭାଗ ପକ୍ଷରୁ ମୁଖ୍ୟ କେନାଲ ପାର୍ଶ୍ୱରେ ନିର୍ମାଣ ହେବାକୁ ଥିବା ଏହି ରାସ୍ତା ପାଇଁ ୮କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଥିବା ମୁଖ୍ୟ ଅତିଥି ବିଧାୟକ ଆଚାର୍ଯ୍ୟ ସୂଚନା ପ୍ରଦାନ କରିଛନ୍ତି। ଏହି ରାସ୍ତା ଉପରେ ବିଭିନ୍ନ ଗ୍ରାମର କୃଷକ ତଥା ସାଧାରଣ ଜନତା ନିର୍ଭର କରୁଥିବା ବେଳେ ଏହା ଦୀର୍ଘଦିନ ହେଲା ମରାମତି ଅଭାବରୁ ଶୋଚନୀୟ ହୋଇପଡିଛି। ବିଧାୟକଙ୍କ ପ୍ରଚେଷ୍ଟାରେ ଜଳସେଚନ ବିଭାଗ ତରଫରୁ ଏହି ରାସ୍ତା ନିର୍ମାଣ ପାଇଁ ଅନୁଦାନ ମଞ୍ଜୁର ଓ କାର୍ଯ୍ୟ ଶୁଭାରମ୍ଭ କରାଯାଇଥିବାରୁ ଅଞ୍ଚଳବାସୀଙ୍କ ମନରେ ଆନନ୍ଦ ପ୍ରକାଶ ପାଇଛି। କାର୍ଯ୍ୟକ୍ରମରେ ବିଭାଗୀୟ ଯନ୍ତ୍ରୀ, ଅଧିକାରୀ, ବରଗଡ଼ ବ୍ଲକ ଉପାଧକ୍ଷ ଉମେଶ ପଣ୍ଡାଙ୍କ ସମେତ ଅଞ୍ଚଳବାସୀ ଉପସ୍ଥିତ ଥିଲେ।



କେନାଲ ରାସ୍ତା ନିର୍ମାଣର ଶିଳାନ୍ୟାସ କରାଯାଉଛି।

## ପ୍ରଥମ ଦିନରେ ୨୩୮ ପିଲା ଅନୁପସ୍ଥିତ

**ବୌଦ୍ଧ ଜିଲାରେ ମାଟ୍ରିକ ପରୀକ୍ଷା**

**ବୌଦ୍ଧ, ୧୦।୩(ସ୍ୱ.ପ୍ର.)**

ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ ଶୁକ୍ରବାରଠାରୁ ସାରା ରାଜ୍ୟରେ (ସମ୍ମେଟିଭ ଆସେସମେଣ୍ଟ ଦୁଇ) ଚଳିତବର୍ଷର ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ ବୌଦ୍ଧ ଜିଲାରେ ସମସ୍ତ ୩୧ଟି କେନ୍ଦ୍ରରେ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଥିବା ଜଣାପଡିଛି। ଜିଲାରେ ଯେପରି ମାଟ୍ରିକ ପରୀକ୍ଷା ଶାନ୍ତିଶୃଙ୍ଖଳାର ସହ ଶେଷ ହେବ, ସେଥିପାଇଁ ଜିଲା ପ୍ରଶାସନ ଓ ଜିଲା ଶିକ୍ଷା ବିଭାଗ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପ୍ରଥମ ଦିନ ପରୀକ୍ଷାରେ ସମୁଦାୟ ୨୩୮ ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିବା ଜଣାପଡିଛି। ୬୫୯୦ ଛାତ୍ରୀଛାତ୍ରଙ୍କ ମଧ୍ୟରୁ ୬୩୬୪ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବା ବେଳେ ୨୨୬ ଜଣ ଅନୁପସ୍ଥିତ ଥିଲେ। ଜିଲାରେ ଗୋଟିଏ ରାଜ୍ୟମୁକ୍ତ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ୬୭ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୫ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ଉକ୍ତ କେନ୍ଦ୍ରରେ ୧୨ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ। ଫଳରେ ଜିଲାରେ ସମୁଦାୟ ୨୩୮ଜଣ ପରୀକ୍ଷା ଦେବାକୁ ଆସି ନ ଥିଲେ। ଜିଲାରେ ୩ ଗୋଟି ବ୍ଲକରେ ୩ଟି ନୋଡାଲ ପରୀକ୍ଷା କେନ୍ଦ୍ର କରାଯାଇଛି। ବୌଦ୍ଧ ବ୍ଲକର ଯୋଗୀନ୍ଦ୍ର ଦେବ ଉଚ୍ଚ ବିଦ୍ୟାଳୟ, କଣ୍ଟାମାଳ ବ୍ଲକର କଣ୍ଟାମାଳ ଉଚ୍ଚ ବିଦ୍ୟାଳୟ ଓ ହରଭଙ୍ଗା ବ୍ଲକର ପୁରୁଣାକଟକ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇଛି। ପରୀକ୍ଷାକୁ ସୂଚାରୁ ରୂପେ କରିବା ପାଇଁ ବିଭାଗ ପକ୍ଷରୁ ୧୦ ଜଣ ଅବଜରଭର ଓ ଗୋଟିଏ ସ୍ୱାଡ୍ ଗଠନ କରାଯାଇଛି।

## ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଦାବିପତ୍ର ପ୍ରଦାନ

**ଜାମଟିକ୍ରା,୧୦।୩(ଡି.ଏନ.ଏ.)**

ଶିକ୍ଷକଙ୍କ ଦାବି ଉପରେ ରାଜ୍ୟସ୍ତରୀୟ ସମାବେଶରେ ମୁଖ୍ୟ ଶାସନ ସଚିବ ଲିଖିତ ପ୍ରତିଶ୍ରୁତି ଦେବାର ୩ମାସ ବିତିଯାଇଥିଲେ ସୁଦ୍ଧା ନୂତନ ପେନସନଭୁକ୍ତ ପ୍ରାଥମିକ ଶିକ୍ଷକଙ୍କ କୌଣସି ଦାବି ପୂରଣ ହୋଇନାହିଁ। ତେଣୁ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଅସନ୍ତୋଷ ବ୍ୟକ୍ତ କରିବା ସହ ଆସନ୍ତା ୧୫ତାରିଖରେ ହେବାକୁ ଥିବା ରାଜ୍ୟସ୍ତରୀୟ ସମାବେଶରେ ଯୋଗଦାନ କରି ଧାରଣା ଦେବାକୁ ନିଷ୍ପତ୍ତି ନିଆଯାଇଛି। ଏହି କ୍ରମରେ ଅତାବିରା ମିଳିତ ପ୍ରାଥମିକ ଶିକ୍ଷକ ସଂଘ ତରଫରୁ ଶୁକ୍ରବାର ଅପରାହ୍ନ ୫ଟାରେ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଶିକ୍ଷକ ସଂଘ ସଭାପତି ହରିହର ପଶାୟତ, ସମ୍ପାଦକ ବିରେନ୍ଦ୍ର କୁମାର ଭୋଇ, ନନ୍ଦିଘୋଷ ଭୁଏ, ରଶ୍ମିରଞ୍ଜନ ସାହୁ, ଅକ୍ଷୟ ତ୍ରିପାଠୀ, ଅମୂଲ୍ୟ ସାହୁ, ରଶ୍ମିରାଣୀ ନନ୍ଦ, ଉଷାରାଣୀ ସାମନ୍ତ, ସୁଧାଂଶୁ ଶେଖର ମିଶ୍ର, ତ୍ରିଲୋଚନ ସେଠ, କେଶବ ଛନ୍ଦ, ଲଳିତ ଭୋଇ, ପ୍ରମୋଦ କୁମାର ଭୋଇ, କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ପାନୀୟ ଜଳଯୋଗାଣ ସମନ୍ୱୟ ବୈଠକ



ବୈଠକରେ ପଦ୍ମପୁର ବିଧାୟିକା, ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ଓ ପ୍ରଶାସନିକ ଅଧିକାରୀ।

**ପଦ୍ମପୁର,୧୦।୩(ଡି.ଏନ.ଏ.)**

ବରଗଡ଼ ଜିଲା ପଦ୍ମପୁର ସହରକୁ ପାନୀୟ ଜଳଯୋଗାଣ ପାଇଁ ଉପଜିଲାପାଳଙ୍କ ପ୍ରକୋଷ୍ଠରେ ଶୁକ୍ରବାର ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଅଧକ୍ଷତା କରିଥିଲେ। ଜନସ୍ୱାସ୍ଥ୍ୟ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ପଦ୍ମନାଭ ମାଝୀ ସହରକୁ ଜଳଯୋଗାଣର ବର୍ତ୍ତମାନ ସ୍ଥିତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଗ୍ରୀଷ୍ମ ପ୍ରବାହ ଓ ପାନୀୟ ଜଳ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅଧିକ ସଂଖ୍ୟକ ପାଣି ଟ୍ୟାଙ୍କର ନିୟୋଜନ ସହ ବିଧାୟକ ଓ ଏମ୍‌ପି ଉନ୍ନୟନ ପାଣ୍ଠିରୁ ଟ୍ୟାଙ୍କର ଯୋଗାଇ ଦେବାକୁ ନାଗରିକ କମିଟି ଅନୁରୋଧ କରିଥିଲେ। ସେହିପରି ସହରରେ ଆହୁରି ୫ଟି ଗଭୀର ନଳକୂପ ଖନନ କରିବା ପାଇଁ ଏନ୍ଏସି ଅଧକ୍ଷା ସାବିତ୍ରୀ ବାଗଙ୍କୁ ଅନୁରୋଧ କରାଯାଇଥିଲା। ସହରର ବିଭିନ୍ନ ସ୍ଥାନରେ ଜଳଛତ୍ର ଆରମ୍ଭ ସହ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟରେ ଏକ କଣ୍ଟ୍ରୋଲ ରୁମ୍ ଖୋଲିବା ପାଇଁ ନିଷ୍ପତ୍ତି ହୋଇଥିଲା। ବୈଠକରେ ଉପଜିଲାପାଳ ସଦାକର କୁମ୍ଭାର, ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀ ଯନ୍ତ୍ରୀ ବ୍ରହ୍ମାଶ୍ୱର ଦାଶ, ଏନ୍ଏସି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀଙ୍କ ସମେତ ସହରର ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା, ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ।

## ଉଦେପୁରରେ ଚବିଶ ପ୍ରହର ନାମଯଜ୍ଞ ସମ୍ପନ୍ନ



ନାମଯଜ୍ଞ କଳସଯାତ୍ରାରେ ଗ୍ରାମର ମହିଳା ଓ କର୍ତ୍ତା।

**ଭେଡେନ,୧୦।୩(ଡି.ଏନ.ଏ.)**

ବରଗଡ ଜିଲା ଭେଡେନ ବ୍ଲକ ଦେଶଭଟଲି ପଞ୍ଚାୟତ ଅନ୍ତର୍ଗତ ଉଦେପୁର ଗ୍ରାମରେ ଚବିଶ ପ୍ରହର ନାମଯଜ୍ଞ ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମଦନ ମୋହନ ଦାଶ ଏବଂ ତାଙ୍କ ପତ୍ନୀ ସୁଚିତା ଦାଶ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ପଣ୍ଡିତ ଶଶିଭୂଷଣ ଶତପଥି ଓ ଅଭିଷେକ ପୁରୋହିତ ପୌରୋହିତ୍ୟ କରିଥିଲେ। ଛତିଶଗଡ ରାଜ୍ୟ ଜାମପାଲି ଏବଂ ସାହାଜବାହାଲର ଉଦଣ୍ଡ କୀର୍ତ୍ତନ ଦଳ ବୈଠକୀ କୀର୍ତ୍ତନ ପରିବେଷଣ କରିଥିଲେ। ବିଶିପାଲି, ଖୁଣ୍ଟୁଲିପାଲି, ପଲସାପାଲି ଓ ଆଖପାଖ ୨୦ଟି ସଂକୀର୍ତ୍ତନ ଦଳ ଯୋଗ ଦେଇଥିଲେ। ରବି ବେହେରା, ରବିନ୍ଦ୍ର ବାଗ, ଚିନ୍ତାମଣି ଝାଙ୍କର, ଅଜୟ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

## ଧାରୋଳ ସ୍କୁଲରେ ସମ୍ବର୍ଦ୍ଧନା ସଭା

**ପାଇକମାଲ, ୧୦।୩(ଡି.ଏନ.ଏ.)**

ବରଗଡ ଜିଲା ପାଇକମାଲ ବ୍ଲକ ଧାରୋଳ ପ୍ରାଥମିକ ବିଦ୍ୟାଳୟରେ ଶୁକ୍ରବାର ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବାସୁଦେବ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରଗଡ଼ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପ ମୁଖ୍ୟଅତିଥି, ପାଇକମାଲ ଗୋଷ୍ଠୀ ଶିକ୍ଷାଧିକାରୀ ଚୂଡ଼ାମଣି ବାରିକ ମୁଖ୍ୟବକ୍ତା ଏବଂ ଶିକ୍ଷା ଜିଲା ଅଧିକାରୀ ଜ୍ୟୋତିକାନ୍ତ ସାହୁ, ବିଦ୍ୟାଧର ବରିହା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଯୋଗେନ୍ଦ୍ର ଭୋଇ, ପରମେଶ୍ୱର ମଲ୍ଲିକ, ଅବସରପ୍ରାପ୍ତ ଶିକ୍ଷକ ଧୋବା ପ୍ରଧାନ, ଧାରୋଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେନ୍ଦ୍ର ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ସଭାରେ ବିଦ୍ୟାଳୟ ପାଇଁ ଜମି ଦାନ କରିଥିବା ଗୌନ୍ତିଆ ବିଦ୍ୟାଧର ବରିହାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସିଆର୍‌ସିସି ସନ୍ତୋଷ କୁମାର ମେହେର ମଞ୍ଚ ପରିଚାଳନା କରିଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଦେବରାଜ ବରିହା, ହାଡୁ ପ୍ରଧାନ, ମହେନ୍ଦ୍ର ସାହୁ, ବିଳାଧର ଭୁଏ, ଲିଙ୍ଗ ଖୁମୁରି, ଦାଶନନ୍ଦ ଭୁଏ, ପବିତ୍ର ଏଣ୍ଡଜା, ସୁକଲ ରଣା ପ୍ରମୁଖ ଗ୍ରାମବାସୀ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ଭରତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

## ଜାତୀୟ ପେନ୍‌ସନଭୁକ୍ତ ଶିକ୍ଷକ ସଂଘର ବିକ୍ଷୋଭ

**ବୌଦ୍ଧ, ୧୦।୩(ସ୍ୱ.ପ୍ର.)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ୩ଦଫା ଦାବି ନେଇ ଶୁକ୍ରବାର ବିକ୍ଷୋଭ କରିବା ସହ ଏକ ରାଲି କରାଯାଇଥିବା ଜଣାପଡିଛି। ଶିକ୍ଷକ ସଂଘ ପକ୍ଷରୁ ଏକ ରାଲିରେ ଚାରିଛକସ୍ଥିତ ଠିକିଯୋର ହାଟପଦା ଠାରୁ ବିଇଓ ଅଫିସକୁ ଯାଇ ବିକ୍ଷୋଭ କରିଥିଲେ। ଏକ ଦାବିପତ୍ର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍ୱରାଗ କହଁରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷାମନ୍ତ୍ରୀ, ଶିକ୍ଷା ସଚିବ, ୫-ଟି ସଚିବଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିଲେ। ଶିକ୍ଷକ ସଂଘର ଦାବି ହେଲା ପ୍ରାଥମିକ ଶିକ୍ଷକ ନିଯୁକ୍ତି (୨୦୦୧)ଠାରୁ ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ, ଶିକ୍ଷା ସହାୟକ, ମୂଳ ଚାକିରି ସହ ୬ଟି ଇନକ୍ରିମେଣ୍ଟ ପ୍ରଦାନ, ଜାତୀୟ ପେନସନ ଯୋଜନା ଉଚ୍ଛେଦ କରି ପୁରୁଣା ପେନସନ ଲାଗୁ କରାଯାଉ, ପ୍ରାଥମିକ ଶିକ୍ଷକମାନଙ୍କୁ କେନ୍ଦ୍ରୀୟ ହାରରେ ଦରମା ପ୍ରଦାନ କରାଯାଉ ଆଦି ଦାବି କରିଥିଲେ। ଏସବୁ ଦାବି ନେଇ ସଂଘ ପକ୍ଷରୁ ଗତ ୬ତାରିଖ ଠାରୁ କଳାବ୍ୟାଜ୍ ପରିଧାନ ସହ ଡ୍ରେସ କୋଡ ବର୍ଜନ, ଆସନ୍ତା ୧୫ ତାରିଖଠାରୁ ୧୭ ତାରିଖ ପର୍ଯ୍ୟନ୍ତ ସାମୂହିକ ଛୁଟି ଓ ୧୮ ତାରିଖଠାରୁ ଦାବି ପୂରଣ ନ ହେବା ଯାଏ ଛୁଟି ନେଇ ବିଧାନସଭା ଆଗରେ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ନେଇଥିବା ସୂଚନା ଦେଇଥିଲେ। ଏହି ଦାବିପତ୍ର ପ୍ରଦାନ ସମୟରେ ବ୍ଲକ ସଭାପତି ରଜତ କୁମାର ନାଏକ, ଜିଲା ସଙ୍ଗଠନ ସମ୍ପାଦକ ମହେଶ ସେଠୀ, ବ୍ଲକ ସାଧାରଣ ସମ୍ପାଦକ ବାମଦେବ ଦାଶଙ୍କ ସମତେ ବହୁ ଶିକ୍ଷୟିତ୍ରୀ ଶିକ୍ଷକ ସାମିଲ ଥିଲେ।




ଶିକ୍ଷକ ସଂଘର ରାଲି ।

## ଉଚ୍ଚଶିକ୍ଷା ବିଭାଗକୁ ସ୍କଚ୍ ପୁରସ୍କାର




ଭୁବେନଶ୍ୱର,୧୦।୩(ବ୍ୟୁରୋ): ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗକୁ ସମ୍ମାନଜନକ ସ୍କଚ୍ ପୁରସ୍କାର ମିଳିଛି। ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳଗୁଡ଼ିକରେ ବିକଶିତ 'ଇ-ରିସୋର୍ସ' କାର୍ଯ୍ୟକ୍ରମ ପାଇଁ ସ୍କଚ୍ ଗ୍ରୁପ୍ ପକ୍ଷରୁ ଉଚ୍ଚଶିକ୍ଷା ବିଭାଗ ସ୍କଚ୍ ଗୋଲ୍ଡ ପୁରସ୍କାର ପାଇଛି। ଏନେଇ ଶୁକ୍ରବାର ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି।

# 'ମାନବବାଦ ଭାରତୀୟ ବିଚାରର ଅବିଚ୍ଛେଦ୍ୟ ଅଙ୍ଗ'

## ଜେଏନ୍‌ୟୁ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି, କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୧୦।୩(ବ୍ୟୁରୋ)




ସାର୍ବଭୌମିକତା ଏବଂ ମାନବବାଦ ଭାରତୀୟ ବିଚାରର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ରହିଆସିଛି। ଏଥିପାଇଁ ଆମେ ଗର୍ବ କରିବା ଉଚିତ୍ ବୋଲି କହିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ନୂଆଦିଲ୍ଲୀସ୍ଥିତ ଜବାହର ନେହେରୁ ୟୁନିଭରସିଟି (ଜେଏନ୍‌ୟୁ)ର ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି ଏହା କହିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ, ଜେଏନ୍‌ୟୁରେ କନ୍‌ଫ୍ଲିକ୍ଟ ମ୍ୟାନେଜମେଣ୍ଟ ପଢ଼ାଯାଉଛି। ମଗଧ ସମ୍ରାଟ ଅଶୋକ କଳିଙ୍ଗ ଯୁଦ୍ଧ ପରେ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ। ସେତେବେଳେ କଳିଙ୍ଗରେ ରାଜା ନ ଥିଲେ। ଜନପ୍ରତିନିଧିଙ୍କ ସମୂହ ବସି ସବୁ ନିର୍ଣ୍ଣୟ ନେଉଥିଲେ। ଯୁଦ୍ଧରେ ଲକ୍ଷେ ଓଡ଼ିଆଙ୍କ ଜୀବନ ଯାଇଥିଲା। ଏହି ଯୁଦ୍ଧରେ ଓଡ଼ିଆ ଜାତିର ପରାଜୟ ନୁହେଁ ବରଂ ବିଜୟର ଅଦମ୍ୟ ସାହସକୁ ଦୁନିଆ ଅନୁଭବ କରିଛି। ୨୨୦୦ ବର୍ଷ ପୂର୍ବ କଳିଙ୍ଗ ଯୁଦ୍ଧ, ପ୍ରଶାସନିକ ଢାଞ୍ଚା, ନିର୍ଣ୍ଣୟ ପ୍ରକ୍ରିୟା ନିଶ୍ଚିତ ଭାବେ ଆଜି ଦିନରେ ଗବେଷଣାର ବିଷୟ। ଭାରତ ବିଶ୍ୱର ପୁରାତନ ଗଣତନ୍ତ୍ର। ଜେଏନ୍‌ୟୁ ଏହି ଗଣତନ୍ତ୍ରକୁ ପରୀକ୍ଷା କରିବାର ଏକ ସ୍ଥାନ ବୋଲି ଧର୍ମେନ୍ଦ୍ର କହିଛନ୍ତି। ଓଡ଼ିଶାର ଅଖ୍ୟାତ ଜନଜାତି ଅଞ୍ଚଳର ମହିଳା ହୋଇ ମଧ୍ୟ ଭାରତୀୟ ଗଣତନ୍ତ୍ରରେ ସର୍ବୋଚ୍ଚ ଆସନରେ ବସିବା ବୋଧହୁଏ ବିଶ୍ୱରେ ବିରଳ ବୋଲି ଧର୍ମେନ୍ଦ୍ର କହିଛନ୍ତି। ସମାଜର ପଛୁଆ ବର୍ଗରୁ ଆସି ସଶକ୍ତୀକରଣର ଶୀର୍ଷରେ ପହଞ୍ଚିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନ ଓ ସଂଘର୍ଷ ଉପରେ ଅନୁସନ୍ଧାନ ପାଇଁ ଜେଏନ୍‌ୟୁର ଗବେଷକଙ୍କୁ ସେ ପରାମର୍ଶ ଦେଇଛନ୍ତି। ଭାରତ ଗଣତନ୍ତ୍ରର ଜନନୀ। ଜେଏନ୍‌ୟୁ କ୍ୟାମ୍ପସ ଭିନ୍ନମତ ଓ ବିତର୍କର କେନ୍ଦ୍ର ହେବା ସ୍ୱାଗତଯୋଗ୍ୟ। ଏହା ଭାରତୀୟ ଗଣତନ୍ତ୍ରର ଶକ୍ତି। ଦେଶର ଲୋକ ଚରିତ୍ରରେ ପ୍ରଜାତନ୍ତ୍ର ଅଛି। ଏହା ଜେଏନ୍‌ୟୁ କ୍ୟାମ୍ପସରେ ପ୍ରତିଫଳିତ ବୋଲି ଧର୍ମେନ୍ଦ୍ର କହିଛନ୍ତି।

## ଉଚ୍ଚ ଶିକ୍ଷାନୁଷ୍ଠାନକୁ ମାନ୍ୟତା ପ୍ରଦାନରେ ବିସଙ୍ଗତି ନେଇ ନାକ୍‌ର ସ୍ପଷ୍ଟୀକରଣ

ଭୁବନେଶ୍ୱର, ୧୦।୩(ବ୍ୟୁରୋ)

ଜାତୀୟ ମୂଲ୍ୟାଙ୍କନ ଓ ମାନ୍ୟତା ପରିଷଦ(ନାକ) ଦ୍ୱାରା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକୁ ମାନ୍ୟତା ପ୍ରଦାନ କ୍ଷେତ୍ରରେ କେତେକ ବିସଙ୍ଗତିକୁ ନେଇ ନିକଟରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏ ସମ୍ପର୍କରେ ନାକ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇ କୁହାଯାଇଛି, ଗଣମାଧ୍ୟମରେ ପ୍ରକାଶ ପାଇଥିବା ସିଏଜି ରିପୋର୍ଟ ଚୂଡ଼ାନ୍ତ ନୁହେଁ। ନାକ ନିର୍ଦ୍ଦେଶକଙ୍କ ପକ୍ଷରୁ ଡ୍ରାଫ୍ଟ ଅନୁପାଳନର ଜବାବ ସିଏଜି ନିକଟକୁ ପଠାଯାଇଛି। ଏହା ବର୍ତ୍ତମାନ ବିଚାରାଧୀନ ରହିଛି। ସିଏଜି କାର୍ଯ୍ୟାଳୟ ପକ୍ଷରୁ କେତେକ ପରିବର୍ତ୍ତନ ପାଇଁ ଦିଆଯାଇଥିବା ପରାମର୍ଶକୁ ମଧ୍ୟ କାର୍ଯ୍ୟକାରୀ କରାଯାଉଛି ଏବଂ ଏକ ସଂଶୋଧିତ ଡ୍ରାଫ୍ଟ ପ୍ରସ୍ତୁତ କରାଯାଉଛି। ନଷ୍ଟ ହେଉ ନ ଥିବା ଆବର୍ଜନା ପରିଚାଳନା ପାଇଁ ୧୦୦୦ ପଏଣ୍ଟରୁ ନାକ ୧୬ ପଏଣ୍ଟ ଦିଆଯିବା ନେଇ ଯେଉଁ ପ୍ରଶ୍ନ ଉଠିଛି ସେ ସମ୍ପର୍କରେ ମଧ୍ୟ ସ୍ପଷ୍ଟୀକରଣ ଦିଆଯାଇଛି। କଲେଜ ପକ୍ଷରୁ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ଦ୍ୱାରା ଉଚିତ ବର୍ଜ୍ୟବସ୍ତୁ ପରିଚାଳନା କରାଯାଇ କ୍ୟାମ୍ପସକୁ ସଫା ରଖାଯାଇଛି। ପରିସରରେ ଗଛ ଲଗାଯିବା ସହିତ ସେଥିରେ କ୍ୟୁଆର୍ କୋଡ୍ ଦିଆଯାଇଛି। ସେହିପରି ବର୍ଷା ଜଳ ପରିଚାଳନା ଏବଂ ଜୈବିକ ଖତ ପ୍ରସ୍ତୁତି ମଧ୍ୟ କରାଯାଇଛି। ଅନାବଶ୍ୟକ ବର୍ଜ୍ୟବସ୍ତୁକୁ ନ ଜଳାଇବାକୁ ନାକ ପକ୍ଷରୁ ଦିଆଯାଇଥିବା ପରାମର୍ଶକୁ କଲେଜ ଗ୍ରହଣ କରିଛି। ସେହିପରି କର୍ମଚାରୀ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା କରାଯାଇଥିବା ସବୁଜ ପ୍ରୟାସ ନିମନ୍ତେ ୧୦୦୦ ପଏଣ୍ଟରୁ ୨ ପଏଣ୍ଟ ଦିଆଯାଇଛି। ୬ଟି ମାପଦଣ୍ଡକୁ ଆଧାର କରି ପ୍ଲାଷ୍ଟିକ ମୁକ୍ତ କ୍ୟାମ୍ପସ ଗଠନ ପାଇଁ ପଦକ୍ଷେପ ସ୍ୱରୂପ ଏହି ମାନ୍ୟତା ଦିଆଯାଇଛି। କଲେଜ କ୍ୟାମ୍ପସକୁ ପ୍ଲାଷ୍ଟିକ ମୁକ୍ତ କରିବା ଏବଂ କାଗଜମୁକ୍ତ କାର୍ଯ୍ୟାଳୟ ପାଇଁ ପଦକ୍ଷେପ ନେବା ନିମନ୍ତେ ଏଭଳି ମୂଲ୍ୟାଙ୍କନ କରାଯାଇଛି। ତେବେ ସବୁଜ ଅଭ୍ୟାସର ଅନ୍ୟ ମାପଦଣ୍ଡ କ୍ଷେତ୍ରରେ ସେଭଳି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ସେହିଭଳି ଉଚ୍ଚ ଶିକ୍ଷାନୁଷ୍ଠାନର ଶିକ୍ଷାବର୍ଷ ପରିଚାଳନା ସହ ଜଡ଼ିତ କଲେଜ ଦ୍ୱାରା ନିୟମିତ ଇଣ୍ଟରନାଲ ଆୟୋଜନ ଓ ଗୁଣବତ୍ତା ଅନୁଯାୟୀ ମୂଲ୍ୟାଙ୍କନ କରାଯାଇଛି। ନାକ ଟିମ୍ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସାମଗ୍ରିକ ଜ୍ଞାନ ଓ ଉଚ୍ଚ ଶିକ୍ଷାନୁଷ୍ଠାନ ପକ୍ଷରୁ ଦିଆଯାଇଥିବା ଦସ୍ତାବିଜ ଆଧାରରେ ମାନ୍ୟତା ପ୍ରଦାନ କରାଯାଇଛି।

## ଭୂଷଣ୍ଡପୁର ବାଣ ବିସ୍ଫୋରଣ ଘଟଣା: ମୃତ୍ୟୁସଂଖ୍ୟା ୬ ଛୁଇଁଲା

ଟାଙ୍ଗୀ(ଖୋର୍ଦ୍ଧା)/ନିରାକାରପୁର,୧୦।୩(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ଭୂଷଣ୍ଡପୁର ବାଣ ବିସ୍ଫୋରଣ ଘଟଣାରେ ଶୁକ୍ରବାର ଆଉ ଜଣଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ସେ ହେଲେ ଭୂଷଣ୍ଡପୁର ଗ୍ରାମର ମହେଶ୍ୱର ବେହେରା(୨୪)। ଫଳରେ ମୃତ୍ୟୁ ସଂଖ୍ୟା ୬ରେ ପହଞ୍ଚିଛି। ଭୂଷଣ୍ଡପୁରରେ ଦୋଳ ଉତ୍ସବ ପାଇଁ ବାଣଭିଡ଼ା ଯାଉଥିବା ବେଳେ ଗତ ୬ ତାରିଖ ପୂର୍ବାହ୍ନରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ଘଟଣାସ୍ଥଳରେ ୪ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୪ଜଣ ଗୁରୁତର ଆହତ ହୋଇଥିଲେ। ଆହତମାନଙ୍କୁ ଖୋର୍ଦ୍ଧା ମେଡିକାଲରେ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଆହତଙ୍କ ମଧ୍ୟରୁ ଜଣଙ୍କର ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ମଧ୍ୟ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ତେବେ ଅନ୍ୟ ଆହତମାନେ ମେଡିକାଲରେ ଚିକିତ୍ସାଧୀନ ଥିବା ବେଳେ ଶୁକ୍ରବାର ମହେଶ୍ୱରଙ୍କ ମୃତ୍ୟୁ ହୋଇଛି। ଅନ୍ୟପଟେ ଏହି ଘଟଣା ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବେଆଇନ ଭାବେ ଚାଲିଥିବା ବାଣ ଗୋଦାମ ଉପରେ ଚଢ଼ାଉ ଜାରି ରହିଛି।

## ଦୁଇ ଅଧିକାରୀଙ୍କୁ ନିଲମ୍ବନ କଲେ ଡିଏଫ୍‌ଓ

କୋରୁକୋଣ୍ଡା/ ମାଲକାନଗିରି ୧୦।୩(ଡି.ଏନ. ଏ)


ଦୁର୍ଗା ପ୍ରସାଦ ନାୟକ, ପଦ୍ମିନୀ ପଟ୍ଟନାୟକ

ମାଲକାନଗିରି ଜିଲା ବାଲିମେଲା ବନାଞ୍ଚଳ କେନ୍ଦୁ ପତ୍ର ବିଭାଗରେ ପଞ୍ଜୀକୃତ କେନ୍ଦୁ ପତ୍ର ତୋଳାଳିଙ୍କ ସାଭାବିକ ମୃତ୍ୟୁ ହେଉ ଅବା ଦୁର୍ଘଟଣାଜନିତ ମୃତ୍ୟୁରେ ପରିବାର ଲୋକଙ୍କ ମଧ୍ୟରୁ ପ୍ରକୃତ ହିତାଧିକାରୀ ଯିଏ ସେ ୨ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପାଇବା ନିୟମ ରହିଛି। ମାତ୍ର ସ୍ଥାନୀୟ ଚଢ଼େଇଗୁଡ଼ା, ବୁଟିଗୁଡ଼ା କଲୋନୀ, କୁଡୁମୁଲୁଗୁମ୍ମା, ଜାମୁଗୁଡ଼ା ଓ ପୁଜାରୀଗୁଡ଼ା ଅଞ୍ଚଳରେ କେତେକ ହିତାଧିକାରୀଙ୍କୁ ସହାୟତା ପ୍ରଦାନରେ ଚଞ୍ଚକତା କରାଯାଇଛି। ହିତାଧିକାରୀଙ୍କଠାରୁ ୩୦ରୁ ୪୦ ହଜାର ଲେଖାଏ ଟଙ୍କା ଆଦାୟ କରାଯାଇଥିବା ହିତାଧିକାରୀ ବୁଦ୍ରି ଡ଼ଲା, ସମାରୀ ଦୋରା, ଲଖନ ବଡନାୟକ, ମୋହନ ସିଂଙ୍କ ସମେତ ଅନ୍ୟ କେତେଜଣ ଅଭିଯୋଗ କରିଛନ୍ତି। ଏହି ଖବର ପଦାକୁ ଆସିବା ପରେ କେନ୍ଦୁପତ୍ର ବିଭାଗୀୟ ଡିଏଫ୍‌ଓ ତ୍ୱରିତ ପଦକ୍ଷେପ ଗ୍ରହଣ କରିଛନ୍ତି। ତାଙ୍କ ଚିଠି ସଂଖ୍ୟା ୭୮ ଓ ୭୯, ୧୦।୩୨୩ ରିଖ ଅନୁସାରେ ଦୁଇଜଣ ଅଧିକାରୀ ପଦ୍ମିନୀ ପଟ୍ଟନାୟକ ଓ ଦୁର୍ଗା ପ୍ରସାଦ ନାୟକଙ୍କୁ ନିଲମ୍ବନ କରିଛନ୍ତି। ଏଥିରେ ଅନ୍ୟ ଅଧିକାରୀ କେହି ସାମିଲ ଅଛନ୍ତି କି ନାହିଁ ସେ ନେଇ ଅଧିକ ତଦନ୍ତ କରିବାକୁ ଏକ ସ୍ୱାଧୀନ କମିଟି ଗଠନ ଲାଗି ନବରଙ୍ଗପୁର କେନ୍ଦୁପତ୍ର ବିଭାଗକୁ ଦାୟିତ୍ୱ ଦେଇଛନ୍ତି।

## ନବଙ୍କ ଝିଅ ଦୀପାଳି ସାଇବର ଠକେଇର ଶିକାର

ସମ୍ବଲପୁର,୧୦।୩(ବ୍ୟୁରୋ): ପୂର୍ବତନ ସ୍ୱାସ୍ଥ୍ୟମନ୍ତ୍ରୀ ସ୍ୱର୍ଗତ ନବକିଶୋର ଦାସଙ୍କ ଝିଅ ଦୀପାଳି ଦାସ ସାଇବର ଠକେଇର ଶିକାର ହୋଇଛନ୍ତି। ସମ୍ବଲପୁର ଅଇଁଠାପାଲି ଥାନା ଅଞ୍ଚଳର ଏକ ଘରୋଇ ବ୍ୟାଙ୍କରେ ଥିବା ତାଙ୍କ ଜମା ଖାତାରୁ ପର୍ଯ୍ୟାୟକ୍ରମେ ୫୦ହଜାର ଓ ୧ ଲକ୍ଷ ଏଭଳି ମୋଟ ୧ଲକ୍ଷ ୫୦ ହଜାର ଟଙ୍କା ଗାଏବ ହୋଇଯାଇଛି। ଏ ନେଇ ସେ ଅଇଁଠାପାଲି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଆଧାର କରି ପୋଲିସ ଏକ ମାମଲା (ନଂ.୧୨୫/୨୩) ରୁଜୁ କରିଛି। ଅଭିଯୋଗ କ୍ରମେ ଗତ ୬ ତାରିଖରେ ତାଙ୍କ ଜମା ଖାତାରୁ ଟଙ୍କା ଗାଏବ ହୋଇଯାଇଥିଲା। ହେଲେ ଦିନକ ପରେ ସେ ଏ ସମ୍ପର୍କରେ ଜାଣିବାକୁ ପାଇଥିଲେ। ଟଙ୍କା ଉଠାଣ ନେଇ ତାଙ୍କ ମୋବାଇଲକୁ ଓଟିପି ଆସିଥିଲେ ମଧ୍ୟ ସେ ତାହାକୁ ସେୟାର କରି ନ ଥିଲେ। ବିନା ଓଟିପିରେ ଏତେ ଟଙ୍କା କିଭଳି କଟିଲା ତାହାକୁ ନେଇ ସେ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟପଟେ ଥାନା ଅଧିକାରୀ ଯୋଗେଶ ପଣ୍ଡା କହିଛନ୍ତି, ଅଭିଯୋଗ ଉପରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି। ଉକ୍ତ ବ୍ୟାଙ୍କରୁ ତାଙ୍କ ଟ୍ରାଞ୍ଜାକ୍ସନର ଡିଟେଲ୍ସ ମଗାଯାଇଛି ବୋଲି ସେ କହିଥିଲେ।

## ସିଏଫ୍‌ଏସ୍‌ଏଲ୍ ପଠାଯିବ ଇଲେକ୍ଟ୍ରୋନିକ୍ସ ଯନ୍ତ୍ରାଂଶ: ଏସ୍‌ପି

ଜଗତ୍‌ସିଂହପୁର ଅଫିସ, ୧୦।୩



### ସମୁଦ୍ରରୁ ଗୁପ୍ତଚର ପାରା ଉଦ୍ଧାର ପ୍ରସଙ୍ଗ

- କୌଣସି ନିଷ୍କର୍ଷରେ ପହଞ୍ଚି ପାରିଲାନି ଏସ୍‌ଏଫ୍‌ଏସ୍‌ଏଲ୍
- ପାରାକୁ ଓଡ଼ିଶା ପୋଲିସର ପ୍ରିଜନ ସେଲ୍‌ରେ ରଖାଯାଇଛି

କୋଣାର୍କ ବେଳାଭୂମି ସିଧା ସମୁଦ୍ରରୁ ସନ୍ଦେହଜନକ ଭାବେ ଉଦ୍ଧାର ଧଳା ପାରାର ୨ ଗୋଡ଼ରେ ଲାଗିଥିବା ଇଲେକ୍ଟ୍ରୋନିକ୍ସ ଯନ୍ତ୍ରାଂଶ ଗୁରୁବାର କଢ଼ାଯାଇଛି। ମାତ୍ର ଉକ୍ତ ଯନ୍ତ୍ରାଂଶ ସମ୍ପର୍କରେ କୌଣସି ସ୍ପଷ୍ଟ ଚିତ୍ର ଆସିପାରିନାହିଁ। ଭୁବନେଶ୍ୱରସ୍ଥିତ ଏସ୍‌ଏଫ୍‌ଏସ୍‌ଏଲ୍ (ଷ୍ଟେଟ ଫୋରେନ୍ସିକ ସାଇନ୍ସ ଲାବରେଟୋରି) ହାତ ଟେକି ଦେଲାପରେ ଓଡ଼ିଶା ପୋଲିସର ଚିନ୍ତା ବଢ଼ିଯାଇଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଏସ୍‌ପି ରାହୁଲ ପି.ଆର୍. କହିଛନ୍ତି, ପାରାକୁ ଏବେ ଓଡ଼ିଶା ପୋଲିସ ମୁଖ୍ୟାଳୟ ପ୍ରିଜନ ସେଲ୍‌କୁ ସୁସ୍ଥ ଅବସ୍ଥାରେ ହସ୍ତାନ୍ତର କରାଯାଇଛି। କିନ୍ତୁ ଜବତ ଯନ୍ତ୍ରାଂଶଗୁଡ଼ିକୁ ଅଣାଯାଇଛି। ଓଡ଼ିଶାରେ ଏହାର ଯାଞ୍ଚ ସମ୍ଭବ ହେଉ ନ ଥିବାରୁ ଦିଲ୍ଲୀ, କୋଲକତା କିମ୍ବା ହାଇଦ୍ରାବାଦସ୍ଥିତ ସିଏଫଏସ୍‌ଏଲ୍ (ସେଣ୍ଟ୍ରାଲ ଫୋରେନ୍ସିକ ସାଇନ୍ସ ଲାବରେଟୋରି)କୁ ପଠାଯିବା ପାଇଁ ଚିନ୍ତା କରାଯାଉଛି। ଖୁବ୍‌ଶୀଘ୍ର ଏନେଇ ନିଷ୍ପତ୍ତି ନିଆଯିବ ବୋଲି ସେ କହିଛନ୍ତି।

ଗତ ୪ ତାରିଖରେ ପାରାଦୀପ ମାଛଧରା ବନ୍ଦରରୁ ସାରଥି ନାମଧାରୀ ଏକ ମାଛଧରା ବୋଟ୍ ମାଛ ଧରିବାକୁ ସମୁଦ୍ର ଭିତରକୁ ଯାଇଥିଲା। ବୋଟ୍ ମାଷ୍ଟର ଶଙ୍କର ବେହେରାଙ୍କ ସମେତ ଅନ୍ୟ ୮ ଜଣ କୋଣାର୍କ ବେଳାଭୂମି ସିଧା ବେ ଅଫ ବେଙ୍ଗଲର ହାରାହାରି ୧୦ରୁ ୧୫ କିଲୋମିଟର ଭିତରେ ମାଛ ଧରୁଥିଲେ। ଗତ ୬ ତାରିଖ ଦିନ ଏକ ଧଳା ପାରା ଉଡ଼ି ଆସି ଉକ୍ତ ବୋଟ୍ ଉପରେ ବସିଥିଲା। ହାଲିଆ ହୋଇଯାଇଥିବାରୁ ଉଡିପାରି ନ ଥିଲା। ସେତେବେଳେ ବୋଟ୍‌ଟି ପାରାଦୀପରୁ ୪୦ ନଟିକାଲ ମାଇଲ୍ସ ଅର୍ଥାତ୍ ୭୨ କିଲୋମିଟର ଦୂରରେ ଥିଲା। ମାଛ ଧରାଳିମାନେ ପାରାକୁ ଧରିଲା ପରେ ତା'ର ଦୁଇ ଗୋଡ଼ରେ ଜିପିଏସ୍ ଓ କ୍ୟାମେରା ଭଳି ଯନ୍ତ୍ରାଂଶ ଲାଗିଥିବା ଦେଖିବାକୁ ପାଇଥିଲେ। ଏହା ଦେଖି ସେମାନେ ତୁରନ୍ତ ପାରାଦୀପ ମାଛଧରା ବନ୍ଦରକୁ ପ୍ରତ୍ୟାବର୍ତ୍ତନ କରି ଗତ ୮ ତାରିଖରେ ମେରାଇନ ଥାନାରେ ପାରାକୁ ହସ୍ତାନ୍ତର କରିଥିଲେ। ପୋଲିସ ଉକ୍ତ ପାରାକୁ ୯ ତାରିଖରେ କଟକସ୍ଥିତ ଓଡ଼ିଶା ପୋଲିସ ପ୍ରିଜନ ସେଲ୍ ସହାୟତାରେ ଭୁବନେଶ୍ୱରସ୍ଥିତ ଏସ୍‌ଏଫ୍‌ଏସ୍‌ଏଲ୍ ନେଇଥିଲା। ସେଠାରେ ପାରା ଗୋଡ଼ରେ ଲଗାଯାଇଥିବା ଯନ୍ତ୍ରାଂଶ କଢ଼ାଯାଇଥିଲେ ସୁଦ୍ଧା ଚିହ୍ନଟ କରିବା ସମ୍ଭବ ହୋଇ ନ ଥିଲା। ତା'ପରେ ନନ୍ଦନକାନନ ପକ୍ଷୀ ବିଶେଷଜ୍ଞଙ୍କ ସହାୟତା ନିଆଯାଇଥିଲା। ସେଠାରେ ବିଶେଷଜ୍ଞମାନେ ଏହି ଯନ୍ତ୍ରାଂଶରୁ ଗୋଟିଏ କ୍ୟାମେରା ଓ ଅନ୍ୟଟି ଜିପିଏସ୍ ବୋଲି ଅନୁମାନ କରିଛନ୍ତି। ମାତ୍ର ସ୍ପଷ୍ଟ କରିପାରି ନ ଥିଲେ।

## ଦାୟିତ୍ୱରେ ଅବହେଳା ଯୋଗୁ ଶିକ୍ଷୟିତ୍ରୀ ନିଲମ୍ବିତ

### ୨୧୮୮ ପରୀକ୍ଷାର୍ଥୀରୁ ୧୨୨ ଅନୁପସ୍ଥିତ

ବ୍ରହ୍ମଗିରି,୧୦।୩(ଡି.ଏନ୍.ଏ.)

ରାଜ୍ୟରେ ଶୁକ୍ରବାରଠାରୁ ହାଇସ୍କୁଲ ସମ୍ମେଟିଭ୍-୨ ପରୀକ୍ଷା ଆରମ୍ଭ ହୋଇଯାଇଛି। ଏନେଇ ବ୍ରହ୍ମଗିରି ନୋଡାଲ ସେଣ୍ଟର ଅଧୀନରେ ଥିବା ବ୍ଲକର ୧୬ଟି ପରୀକ୍ଷା କେନ୍ଦ୍ରରେ ଶାନ୍ତି ଶୃଙ୍ଖଳାର ସହିତ ପ୍ରଥମପତ୍ର ମାତୃଭାଷା ପରୀକ୍ଷା ଶେଷ ହୋଇଛି। ଅନ୍ୟପଟେ ଏକ ବିଦ୍ୟାଳୟରେ ଦାୟିତ୍ୱ ଅବହେଳା କରିବାରୁ ଜଣେ ଶିକ୍ଷୟିତ୍ରୀଙ୍କୁ ଜିଲା ଶିକ୍ଷା ଅଧିକାରୀ ନିଲମ୍ବିତ କରିଛନ୍ତି। ସୂଚନା ଅନୁଯାୟୀ, ବ୍ରହ୍ମଗିରି ନୋଡାଲ ସେଣ୍ଟର ଅଧୀନରେ ୧୬ ପରୀକ୍ଷା କେନ୍ଦ୍ର ମଧ୍ୟରେ ୧୪ଟି ରେଗୁଲାର ବିଦ୍ୟାଳୟ ଗୋଟିଏ ମୁକ୍ତ ବିଦ୍ୟାଳୟ ଓ ଗୋଟିଏ ସଂସ୍କୃତ ହାଇସ୍କୁଲ ରହିଛି। ଚଳିତ ବର୍ଷ ୨୧୮୮ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୨୦୬୬ ଛାତ୍ରୀଛାତ୍ର ପରୀକ୍ଷା ଦେଇଛନ୍ତି ଓ ୧୨୨ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିଥିବା ବ୍ରହ୍ମଗିରି ନୋଡାଲ ହାଇସ୍କୁଲ ସହକାରୀ ଶିକ୍ଷକ ଚିତ୍ତରଞ୍ଜନ ଜେନା ଜଣାଇଛନ୍ତି। ଅପରପକ୍ଷେ ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ଛୋଟପୁର ମଦନ ମୋହନ ହାଇସ୍କୁଲରେ ପରୀକ୍ଷା ଚାଲିଥିଲା। ପରୀକ୍ଷା ଦେବା ପାଇଁ ଛାତ୍ରୀଛାତ୍ର ଶ୍ରେଣୀଗୃହରେ ଉପସ୍ଥିତ ଥିବାବେଳେ ନିୟମ ଅନୁଯାୟୀ ସକାଳ ୯ଟାରେ ଛାତ୍ରୀଛାତ୍ରଙ୍କୁ ପ୍ରଶ୍ନପତ୍ର ଦେବାର ଥିଲା। କିନ୍ତୁ ଏହି ସମୟରେ ଦାୟିତ୍ୱରେ ଥିବା ଶିକ୍ଷୟିତ୍ରୀ ସ୍ମୃତିପ୍ରଜ୍ଞା ଗିରି ପରୀକ୍ଷା ସମୟ ପୂର୍ବରୁ ପ୍ରଶ୍ନପତ୍ର ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରିଦେଇଥିଲେ। ଶିକ୍ଷୟିତ୍ରୀଙ୍କ ଦାୟିତ୍ୱ ଅବହେଳା ନେଇ ଜିଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷଙ୍କ ନିକଟରେ ଅଭିଯୋଗ ହୋଇଥିଲା। ତେବେ ଜିଲା ଶିକ୍ଷାଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଉକ୍ତ ଶିକ୍ଷୟିତ୍ରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରି ଦିଆଯାଇଥିବା ବ୍ରହ୍ମଗିରି ଗୋଷ୍ଠୀ ଶିକ୍ଷା ଅଧିକାରୀ କବିରାଜ ଜେନା ସୂଚନା ଦେଇଛନ୍ତି।


**OFFICE OF THE EXECUTIVE ENGINEER (AGRIL.) KEONJHAR DIVISION, KEONJHAR**
(At/Po-Madhapur, Dist-Keonjhar, Pin-758001, Odisha)
Email Id: eeagril.kjr@gmail.com
**INVITATIONS FOR BIDS THROUGH e-Procurement**
Notice No.235/Agril.(KJR), Dated 06.03.2023
Bid Identification No.E.E.(A)- KEONJHAR DIVISION-04/2022-23

**No.L-156:**1.The Executive Engineer (Agril) Keonjhar Division, Keonjhar, Odisha on behalf of Governor of Odisha invites Percentage Rate Bids in Single Cover system for the works as detailed in table below.

| Sl. No. | Name of the Work | Approximate Estimated Cost put to Tender (Excluding G.S.T.) (Rs.) | Cost of Bid Documents (in Rs.) | EMD (in Rs.) | Class of Contractor | Period of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Construction of RCC Precast Boundary Wall at Govt. Agriculture Farm Sangam, Block-Hatadihi, Dist-Keonjhar | 10,09,323.00 | 6000/- | 10100/- | D & C | 90 days |

The bidders have to participate in ONLINE bidding only. The website for ONLINE BIDDING is http://tendersorissa.gov.in. Bid documents will be available in above website from Dt.13.03.2023 at 11.00 AM upto 5.00 PM of Dt.23.03.2023 for ONLINE BIDDING. Date of original bid documents submission Dt.16.03.2023 at 11.00 AM to Dt.24.03.2023 upto 3.00 PM. Bids shall be opened at 11.00 AM & onwards on Dt.27.03.2023. The bidder must possess matching class compatible Digital Signature Certificate (DSC). Further details and other terms and conditions can be seen from DTCN in the e-Procurement website www.tendersorissa.gov.in. N.B.: Subsequent corrigendum/addendum if required shall be available in the website as indicated above.
OIPR-01460/11/0006/2223 **Sd./- Executive Engineer (Agril.), Keonjhar Division, Keonjhar**



idco Your power to grow | ODISHA NEW OPPORTUNITIES — No.CAD-5072:
**OFFICE OF THE CHIEF GENERAL MANAGER (P&C) IDCO, IDCO TOWER, BHUBANESWAR**
Tender Call Notice No.H.O./P&C/EST-E-1226/02/2016 7180, Dated 04.03.2023
**NOTICE INVITING TENDER THROUGH e-Procurement**
Name of the Work: Construction of Internal Road and Drain in proposed industrial MSME Parks (South) at Panchapada, Jharsuguda.
Estimated Cost: Rs.449.61 lakhs (approx.)
Period of Completion: 04 (Four) Calendar Months.
Pre-Bid meeting is to be conducted on dtd.29.03.2023 at 3.30 P.M.

| Procurement Officer | Bid Identification No. | Availability of Tender online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| Chief General Manager (P&C), IDCO, Idco Tower, Bhubaneswar | Bid Id No. PC/EST/E-168/2022-23 | 17.00 Hours of 17.03.2022 | 17.00 Hours of 03.04.2023 |

Further details can be seen from the e-Procurement Portal www.Tendersorissa.gov.in and Corrigendum if any will not be published in newspapers and can only be seen in the e-Procurement portal www.tenderorissa.gov.in. and IDCO website www.idco.in.
**Sd./-Chief General Manager (P&C) IDCO, Bhubaneswar**
OIPR-14003/11/0321/2223



**Government of Odisha**
**Office of Special Relief Commissioner**
**QUOTATION**
**No.1088/R&DM (DM) Date:06.03.2023**
**RDM-RLF-ESTT-0020-2020**

**No.F-484:**Quotation is hereby invited from registered firms / outsourcing agencies for outsourcing of office management and IT support services/ activities in State Emergency Operation Centre in the Office of Special Relief Commissioner, Revenue & DM Department Odisha for a period of one year i.e. from 01.04.2023 to 31.03.2024.

The intending registered firms / outsourcing agencies may submit quotations along with other supporting documents to the office of the Special Relief Commissioner, Rajiv Bhawan, Bhubaneswar latest by date 23.03.2023 (5.00PM) through registered post / speed post/courier.

The prescribed quotation is available in the website www.odisha.gov.in (link:-http://odisha.gov.in/tender&http://srcodisha.nic.in (http://srcodisha.nic.in/tender.php).

The authority reserves every right to reject all or any of the quotation without assigning any reason thereof.

**Sd./- Additional Special Relief Commissioner**
**OIPR-24003/11/0005/2223**



**ଜିଲ୍ଲା ପରିଷଦ:ଭଦ୍ରକ**
ଦୂରଭାଷ-୦୬୭୮୪-୨୪୨୮୬୪
ଚାରିଘରିଆ,ପୋ-ମାଧବନଗର, ଜିଲ୍ଲା-ଭଦ୍ରକ, ପିନ୍-୭୫୬୧୮୧,
ବିଜ୍ଞାପନ ସଂଖ୍ୟା ୬୩୫, ତାରିଖ ୬.୩.୨୦୨୩
**ବ୍ଲକସ୍ତରୀୟ ଜନଶୁଣାଣି ବିଜ୍ଞାପନ**

**No.CAD-5068:**ଏତଦ୍ୱାରା ଭଦ୍ରକ ଜିଲ୍ଲାର ସମସ୍ତ ଜନସାଧାରଣ ତଥା ପଞ୍ଚାୟତସ୍ତରୀୟ ଲୋକପ୍ରତିନିଧି ଏବଂ ଜବ୍‌କାର୍ଡଧାରୀଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ଯେ, ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆନୁକୂଲ୍ୟରେ ୨୦୨୨-୨୩ (୦୧.୦୪.୨୦୨୨ ଠାରୁ ୩୦.୦୯.୨୦୨୨ ପର୍ଯ୍ୟନ୍ତ) ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ) ୨୦୧୬-୧୭ ଠାରୁ ୨୦୨୦-୨୧ ଆର୍ଥିକ ବର୍ଷରେ ସମ୍ପାଦିତ ହୋଇଥିବା ସମସ୍ତ କାର୍ଯ୍ୟଗୁଡିକର ପଞ୍ଚାୟତସମିତି ସ୍ତରୀୟ ଜନଶୁଣାଣି ନିମ୍ନଲିଖିତ ତାରିଖରେ ଧାର୍ଯ୍ୟ କରାଯାଇଅଛି ଏବଂ ଏଥିନିମନ୍ତେ କୌଣସି ଆପତ୍ତି ଅଭିଯୋଗ ଥିଲେ ତାହା ଉକ୍ତ ଜନଶୁଣାଣିରେ ଉପସ୍ଥାପନ କରାଗଲେ ସେଗୁଡିକ ଉପରେ ବିଚାର ବିମର୍ଶ କରାଯିବ । ଏଣୁ ଉକ୍ତ ବ୍ଲକସ୍ତରୀୟ ଜନଶୁଣାଣିରେ ଆପଣମାନେ ବହୁସଂଖ୍ୟାରେ ଯୋଗଦେଇ ଯୋଜନାର ସଫଳ କାର୍ଯ୍ୟକରିବା ନିମନ୍ତେ ଓ ଆପଣଙ୍କର ସୁଚିନ୍ତିତ ମତାମତ ଦେବାକୁ ବିନମ୍ର ଅନୁରୋଧ ।

| କ୍ର. ନଂ. | ପଞ୍ଚାୟତ ସମିତିର ନାମ | ତାରିଖ ଏବଂ ସମୟ (ପୂର୍ବାହ୍ନ ୧୦.୩୦ ଘଟିକାଠାରୁ) | ସ୍ଥାନ | ପଦାଧିକାରୀଙ୍କ ଅଧ୍ୟକ୍ଷତା |
|---|---|---|---|---|
| ୧ | ବନ୍ତ | ୨୧.୦୩.୨୦୨୩ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବନ୍ତ | ଅତିରିକ୍ତ କାର୍ଯ୍ୟନିର୍ବାହୀ (ପ୍ର),ଜିଲ୍ଲା ପରିଷଦ,ଭଦ୍ରକ |
| ୨ | ତିହିଡି | ୨୨.୦୩.୨୦୨୩ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ତିହିଡି | ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ,ଜିଲ୍ଲା ପରିଷଦ, ଭଦ୍ରକ |
| ୩ | ଭଣ୍ଡାରୀପୋଖରୀ | ୨୩.୦୩.୨୦୨୩ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଭଣ୍ଡାରୀପୋଖରୀ | ଅତିରିକ୍ତ ଜିଲ୍ଲାପାଳ, ଭଦ୍ରକ (ରା) |
| ୪ | ଚାନ୍ଦବାଲି | ୨୪.୦୩.୨୦୨୩ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚାନ୍ଦବାଲି | ଉପ ଜିଲ୍ଲାପାଳ, ଭଦ୍ରକ |
| ୫ | ଭଦ୍ରକ | ୨୮.୦୩.୨୦୨୩ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଭଦ୍ରକ | ଅତିରିକ୍ତ ଜିଲ୍ଲାପାଳ, ଭଦ୍ରକ (ରା) |
| ୬ | ବାସୁଦେବପୁର | ୨୯.୦୩.୨୦୨୩ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବାସୁଦେବପୁର | ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ,ଜିଲ୍ଲା ପରିଷଦ, ଭଦ୍ରକ |
| ୭ | ଧାମନଗର | ୩୧.୦୩.୨୦୨୩ | ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଧାମନଗର | ଅତିରିକ୍ତ ଜିଲ୍ଲାପାଳ, ଭଦ୍ରକ (ସା) |

ସ୍ୱା./- ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ,ଜିଲ୍ଲା ପରିଷଦ, ଭଦ୍ରକ
OIPR-19230/11/0013/2223



Annexure-C
**GOVERNMENT OF ODISHA**
**DEPARTMENT OF WOMEN & CHILD DEVELOPMENT**
**QUOTATION CALL NOTICE**

**No.g-112:**Sealed Quotations in plain paper/letter pad are invited from intending registered firms/ suppliers having their office at Bhubaneswar, who are authorized dealers for the products and having valid Odisha VAT registration with TIN No.with clearance certificate in Form No.VAT-612 and upto date Income Tax clearance certificate for supply of the Office Stationary Items and other miscellaneous items to Department of W & CD, Lok Seva Bhawan, Odisha for official use for a period of one year vide Quotation Call Notice No.4604/WCD, Dated 09.03.2023. The last date for receipt of quotation is 24th March 2023 upto 2.00 P.M.
The details of the Quotation Call Notice is available in the website of the State Govt. i.e. http:www.odisha.gov.in and www.wcd.odisha.gov.in. All future addendums/ corrigendum if any, will be uploaded in the above website only.
**Sd./- Under Secretary to Government**
OIPR-46005/11/0016/2223



**Odisha Information Commission**
**Block B-1,Toshali Bhawan,Satyanagar, Bhubaneswar-751007**
**ADVERTISEMENT**

**No.Z-49:**Applications are invited from interested retired Govt. Servants not below the rank of Additional District Judge and below the age of 65 years, having good service records and physical fitness for engagement as Registrar to the Commission for a initial period of 2(two) years , which can be extended further, following the terms and conditions laid down in Resolution No. 23750 dated 27.08.2014 of General Administration Department, with remuneration as Last Pay Drawn minus Pension without any allowances.

Eligible and interested retired Govt. servants may submit their applications in the prescribed proforma with copies of testimonials in support of their service records by registered post/ speed post/ by hand/ Email(odishasoochana@nic.in) superscribing "Application for engagement as Registrar to the Commission " so as to reach the Secretary, Odisha Information Commission Block B-1, Toshali Bhawan, Satyanagar, Bhubaneswar-751007 latest by 29.03.2023 before 5:00 PM. The applications received after due date & time will not be entertained.

The advertisement along with prescribed proforma of application can be downloaded from the website (https://oic.nic.in).

By order of the SCIC
OIPR-15002/11/0010/2223 **Sd./- Secretary, OIC**




ମହିଳା ସଂରକ୍ଷଣ ବିଲ୍ ପାରିତ କରିବା ଦାବିରେ ଶୁକ୍ରବାର ନୂଆଦିଲ୍ଲୀର ଯନ୍ତରମନ୍ତରରେ ଧାରଣାରତ ଭାରତ ରାଷ୍ଟ୍ର ସମିତି (ବିଆର୍‌ଏସ୍) ନେତ୍ରୀ କେ. କବିତା। ନିକଟରେ ଉଦ୍‌ବୋଧନ ଦେଉଛନ୍ତି ମାର୍କ୍ସବାଦୀ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ।

# ନାଗାଲାଣ୍ଡ ବିଧାନସଭା ବିରୋଧୀ ଶୂନ୍ୟ

**ଗୁଆହାଟୀ, ୧୦।୩**

ନାଗାଲାଣ୍ଡ ବିଧାନସଭା ଦ୍ୱିତୀୟ ଥର ପାଇଁ ବିରୋଧୀ ଦଳ ଶୂନ୍ୟ ହୋଇଛି। ଶରଦ ପାୱାରଙ୍କ ଏନ୍‌ସିପି ସମେତ ରାଜ୍ୟର ସମସ୍ତ ରାଜନୈତିକ ଦଳ ମୁଖ୍ୟମନ୍ତ୍ରୀ ନେଫିଉ ରିଓଙ୍କୁ ସମର୍ଥନ ଜଣାଇଛନ୍ତି। ସେମାନଙ୍କୁ ସରକାରରେ ସାମିଲ କରାଯିବ କିମ୍ବା ଏହାକୁ ବାହ୍ୟ ସମର୍ଥନ ବିବେଚନା କରାଯିବ ତାହା ସ୍ପଷ୍ଟ ହୋଇନାହିଁ। ଏନ୍‌ଡିପିପି-ଭାଜପା ମେଣ୍ଟ ବୈଠକରେ ଏନେଇ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ନାଗାଲାଣ୍ଡ ଉପମୁଖ୍ୟମନ୍ତ୍ରୀ ତଥା ଭାଜପା ନେତା ୱାଇ. ପାଟନ୍ କହିଛନ୍ତି। ୨୦୨୧ରେ ମଧ୍ୟ ନାଗାଲାଣ୍ଡ ବିଧାନସଭା ବିରୋଧୀ ଶୂନ୍ୟ ହୋଇଥିଲା। ଫଳରେ ଏନ୍‌ଡିପିପି-ଭାଜପାର ପିପୁଲ୍ସ ଡେମୋକ୍ରାଟିକ୍ ମେଣ୍ଟ ସରକାରକୁ ସଂଯୁକ୍ତ ଗଣତାନ୍ତ୍ରିକ ମେଣ୍ଟ ଭାବେ ନାମିତ କରାଯାଇ ସର୍ବଦଳୀୟ ସରକାର ଦ୍ୱାରା ଶାସନ ଚାଲିଥିଲା। ସେତେବେଳେ ଏନ୍‌ପିଏଫ୍‌ର



ନେଫିଉ ରିଓ

୨୬ ବିଧାୟକଙ୍କ ସମେତ ଜଣେ ସ୍ୱାଧୀନ ବିଧାୟକ ସରକାରରେ ଯୋଗଦେଇଥିଲେ।

ଏଥର ମଧ୍ୟ ସମସ୍ତ ଦଳ ସରକାରଙ୍କୁ ସମର୍ଥନ ଜଣାଇବାକୁ ନିଷ୍ପତ୍ତି ନେଇଛନ୍ତି। ୬୦ ଆସନ ବିଶିଷ୍ଟ ନାଗାଲାଣ୍ଡ ବିଧାନସଭାରେ ଏନ୍‌ଡିପିପି-ଭାଜପା ମେଣ୍ଟକୁ ୩୭ ଆସନ ମିଳିଛି। ଏହା ବ୍ୟତୀତ ଅନ୍ୟ ବିଧାୟକମାନେ ବାହାରୁ ସରକାରଙ୍କୁ ସମର୍ଥନ ଘୋଷଣା କରିଥିବାରୁ ଆଲୋଚନା ପରେ ନିଷ୍ପତ୍ତି ନିଆଯିବ। ତେବେ ୩୭ ଆସନରେ ଆମେ ଠିକ୍ ଅଛୁ ବୋଲି ପାଟନ୍ କହିଛନ୍ତି। ନାଗାଲାଣ୍ଡ ନିର୍ବାଚନରେ ୮ଟି ଦଳ ଆସନ ଜିତିଛନ୍ତି। ଶରଦ ପାୱାରଙ୍କ ଏନ୍‌ସିପି ୭ ଆସନ ଜିତି ତୃତୀୟ ସ୍ଥାନରେ ଥିବାବେଳେ ଏହା ରିଓ ସରକାରଙ୍କୁ ସମର୍ଥନ ଘୋଷଣା କରିଛି। ସେହିପରି ଏନ୍‌ପିପିର ୩ ବିଧାୟକ, ଲୋକ ଜନଶକ୍ତି ପାର୍ଟି- ରାମ ବିଲାସ ଏବଂ ରାମଦାସ ଅଠାୱାଲେଙ୍କ ନେତୃତ୍ୱାଧୀନ ରିପବ୍ଲିକାନ ପାର୍ଟି ଅଫ୍ ଇଣ୍ଡିଆର ୨ ଜଣ ଲେଖାଏ ବିଧାୟକ ସରକାରଙ୍କ ସମର୍ଥନ ଜଣାଇଛନ୍ତି। ଏପରି କି ଜେଡିୟୁର ଏକମାତ୍ର ବିଧାୟକ ମଧ୍ୟ ରିଓ ସରକାରଙ୍କୁ ସମର୍ଥନ ଦେବେ ବୋଲି କହିଛନ୍ତି। ଉତ୍ତର-ପୂର୍ବାଞ୍ଚଳର ସମସ୍ତ ଦଳ ଶେଷରେ ଦେଶର ସର୍ବୋଚ୍ଚ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମର୍ଥନ ଜଣାଇବେ ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା କହିଛନ୍ତି।

ନବ ଦାସ ହତ୍ୟା ଘଟଣା

# ୨ ନେତ୍ରୀଙ୍କ ମଧ୍ୟରେ ଟୁଇଟ୍ ଯୁଦ୍ଧ

**ଭୁବନେଶ୍ୱର, ୧୦।୩(ବ୍ୟୁରୋ)**

ପୂର୍ବତନ ମନ୍ତ୍ରୀ ନବକିଶୋର ଦାସଙ୍କ ମୃତ୍ୟୁ ପରେ ଓଡ଼ିଶା ଭାଜପାର କେତେଜଣ ନେତା ତାଙ୍କୁ ନିନ୍ଦିତ କରିବାକୁ ଉଦ୍ୟମ କରୁଛନ୍ତି। ଏହା ଆମ ହିନ୍ଦୁ ପରମ୍ପରା ଓ ଓଡ଼ିଆ ସଂସ୍କୃତିରେ ଆଦୌ ଗ୍ରହଣୀୟ ନୁହେଁ। ତେଣୁ ରାଜନୈତିକ ଉଦ୍ଦେଶ୍ୟ ରଖି ଜଣେ ଦିବଂଗତ ନେତାଙ୍କ ଉପରେ କଟୁ ମନ୍ତବ୍ୟ ଦେବାରୁ ଆପଣଙ୍କ ଦଳର ନେତାଙ୍କୁ କ୍ଷାନ୍ତ ରଖନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟୁଇଟ୍ କରି ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଏପରି ଅନୁରୋଧ କରିଛନ୍ତି। ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଘଟଣାକୁ ନେଇ ରାଜନୀତି ଥମିବାର ନାଁ ଧରୁନାହିଁ। ପୁଣି ଏହି ଘଟଣାକୁ ନେଇ ବିଜେଡି ଏବଂ ଭାଜପା ନେତାଙ୍କ ମଧ୍ୟରେ ଟୁଇଟ୍ ଯୁଦ୍ଧ ଜୋର୍ ଧରିଛି। ଶୁକ୍ରବାର ବର୍ଷା ସିଂ ବରିହାଙ୍କ ଏହି ଟୁଇଟ୍ ପରେ ଭାଜପା ନେତ୍ରୀ ଅର୍ପିତା ଅପରାଜିତା ବଡ଼ଜେନା ଏହାର ଜବାବ ଟୁଇଟ୍ ମାଧ୍ୟମରେ ରଖିଛନ୍ତି।

ବର୍ଷା ତାଙ୍କ ଟୁଇଟ୍‌ରେ ଧର୍ମେନ୍ଦ୍ରଙ୍କୁ ଟାର୍ଗେଟକରି ଆହୁରି ଉଲ୍ଲେଖ କରିଛନ୍ତି, ଯେତେବେଳେ ତାଙ୍କ ବାପାଙ୍କ ଦେହାନ୍ତ ହୋଇଥିଲା ସେତେବେଳେ ମଧ୍ୟ ଭାଜପାର କେତେଜଣ ନେତା ତାଙ୍କୁ ଠିକ୍ ଏମିତି ଆକ୍ଷେପ କରୁଥିଲେ। ତାଙ୍କ ଚରିତ୍ର ଓ ବାହାଘରକୁ ନେଇ କୁତ୍ସାରଟନା କରୁଥିଲେ। ସେ ସମସ୍ତଙ୍କୁ ହାତଯୋଡ଼ି ଯେତେ ଅନୁରୋଧ କରିଥିଲେ ମଧ୍ୟ ବିରୋଧୀ ଆକ୍ରୋଶମୂଳକ ଭାବେ ବ୍ୟକ୍ତିଗତ ଆକ୍ରମଣ ଜାରି ରଖିଥିଲେ। ଏହା ତାଙ୍କୁ ଏବଂ ପରିବାର ସଦସ୍ୟଙ୍କୁ ମାନସିକ ଆଘାତ ଦେଇଥିଲା। ସେତେବେଳେ ମଧ୍ୟ ଅନୁରୋଧକରି କହିଥିଲେ, ଦୟାକରି ତାଙ୍କୁ ଏପରି ଆକ୍ଷେପ କରିବାକୁ ଭାଜପାର



ଅର୍ପିତା ବଡ଼ଜେନା



ବର୍ଷା ସିଂ ବରିହା

ଏହି ନେତାମାନଙ୍କୁ ବାରଣ କରନ୍ତୁ। ତଥାପି ଆପଣ କିଛି କଲେନି, ବୋଧେ ଜାଣିଶୁଣି ନୀରବ ରହିଲେ। ଏହା ତାଙ୍କୁ ଖୁବ୍ ଦୁଃଖ ଦେଇଥିଲା। ଏବେ ସମାନ ଢଙ୍ଗରେ ସ୍ୱର୍ଗତ ନବକିଶୋର ଦାସଙ୍କ ଚରିତ୍ର ସଂହାର ପାଇଁ ଯେଉଁ ଉଦ୍ୟମ ହେଉଛି ତାଙ୍କ ଝିଅ ଓ ପରିବାରର ଅନ୍ୟ ସଦସ୍ୟଙ୍କୁ କେତେ ମାନସିକ ଯନ୍ତ୍ରଣା ହେଉଥିବ, ତାହା ଅନୁଭବ କରିହେଉଛି। ତେଣୁ ଆପଣଙ୍କୁ ଅନୁରୋଧ, ଅନ୍ତତଃ ପକ୍ଷେ ନୀରବ ରୁହନ୍ତୁନି କି ଏହାକୁ ପରୋକ୍ଷରେ ସମର୍ଥନ କରନ୍ତୁ ନାହିଁ ବୋଲି ସେ କହିଛନ୍ତି।

ଅନ୍ୟପଟେ ଅର୍ପିତା ବଡ଼ଜେନା ଟୁଇଟ୍ କରି କହିଛନ୍ତି, କଣ୍ଟାବାଡ଼ରେ ଲୁଗା ପକାଇ ଝଗଡ଼ା କରିବା ବିଜେଡିର ପୁରୁଣା ଅଭ୍ୟାସ। ଭାଜପା ନେତାଙ୍କ ଉଦ୍ଦେଶ୍ୟରେ ଯେଉଁ କଥା କୁହାଯାଇଛି ତାହା ନିରାଧାର। ତାଙ୍କ ଦଳର ସଂସ୍କାର ନୁହେଁ କାହାକୁ ବ୍ୟକ୍ତିଗତ ଆକ୍ଷେପ କରିବା। ଆପଣ ଏହି ଟୁଇଟ୍ କରିବା ପୂର୍ବରୁ ଯିଏ ଏହି ଟୁଇଟ୍ ତିଆରି କରି ଆପଣଙ୍କୁ ଧରାଇଛନ୍ତି ତାଙ୍କୁ ଥରେ ପଚାରିବାର ଥିଲା। ଓଡ଼ିଶାରେ ମହିଳା, ଗର୍ଭବତୀ, ବାଳିକା, ନବଜାତ ଶିଶୁଙ୍କ ଅବସ୍ଥା ଆଜି କ'ଣ ଅଛି ପଚାରନ୍ତୁ। ଆପଣଙ୍କ ନିର୍ବାଚନମଣ୍ଡଳୀରେ ଏହାର ଅବସ୍ଥା କ'ଣ ଆପଣ ବୁଲିବା ବେଳେ ଦେଖୁଥିବେ। କଳାହାଣ୍ଡିର ମମିତା ମେହେର କ'ଣ କରିଥିଲେ, ତାଙ୍କୁ କାହିଁକି ବୀଭତ୍ସ ଭାବେ ହତ୍ୟା କରାଗଲା। ଏଥିରେ ଆପଣଙ୍କ ଦଳର ସେତେବେଳର ମନ୍ତ୍ରୀ ସମ୍ପୃକ୍ତ ଅଛନ୍ତି କି ନାହିଁ। ହତ୍ୟାକାରୀ ଏବେ ମଧ୍ୟ ବାହାରେ ବୁଲୁଛନ୍ତି, ତଦନ୍ତ ଆଜି ବି ଦିଗହରା ହୋଇଛି। ପୁରୀ ଜିଲା ନିମାପଡ଼ାର ଧର୍ମେନ୍ଦ୍ର ସାହୁଙ୍କର ମୃତ୍ୟୁ ଘଟିଲା। ଏଥିରେ ଯେଉଁଭଳି ଭାବେ ରାଜ୍ୟର ଗଣଶିକ୍ଷା ମନ୍ତ୍ରୀଙ୍କ ନାଁ ଆସିଲା ତାହା ସତ ନା ମିଛ କୁହନ୍ତୁ। ଧର୍ମେନ୍ଦ୍ର ସାହୁଙ୍କ ମୃତ୍ୟୁ କେମିତି ହେଲା ଆପଣ ତ ପୁରୀ ଜିଲାର ବୋହୂ ଟିକେ ପଚାରି ବୁଝନ୍ତୁ। ଆପଣଙ୍କ ଦଳର ତିର୍ତ୍ତୋଲ ବିଧାୟକ ବିଜୟଶଙ୍କର ଦାସ କାହିଁକି ବିଧାନସଭାକୁ ଆସୁନାହାନ୍ତି ଟିକେ ଫୋନ୍ କରି ବୁଝିଲେ ଭଲ ହୁଅନ୍ତା। ସୋମାଲିକା ଆମ ଭଳି ଜଣେ ଝିଅ। ସେ ଆଜି ଯେଉଁ କଥା ଉଠାଇଛନ୍ତି ତାଙ୍କୁ ନ୍ୟାୟ ଦେବା ପାଇଁ ଆପଣଙ୍କ ସରକାର କାହିଁକି ପଛାଉଛନ୍ତି ଟିକେ ପଚାରନ୍ତୁ ବୋଲି ଅର୍ପିତା କହିଛନ୍ତି।



ବାସବରାଜ ବୋମାଇ

# ବୋମାଇ କର୍ନାଟକ ଭାଜପା ପ୍ରଚାର କମିଟି ଅଧ୍ୟକ୍ଷ

**ନୂଆଦିଲ୍ଲୀ, ୧୦।୩(ପି.ଟି.)**

ଚଳିତ ବର୍ଷ ଶେଷ ଭାଗରେ କର୍ନାଟକ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ମୁଖ୍ୟମନ୍ତ୍ରୀ ବାସବରାଜ ବୋମାଇଙ୍କୁ ଭାଜପା ପ୍ରଚାର କମିଟି ଅଧ୍ୟକ୍ଷ ନିଯୁକ୍ତ କରାଯାଇଛି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଶୁକ୍ରବାର ବୋମାଇଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। କେନ୍ଦ୍ରମନ୍ତ୍ରୀ ଶୋଭା କରନ୍ଦଲାଜେଙ୍କୁ ନିର୍ବାଚନ ପରିଚାଳନା କମିଟି ଆବାହକ କରାଯାଇଛି। ଦଳର ଜାତୀୟ ସାଧାରଣ ସମ୍ପାଦକ ଅରୁଣ ସିଂ ଏହି ସୂଚନା ଦେଇଛନ୍ତି। କର୍ନାଟକର ଦୁଇ ପ୍ରଭାବଶାଳୀ ଜାତି ଲିଙ୍ଗାୟତ ଏବଂ ଭୋକ୍କାଲିଗା ମଧ୍ୟରେ ସନ୍ତୁଳନ ରକ୍ଷା ପାଇଁ ଦଳ ପକ୍ଷରୁ ଉଦ୍ୟମ କରାଯାଇଛି। ସେଥିପାଇଁ ଲିଙ୍ଗାୟତ ନେତା ବୋମାଇଙ୍କୁ ନିର୍ବାଚନ ପ୍ରଚାର କମିଟି ମୁଖ୍ୟ ସହ କରନ୍ଦଲାଜେଙ୍କୁ ଅନ୍ୟତମ କମିଟିର ଆବାହକ କରାଯାଇଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ଏସ୍. ୟେଦୁରପ୍ପାଙ୍କ ସମେତ କର୍ନାଟକରୁ କେନ୍ଦ୍ରମନ୍ତ୍ରୀ ଓ ରାଜ୍ୟ ନେତାଙ୍କୁ କମିଟିର ସଦସ୍ୟ ଭାବେ ନିଯୁକ୍ତି ଦିଆଯାଇଛି।

# ବିରୋଧୀଙ୍କ ସ୍ୱର ଚାପିଦେବାକୁ ଚେଷ୍ଟା ଚଳାଇଛି ବିଜେଡି: ଜୁଏଲ

**ଭୁବନେଶ୍ୱର, ୧୦।୩(ବ୍ୟୁରୋ)**

ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତିକୁ ନେଇ ଯୁବମୋର୍ଚ୍ଚା ଆରମ୍ଭ କରିଥିବା ସଂଗ୍ରାମ ପ୍ରତି ରାଜ୍ୟବାସୀଙ୍କ ପୂର୍ଣ୍ଣ ସମର୍ଥନ ରହିଛି । ବିରୋଧୀଙ୍କୁ ଦମନ କରିବାର ଶାସକ ବିଜେଡିର ପ୍ରୟାସ ଅତ୍ୟନ୍ତ ଲଜ୍ଜାଜନକ । ଏପରିକି ହୀନ ଷଡଯନ୍ତ୍ର ରଚି ବିରୋଧୀଙ୍କ ସ୍ୱରକୁ ଚାପି ଦେବାର ପ୍ରୟାସ ଶାସକ ବିଜେଡି ପକ୍ଷରୁ ଜାରୀ ରହିଛି । ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା, ବହୁଚର୍ଚ୍ଚିତ ନବ ଦାସ ହତ୍ୟାକାଣ୍ଡର ସତ୍ୟାସତ୍ୟ ପର୍ଦ୍ଦାଫାଶ ଦାବୀରେ ଆନ୍ଦୋଳନରତ ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଆକ୍ରୋଶମୂଳକ ଭାବେ ଗିରଫ କରି ଜେଲରେ ଭର୍ତ୍ତି କରିଦେବା ଭଳି ଘଟଣା

## ଗିରଫ ଯୁବମୋର୍ଚ୍ଚା ନେତା, କର୍ମୀଙ୍କୁ ଭେଟିଲେ ଭାଜପା ଟିମ୍

ଆଜି ସମସ୍ତଙ୍କୁ ଆଚମ୍ବିତ କରିଛି । ସ୍ୱେଚ୍ଛାଚାରୀ ଓ ଭ୍ରଷ୍ଟାଚାରୀ ବିଜେଡି ଶାସନର ଅନ୍ତ ସମୟ ଆସିଯାଇଛି ବୋଲି ସୁନ୍ଦରଗଡ ଏମ୍‌ପି ଜୁଏଲ ଓରାମ କହିଛନ୍ତି । ଜୁଏଲଙ୍କ ନେତୃତ୍ୱରେ ଶୁକ୍ରବାର ରାଜ୍ୟ ଭାଜପାର ଏକ ପ୍ରତିନିଧି ଦଳ ଗିରଫ ହୋଇ ଜେଲରେ ଥିବା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତାଙ୍କୁ ଭେଟିଛନ୍ତି। ଏହି ଅବସରରେ ରାଜ୍ୟ ଉପସଭାନେତ୍ରୀ ସୁଶ୍ରୀ ସୁକେଶୀ ଓରାମ, ରାଜ୍ୟ ମୁଖପାତ୍ର ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

ରାଜ୍ୟଖବର

# ସର୍ବସାଧାରଣଙ୍କ ପାଇଁ ଖୋଲିଲା ମ୍ୟୁଜିୟମ ଅଫ୍ ଜଷ୍ଟିସ୍

**କଟକ ଅଫିସ,୧୦।୩**

- ସୋମବାର ବ୍ୟତୀତ ଅନ୍ୟ ଦିନ ଖୋଲା
- ପରିଦର୍ଶନ ସମୟ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା
- ପ୍ରବେଶ ଦେୟ ସମ୍ପୂର୍ଣ୍ଣ ଛାଡ଼

କଟକ ବାରବାଟୀ ଦୁର୍ଗ ପରିସରସ୍ଥ ମ୍ୟୁଜିୟମ୍ ଅଫ୍ ଜଷ୍ଟିସ୍‌କୁ ସର୍ବସାଧାରଣଙ୍କ ଲାଗି ଶୁକ୍ରବାରଠାରୁ ଖୋଲାଯାଇଛି। ଏହି ନ୍ୟାୟିକ ସଂଗ୍ରହାଳୟ ସପ୍ତାହରେ ସୋମବାର ବ୍ୟତୀତ ଅନ୍ୟ ସବୁଦିନ ପୂର୍ବାହ୍ନ ୧୦ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲାରହିବ। ସଂଗ୍ରହାଳୟ ମଧ୍ୟକୁ ପ୍ରବେଶ ଦେୟ ସମ୍ପୂର୍ଣ୍ଣ ମାଗଣା ରଖାଯାଇଥିବା ଓଡ଼ିଶା ହାଇକୋର୍ଟ ପକ୍ଷରୁ ସୂଚନା ଦିଆଯାଇଛି।

ସଂଗ୍ରହାଳୟକୁ ଆନୁଷ୍ଠାନିକ ଭାବେ ସର୍ବସାଧାରଣଙ୍କ ନିମନ୍ତେ ଖୋଲାଯିବା ଉପଲକ୍ଷେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ହାଇକୋର୍ଟ ମୁଖ୍ୟ ବିଚାରପତି ଏସ୍. ମୁରଲୀଧର କହିଥିଲେ, ସଂଯୋଜକ କମିଟି ସଦସ୍ୟମାନଙ୍କର ମାର୍ଗଦର୍ଶନରେ ସଂଗ୍ରହାଳୟକୁ ଗୁଣାତ୍ମକମାନ ବିଶିଷ୍ଟ କରିପାରିଛି। ଏହି କାର୍ଯ୍ୟରେ ଇନ୍‌ଟାକ୍, ପିଲୁ ମୁଡି କଲେଜ ଅଫ୍ ଆର୍କିଟେକ୍ଚର, କଟକ ମହାନଗର ନିଗମ, ୱାର୍କସ୍ ଡିପାର୍ଟମେଣ୍ଟ ଆଦିର ପ୍ରମୁଖ ଭୂମିକା ରହିଛି। ଓଡ଼ିଶା ସଂସ୍କୃତି, କଳା ଓ ପରମ୍ପରାରେ ସମୃଦ୍ଧ। ଓଡ଼ିଶାର ଅତୀତ ଏହି ସଂଗ୍ରହାଳୟରେ ପ୍ରତିଫଳିତ ହୋଇଛି। ଏହି ଅବସରରେ ସଂଯୋଜକ କମିଟିର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଗ୍ରହାଳୟର ରୂପରେଖ ପ୍ରସ୍ତୁତିରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଏହି ସଂଯୋଜକମାନେ ହେଲେ ବିଚାରପତି ଡ. ଏ.କେ. ମିଶ୍ର, ଅବସରପ୍ରାପ୍ତ ପୋଲିସ ଅଧିକାରୀ ଏ.ବି. ତ୍ରିପାଠୀ, ବି.ବି. ମିଶ୍ର, ସଞ୍ଜୀବ ଚନ୍ଦ୍ର ହୋତା, ଡ. ନିବେଦିତା ମହାନ୍ତି, ଜନଜାତି ସଂଗ୍ରହାଳୟର ନିର୍ଦ୍ଦେଶକ ଏ.ବି. ଓତା, ପ୍ରଫେସର ନୀହାର ରଞ୍ଜନ ପଟ୍ଟନାୟକ, ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଇନ୍‌ଟାକ୍‌ର ନିର୍ଦ୍ଦେଶକ ମଲ୍ଲିକା ମିତ୍ର। ବିଚାରପତି ଦେବବ୍ରତ ଦାସ ସ୍ୱାଗତ ଭାଷଣ ଓ ବିଚାରପତି ଶଶିକାନ୍ତ ମିଶ୍ର ଧନ୍ୟବାଦ ଦେଇଥିଲେ।

ସୂଚନାଯୋଗ୍ୟ, ଗତ ଫେବୃୟାରୀ ୨୫ରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଏହି ସଂଗ୍ରହାଳୟକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଗୋଟିଏ ଥିମ୍ ପାଭିଲିୟନ୍ ଓ ୭ଟି ଗ୍ୟାଲେରି କରାଯିବା ସହ ଏକ ଲାଇବ୍ରେରି ଓ ସୋଭେନିର୍ ଶପ୍ ମଧ୍ୟ ନିର୍ମାଣ ହୋଇଛି। ଲାଇବ୍ରେରିରେ ଅଷ୍ଟାଦଶ ଓ ଊନବିଂଶ ଶତାବ୍ଦୀର ଆଇନ ପୁସ୍ତକ ଓ ଜର୍ନାଲଗୁଡ଼ିକୁ ଉପଲବ୍ଧ କରାଯାଇଛି।


**GOVERNMENT OF ODISHA** No. A-1235
**DEPARTMENT OF WATER RESOURCES**
**OFFICE OF THE CHIEF ENGINEER AND BASIN MANAGER, SUBARNAREKHA AND BUDHABALANGA BASIN**
**AT/PO:- LAXMIPOSI, DIST:- MAYURBHANJ**
**Mail Id: cebmsbb2019@gmail.com**
**Government of Odisha "e" PROCUREMENT NOTICE**
**Bid Identification No. 33/22-23 of CEBM, SBB, Laxmiposi**

| | | |
|---|---|---|
| 1 | Name of Work | Restoration & Protection to right bank of river Gangahar near village Bhurudiha, Bhadrasia, Gaudagaon, Barabanka & Mayurgaon. |
| 2 | Estimated Cost | Rs.1100.14 Lakh |
| 3 | Bid Security/ E.M.D. | Rs.11,00,150/- |
| 4 | Period of Completion | 18 (Eighteen) Calendar Months |
| 5 | Class of Contractor | "A" Class & "Special" Class |
| 6 | Date & Time of availability of bid document in the portal | 13.03.2023 up to 5.00 PM |
| 7 | Last date/time for receipt of bid in the portal | 03.04.2023 upto 10.00 AM |
| 8 | Name & Address of the O.I.T. | Chief Engineer & Basin Manager, O/o the CE&BM, Subarnarekha & Budhabalanga Basin, Laxmiposi, Mayurbhanj. |

Further details can be seen from the e-procurement portal **"https://tendersodisha.gov.in"**
**Sd./- Chief Engineer & Basin Manager**
**Subarnarekha & Budhabalanga Basin, Laxmiposi, Mayurbhanj**
OIPR-32074/11/0021/2223

**OFFICE OF THE EXECUTIVE ENGINEER BHUBANESWAR (R&B) DIVISION NO III BHUBANESWAR**
bbsrrandb03@yahoo.com
**60Estg.No- 1695** **Date - 09/03/2023**
**Government of Odisha "e"-Procurement Notice**
**No.B-1335: No (85) of 2022-23**
**Bid Identification No: - C.C. (R&B) 03**

| | | |
|---|---|---|
| 1 | Name of the Work | E.I. works |
| 2 | Total No of works | 1 no work |
| 3 | Estimated Cost | Rs. 23,08,800.00 |
| 4 | Class of Contractor | "HT" Class & Above |
| 5 | Period of Completion | 1 (One ) Calendar Month |
| 6 | Type of Tender | Single Cover System (Online) |
| 7 | Date & time of availability of bid document in the portal | From 10.03.2023 at 01.00 P.M. to 20.03.2023 at 05.30 P.M |
| 8 | Last Date & Time for Receipt of bids in the Portal | 20.03.2023, upto 05:30 P.M. |
| 9 | Name & Address of the Officer inviting Bid | Er. Gayatri Patel, Executive Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal https://tendersorissa.gov.in. **N.B: Subsequent corrigendum/addendum If required shall be available in the website as Indicated above.**
**Sd./- Executive Engineer**
**OIPR-34089/11/0023/2223 BBSR (R&B) Division No.III, BBSR**

Government of Odisha
**Office of the Chief Construction Engineer, Rural Works Circle, Angul**
**E-Mail - sencrwangul@yahoo.co.in, Ph:06764- 236404**
**No.O-1062:** **e-Procurement Notice for Bridge works in Odisha**
**Bid Identification No. Bridge Online AGL- 23/2022-23**
**No.533** **Dt.09.03.2023**
1.Name of the work : Bridge Works. 2. Total No.of work : 03 Nos. 3. Estimated cost : Rs.135.78 to Rs.252.50 Lakhs. 4. Class of Contractor :'B' & 'A' Class. 5. Period of completion : As per Annexure. 6.Other details.

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking tender clarification | Date & Time of opening of tender | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Cirde,Angul | Bridge Online- AGL-23/2022-23 | 13.03.2023 at 10.00 A.M | 24.03.2023 up to 5.00 P.M | 22.03.2023 upto 1.00 P.M | 24.03.2023 at 5.10 PM | Will be intimated separately |

(1) For detailed Notice Inviting Tenders, Please visit to the website www.tendersorissa.gov.in.
**OIPR-25180/11/0032/2223** **Sd./-D.Padhi, Chief Construction Engineer, Rural Works Circle, Angul**

**PANCHAYAT RAJ & DRINKING WATER DEPARTMENT**
**GOVERNMENT OF ODISHA**
**OFFICE OF THE PANCHAYAT SAMITI, PAPADAHANDI**
**INVITATION FOR BIDS No: 01/2022-23 DATED: -01.03.2023**
**No.i-493:**The Panchayat Samiti, Papadahandi on behalf of Governor of Odisha Invites Percentage Rate bid through e-procurement in single cover system according to norm of e- procurement system in on-line mode. Name of Works : As mentioned in Table "A" which includes Construction of Sub-Center of Papadahandi Block in the Nabarangpur District. No. of Works : 5 (five)Nos(Detailed in Tender Call Notice available in the website). Estimated Cost : As mentioned in Table "A". Tender Paper Cost : Rs.6000/- per each work. Class of Contractor : B & C Class. Period of Completion :180 Days. Critical Dates :*Further details can be seen in the bidding documents, which is available in the e-procurement Portal https//:www.tendersodisha.gov.in. *Subsequent corrigendum if required shall be appeared in the website. Authority reserves the right to reject any or all tenders without assigning any reason thereof.

| Procurement Officer | Bid Identification No. | Availability of Tender Online for Bidding | | Date of Opening of Bid |
|---|---|---|---|---|
| | | From | To | |
| Block Development Officer, Papadahandi | 01/2022-23 of Panchayat Samiti, Papadahandi | 09.03.2023 at 11.00 AM | 21.03.2023 at 05.00 PM | 22.03.2023 at 11.00 AM |

**Sd./- Block Development Officer, Papadahandi**
**OIPR-19328/11/0001/2223**

**GOVERNMENT OF ODISHA**
**DEPARTMENT OF HANDLOOMS, TEXTILES AND HANDICRAFTS, LOKA SEVA BHAVAN, BHUBANESWAR-1**
**TELEPHONE (0674) 2322785, FAX-(0674-2536224)**
**Website-https://handloom.odisha.gov.in/E-mail:hthdepartment@gmail.com**
**QUOTATION CALL NOTICE**
**BHUBANESWAR HTH-OEII-OM-0001-2019/__________/HT&H, Sealed quotations/**
**No.PP-66:**Tenders are invited from interested reputed Travel Agencies/Tour Operators or private individuals for providing four vehicles as detailed below on hire basis in accordance with FDOM No.30464/F, dated 06.09.2019 & No.29819/F, dt.30.11.2022 for official use in Handlooms, Textiles & Handicrafts Department , Loka Seva Bhavan, Bhubaneswar, Odisha on monthly basis.
**VEHICLES DETAILS**

| Sl. No. | Type of vehicles | Number of vehicles required | Maximum Hire Charges per month (excluding Fuel Cost and GST) | Minimum Average Mileage in Kms per Litre. |
|---|---|---|---|---|
| i | (Two)Zest/Tigor/SwiftDzire/Xcent/Etios or equivalent (preferably BS-VI compliant AC petrol vehicle) | Two (2) | Rs.26,000/- | 17 (Seventeen) |
| 2 | Celerio/Tiago/Bolt or equivalent (preferably BS-VI compliant AC petrol vehicle) | Two (2) | Rs.26,000/- | 17 (Seventeen) |

The details of terms and conditions for hiring & bidding and the bid document has been enumerated in the website of this Department https://handloom.odisha.gov.in/ along with the tender call notice.
The sealed quotations completed in all respect are required to reach the undersigned within 21 days from the date of publication. The received quotations will be opened in presence of the interested bidders subsequently. The undersigned reserves the right to reject or cancel the tender without any reason thereof.
**Sd./- Joint Secretary to Government**
**OIPR-31001/11/0011/2223**

**Notice Inviting Tender (NIT)**
**No.F-486:- Collector & District Magistrate, Kalahandi ("CLIENT"), invites sealed proposal from all interested Bidder/s for 'SELECTION OF AGENCY FOR PROVIDING COMPREHENSIVE FACILITY MANAGEMENT SERVICES (CFMS)' at Circuit House, Bhawanipatna.**
**A. Indicative Scope:**
The Broad Scope of services required through this RFP, shall be inter alia as indicated below:
- a. Housekeeping and Cleaning services.
- b. Security Services & Parking Management.
- c. Landscaping & Garden & Lawn Maintenance.
- d. Help Desk & Reception Services.
- e. Catering Services (Paid Service).
- f. Pest Control.
- g. Reporting and Complaint Management.
- h. Coordination with other service providers.
- i. Minor Repair of Electrical & PHED fittings.
- j. AMC of all electronic items.
- k. Laundry Service (Paid)

**A. Contract Period: 03 years**
**B. Bid Processing Fee (INR): 10000/- (Circuit House, Bhawanipatana) Draft should be prepared in favour of Collector, Kalahandi.**
**C. Earnest Money Deposit (INR): Bid Security declaration As per Finance Department Circular No. 8943/F, Dtd. 18.03.2021 & No. 8484 Dtd. 05.04.2022.**
The RFP document can be downloaded from **04.03.2023 from website - orikal@nic.in** to clarify the queries of the Bidder/s a pre-bid meeting is scheduled to be held on **Dt.20.03.2023** in the Conference Hall of Collectorate, Kalahandi at 3.00 PM. Duly completed proposal along with other prerequisites documents in support of eligibility criteria and the required information as per format must be submitted through **Registered Post/ Speed Post/ Courier** latest by **06.04.2023 at 5.30 PM** as specified in the critical date sheet below. For details, please refer to the RFP Documents.
**A. Critical Data Sheet:**

| | | |
|---|---|---|
| 1 | RFP Issue Date | **04.03.2023** |
| 2 | Last Date and Time for Submission of Pre-Bid queries through email | **13.03.2023** |
| 3 | Pre Bid Meeting Date and Time | **20.03.2023 and 3 PM** |
| 4 | Upload of Pre Bid Clarification Date and Time | **27.03.2023 and 11.30 AM** |
| 5 | Last Date and Time of submission of Bid | **06.04.2023 and 5.30 PM** |
| 6 | Technical Bid Opening Date and Time | **13.04.2023 and 11.00 AM** |
| 7 | Financial Bid Opening Date and Time | **21.04.2023 11.00 AM** |

**B. Contact Person**: Pramod Kumar Khillo
Asst. Collector, Nizarat Section
Mobile No. 9439455521
Email: adm-kalahandi.od@nic.in
**C. Complete Address for submission of Bid:**
Office of the Collector and District Magistrate, Kalahandi
At/Po - Bhawanipatna -766001, Dist - Kalahandi
OIPR-24180/11/0005/2223 **Sd./- Collector, Kalahandi**

# ମୋ ମାତୃଭାଷା ମୋତେ ଶ୍ରେଷ୍ଠ

**ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଧଉଳି ଓ ଜଉଗଡ଼ ଶିଳାଲେଖ, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଉଦୟଗିରି ହାତୀଗୁମ୍ଫା ଶିଳାଲେଖରୁ ଆରମ୍ଭ କରି ୧୦୫୧ ଖ୍ରୀଷ୍ଟାବ୍ଦର ପ୍ରଥମ ପୂର୍ଣ୍ଣାଙ୍ଗ ଓଡ଼ିଆ ଶିଳାଲେଖ ଉରଜାମ ଆମକୁ ଆମ ଲିପି ଓ ଭାଷାର କ୍ରମବିକାଶ କଥା ସୂଚାଇ ଦେଇଥାଏ। ଓଡ଼ିଶା ସମଗ୍ର ଭାରତବର୍ଷରେ ଏକମାତ୍ର ରାଜ୍ୟ, ଯେଉଁଠି ପ୍ରାକ୍ ବ୍ରାହ୍ମୀ, ବ୍ରାହ୍ମୀ ଓ ପରବର୍ତ୍ତୀ ବ୍ରାହ୍ମୀ ଲିପିର ସନ୍ଧାନ ମିଳିଛି।**

ତାମିଲ, ସଂସ୍କୃତ, କନ୍ନଡ, ତେଲୁଗୁ ଓ ମାଲୟାଲମ୍ ପରେ ଭାରତବର୍ଷର ଷଷ୍ଠ ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇଥିଲା ଆମ ଭାଷା, ଓଡ଼ିଆ ଭାଷା। ଆମ ଭାଷାର ଗୌରବ ଗାଥା ଗାନ କରୁଥିବା ଏହି ଦିନ ଆମକୁ ଆମର ଗୌରବମୟ ଅତୀତର କଥା ସ୍ମରଣ କରାଇଦିଏ। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଧଉଳି ଓ ଜଉଗଡ଼ ଶିଳାଲେଖ, ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଉଦୟଗିରି ହାତୀଗୁମ୍ଫା ଶିଳାଲେଖରୁ ଆରମ୍ଭ କରି ୧୦୫୧ ଖ୍ରୀଷ୍ଟାବ୍ଦର ପ୍ରଥମ ପୂର୍ଣ୍ଣାଙ୍ଗ ଓଡ଼ିଆ ଶିଳାଲେଖ ଉରଜାମ ଆମକୁ ଆମ ଲିପି ଓ ଭାଷାର କ୍ରମବିକାଶ କଥା ସୂଚାଇ ଦେଇଥାଏ। ଆମ ରାଜ୍ୟ ଓଡ଼ିଶା ସମଗ୍ର ଭାରତବର୍ଷରେ ଏକମାତ୍ର ରାଜ୍ୟ, ଯେଉଁଠି ପ୍ରାକ୍ ବ୍ରାହ୍ମୀ, ବ୍ରାହ୍ମୀ ଓ ପରବର୍ତ୍ତୀ ବ୍ରାହ୍ମୀ ଲିପିର ସନ୍ଧାନ ମିଳିଛି। ସମଗ୍ର ଓଡ଼ିଶାର ୫୫ଟି ଗୁମ୍ଫାରୁ ୫୭୭୫ଟି ଗୁମ୍ଫା ଚିତ୍ରରେ ମିଳେ ଆମର ଅତୀତର ସ୍ୱାକ୍ଷର। ନୂଆପଡ଼ାର ଗୁଡ଼ହାଣ୍ଡି ଓ ଯୋଗୀମଠ, ବିକ୍ରମଖୋଲରେ ଆମ ଭାଷାର ଆଦ୍ୟ ପଦଚିହ୍ନ ସ୍ପଷ୍ଟ। ଆମ ବୋଇତବନ୍ଦାଣ ସହ ଲାଓମାନଙ୍କର ଥାଟ୍ ଲୁଆଙ୍ଗ, କାମ୍ବୋଡିଆର ବନ୍ ଓମ୍ ତୋକ୍ ଓ ଥାଇଲାଣ୍ଡର ଲୋଇ କ୍ରାଥୋଙ୍ଗର ବହୁ ସାମ୍ୟ ଦେଖିବାକୁ ମିଳେ, ଯାହାକି ଆମ ଗୌରବମୟ ନୌବାଣିଜ୍ୟର ସୂଚନା ଦିଏ। କହିବା ବାହୁଲ୍ୟ– ଗୁମ୍ଫାଚିତ୍ର, ମନ୍ଦିର ଗାତ୍ର, ପୋଥିପଥର, ମଠମନ୍ଦିର ସର୍ବତ୍ର ଆମ ଭାଷାର ପ୍ରାଚୀନତା, ଆମ ଭାଷାର ଗୌରବଗାଥାର ପ୍ରମାଣ ସ୍ପଷ୍ଟ। ଶିଳାଲେଖ, ତାଳପତ୍ର ପୋଥିରୁ ଆରମ୍ଭ କରି ବୌଦ୍ଧ ପରିବ୍ରାଜକଙ୍କ ବିବରଣୀ ସବୁଠି ଆମେ ଆମ ଭାଷାର ଜୟଜୟକାର ଦେଖୁ। ସପ୍ତମ ଶତାବ୍ଦୀ ବେଳକୁ ଓଡ଼ିଶାରେ ବଜ୍ରଯାନ, କାଳଚକ୍ରଯାନ ଓ ସହଜଯାନ, ବୌଦ୍ଧଧର୍ମର ଏ ତିନୋଟି ଶାଖା ପଲ୍ଲବିତ ହୋଇଥିଲା। ବୁଦ୍ଧଦେବଙ୍କ ପ୍ରଥମ ଶିଷ୍ୟ ଭାବେ ପରିଚିତ ତପସୁ ଓ ଭଲ୍ଲୁକଙ୍କ କଥା ଆମେ ଅବଗତ ଅଛେ। ବୌଦ୍ଧବିଦ୍ୱାନ ପଦ୍ମସମ୍ଭବ ଓଡ଼ିଶାରୁ ତିବ୍ବତକୁ ଯାଇ ବଜ୍ରଯାନ ପ୍ରଚାର ପ୍ରସାର ସହ ଏହାର ନୂଆନାମ ଦେଇଥିଲେ ଲାମା। ଅଷ୍ଟମ, ନବମ ଶତାବ୍ଦୀର ଓଡ଼ିଆ ବୌଦ୍ଧ ବିଦ୍ୱାନ ଆଚାର୍ଯ୍ୟ ପୀତୋପାଦ ସହଜଯାନ ଓ ବଜ୍ରଯାନ ବିଷୟରେ ବୁଝାଇ ଲେଖିଥିବା ଲେଖା ମିଳେ। ସାଧନାମାଳାରେ ବୌଦ୍ଧଧର୍ମର ଚାରୋଟି ମୁଖ୍ୟକେନ୍ଦ୍ର ମଧ୍ୟରୁ ଉଡୀୟାନ (ଆଧୁନିକ ଓଡ଼ିଶା) କିଭଳି ଗୁରୁତ୍ୱପୂର୍ଣ୍ଣ ଥିଲା ତାହା ପ୍ରମାଣ ମିଳେ। ସେହିଭଳି ଆମେ ଦେଖୁ, ଇନ୍ଦ୍ରଭୂତି ସମଲକ (ଆଧୁନିକ ସମ୍ବଲପୁର)ର ରାଜା ବଜ୍ରଯାନ, ସହଜଯାନରେ ସଂସ୍କାର ଆଣିବାର ପ୍ରୟାସ କରିଥିଲେ। ତାଙ୍କ ଲିଖିତ 'ଜ୍ଞାନସିଦ୍ଧ'ରେ ଏକଥା ସ୍ପଷ୍ଟ। ତିବ୍ବତ ପର୍ଯ୍ୟନ୍ତ ସେ ବଜ୍ରଯାନର ପ୍ରସାର କରିଥିଲେ। ଏସବୁ କଥାରୁ ଗୋଟିଏ କଥା ସ୍ପଷ୍ଟ ହୁଏ ଯେ, ଓଡ଼ିଆ ଜାତି ବା ଓଡ଼ିଶା ଭୌଗୋଳିକ ଭୂଖଣ୍ଡର ଅନ୍ତଃସ୍ୱରରେ ଭାଷା ଓ ଭାବର ଉତ୍ସ ଛପି ରହିଛି। ଆମେ ଆମର ଭାଷାର ଇତିହାସକୁ ଲକ୍ଷ୍ୟ କଲେ ଦେଖୁ ଯେ, ଖ୍ରୀଷ୍ଟପୂର୍ବ ଅଷ୍ଟମ ଶତାବ୍ଦୀରୁ ଆମ ଭାଷାର ପ୍ରାଚୀନ ନାମ ଉଡ୍ର ବିଭାଷାର ସଙ୍କେତ ମିଳୁଛି। ଭରତମୁନିଙ୍କ ନାଟ୍ୟଶାସ୍ତ୍ରରେ ଏ ଭାଷା କଥା ଅଛି। ପ୍ରାକୃତ ଲଙ୍କେଶ୍ୱର ଗ୍ରନ୍ଥରେ ଅଠରଟି ଭାଷା ମଧ୍ୟରେ ଓଡ୍ରିୟା ଭାଷା, ଲଳିତ ବିସ୍ତରରେ ବୁଦ୍ଧଦେବ ଜାଣିଥିବା ଚଉଷଠି ଲିପି ମଧ୍ୟରୁ ଉଡ୍ରଲିପିର କଥା ଥିବା ସହ ଜୈନ ସମବାୟ ସୂତ୍ର, ପ୍ରଜ୍ଞାପନୀ ସୂତ୍ର, ନନ୍ଦୀସୂତ୍ର ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରୁ ମିଳିଥିବା ଶିଳାଲେଖ ଗୁଡ଼ିକରେ ଖୋଦିତ ଭାଷାରେ ଉଡ୍ରବିଭାଷା, ଅର୍ଦ୍ଧମାଗଧୀ, ବ୍ରାହ୍ମୀଲିପି, କୁଶାଣ ବ୍ରାହ୍ମୀଲିପି, ଅପଭ୍ରଂଶ ଓଡ଼ିଆ ଭାଷା କଥା କୁହାଯାଇଛି। ଏ ସବୁ ଆମର ସମ୍ପଦ। ଆମକୁ ଆମର ଭାଷାର ପ୍ରାଚୀନତା, ପ୍ରାଚୀନ ପରମ୍ପରା, ନୌବାଣିଜ୍ୟ ସମ୍ପର୍କ ସହ ବୌଦ୍ଧଗାନ ଓ ଦୋହାରୁ ଆମେ ପ୍ରାମାଣିକ ତଥ୍ୟ ପାଇଥାଉ। ଆମ ଭାଷା, ଶାସ୍ତ୍ରୀୟ ଭାଷା ଏହା ଆମକୁ ଗୌରବାନ୍ୱିତ କରିଛି। ଏହାର ସୁରକ୍ଷା ଓ ସଂରକ୍ଷଣ ଦିଗରେ ଆସନ୍ତୁ ଆମେ ସମସ୍ତେ ନିଜ ନିଜ ଭୂମିକା ନିର୍ବାହ କରିବା। ଅଭିଯୋଗ ହୁଏ ଯେ, ଆମେ ଆମ ମାତୃଭାଷାକୁ ଅବହେଳା ଓ ଅଣଦେଖା କରି ଆସୁଛେ। ବିଶେଷକରି ଗଣମାଧ୍ୟମକୁ ଆମେ ଏଥିପାଇଁ ଦାୟୀ ମଧ୍ୟ କରୁଛେ। ତେବେ ମନେ ରଖିବାକୁ ହେବ– ହେଉ ପଛକେ ସେ ନିକୃଷ୍ଟ, ମୋ ମାତୃଭାଷା ମୋତେ ଶ୍ରେଷ୍ଠ।




–ଡ. ଦେବାଶିଷ ମହାପାତ୍ର
ବରିଷ୍ଠ ଗବେଷକ, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର, ଭୁବନେଶ୍ୱର,
ମୋ: ୬୩୭୨୦୮୨୬୯୦

## ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା

# ୯ବର୍ଷ ପରେ...




ପ୍ରାଚୀନ ପୋଥି, ପଥର, ପ୍ରାଚୀନ ଗୁମ୍ଫା, ମନ୍ଦିର ସବୁଠାରେ ଓଡ଼ିଆ ଭାଷାର ଅଲିଭା ସ୍ୱାକ୍ଷର ଦେଖିବାକୁ ମିଳେ। ଓଡ଼ିଆ ଭାଷାର କ୍ରମବିକାଶ ଦେଖିଲେ ପ୍ରମାଣ ମିଳେ ଯେ ଅଢ଼େଇ ହଜାର ବର୍ଷ ତଳର ଓଡ଼ିଆ ଭାଷା ବାସ୍ତବରେ ଅମଳିନ ଏବଂ ଅଦ୍ୱିତୀୟ। ବହୁ ଚେଷ୍ଟାପରେ ୨୦୧୪ ମାର୍ଚ୍ଚ ୧୧ରେ ବିଧିବଦ୍ଧ ଭାବେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଥିଲା। ସେବେଠାରୁ ପ୍ରତିବର୍ଷ ମାର୍ଚ୍ଚ ୧୧କୁ ଶାସ୍ତ୍ରୀୟ ଭାଷା ଦିବସ ଭାବେ ପାଳନ କରାଯାଉଛି। ଭାରତରେ ମୋଟ୍ ୬ଟି ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ କରାଯାଇଛି। ପ୍ରଥମେ ତାମିଲ ଭାଷାକୁ ଏହି ମାନ୍ୟତା ମିଳିଥିବାବେଳେ ଏହାପରେ ସଂସ୍କୃତ, ତେଲୁଗୁ, କନ୍ନଡ଼, ମାଲୟାଲମ୍ ଏବଂ ପରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଛି। ତେବେ ଶାସ୍ତ୍ରୀୟ ମାନ୍ୟତା ପାଇବାର ୯ ବର୍ଷ ପରେ ଓଡ଼ିଆ ଭାଷାର ସ୍ଥିତି କିଭଳି ରହିଛି ବା ଏହାକୁ କିପରି ଆଗକୁ ନିଆଯାଇ ପାରିବ ସେନେଇ ମାନସମନ୍ଥନ ଚାଲିଛି।

–ଉପସ୍ଥାପନା: **ବନ୍ଦନା ସେଠୀ**

## କ'ଣ କୁହନ୍ତି ଏମାନେ...

### ଓଡ଼ିଆକୁ ଜ୍ଞାନ ଓ ବିକାଶର ଭାଷାରେ ପରିଣତ କରିବା ଦରକାର



" ୧୯୩୬ ମସିହାରେ ଓଡ଼ିଶା ଭାଷାଭିତ୍ତିକ ପ୍ରଦେଶ ହୋଇଥିବାବେଳେ ୨୦୧୪ରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଥିଲା, ଯାହା ଆମ ପାଇଁ ଏକ ବଡ଼ ଉପଲବ୍ଧି। ସାମଗ୍ରିକ ଭାବେ ଭାଷା ଉପଯୋଗ ବା ବ୍ୟବହାରର ୩ଟି ବଡ଼ କ୍ଷେତ୍ର ଯଥା ଶିକ୍ଷା, ପ୍ରଶାସନ ଏବଂ ଗଣମାଧ୍ୟମରେ ସମୁଚିତ ଭାବେ ଓଡ଼ିଆ ଭାଷାକୁ ବ୍ୟବହାର କରିବା ଆବଶ୍ୟକ। ଏଥିସହ ଓଡ଼ିଆ ଭାଷାକୁ ଜ୍ଞାନ ଓ ବିକାଶର ଭାଷାରେ ପରିଣତ କରିବା ପାଇଁ ସବୁଦିଗରୁ ପ୍ରୟାସ ହେବା ଦରକାର। ଉଭୟ ସରକାରୀ ଏବଂ ବ୍ୟକ୍ତିଗତ ସ୍ତରରେ ଏନେଇ ଚେଷ୍ଟା କରାଯିବା ଆବଶ୍ୟକ। ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ତାମିଲ ଭାଷା ଆମଠାରୁ ବହୁତ ଆଗରେ ରହିଛି। ଆମକୁ ମଧ୍ୟ ଓଡ଼ିଆ ଭାଷାର ଉନ୍ନତି ପାଇଁ ସେଭଳି ଆଗକୁ ଆସିବା ଦରକାର।

- **ପ୍ରଫେସର ବସନ୍ତ କୁମାର ପଣ୍ଡା**, ପ୍ରକଳ୍ପ ନିର୍ଦ୍ଦେଶକ, ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ର

### ଆମ କଥାରେ ଅଧିକ ଇଂଲିଶ, ହିନ୍ଦୀ ଭାଷାର ପ୍ରୟୋଗ ରହୁଛି



" ଖାଲି ଶାସ୍ତ୍ରୀୟ ଭାଷା କହି ସ୍ଲୋଗାନ ଦେଲେ ହେବନାହିଁ। ମାତୃଭାଷା ଓଡ଼ିଆକୁ ଓଡ଼ିଶାବାସୀ ଭଲ ପାଇବା ସହ ଗର୍ବ କରିବା ଦରକାର। ସମସ୍ତଙ୍କୁ ଏବେ ଓଡ଼ିଆରେ କହିବା କଷ୍ଟକର ହୋଇପଡୁଛି। ଯେଉଁମାନେ ଓଡ଼ିଆ କହୁଛନ୍ତି, ସେମାନଙ୍କ କଥାରେ ଅଧିକ ଇଂଲିଶ, ହିନ୍ଦୀ ଭାଷାର ପ୍ରୟୋଗ ରହୁଛି। ତେଣୁ ସମ୍ପୂର୍ଣ୍ଣ ଓଡ଼ିଆ ଭାଷାରେ କହିବା ପାଇଁ ଆମେ ଏପର୍ଯ୍ୟନ୍ତ ଶୃଙ୍ଖଳିତ ହୋଇପାରିନାହୁଁ। ତେଣୁ ଓଡ଼ିଆ ଭାଷାର ଉନ୍ନତି ପାଇଁ ସାମୂହିକ ଭାବେ ସମସ୍ତେ ଚେଷ୍ଟା କରିବା ଦରକାର।

- **ରଘୁନାଥ ମିଶ୍ର**, ସଭାପତି, କେଦାରନାଥ ଗବେଷଣା ପ୍ରତିଷ୍ଠାନ

### ଯୁବପିଢ଼ି ଓଡ଼ିଆ ଭାଷାକୁ ଅଣଦେଖା କରୁଛନ୍ତି



" ଓଡ଼ିଆ ଭାଷାର ଭିତ୍ତି ଖୁବ୍ ସୁଦୃଢ଼। ତେବେ ଇତିହାସ ସୁଦୃଢ଼ ହେଲେ ବି ଭବିଷ୍ୟତ ଉଜ୍ଜ୍ୱଳ ହେବାଭଳି ଲାଗୁନାହିଁ। କାରଣ ଭବିଷ୍ୟତ ପିଢ଼ି ବା ଯୁବପିଢ଼ି ଓଡ଼ିଆ ଭାଷା ପ୍ରତି ଅଣଦେଖା କରୁଛନ୍ତି। ଇଂଲିଶ, ହିନ୍ଦୀ ଭାଷା ପ୍ରତି ସେମାନଙ୍କର ଯେପରି ଆଗ୍ରହ ରହୁଛି ସେଭଳି ଓଡ଼ିଆ ପ୍ରତି ନାହିଁ। ସେହିପରି ଯେତିକି ଲୋକ ଓଡ଼ିଆ ଭାଷାକୁ ନେଇ ଗବେଷଣା କରୁଛନ୍ତି ତାହା ଯଥେଷ୍ଟ ନୁହେଁ।

- **ଝିଲି ମହାରଣା**, ଓଡ଼ିଆ ଅଧାପିକା

## ଫୁର୍ସତ



ଆଲିଆ ଭଟ୍ଟ

# ଆଲିଆଙ୍କୁ ଝିଅ ଦେଲେ ବିଜ୍‌ନେସ୍ ଆଇଡିଆ

ଅଭିନେତ୍ରୀ ଆଲିଆ ଭଟ୍ଟଙ୍କୁ ବିଜ୍‌ନେସ୍ ଲାଗି ଆଇଡିଆ ଦେଇଛନ୍ତି କୁନି ଝିଅ ରାହା। ଯେଉଁଥିଲାଗି ସେ ଖୁବ୍‌ଶୀଘ୍ର ସେ ଭଉଣୀ ଶାହିନଙ୍କ ସହ ମିଶି ଏକ ଷ୍ଟୋରୀବୁକ୍ ଲଞ୍ଚ କରିବେ। ଭାଷାନ୍ତରରେ ସେତେଟା ଦକ୍ଷ ନ ହେଲେ ବି ଭଉଣୀଙ୍କ ସହାୟତାରେ ସେ ନିଜର ଏହି ଆଶାକୁ ପୂରଣ କରିବେ ବୋଲି ମନସ୍ଥ କରିଛନ୍ତି। ମା' ହେବା ପରେ ଏବେ ଝିଅ ରାହା ସହ ଅଧିକ ସମୟ ବିତାଉଛନ୍ତି ଆଲିଆ। ଏହି ସମୟରେ ରାହାଙ୍କ ବ୍ୟବହାରରୁ ତାଙ୍କୁ ବ୍ୟବସାୟ ଲାଗି ଆଇଡିଆ ମିଳିଛି।

ରାହା ଏବେ ବହୁତ ଛୋଟ। ଆଲିଆ ଘରେ ରହିବା ବେଳେ ବହି ପଢିବାକୁ ପସନ୍ଦ କରନ୍ତି। ରାହା ତାଙ୍କ କଥାକୁ ବହୁତ ଧ୍ୟାନର ସହ ଶୁଣନ୍ତି। ଝିଅଙ୍କ ଏହି ଗୁଣ ତାଙ୍କୁ ବ୍ୟବସାୟିକ ଆଇଡିଆ ଦେଇଛି। ଆଗାମୀ ଦିନରେ ସେ ନଅଟି ପୁସ୍ତକ ବିଶିଷ୍ଟ ଏକ ସିରିଜ ରିଲିଜ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏହି ସିରିଜ ଖୁସି, କରୁଣା ଏବଂ ଆଶା ଭଳି ଭାବନା ଉପରେ ଆଧାରିତ ହେବ ବୋଲି ଅଭିନେତ୍ରୀ ସ୍ପଷ୍ଟ କରିଛନ୍ତି। ଅଭିନୟ ଦେଖିଲେ ସେ ଖୁବ୍‌ଶୀଘ୍ର ଫିଲ୍ମ 'ରକି ଔର ରାନୀ କି ପ୍ରେମ କାହାଣୀ'ରେ ନଜର ଆସିବେ। କରଣ ଜୋହରଙ୍କ ଏହି ଫିଲ୍ମରେ ରଣବୀର ସିଂଙ୍କ ସହ ସେ ସ୍କ୍ରିନ ଶେୟାର କରିବେ।

# 'ବିଟେକ୍ ଗୁପ୍‌ଚୁପ୍ ବାଲୀ'

ଯେତେବେଳେ ୨୨ ବର୍ଷୀୟ ପ୍ରଫୁଲ୍ଲ ବିଲୋର୍ 'ଏମ୍‌ବିଏ ଚାଏୱାଲା' ନାମରେ ନିଜର ଦୋକାନ ଖୋଲିଥିଲେ, କେହି ବି ଭାବି ନ ଥିଲେ ଯେ ତାଙ୍କର ଚା' ବ୍ୟବସାୟ ଏତେ ଆଗକୁ ବଢ଼ିବ ଯେ ସେ କୋଟିପତି ହୋଇଯିବେ। ଏବେ ଏହି କ୍ରମରେ 'ବିଟେକ୍ ଗୁପ୍‌ଚୁପ୍ ବାଲୀ' ନାମକ ଷ୍ଟଲ ଲଗାଇ ଜଣେ ଯୁବତୀ ଚର୍ଚ୍ଚାକୁ ଆସିଛନ୍ତି। ସେ ବୁଲେଟ୍ ଚଳାଇ ନିଜର ଷ୍ଟଲ ନେଇ ଆସୁଛନ୍ତି। ତାଙ୍କର ସ୍ୱାଗ୍‌କୁ ଲୋକେ ପସନ୍ଦ କରୁଛନ୍ତି।

ଯୁବତୀ ଜଣଙ୍କ ହେଲେ ୨୧ ବର୍ଷୀୟ ତାପସୀ ଉପାଧ୍ୟାୟ। ବିଟେକ୍ ଶେଷ ହେବା ପରେ ସେ ନିଜର ଗୁପ୍‌ଚୁପ୍ ବ୍ୟବସାୟ ଆରମ୍ଭ କରିଛନ୍ତି। ତେବେ ନିଜର ଏହି ଅଭିନବ ଶୈଳୀକୁ ନେଇ ସେ କୁହନ୍ତି, ମୋର ଉଦ୍ଦେଶ୍ୟ ହେଉଛି ଲୋକଙ୍କୁ ସୁସ୍ଥ ଖାଦ୍ୟ ଖୁଆଇବା। ଆଗାମୀ ଦିନରେ ତାଙ୍କ ଷ୍ଟଲ୍‌ରେ ଗୁପ୍‌ଚୁପ୍ ବ୍ୟତିତ ଅନ୍ୟାନ୍ୟ ସାମଗ୍ରୀ ରହିବ।






ସୋସିଆଲ ମିଡିଆରେ ତାପସୀଙ୍କ ଏକ ଭିଡିଓ ଭାଇରାଲ ହେଉଛି। ଏହି ଭିଡିଓରେ ତାପସୀ ତାଙ୍କ ଷ୍ଟଲକୁ ଏକ ବୁଲେଟ୍‌ରେ ନେଉଥିବା ଦେଖାଯାଉଛି।

# ବର୍ଷକର ଶିଶୁ ମସ୍ତିଷ୍କରେ ଜୀବନ୍ତ ଯମଜ

ସାଂଘାଇ: ଚାଇନାର ସାଂଘାଇ ସହରରେ ଜଣେ ବର୍ଷକର ଶିଶୁ ମସ୍ତିଷ୍କରେ ଜୀବନ୍ତ ଯମଜ ସନ୍ତାନ ଠାବ କରାଯାଇଛି। ଏହା ବିରଳରୁ ବିରଳତମ ଘଟଣା, ଯାହାକୁ ଫେଟସ୍-ଇନ୍-ଫେଟୁ କୁହାଯାଉଛି। ମାତୃଗର୍ଭରେ ଯମଜ ଯୋଡ଼ିହୋଇ ରହିଥିବାବେଳେ ସେମାନଙ୍କ ମଧ୍ୟରୁ ଗୋଟିଏ ବିକଶିତ ହୋଇଥିଲା। ନ୍ୟୁରୋଲୋଜି ପତ୍ରିକାରେ ପ୍ରକାଶିତ ଅଧ୍ୟୟନ ଅନୁଯାୟୀ, ବର୍ଷକର ଶିଶୁକନ୍ୟାଠାରେ କେତେକ ସମସ୍ୟା ଦେଖାଦେବା ସହ ମୁଣ୍ଡ ବହୁତ ବଢ଼ିଯିବାରୁ ତାଙ୍କୁ ହସ୍ପିଟାଲକୁ ଅଣାଯାଇଥିଲା। ପ୍ରାରମ୍ଭିକ ପରୀକ୍ଷାରୁ ଶିଶୁ ମସ୍ତିଷ୍କ ମଧ୍ୟରେ ଜନ୍ମ ହୋଇପାରି ନ ଥିବା ଯମଜ ସନ୍ତାନର ଭ୍ରୂଣ ବଢୁଥିବା ସାଂଘାଇ ଡାକ୍ତର ଜାଣିବାକୁ ପାଇଥିଲେ। କ୍ରମାଗତ ରକ୍ତ ସଞ୍ଚାଳନ ଯୋଗୁ ଭ୍ରୂଣ ଜୀବିତ ରହିବା ସହ ବିକଶିତ ହେଉଥିବା ଡାକ୍ତର କହିଛନ୍ତି। ଏହାକୁ ଫେଟସ୍-ଇନ୍-ଫେଟୁ ବା ପାରାସିଟିକ୍ ଟୁଇନ୍ କୁହାଯାଉଛି। ଗର୍ଭାବସ୍ଥା ଆରମ୍ଭରୁ ଏଭଳି ହୋଇଥାଏ। ପୁରୁଷ ଶୁକ୍ରାଣୁ ଏବଂ ମହିଳା ଡିମ୍ବାଣୁ ଗର୍ଭାଧାନ ପରେ ସେଲ୍ କ୍ଲଷ୍ଟର ସୃଷ୍ଟି ଯୋଗୁ ତାହା ଉପଯୁକ୍ତ ଭାବେ ଅଲଗା ହୋଇପାରେ ନାହିଁ। ଏହା ପରେ ପ୍ରଥମ ଭ୍ରୂଣ ଅନ୍ୟ ଦ୍ୱାରା ଆବୃତ୍ତ ହୋଇଯାଇ ଯୋଡ଼ା ଅଂଶ ମସ୍ତିଷ୍କରେ ବିକଶିତ ହୁଏ ବୋଲି ଅଧ୍ୟୟନରେ କୁହାଯାଇଛି। ୧୯୯୭ରେ ଜଣେ ୧୬ ବର୍ଷର ବାଳକ ପେଟରେ ଏଭଳି ଭ୍ରୂଣ ଠାବ ହୋଇଥିଲା। ୨୦୨୨ ନଭେମ୍ବରରେ ଝାଡ଼ଖଣ୍ଡର ଏକ ୨୧ ଦିନର ଶିଶୁ ପାକସ୍ଥଳୀରୁ ୮ଟି ଭ୍ରୂଣକୁ ବାହାର କରାଯାଇଥିଲା।



# ବାଘ ଲାଞ୍ଜ ଛୁଇଁବା ମହଙ୍ଗା ପଡ଼ିଲା

**ଖାର୍‌ଗୋନ୍:** ବାଘ ପ୍ରତିକ୍ରିୟା ଜାଣିବା ପାଇଁ ଏହାର ଲାଞ୍ଜକୁ ବାଡ଼ିରେ ଛୁଇଁବା ମଧ୍ୟପ୍ରଦେଶ ଖାର୍‌ଗୋନ୍ ଜିଲାର ଜଣେ ଚାଷୀଙ୍କ ପାଇଁ ମହଙ୍ଗା ପଡ଼ିଛି। ବାଘ ଆକ୍ରମଣରେ ସନ୍ତୋଷ (୩୫) ନାମକ ଚାଷୀଙ୍କର ମୃତ୍ୟୁ ଘଟିଛି। ବନ ଅଧିକାରୀଙ୍କ ସୂଚନା ଅନୁଯାୟୀ ସନ୍ତୋଷ ବାଘ ଲାଞ୍ଜକୁ ବାଡ଼ିରେ ଛୁଇଁବା ପରେ ଏହା ତତ୍‌କ୍ଷଣାତ୍ ବୁଲିପଡ଼ି ତାଙ୍କ ବେକକୁ ଜୋର୍‌ରେ କାମୁଡ଼ି ଧରିଥିଲା। ସଙ୍ଗେ ସଙ୍ଗେ ସନ୍ତୋଷଙ୍କୁ ହସ୍ପିଟାଲ ନିଆଯାଇଥିଲେ ମଧ୍ୟ ଗୁରୁବାର ତାଙ୍କର ମୃତ୍ୟୁ ଘଟିଛି। ବାଘ ବର୍ତ୍ତମାନ ସୁଦ୍ଧା ଧରାପଡ଼ି ନ ଥିବାବେଳେ ଗାଁ ଲୋକେ ଜଙ୍ଗଲକୁ ନ ଯିବା ଲାଗି ବନ ବିଭାଗ ସତର୍କ କରାଇଛି।

ଫରେଷ୍ଟରଙ୍କ ସୂଚନା ଅନୁଯାୟୀ, ବାଘଟି ମହାରାଷ୍ଟ୍ର ଜଲଗାଁଓ ଜିଲାର ୟାୱାଲ ବନ୍ୟପ୍ରାଣୀ ଅଭୟାରଣ୍ୟରୁ ଖାର୍‌ଗୋନ୍ ଜିଲାର ଚିରିୟା ଜଙ୍ଗଲକୁ ପଳାଇଆସିଥିଲା। ଏହା ଅମ୍ବା ଦୋଚାର ଅଞ୍ଚଳରେ ପ୍ରବେଶ କରି ଏକ ବଡ଼ ଶିକାର ପରେ ବିଶ୍ରାମ ନେଉଥିବାବେଳେ ଗାଁ ଲୋକେ ସେଠାରେ ପହଞ୍ଚି ବାଘକୁ ହଇରାଣ କରିବା ଆରମ୍ଭ କରିଥିଲେ। ବାଘଟି ଉତ୍ତରପୂର୍ବ ଦିଗରେ ୧୦-୧୨ କିଲୋମିଟର ପଳାଇଯାଇ ଖୁସିୟାଲା ଗ୍ରାମର ଏକ ପଡ଼ିଆରେ ବିଶ୍ରାମ ନେଉଥିବାବେଳେ ସନ୍ତୋଷଙ୍କ ସହ ଗାଁର ଅନ୍ୟ କେତେଜଣ ସେଠାରେ ପହଞ୍ଚିଥିଲେ। ସନ୍ତୋଷଙ୍କ ଦୁଃସାହସିକ କାର୍ଯ୍ୟ ପାଇଁ ତାଙ୍କୁ ଜୀବନ ଦେବାକୁ ପଡ଼ିଛି।





## ଗ୍ରନ୍ଥ-ମନନ

# ନାମ, ଅନାମ, ସର୍ବନାମ

**ଡକ୍ଟର ସୀତାକାନ୍ତ ମହାପାତ୍ର**

ବହୁଦିନ ତଳେ ଶୁଣିଥିବା ଭଜନଟିଏ ମୋ ମନରେ ସାଇତି ରଖିଛି। ସେଥିରେ ଏଇସବୁ ଧାଡ଼ିଥିଲା: କେଉଁ ନାମ ଧରି ଡାକିବି ତୁମକୁ/ ତୁମେ ଯେ ସର୍ବନାମ।

ଆମ ଗାଆଁରେ ସେତେବେଳେ ଅଷ୍ଟପ୍ରହରୀ ଓ ଚବିଶପ୍ରହରୀ ଉତ୍ସବ ଅନୁଷ୍ଠିତ ହେଉଥିଲା। 'ପ୍ରହର' ମାପରେ ଆଠ ଓ ଚବିଶ ଗଣାହୁଏ। ସେଥିରେ ନାମ-ସଂକୀର୍ତ୍ତନ ହୁଏ ଓ କରତାଳ ବଜେଇ ସୁନ୍ଦର ଭାବେ ତିଆରି ମଣ୍ଡପ ଚଉକତି ନାମ ସଂକୀର୍ତ୍ତନ (ଭଜ, ନିତାଇ ଗୌର ରାଧେଶ୍ୟାମ/ ଜପ, ହରେକୃଷ୍ଣ ହରେ ରାମ) କରି କେତେ ଜଣ ଘୂରି ବୁଲନ୍ତି। ଅଷ୍ଟପ୍ରହରୀ ହେଉ ବା ଚବିଶପ୍ରହରୀ ହେଉ ତା'ର ସମାପନ ପରେ ନଗର କୀର୍ତ୍ତନ ହୁଏ। ସେଥିରେ ଏକାଧିକ ଖୋଳ (ମୃଦଙ୍ଗ) ଓ କରତାଳ (ଝାଞ୍ଜ) ବ୍ୟବହୃତ ହୁଏ ଏବଂ ଗାଆଁ ସାରା କୀର୍ତ୍ତନିଆ ବୁଲନ୍ତି। ବହୁ ବ୍ୟକ୍ତି ଯୋଗ ଦିଅନ୍ତି ଓ କୀର୍ତ୍ତନରେ ସବୁ ଘର, ଗାଆଁର ସବୁ ସାହି ବୁଲିଆସନ୍ତି।

ମୋର ମନେପଡୁଛି ଆମ ଗାଆଁରେ ବାନା ଗୋସାଇଁ ଓ ଜାଗୁଲେଇ ଉଭୟଙ୍କ ପାଖରେ ହେଉଥିବା ନାମ ସଂକୀର୍ତ୍ତନରେ ମୁଁ ଆନନ୍ଦରେ ଯୋଗ ଦେଉଥିଲି ଓ ସେମାନଙ୍କ ସହ ଗା।ଆଁ।ସା।ରା। ବୁଲି ଆସୁଥିଲି। ମୃଦଙ୍ଗ ବଜାନ୍ତି ସେଥିରେ ଅଭ୍ୟସ୍ତ ବ୍ୟକ୍ତିମାନେ। ମୁଁ କେବଳ ଗିନି ବଜାଉଥିଲି। ଝାଞ୍ଜର ଛୋଟ ଆକାରକୁ ଗିନି କୁହାଯାଏ। ଅନେକ ଝାଞ୍ଜ, ଗିନି, ଖୋଳ ଓ କରତାଳ ଏବଂ ନାମକୀର୍ତ୍ତନ ଏବେ ମଧ୍ୟ ମନେପଡୁଛି।

ଅଷ୍ଟପ୍ରହରୀ ବା ଚବିଶ ପ୍ରହରୀ ଠିକ୍ ସରିବା ପରେ ପ୍ରସାଦ ସେବନର ବ୍ୟବସ୍ଥା ଥାଏ। ସେଥିରେ କଦଳୀପତ୍ର ପକେଇ ତଳେ ବସି ଅନେକ ଥର ଖାଇଛି। ଖାଇବା ହୁଏ ଅରୁଆ ଅନ୍ନ, ସୁନ୍ଦର ଡାଲମା ଓ ଖିରି। ଏ ପଙ୍‌କ୍ତି ଭୋଜନ ଓ ଖାଦ୍ୟ ସାମଗ୍ରୀର ସୁବାସ ସ୍ମରଣୀୟ ହୋଇ ରହିଛି।

**ଶ୍ରଦ୍ଧେୟ ହୃଷୀକେଶ ମଲ୍ଲିକଙ୍କ ପୁସ୍ତକ "ଅନାମ-କବିତା-ଅନାମ ଆନ୍ଦୋଳନ"ର ଉନ୍ମୋଚନ ଉତ୍ସବରେ ପ୍ରଦତ୍ତ ବକ୍ତୃତା**




ନାମ-ସଂକୀର୍ତ୍ତନ ମନେପକେଇ ହୃଷୀକେଶଙ୍କ ବହି ସମ୍ପର୍କରେ କିଛି କହୁଛି। 'ସର୍ବନାମ' ହେଉଛି ମହାପ୍ରଭୁଙ୍କ ନାମ।

ଅନାମ-ଗୋଷ୍ଠୀ ୧୯୬୯ରେ ପୁରୀର ଦଇତାପଡ଼ା ସାହିରେ ଆରମ୍ଭ ହୋଇଥିଲା। ଆଜି ଦୁର୍ଗାସପ୍ତମୀ, ୨୦୨୩। 'ଅନାମ'କୁ ବଞ୍ଚେଇ ରଖିଛି ଅନାମ ଗୋଷ୍ଠୀ। ଗୋଷ୍ଠୀ ହୋଇ ରହିଯିବ କି ଅନାମ ଯୁଗ ହେବ ତା' ଭବିଷ୍ୟତ କହିବ। ଯୁଗ ତ ବଡ଼ କଥା। ଅସଲରେ ସାହିତ୍ୟର ଚିରନ୍ତନ ପ୍ରବାହରେ 'ଯୁଗ' ଏକ ବିରତି ଚିହ୍ନ।

ବହିଟିର ଲେଖକଙ୍କୁ ସମସ୍ତେ ଜାଣନ୍ତି। କବିତାରେ ସେ "ଧାନସାଉଁଟା ଝିଅ"ରୁ "ସରିଯାଇଥିବା ଅପେରା" ପର୍ଯ୍ୟନ୍ତ କାବ୍ୟ ରଚନା ସହ ଆଧୁନିକ ଓଡ଼ିଆ କବିତାରେ ନିଜର ସ୍ୱାକ୍ଷର ରଖିସାରିଲେଣି। କବିର ପ୍ରାରବ୍ଧ ସମ୍ପର୍କରେ ସୁନ୍ଦର ବୟାନ ରଖିଛନ୍ତି। ମୁଁ ତାଙ୍କ କବିତାକୁ ଆଦର କରେ, ଭଲପାଏ।

ଭଲପାଇବା ଭିତରେ ଅନେକ କିଛି ରହିଯାଏ। କବିତାକୁ ଭଲପାଇବା ଅର୍ଥ ୬୮ ବର୍ଷ ବୟସ୍କ କବିଙ୍କୁ ବି ଭଲପାଇବା। ହୃଷୀକେଶ କେବଳ କବିତା ନୁହଁ, ସମାଲୋଚନା କ୍ଷେତ୍ରରେ ବେଶ୍ କିଛି ଲେଖିଛନ୍ତି। ସେ କହନ୍ତି- "ଯେକୌଣସି ବଡ଼ ମାପର କବିତାରେ ଜୀବନର ଆପାତଃ ସତ୍ୟକୁ କବି ପରାଚେତନା (Universal Consciousness)ର ଆଲୋକରେ ସଂଦୀପିତ କରେ...। ସଂସାର-ତାପକୁ ଶରତ ଆକାଶର ମେଘ ପରି ଛିନ୍ନଭିନ୍ନ କରିଦିଏ ପୂର୍ଣତମ କବିତା। ସୃଜନର ଅଣାୟତ୍ତ ନଟ-ନୃତ୍ୟରେ କବିର ପରମ ସଂବିତ୍ ମୋକ୍ଷ ଲଭେ।"

କବିତାର 'ନିଛାଟିଆ ଭାଗ୍ୟ'କୁ ସେ ଭୋଗି ସାରିଛନ୍ତି। ସେ ପ୍ରାରବ୍ଧ ସବୁ ସତ୍ କବିର ଭାଗ୍ୟ। ସେ ଜଣେ ସତ୍ କବି।

ମୁଁ ଅତ୍ୟନ୍ତ ଆନନ୍ଦିତ ଯେ ହୃଷୀକେଶ ସଂକଳନ କରିଥିବା ସୁନ୍ଦର ବହିଟିର ଉନ୍ମୋଚନ କରିବାକୁ ମୁଁ ସୁଯୋଗ ପାଇଛି।

ବହିଟିର ପ୍ରକାଶ କରିଥିବା ମନୁ ଦାଶଙ୍କ 'ଧଉଳି ବୁକ୍ସ' ପ୍ରକାଶନ ସଂସ୍ଥା ମଧ୍ୟ ଏଥିପାଇଁ ଧନ୍ୟବାଦର ପାତ୍ର।

---

## କ ବି ତା

### ଏତେ ସହଜ ନୁହେଁ ବାୟାଣୀ ହବା

**ହରିଶ୍ଚନ୍ଦ୍ର ବେହେରା**

ତା' ଏନ୍ତୁଡ଼ିଶାଳରୁ ଡେଇଁ ଡେଇଁ ଆସିଲା ତ
ପୂରା ଲଙ୍ଗଳା ଥିଲା
କୁନି ଝିଅ କ'ଣ ପିନ୍ଧିଥାନ୍ତା ଯେ
ଲାଜ ଜାଣିବା ପୂର୍ବରୁ

ଖୁବ୍ ସରଳ ଥିଲା ଉଦଣ୍ଡି ହେବା ଆଗରୁ
କିଏ ତା'କୁ ଉଦଣ୍ଡି କଲା
ଜାଣି ପାରିବେ ତା' ଆତ୍ମକଥାରୁ

କେତେ ଖରା ବର୍ଷା ଶୀତ
ଚାଲିଯାଇଛନ୍ତି ତାକୁ ଛୁଇଁ ଛୁଇଁ
ମୋଟେ ଆଖି କଷା କରି ନାହିଁ
ଆଲୁଅ ଅନ୍ଧାର ଭିତରେ
କେଉଁ ଫରକ ତା' ପାଇଁ
ଗୀତ ଗାଇବାକୁ /ଶୁଣେଇବାକୁ

କେବେ ଦୁଷ୍ଟ ଢେଉ ପଶି ଆସି
ଭିତର ଦୁଆର ଖୋଲିଦିଏ
ମିଛେ ମିଛେ ମୁହଁ ଫୁଲେଇ କହେ
ନା' ଥାଉ
କାହିଁକି କେଜାଣି ସେ
କିଳି ପାରେନି ଦୁଆର
ଆହୁରି ଚକ୍‌ଚକ୍ ଦିଶିବ ବୋଲି ସିନ୍ଦୂର
ତା' ଜୁଆନ ଦେହ

କାହାର ପ୍ରତିବିମ୍ବ
ଧରି ନ ରଖିଛି ନିଜ ଭିତରେ
ଜଳେ ଯେସନ ଚନ୍ଦ୍ର ଛାଇ

ଆଗରେ କେତେ ଦୁଃଖ
ପଚାରି ନାହିଁ କାହାକୁ
ଏତେ ସହଜ ନୁହେଁ ବାୟାଣୀ ହେବା
ପ୍ରେମମୟୀ ହେବା !
ସେ ଜାଣେ ଜଣେ ବାୟା ରାଜା
ଅପେକ୍ଷା କରିଚି ତାକୁ
ବୋକ ଦେଇ ନୁଖୁରା ବାଳ
ସାଉଁଳି ଦେବେ
ରୋଷ ଭାଙ୍ଗିଯିବ
କାନ୍ଦିବ ନାହିଁ
ସିନ୍ଥିରେ ଆହୁରି ଗାଢ଼ ହୋଇ
ଜଳିବ ସିନ୍ଦୂର

ଆଲିଙ୍ଗନ ଭିତରେ ସେ ଭୁଲି ଯାଇଥିବ
ଆଉ ଜଣେ କିଏ ବୋଲି
ଫେରି ପାରିବନି ତା' ଏନ୍ତୁଡ଼ିକୁ
ଟୋପାଏ ଲୁହ ଯାହା ଢଳଢଳ ହେଉଥିବ
ଆଖି କୋଣରେ- ଆଞ୍ଚୁଡ଼ା ଦାଗ ଉପରେ
ବାନ୍ଧି ଆସୁଥିବ ବକଳା
ଆଉ ନିଜର ବୋଲି କ'ଣ ବା ଥିଲା
ତା' ପାଖରେ ଏତକ ଛାଡ଼ି।

ମୋ: ୯୪୩୭୮୧୩୭୦୮

### ସାଥୀ

**ପଦ୍ମାଳୟା ପାଣିଗ୍ରାହୀ**

ଅପରାହ୍ଣ ବୟସରେ
ମୁହଁରେ ଟିକେ ହସ ଦେବା ପାଇଁ
ଆଜି ନାହଁ ତୁମେ
ଯାଇଛ ହଜି, ଦୂରେ ବହୁଦୂରେ
କୋଉ ଅଜଣା ଜହ୍ନ ରାଇଜରେ
ଅବା ସକାଳ କୁହୁଡ଼ିର
ଧୂଆଁଳିଆ ଗୋଧୂଳିରେ
କେଉଁ ଅଜଣା ମୁଲକରେ ॥

ମୋ' ଲୁହ ନଦୀର ଆକାଶରେ
ଜହ୍ନ ହୋଇ ଭାସିଗଲ
ଗଢ଼ିଥିବା କେତେ ସମ୍ପର୍କ
କେତେ ଅନୁଭବ
ମୋ' ହୃଦୟରେ ବାନ୍ଧି ରଖିବା
କେତେ ସ୍ମୃତି ଧରାଇ
ମୋ'ଠି ଦୂରେଇ ଭୁଲିଗଲ ॥

ଏବେ ସବୁକିଛି ଶୂନ୍‌ଶାନ୍ ରାତିର
ବେଇମାନ୍ ସାଥୀ ପରି
ଜଳୁଥିବା ହୃଦୟକୁ ଦୀପ କରି
ଆଲୁଅ ଦେବାକୁ, ଦରଦୀ ମନରେ
ଟିକେ ସାନ୍ତ୍ୱନା ଦେବାରେ
ଆଜି ତୁମେ ନାହଁ,
ତୁମରି ସ୍ମୃତିକୁ ଜାବୁଡ଼ି ଧରି
ବିଳପେ ମୁଁ ଏଠି ଅହରହ ॥

ମୋ: ୬୩୭୧୦୦୨୬୧୧

### ଇଚ୍ଛିଲା ଡାଳରେ...

**ବିପିନ ବିହାରୀ ମହାନ୍ତି**

ଗୀତି କବିତା

ଇଚ୍ଛିଲା ଡାଳରେ ବସି ହେଲା ନାହିଁ
ଯେତେ ଯେତେ ଇଚ୍ଛା କରି
ଅପେକ୍ଷା ଉପେକ୍ଷା ସବୁ ପାଲଟିଲା
ସମୟ ଚକରେ ଘୂରି ॥୦॥

ସାଗର ବୀଚିରେ ଜୋଛନା ରାତିରେ
ଭିଜିବାରେ ଥିଲା ମନ
ବନ ଉପବନ ନଈ ପଠେ କାହିଁ
ବୁଲି ଥା'ନ୍ତେ କେଇକ୍ଷଣ
କୋଉ ଡାଳେ ବସି ପକ୍ଷୀପରି ପୁଣି
କରିଥାନ୍ତେ କୁହୁ ତାନ
କିଏ ସେ ବାଣୁଆ ଶରଟିଏ ଦେଲା ମାରି
ଫୁର୍‌କିନା ଆମେ କେଣେ ଉଡ଼ିଗଲେ
ଯେତେକ ସପନ ଧରି ॥୧॥

ମୁଁ ଗଛ ଥିଲେ ତୁମେ ଲତା ପରି
ମୋ ଦେହେ ଥା'ନ୍ତ ଜଡ଼ି
ଅମା ଅନ୍ଧାରରେ
ମନର ଆଶାକୁ
ଦେହରେ ହିସାବ କରି
ନିଜକୁ ପରଖି ଜାଣି ପାରିଥା'ନ୍ତେ
ଆପଣା କି ପର ବୋଲି
ଅଦୃଶ୍ୟ କାଟିଲା ଡୋରି
ଲାଭ ନାହିଁ ଏଠି ଯେତେ ମୁଣ୍ଡ କୋଡ଼ି
ସଙ୍ଗ ସୁଖ ଆମ ଲୋଡ଼ି ॥୨॥

ମୋ: ୯୯୩୮୩୪୪୧୩୮

---

## ବିନିମୟ

**– ରାମଚନ୍ଦ୍ର ବେହେରା**

ଲଘୁଗଳ୍ପ



ନୂଆ ଭାଉଜ ଆମଘରକୁ ଆସିଲେଣି ତିନିମାସ ହେବ। ରନ୍ଧାରନ୍ଧିରେ ମାଷ୍ଟର ପିସ୍। ବୋଉର ବରାଦ ଅନୁସାରେ ସାରା ଆଇଟମ୍ ତିଆରି କରିଦିଅନ୍ତି ସେ ଠିକ୍ ସମୟରେ। ରୋଷେଇ ପରେ ସମସ୍ତଙ୍କୁ ଖାଇବାକୁ ଦିଏ ବୋଉ। ବଢ଼ାବଢ଼ିରେ ପାତରଅନ୍ତର କରିବା ତା'ର ପୁରୁଣା ଅଭ୍ୟାସ।

ସେଦିନ ଭାଉଜ ମୋବାଇଲରେ କଥା ହେଉଥିଲେ ତାଙ୍କ ମାଆଙ୍କ ସହିତ। କବାଟ ବନ୍ଦ ଥିଲେ ବି ଭାଉଜଙ୍କ କଥା ସ୍ପଷ୍ଟ ଶୁଭୁଥିଲା ସନ୍ଧ୍ୟାକୁ। ଖାଇବା ପାଇଁ ହଇରାଣ ହେବାକୁ ପଡୁଛି ବୋଲି ସେ କହୁଥିଲେ। ତାଙ୍କ ଖାଇଲା ବେଳକୁ ପ୍ରାୟ ତରକାରି ନ ଥାଏ ବୋଲି କହି ସୁଁ ସୁଁ ହୋଇ କାନ୍ଦୁଥିଲେ।

ତା'ପର ଦିନ କଲେଜ ନ ଯାଇ ଘରେ ରହିଲା ସନ୍ଧ୍ୟା। ଦି'ପହର ଖାଇଲାବେଳେ ଭାଉଜଙ୍କୁ ଡାକିଲା ମିଶି କରି ଖାଇବା ପାଇଁ। ସନ୍ଧ୍ୟାର କଥା ନ ସରୁଣୁ ବୋଉ କହିଲା, ସେ ସମସ୍ତେ ଖାଇ ସାରିଲା ପରେ ଖାଇବ। ସେଇଆ ତ ସେ ଚାହୁଁଥିଲା। ଭାଉଜ କେତେବେଳେ ଖାଇବେ ସେଥିପ୍ରତି ନଜର ରଖି ଟିଭିଆଡ଼କୁ ଧ୍ୟାନ ଦେଲା ସନ୍ଧ୍ୟା। ସତକୁ ସତ ଭାଉଜ ଖାଇଲାବେଳକୁ ଚିଙ୍ଗୁଡ଼ି ତରକାରି ନ ଥିଲା। ଡାଲି, ବଡ଼ିଚୁରା ଓ କାକୁଡ଼ି ଦି'ପିସ୍ ଲଗେଇ କେମିତି ଖାଇବେ ସେ। ବୋଉକୁ ପ୍ରଶ୍ନକଲା ସନ୍ଧ୍ୟା, ଭାଉଜଙ୍କ ପାଇଁ ଚିଙ୍ଗୁଡ଼ି ତରକାରି କାହିଁକି ନାହିଁ? ଉତ୍ତର ମିଳିଲା- ସମସ୍ତଙ୍କୁ ଦେଉ ଦେଉ ସରିଗଲା। ଠିକ୍ ଅଛି, ମୁଁ ବାହା ହୋଇ ଗଲାପରେ ମୋ' ଶାଶୁ ଯଦି ଠିକ୍ ଏହିପରି ପରିସ୍ଥିତି ଠିଆ କରନ୍ତି, ତତେ କେମିତି ଲାଗିବ ବୋଉ। ବୋଉ କିଛି ନ କହି ମୁହଁ ଶୁଖାଇ ଦେଇ ଯିବା ସମୟରେ ସନ୍ଧ୍ୟା ଅନ୍‌ଲାଇନ୍‌ରେ ଆଗରୁ ମଗାଇଥିବା ମଟନ୍ କରି ପ୍ୟାକେଟ୍‌ଟିକୁ ଭାଉଜଙ୍କୁ ବଢ଼ାଇ ଦେଇ କହିଲା, ଏଇଟା ନିଅ ଭାଉଜ ଓ କାହାକୁ ଅପେକ୍ଷା ନ କରି ଶୀଘ୍ର ଖାଇଦିଅ। ଦେବା ସମୟରେ ହସି ହସି କହିଲା ସନ୍ଧ୍ୟା, ଏଇଟା ତୁମପାଇଁ ବୋଉ ମଗାଇଥିଲା, ମୁଁ ନୁହେଁ।

ସେଇ ଦିନଠୁ ବୋଉର ସ୍ୱଭାବର ବିନିମୟ, ଶାଶୁ ରୂପରେ ନୁହେଁ ମାଆ ରୂପରେ ଆଣି ଦେଇଥିଲା ଟେନାଏ ହସ ଭାଉଜଙ୍କ ଓଠରେ ସବୁଦିନ ପାଇଁ।

ମୋ: ୭୩୫୫୬୩୪୩୪୬

---

## କାଳକାଳକୁ



**"ବିନା କାମରେ 'ସଫଳତା' ମିଳେ କେବଳ ଅଭିଧାନରେ।"**

**– ଇ.ଏସ୍. ଗାର୍ଡନର୍**

**ଏର୍ଲେ ଷ୍ଟାନ୍‌ଲେ ଗାର୍ଡନର୍‌ଙ୍କ** ଜନ୍ମ ୧୭ ଜୁଲାଇ ୧୮୮୯ରେ ମାସାଚୁସେଟ୍‌ସ୍ର ମାଲ୍‌ଡେନ୍‌ରେ ଓ ପରଲୋକ ୧୧ ମାର୍ଚ୍ଚ ୧୯୭୦ରେ, କାଲିଫର୍ନିଆର ଟେମେକୁଲାରେ। ଆମେରିକୀୟ ଏଇ ଆଇନଜ୍ଞ ଓ ଲେଖକ ତାଙ୍କର ଧାରାବାହିକ ଗୁଇନ୍ଦା ଗଳ୍ପ 'Perry Mason' ପାଇଁ ପ୍ରସିଦ୍ଧ। ରହସ୍ୟ ଓ ରୋମାଞ୍ଚରେ ଭରା ଗାର୍ଡନର୍‌ଙ୍କ ଲେଖାଗୁଡ଼ିକ ପାଠକଙ୍କ ପାଇଁ ସର୍ବଦା ଆନନ୍ଦଦାୟୀ ଓ ଉପଭୋଗ୍ୟ ହୋଇଥାଏ।

---

## ପୁସ୍ତକ ପରିଚୟ

### ନିରବ କୋଳାହଳ



**କବି:** ଭୁବନାନନ୍ଦ ସାହୁ
**ପ୍ରକାଶକ:** ବିଜୟିନୀ ପବ୍ଲିକେଶନ୍ସ, ଶଙ୍କରପୁର, କଟକ-୧୨
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ.୧୬୦/-

ମୋଟ ୪୫ଟି କବିତାର ଅକ୍ଷର-ମେଳା ଏ ବହିଟି। ପ୍ରାୟ କବିତା ନିଜକୁ, ନିଜ ଜୀବନକୁ ଓ ପରିପାର୍ଶ୍ୱର ଅନନ୍ୟତାକୁ ନେଇ ସଂରଚିତ। କବିତାରେ ଅଳଙ୍କାରକୁ ନେଇ ଭୁବନାନନ୍ଦ ବେଶୀ ଧନ୍ଦିହୁଅନ୍ତି ନାହିଁ। ଅତି ସରଳ ଭାବରେ ନିଜର ଅନୁଭବକୁ ପାଠକଙ୍କ ସମ୍ମୁଖରେ ସେ ବାଢ଼ି ବସନ୍ତି। ଯଥା: "ଥିରି ଥିରି ବହୁଥାଏ ବାଆ/ ନଥାଏ ବି ଶବ୍ଦଟିଏ/ ନିରବ ନିଥର ଚୌଦିଗ/ ପୂର୍ବାଶାରେ ଶଙ୍ଖ ଶୁଭ୍ର ଜହ୍ନ/ ଧବଳ ସୁନ୍ଦର।" ('ଜହ୍ନରାତି', ପୃ: ୧୨୪)। କବି 'ଜହ୍ନରାତି' ଭିତରେ ଜୀବନଯାପନର ଅଙ୍କ କଷନ୍ତି ଓ କହନ୍ତି- "ଆଖି ପାଏ ନାହିଁ ସଖି!/ କେତେଦୂର ପୃଥିବୀରୁ ଆକାଶ ?/ ଜହ୍ନରୁ ଜୋଛନା ?/ ଜୀବନ-ମରଣ।" ('ଜହ୍ନରାତି', ପୃ: ୧୨୫)। ଏହିପରି ବହିର ପ୍ରତିଟି କବିତାରେ କବି ନିବେଦିତ କରିବସନ୍ତି ଆପଣାର ଜୀବନାନୁଭୂତି। ବହିର ଶୀର୍ଷକ ସେ ରଖିଛନ୍ତି- 'ନିରବ କୋଳାହଳ'। 'କୋଳାହଳ' ଭିତରେ ନିରବତାର ଅନୁଭବ ଏକ ଉତ୍ତରିତ ଚେତନାର କଥା କହେ। କବି କହନ୍ତି: "ନିରବତା ଭିତରେ ଜମି ଉଠୁଥାଏ କୋଳାହଳ। ଜୀବନଚିନ୍ତାରୁ ଜଗତଯାଏ କବିତାର ସାମଗ୍ରୀ ହୋଇ ଉଠେ।" ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କ ସହ ଏକମତ ହେବାକୁ ହୁଏ ଯେ, "ଭୁବନାନନ୍ଦଙ୍କ କବିତା ଜୀବନରସରେ ଜାରିତ।"

### ସ୍ୱୟଂଭୂ



(ଶିବ କଥା ଓ ଶିବଗାଥା ସଙ୍କଳନ)
**ସମ୍ପାଦକ:** ଶୁଭେନ୍ଦୁ କୁମାର ଭୂୟାଁ
**ପ୍ରକାଶକ:** ଶ୍ରୀଶ୍ରୀ ଲକ୍ଷେଶ୍ୱର ମନ୍ଦିର ରଜତ ଜୟନ୍ତୀ ମହୋତ୍ସବ, ମଧୁ ପାଟଣା, କଟକ-୧୦
**ପ୍ରଥମ ପ୍ରକାଶ:** ୨୦୨୨, **ମୂଲ୍ୟ:** ଟ. ୬୦୦/-

ଶ୍ରୀଶ୍ରୀ ଲକ୍ଷେଶ୍ୱର ମନ୍ଦିରର ରଜତ ଜୟନ୍ତୀ ମହୋତ୍ସବ ଅବକାଶରେ ପ୍ରାୟ ଚାରିଶହ ପୃଷ୍ଠା ସମ୍ବଳିତ କ୍ରାଉନ ସାଇଜ୍‌ର ଏହି ବହିଟି ପ୍ରକାଶ ପାଇଛି, ଯହିଁରେ ଶିବ କଥା ଓ ଶିବ ଗାଥାକୁ ନେଇ ନିବନ୍ଧ ଲେଖିଛନ୍ତି ବହୁ ବିଶିଷ୍ଟ ଲେଖକ। "ଶିବକଥା: ଶିବଗାଥା" ପର୍ଯ୍ୟାୟରେ ଓଡ଼ିଶାର ଶୈବ ସଂସ୍କୃତିର ଇତିହାସ, ଦର୍ଶନ ଓ ଶିବତତ୍ତ୍ୱର ମହିମା ବିଶ୍ଳେଷଣ କରାଯାଇଛି। "ପୀଠେ ଶିବ-ମହାଦେବ" ପର୍ଯ୍ୟାୟରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଥିବା ଶୈବପୀଠ ଓ ଶିବଲିଙ୍ଗ ସମ୍ପର୍କରେ ତତ୍ତ୍ୱ ଓ ତଥ୍ୟନିଷ୍ଠ ଆଲୋଚନା ହୋଇଛି। ଶିବ-ଉପାସନାରେ ବିଶ୍ୱାସ ରଖୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଗ୍ରନ୍ଥଟି ଏକ ମୂଲ୍ୟବାନ ପ୍ରାପ୍ତିଭାବେ କେବଳ ବିବେଚିତ ହେବନାହିଁ; ଅଧିକନ୍ତୁ ଶୈବଧର୍ମ ଓ ସଂସ୍କୃତି ଗବେଷକଙ୍କ ପାଇଁ ମଧ୍ୟ ପ୍ରେରଣାଦାୟୀ ହୋଇପାରିବ। ଶିବପୀଠର ବର୍ଣ୍ଣନା ସାଙ୍ଗକୁ କେତେକ ପୀଠର ଆଲୋକଚିତ୍ର ପାଠକଙ୍କ ପାଇଁ ରୁଚିକର ସାବ୍ୟସ୍ତ ହେବ ବୋଲି ଆଶା।

---

## ଆତ୍ମହତ୍ୟା

**ଗଳ୍ପ**

**ଡ. ଭବାନୀ ଶଙ୍କର ଦାଶ**

ଖୁବ୍ ଜୋର୍‌ରେ ନିଜ ଉପରେ ପ୍ରତିଶୋଧ ନେବାକୁ ଇଚ୍ଛା ହେଉଥିଲା ତା'ର। ନିଜ ଆଖିରେ ଦେଖିସାରିଲା ପରେ ନିଜକୁ ବୁଝେଇ ପାରୁ ନ ଥିଲା। ପୂର୍ବରୁ ରିମା ବାବଦରେ ଯାହା କିଛି ଶୁଣିଥିଲା, ସେସବୁକୁ ବିଶ୍ୱାସ କରୁ ନ ଥିଲା। ତା'ର ବିଶ୍ୱାସ ଥିଲା ଯେ, ରିମା ଅନ୍ତତଃ ଏପରି କରିପାରିବ ନାହିଁ। ମାତ୍ର ଏପରି ସୁନ୍ଦର ରୂପ ଭିତରେ ଏତେ କଦର୍ଯ୍ୟ ପଶୁ ରହିଛି! ଛି...ଛି...! ଆଉ ତେଣିକି ଭାବି ପାରୁନଥିଲା ଭବେଶ। ଗାଡ଼ିର ଗତି ବଢ଼ିଚାଲିଲା ତୀବ୍ର ବେଗରେ।

ବିଶ୍ୱାସର ଗୋଟେ ବୁଢ଼ିଆଣୀ ଜାଲ ବୁଣି ସିଏ ଭବେଶକୁ ଧରିନେଲା। ଦୀର୍ଘ ବର୍ଷର ସମ୍ପର୍କ ବିବାହର ରୂପନେଲା। ଚାକିରିଆ ଝିଅ। ଜାତି ଅଲଗା ହେଲେ ବି ପିଲାମାନଙ୍କ ଦୃଢ଼ତା ଆଗରେ ପରିବାର ମୁଣ୍ଡ ନୁଆଁଇଲେ। ସକାଳୁ ସହର ପାଖ ଗାଁରୁ କାର୍‌ରେ ସ୍ୱାମୀ-ସ୍ତ୍ରୀ ଦି' ଜଣ ଚାକିରି କ୍ଷେତ୍ରକୁ ଯାଆନ୍ତି, ଫେରନ୍ତି ରାତି ନ'ଟାରେ। ଗଲାବେଳେ ଭବେଶ ରିମାକୁ ତା' ଅଫିସ୍ ପାଖେ ଛାଡ଼ିଦେଇ ସେଠୁ ସାତ କିଲୋମିଟର ଦୂର ନିଜ ଅଫିସ୍‌କୁ ଯାଏ। ଫେରିଲାବେଳେ ଏକାଠି ଫେରନ୍ତି। ରାତି ହୋଇଯାଏ ଘରେ ପହଞ୍ଚିଲାବେଳକୁ। ଦଶଟା ଭିତରେ ରାତିଖାଦ୍ୟ ପ୍ରସ୍ତୁତ କରିବାକୁ ହୁଏ। ଚାକିରି ଓ ପରିବାର ଜଞ୍ଜାଳ ଦୁଇଟାଯାକ ସଠିକ୍ ପରିଚାଳନା କରିପାରୁଥିବାରୁ ପରିବାରରେ ରିମାର ଗୁରୁତ୍ୱ ଯଥେଷ୍ଟ ବେଶି। ନୀଚ ଜାତିର ଝିଅର ଉଚ୍ଚ ଚିନ୍ତାଧାରା ଓ ବ୍ୟବହାରରେ ସମସ୍ତେ ମୁଗ୍ଧ। ରିମା ବିନା ସବୁ ଅଚଳ। ଶଯ୍ୟାଶାୟୀ ବାପାବୋଉ ବି ଅନେଇଥା'ନ୍ତି ରିମା ଖୁଆଇଲେ ଖାଇବେ ବୋଲି। ସବୁବେଳେ ଶେଯରେ ଶୋଇ ରହୁଥିବା ବାପାବୋଉ ରିମା କଥାରେ ଉଠି ବସନ୍ତି। ବିବାହର ଆଠବର୍ଷ ପରେ ବି କିଛି ପିଲାପିଲି ହେଲାନାହିଁ। ଅନେକ ଡାକ୍ତରୀ କବିରାଜି ଇତ୍ୟାଦି ସତ୍ତ୍ୱେ କୌଣସି ସୁଫଳ ମିଳି ନ ଥିଲା। ଏଥିପାଇଁ ଉଭୟଙ୍କ ଭିତରେ ଥିବା ଅକୁହା ଦୁଃଖ କେହି କାହାକୁ ଜାଣିବାକୁ ଦେଉ ନ ଥିଲେ। ବରଂ ଆପଣା ଭିତରର ଏଇ ଦୁଃଖକୁ ଲୁଚାଇ ରଖି ଜଣେ ଅନ୍ୟକୁ ଖୁସିରେ ରଖିବାକୁ ଆପ୍ରାଣ ଉଦ୍ୟମ କରୁଥିଲେ। ଦିନକ ଭିତରେ ରିମା ଅନ୍ତତଃ ପଚାଶଥର ଫୋନ୍ କରୁଥିବ ଭବେଶକୁ। ଏପରିକି ଅଫିସ୍‌ରେ ଭବେଶ ଯେତେଥର ପାଣି ପିଏ, ରିମା ଫୋନ୍ କରିବାରୁ। ଭବେଶର ରିମା ଉପରେ ଅଖଣ୍ଡ ବିଶ୍ୱାସ। ରିମାର ଏକ ବିଶେଷ ଗୁଣ ହେଲା ମନେରଖିବା। କାହାର ଜନ୍ମ ଓ ମୃତ୍ୟୁ ତାରିଖ, ଆଗାମୀ ନିମନ୍ତ୍ରଣ, କେଉଁ ଦରକାରୀ କାଗଜ କେଉଁଠି ରହେ ଇତ୍ୟାଦିର ହିସାବ ରିମାର ତୁଣ୍ଡେ ତୁଣ୍ଡେ ଥାଏ। ରିମା ନ ଥିଲେ ସବୁ ଅଚଳ। ସାରା ପରିବାର ରିମା ଉପରେ ନିର୍ଭରଶୀଳ। ଅଫିସ୍‌ରେ ଥାଇ ବି ଫୋନ୍‌ରେ ବାପା ବୋଉଙ୍କ ଔଷଧ, ଖାଦ୍ୟ ଇତ୍ୟାଦି ତଦାରଖ କରେ।

ରିମା ବିନା ଭବେଶ ସମ୍ପୂର୍ଣ୍ଣ ନୁହଁ, ବରଂ ଅଧାରୁ କମ୍। କାହା ସହ ଗୁରୁତ୍ୱପୂର୍ଣ୍ଣ କଥାବାର୍ତ୍ତା ବା କିଣାକିଣି ସବୁଥିରେ ରିମା ଆଗୁଆ। କନ୍‌ଭେଣ୍ଟରେ ପାଠ ପଢ଼ିଥିବା ଜଣେ କମ୍ପ୍ୟୁଟର ଇଞ୍ଜିନିୟର ରିମା। ଶିକ୍ଷିତା, ସଂସ୍କାରି, ଆଧୁନିକା ହେଲେ ବି ଖାଣ୍ଟି ଓଡ଼ିଆ ଘରର ଘରଣୀ। ଚାଲାକ୍ ଚତୁର ଯେମିତି, ଧୂର୍ତ୍ତ ବି ସେମିତି। ଖୁବ୍ କର୍ମଠ ଓ ନିରଳସ। କଥା କହିଲେ ମନ ମୋହିନିଏ। ଏଇ କିଛିଦିନ ହେଲା ଭବେଶ ଲକ୍ଷ୍ୟକରେ ରିମା ଦେହରୁ ବିଦେଶୀ ଅତରର ବାସ୍ନା। ଭରସିକି ଭବେଶ ପଚାରିପାରେନା। ଦିନେ ପଚାରିଦେଲା ଏଇଟା କି ପର୍ଫ୍ୟୁମ୍। ରିମା କହିଲା- ଫରେନ୍, ଇମ୍ପୋର୍ଟେଡ୍ ଡିଓ। ତମର ଦରକାର କହିଲେ ଆଣିଦେବି। ଆଜି ଆଣିଛି ପ୍ରଥମ କରି। ଏଇଟା ଫର୍ ଓ୍ୱିମେନ। ତୁମ ପାଇଁ ଦଶ ଦିନ ଭିତରେ ଆସି ପହଞ୍ଚିବ। ଫର୍ ମେନ୍‌ଟା ନା ବହୁତ ବଢ଼ିଆ। ଭବେଶ ଗାଡ଼ିର ବେଗ ଆହୁରି ବଢ଼େଇଦେଲା। ଜାଣିଶୁଣି ନିଜ ଅକ୍ତିଆର ବାହାରକୁ ଚାଲିଗଲା। ଗତକାଲିର ଦୃଶ୍ୟ ତା' ଆଖିଆଗରେ ନାଚିବାକୁ ଲାଗିଲା। ଅନେକ ସମୟ ଅପେକ୍ଷା କଲାପରେ ରିମା ଆସିବା ଡେରି ହେବାରୁ ତଳେ କାର୍ ରଖି ସାତ ମହଲାରେ ଥିବା ରିମାର ଅଫିସ୍ ଭିତରକୁ ପଶିଗଲା। ସେତେବେଳେ ରିମା ବିଦେଶିନୀ କାଇଦାରେ ତା' ବସ୍ ପାଖରୁ ବିଦାୟ ନେଉଥିଲା ତାଙ୍କ ଓଠରେ ଓଠ ମିଶାଇ। ଭବେଶ ଆଖିରେ ଧରାପଡ଼ିଯିବାରୁ ସଫେଇ ଦେଇ କହିଥିଲା- ମଲ୍ଟିନ୍ୟାଶନାଲ କମ୍ପାନୀ ତ! ବସ୍ ଆମର ଆମେରିକାନ୍। ତାଙ୍କ ସହିତ ଏମିତି ଚଳିବାକୁ ପଡ଼େ। କଥାଟା ଭବେଶକୁ ଭଲ ଲାଗିଲାନି। ମନେମନେ ଭାବିଲା ରିମାର ଦରମା ବୋଧେ ଏଇଥିପାଇଁ ତା' ଦରମାଠାରୁ ତିନିଗୁଣ ଅଧିକ। ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଲା ଭବେଶ। ଡାହାଣପଟେ ଥିବା ଗଛରେ ଗାଡ଼ି ପିଟି ହୋଇଗଲା। ଷ୍ଟିୟରିଂରେ ଚାପି ହୋଇ ଘଟଣାସ୍ଥଳରେ ଭବେଶର ପ୍ରାଣ ଚାଲିଗଲା। ରିମା ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଦେଢ଼ମାସ ପରେ ଚେତା ଫେରିପାଇଲା। କ୍ରମେ ସ୍ୱାଭାବିକ କଥାବାର୍ତ୍ତା କଲା। ପଚାରି ବୁଝିଲା ଭବେଶ ଆଉ ଶାଶୁ ଶ୍ୱଶୁରଙ୍କ କଥା। ଭବେଶ ଆଉ ନାହିଁ ଏ କଥା ତାକୁ କେହି କହିଲେ ନାହିଁ। ସିଏ ଜାଣିନେଲା ଯେ ଭବେଶ ନାହିଁ। ଭବେଶ ଆଉ ନାହିଁ- ଏଇ କଥାଟାକୁ ବିଶ୍ୱାସ କରିପାରୁନି। ନିଜକୁ ନିଜେ ଅନୁଧ୍ୟାନ କରୁଥିଲା। ଭବେଶ ଓ ସିଏ ନିଜେ ମାସାଧିକ କାଳ ମେଡିକାଲରେ ରହିଲେ। ବୁଢ଼ାବୁଢ଼ୀ ଦି'ଟା କ'ଣ କରିଥିବେ। କ୍ରମେ ଅସ୍ଥିର ହୋଇ ଉଠୁଥିଲା ରିମା। ତା' ମନ କହୁଥିଲା ଧାଇଁ ଯାଇ ଭବେଶର ଗୋଡ଼ଧରି ଭୁଲ୍ ମାଗିବାକୁ। ଶାଶୁ ଶ୍ୱଶୁରଙ୍କ ସେବା କରିବାକୁ। ଉଠିବାକୁ ଚେଷ୍ଟା କଲା। ମୁଣ୍ଡ ବୁଲେଇ ଦେଲା। କାହାକୁ ପଚାରିବ ସେମାନଙ୍କ କଥା। ସନ୍ଧ୍ୟା ହେଇ ଆସୁଥିଲା। ଡାକ୍ତର ଆସିଲେ। କହିଲେ, ପିଲାର କିଛି କ୍ଷତି ହୋଇନାହିଁ। ଆସନ୍ତାକାଲି ଆପଣ ଘରକୁ ଯିବେ। ରିମା ନିଜ ଭିତରେ ଶୁଣିପାରୁଥିଲା ଗୋଟେ କଅଁଳା ପିଲାର କାନ୍ଦ ସହିତ ନିଜ କାନ୍ଦକୁ। ତାକୁ ଲାଗୁଥିଲା ଯେମିତି ତା'ରି କୁକର୍ମ ପାଇଁ ଏତେ କଥା ଘଟିଗଲା। ଏବେ ତା' ପାଇଁ ବଡ଼ ପ୍ରଶ୍ନ ଥିଲା ଚାକିରି ଛାଡ଼ିଦେବ ନା ରଖିବ। ଏବେ ତାକୁ ଉଭୟ ପୁଅ ଓ ବୋହୂର ଭୂମିକା ନିଭେଇବାକୁ ହବ। କେମିତି! ଭବେଶ ବିନା ସିଏ ଯେ ସମ୍ପୂର୍ଣ୍ଣ ନୁହେଁ। କାନ୍ଦିବା ଭିତରେ ତାକୁ ନିଦ ହେଇଗଲା। ନିଦରେ ସ୍ୱପ୍ନ ଦେଖିଲା ଆକ୍ସିଡେଣ୍ଟ ହେଇଥିବା ଗାଡ଼ିଟା ନୂଆ ହୋଇଯାଇଛି। ଆଉ ଭବେଶ କହୁଥିଲେ- ଦେଖ, ଗାଡ଼ି ସଜଡ଼ା ହୋଇଗଲା, ମୁଁ ବି ସଜାଡ଼ି ହୋଇଯାଇଛି। ଖାଲି ତୁମେ ସଜାଡ଼ି ହୋଇଗଲେ ବାପାବୋଉଙ୍କୁ ନେଇ ସହରକୁ ପଳେଇବା। ଏଇ ଗାଡ଼ିଟା ଆମ ପୁଅ ଚଲେଇବ। ନା... ରିମା ଚିତ୍କାର କରିଉଠିଲା। ନିଦ ଭାଙ୍ଗିଗଲା। ସକାଳ ହୋଇଯାଇଥିଲା। ଚାରିଆଡ଼େ ସୁନା ଖରା ବିଂଚିହୋଇ ପଡ଼ିଥିଲା। ଏତେ ଆଲୁଅ ସତ୍ତ୍ୱେ ତା' ଆଖିକୁ ଅନ୍ଧାର ଘେରି ରହିଥିଲା।

ମୋ: ୮୯୧୭୬୨୪୩୮୬



www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ମାର୍ଚ୍ଚ ୧୧/୨୦୨୩ Bhubaneswar, Saturday, March 11/ 2023

# ୟୁପି ୱାରିୟର୍ଜ ୧୦ ଉଇକେଟରେ ଜିତିଲା

ମୁମ୍ବାଇ,୧୦।୩


ପ୍ଲେୟର ଅଫ୍ ଦି ମ୍ୟାଚ୍ ଆଲିସା ହିଲି ।

ମୁମ୍ବାଇର ବ୍ରାବୋର୍ନ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଓମେନ୍ସ ପ୍ରିମିୟର ଲିଗ୍‌ର ମ୍ୟାଚ୍ ନମ୍ବର ୮ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର(ଆରସିବି)କୁ ୧୦ ଉଇକେଟରେ ପରାସ୍ତ କରିଛି ୟୁପି ୱାରିୟର୍ଜ। ଆରସିବି ୧୯.୩

**ଓମେନ୍ସ ପ୍ରିମିୟର୍ ଲିଗ୍**

**ଆଜିର ମ୍ୟାଚ୍**

**ଗୁଜରାଟ ବନାମ ଦିଲ୍ଲୀ**
**ଡି.ୱାଇ. ପାଟିଲ ଷ୍ଟାଡିୟମ,ନଭି ମୁମ୍ବାଇ**
**ସମୟ- ରାତି ୭.୩୦**

ଓଭରରେ ୧୩୮ ରନ୍‌ରେ ଅଲଆଉଟ ହୋଇଥିବା ବେଳେ ୧୩ ଓଭରରେ ଜିତି ନେଇଥଲା ୟୁପି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଆରସିବି ପକ୍ଷରୁ ସୋଫି ଡିଭାଇନ୍(୩୬) ଓ ଏଲିସ୍ ପେରୀ(୫୨) ରନ୍ କରିଥିଲେ। ପେରୀ ୩୯ ବଲ୍ ଖେଳି ସର୍ବାଧିକ ୫୨ ରନ୍ କରିଥିଲେ। ପେରୀଙ୍କ ଇନିଂସରେ ୬ ଚୌକା ଓ ୧ ଛକା ସାମିଲ ଥିଲା। ଅନ୍ୟ ମାନଙ୍କ ମଧ୍ୟରେ ଶ୍ରେୟଙ୍କା ପାଟିଲ ୧୫ ଓ ଏରିନ୍ ବର୍ନସ୍ ୧୦ ରନ୍ କରିଥିଲେ। ୟୁପି ୱାରିୟର୍ଜ ପକ୍ଷରୁ ସୋଫି ଏକେଲଷ୍ଟୋନ ୧୩ ରନ୍‌ରେ ୪ ଉଇକେଟ ନେଇଥିବା ବେଳେ ଦୀପ୍ତି ଶର୍ମା ୨୬ ରନ୍‌ରେ ୩ ଉଇକେଟ ନେଇଥିଲେ। ୧୩୯ ରନ୍ ଜବାବରେ ଆଲିସା ହିଲି ୯୬* ଓ ଦେବିକା ବୈଦ୍ୟ ୩୬* ରନରେ ଅପରାଜିତ ରହିଥିଲେ। ହିଲି ୪୭ବଲ୍ ଖେଳି ୧୮ ଚୌକା ଓ ୧ ଛକା ମାରିଥିଲେ। ଅନ୍ୟ ପକ୍ଷରେ ଦେବିକା ୩୧ଟି ବଲ ଖେଳି ୫ ଚୌକା ମାରିଥିଲେ।

**ସଂକ୍ଷିପ୍ତ ସ୍କୋର**

ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ୧୯.୩ଓଭରରେ ୧୩୮/୧୦(ଏଲିସ୍ ପେରୀ–୫୨, ସୋଫି ଡିଭାଇନ୍–୩୬, ଶ୍ରେୟଙ୍କା ପାଟିଲ–୧୫, ସୋଫି ଏକେଲଷ୍ଟୋନ–୪/୧୩, ଦୀପ୍ତି ଶର୍ମା–୩/୨୬, ରାଜେଶ୍ୱରୀ ଗାଏକ୍ୱାଡ–୧/୨୬)। ୟୁପି ୱାରିୟର୍ଜ: ୧୩ ଓଭରରେ ୧୩୯/୦ (ଆଲିସା ହିଲି–୯୬*, ଦେବିକା ବୈଦ୍ୟ–୩୬*)।

# ସୁଖଜିତଙ୍କ ଡବଲ୍‌ରେ ଭାରତ ବିଜୟୀ

**ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି**

**ଜର୍ମାନୀ ୩-୨ରେ ପରାସ୍ତ**

ଭୁବନେଶ୍ୱର (ସ୍ପୋର୍ଟ୍ସ ବ୍ୟୁରୋ)/ ରାଉରକେଲା ଅଫିସ୍,୧୦।୩


ଭାରତ–ଜର୍ମାନୀ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ସଂଘର୍ଷପୂର୍ଣ୍ଣ ମୁହୂର୍ତ୍ତ।

ରାଉରକେଲାର ବିର୍ସା ମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡିୟମରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ହକି ମ୍ୟାଚରେ ଜର୍ମାନୀକୁ ୩–୨ ଗୋଲରେ ପରାସ୍ତ କରିଛି ଭାରତ। ଯୁବ ଖେଳାଳିଙ୍କୁ ନେଇ ଓହ୍ଲାଇଥିବା ଭାରତ ବିଶ୍ୱ ଚାମ୍ପିୟନ୍ ଜର୍ମାନୀକୁ ସମସ୍ତ ବିଭାଗରେ ପରାସ୍ତ କରିଥିଲା। ଭାରତ ପକ୍ଷରୁ ସୁଖଜିତ ସିଂ ଡବଲ୍ ଗୋଲ ସ୍କୋର କରିଥିବା ବେଳେ ହରମନ୍‌ପ୍ରୀତ ସିଂ ଗୋଟିଏ ଗୋଲ ଦେଇଥିଲେ। ଜର୍ମାନୀ ପକ୍ଷରୁ କୌଫମାନ୍ ପଲ୍ ଫିଲିପ ଓ ଷ୍ଟ୍ରୁଥୋଫ୍ ମାଇକେଲ ଗୋଟିଏ ଲେଖାଏ ଗୋଲ ସ୍କୋର କରିଥିଲେ। ମ୍ୟାଚ ଆରମ୍ଭରୁ ବେଶ ସଂଘର୍ଷପୂର୍ଣ୍ଣ ରହିଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଜର୍ମାନୀ ଘନଘନ ଆକ୍ରମଣ କରିଥିଲା। ତେବେ ଭାରତୀୟ ରକ୍ଷଣଭାଗ ଖେଳାଳିଙ୍କ ଚମତ୍କାର ପ୍ରଦର୍ଶନ କାରଣରୁ ପ୍ରଥମ କ୍ୱାର୍ଟର ଗୋଲଶୂନ୍ୟ ଭାବରେ ଶେଷ ହୋଇଥିଲା। ଦ୍ୱିତୀୟ କ୍ୱାର୍ଟରରେ ଭାରତୀୟ ଖେଳାଳି ଚମତ୍କାର ପ୍ରଦର୍ଶନ କରିବା ସହିତ ଆକ୍ରମଣକୁ ଜୋରଦାର କରିଥିଲେ। ଦ୍ୱିତୀୟ କ୍ୱାର୍ଟର ଶେଷ ହେବାକୁ କିଛି ସେକେଣ୍ଡ ରହିଥିବା ବେଳେ ମିଳିଥିବା ପେନାଲ୍ଟିକର୍ନରକୁ ଗୋଲରେ ପରିଣତ କରିଥିଲେ ଅଧିନାୟକ ହରମନ୍‌ପ୍ରୀତ୍ ସିଂ। ଭାରତ ୧–୦ରେ ଆଗୁଆ ଥିବା ବେଳେ ତୃତୀୟ କ୍ୱାର୍ଟରର ପ୍ରଥମ ମିନିଟରେ ଏକ ଚମତ୍କାର ଫିଲ୍ଡ ଗୋଲ ଦେଇଥିଲେ ସୁଖଜିତ ସିଂ। ସମାନ କ୍ୱାର୍ଟରର ୪୨ ତମ ମିନିଟରେ ସୁଖଜିତ ବ୍ୟକ୍ତିଗତ ଦ୍ୱିତୀୟ ଗୋଲ ସ୍କୋର କରି ଭାରତକୁ ୩–୦ ରେ ଆଗୁଆ କରିଥିଲେ। ତୃତୀୟ କ୍ୱାର୍ଟର ଶେଷ ହେବାକୁ ଏକ ମିନିଟ ରହିଥିବା ବେଳେ ଜର୍ମାନୀ ପକ୍ଷରୁ ୪୪ ତମ ମିନିଟରେ କୌଫମାନ୍ ପଲ୍ ଫିଲିପ୍ ଗୋଲ୍ ପରିଶୋଧ କରିଥିଲେ। ଅନ୍ତିମ କ୍ୱାର୍ଟରରେ ୫୭ ତମ ମିନିଟରେ ଷ୍ଟ୍ରୁଥୋଫ୍ ମାଇକେଲ ଏକ ଗୋଲ ପରିଶୋଧ କରି ମ୍ୟାଚରେ ରୋମାଞ୍ଚ ଭରି ଦେଇଥିଲେ। ଶନିବାର ଦ୍ୱିତୀୟ ମ୍ୟାଚ ଅଷ୍ଟ୍ରେଲିଆ ଓ ଜର୍ମାନୀ ମଧ୍ୟରେ ଖେଳାଯିବ।

# ଅଙ୍କିତା, ଋତୁଜା ସେମିଫାଇନାଲରେ

ବେଙ୍ଗାଲୁରୁ, ୧୦।୩ (ପି.ଟି.)


ଋତୁଜା ଭୋସେଲ

ଭାରତ ଅଙ୍କିତା ରାଇନା ଓ ଋତୁଜା ଭୋସେଲ ଏଠାରେ ଚାଲିଥିବା ଆଇଟିଏଫ୍ ଓମେନ୍ସ ଓପନ ସିଙ୍ଗଲ୍ସ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଟୁର୍ଣ୍ଣାମେଣ୍ଟରେ ଚତୁର୍ଥ ସିଡ୍ ରାଇନା ବୋସନିଆ ହର୍ଜଗୋଭିନାର ଦିଆ ହର୍ଜେଲାସ୍‌ଙ୍କୁ୬–୧,୬–୭(୭), ୭–୫ରେ ପରାସ୍ତ କରିଥିବା ବେଳେ କେଏସ୍‌ଏଲ୍‌ଟିଏ ଷ୍ଟାଡିୟମରେ ଭୋସଲେ୍ ୮ମ ସିଡ୍ ବ୍ରିଟେନର ଇଡେନ୍ ସିଲ୍‌ଭାଙ୍କୁ ୩–୬, ୭–୬ (୫), ୬–୪ରେ ହରାଇ ଦେଇଛନ୍ତି। ରାଇନା ଶନିବାର ଏକ ଅଲ୍ ଇଣ୍ଡିଆନ ସେମିଫାଇନାଲରେ ଭୋସେଲ୍‌ଙ୍କୁ ଭେଟିବେ। ଆଇଟିଏଫ୍ ଓମେନ୍ସ ୱାର୍ଲ୍ଡ ଟେନିସ ଟୁର୍‌ର ଏକ ଅଂଶବିଶେଷ ଏହି ଟୁର୍ନାମେଣ୍ଟର ଆୟୋଜକ ହେଉଛି କର୍ନାଟକ ରାଜ୍ୟ ଲନ୍ ଟେନିସ ଆସୋସିଏଶନ (କେଏସ୍‌ଏଲ୍‌ଟିଏ)। ପୂର୍ବରୁ ଚେକ୍ ରିପବ୍ଲିକର ବ୍ରେଣ୍ଡା ଫ୍ରୁଭିର୍ତ୍ତୋଭା ୬ଷ୍ଠ ସିଡ୍ ଇଣ୍ଡୋନେସିଆର ମେଡ୍‌ଲିନ୍ ନୁଗ୍ରୋହୋଙ୍କ ବିପକ୍ଷରେ ୬–୦, ୭–୫ରେ ବିଜୟ ହାସଲ କରି ସେମିଫାଇନାଲରେ ପ୍ରବେଶ କରିଥିଲେ। ଅନ୍ୟଏକ କ୍ୱାର୍ଟରଫାଇନାଲରେ ୫ମ ସିଡ୍ ଡାଲିଲା ଜାକୁପୋଭିଚ୍ ୬–୨, ୬–୦ ସିଧାସଳଖ ସେଟ୍‌ରେ ଇକୁମି ୟାମାଜାକିଙ୍କୁ ହରାଇ ଦେଇଛନ୍ତି। ପରେ ଏକ ଡବଲ୍ସ ସେମିଫାଇନାଲରେ ଭୋସେଲ୍ ଓ ତାଙ୍କ ସ୍ୱିଡିଶ ପାର୍ଟନର ଜାକ୍ୱିଲିନ୍ ଆୱାଦ ନମ୍ବର ୱାନ ସିଡ୍ ଯୋଡ଼ି ଜର୍ଜ ଫ୍ରାନ୍‌ସିକା ଓ ଜର୍ଜ ମାଟିଲ୍‌ଡିଙ୍କଠାରୁ ୬–୨, ୩–୬, ୮–୧୦ରେ ପରାଜିତ ହୋଇଛନ୍ତି।

# ସର୍ବଭାରତୀୟ ସିଭିଲ ସର୍ଭିସ ଚେସ୍ ଆଜିଠାରୁ

ଭୁବନେଶ୍ୱର, ୧୦।୩ (ସ୍ପୋର୍ଟ୍ସ ବ୍ୟୁରୋ)

ସର୍ବଭାରତୀୟ ସିଭିଲ ସର୍ଭିସ ଚେସ୍ ଟୁର୍ନାମେଣ୍ଟ କିଟ୍ ଓ କିସ୍ ପରିସରରେ ଥିବା କ୍ୟାମ୍ପସ–୧୦ ଅନ୍ତର୍ଗତ ବିଶ୍ୱନାଥନ ଆନନ୍ଦ ଇଣ୍ଟରନ୍ୟାଶନାଲ ଚେସ୍ ହଲ୍‌ରେ ଶନିବାରଠାରୁ ହେବ। ଏହି ଟୁର୍ନାମେଣ୍ଟରେ ୩୦୦ରୁ ଊର୍ଦ୍ଧ୍ୱ ରାଜ୍ୟ ଓ କେନ୍ଦ୍ର ସରକାର କର୍ମଚାରୀ ଭାଗ ନେବେ। ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ନୂଆଦିଲ୍ଲୀସ୍ଥିତ ସେଣ୍ଟ୍ରାଲ ସିଭିଲ ସର୍ଭିସ କଲ୍‌ଚରାଲ ଆଣ୍ଡ ସ୍ପୋର୍ଟ୍ସ ବୋର୍ଡ ଏବଂ କିଟ୍‌ର ମିଳିତ ସହଯୋଗରେ ହେଉଥିବା ଏହି ଟୁର୍ନାମେଣ୍ଟ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ନିହାର ରଞ୍ଜନ ସାସ୍‌ମଲଙ୍କୁ ମୁଖ୍ୟ ଆର୍ବିଟର ଭାବେ ମନୋନୀତ କରାଯାଇଛି।

# ଶ୍ରୀଲଙ୍କାର ପ୍ରଭାବୀ ବୋଲିଂ

ଖ୍ରୀଷ୍ଟଚର୍ଚ୍ଚ, ୧୦।୩ (ଏପି)

ସ୍ଥାନୀୟ ହାଗ୍‌ଲି ଓଭାଲଠାରେ ଚାଲିଥିବା ନ୍ୟୁଜିଲାଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଗୁରୁବାର ୬ ଉଇକେଟ ହରାଇ ୩୦୫ ରନ କରିଥିବା ଶ୍ରୀଲଙ୍କା ୩୫୫ ରନରେ ଅଲଆଉଟ ହୋଇଯାଇଛି। ନ୍ୟୁଜିଲାଣ୍ଡର ନୂଆ ବଲ୍ ଯୋଡ଼ି ଟିମ୍ ସୌଦି ଓ ମ୍ୟାଟ୍ ହେନ୍‌ରୀ ଅବଶିଷ୍ଟ ୪ ଉଇକେଟ ବାଣ୍ଟି ନେଇଥିଲେ। ସୌଦି ଏହି ଇନିଂସରେ ୬୪ ରନ ବିନିମୟରେ ୫ ଉଇକେଟ ନେଇଥିଲେ। ଏହାଥିଲା ତାଙ୍କର ୧୫ ତମ ୫ ଉଇକେଟ ସଫଳତା। ହେନ୍‌ରୀ ୮୦ ରନ ବିନିମୟରେ ୪ଉଇକେଟ ହାସଲ କରିଥିଲେ। ପରେ ଶ୍ରୀଲଙ୍କାର ପ୍ରଭାବୀ ବୋଲିଂ ଯୋଗୁ ଟମ୍ ଲଥାମଙ୍କ ଧୈର୍ଯ୍ୟପୂର୍ଣ୍ଣ ଅର୍ଦ୍ଧଶତକ ସତ୍ତ୍ୱେ ନ୍ୟୁଜିଲାଣ୍ଡ ଦ୍ୱିତୀୟ ଦିବସ ଖେଳ ଶେଷ ସୁଦ୍ଧା ୫ ଉଇକେଟ ବିନିମୟରେ ୧୬୨ ରନ କରିଛି। ଲଥାମ ୧୪୪ ବଲ୍ ସାମ୍ନା କରି ୭ ଚୌକା ସହ ୬୭ ରନ କରିଛନ୍ତି। ତାଙ୍କ ଓପନିଂ ପାର୍ଟନର ଡେଭନ କନୱେ ୩୦ ରନ କରିଛନ୍ତି।

# ସାମୁଏଲଙ୍କୁ ସିଙ୍ଗଲ୍ସ ଟାଇଟଲ

**ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ ଟେନିସ୍**

ଭୁବନେଶ୍ୱର, ୧୦।୩ (ସ୍ପୋର୍ଟ୍ସ ବ୍ୟୁରୋ)


ରଶିନ୍ ସାମୁଏଲ

ସ୍ଥାନୀୟ ମେଣ୍ଢାଶାଳସ୍ଥିତ ଟେନିସ କମ୍ପ୍ଲେକ୍ସଠାରେ ମେଜର ସନ୍ଦୀପ ମହାପାତ୍ର ମେମୋରିଆଲ ଟେନିସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ନାଟକର ରଶିନ୍ ସାମୁଏଲ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ଫାଇନାଲରେ ସେ ତାମିଲନାଡୁର ଭୂପତି ସାକଥିଭେଲ୍‌ଙ୍କୁ ୭–୬ (୫), ୬–୧ରେ ହରାଇ ଦେଇଛନ୍ତି। ପୂର୍ବରୁ ଅନୁଷ୍ଠିତ ଡବଲ୍ସ ଫାଇନାଲରେ ମହାରାଷ୍ଟ୍ର ଯୋଡ଼ି ପ୍ରସାଦ ଇଙ୍ଗାଲେ ଓ ପାରିତୋଷ ପାୱାର ୬–୪, ୬–୪ରେ ଓଡ଼ିଶାର ଅମୃତଜୟ ମହାନ୍ତି ଓ ଶୁଭ୍ରନିଲ୍ ବର୍ମନଙ୍କୁ ହରାଇ ଦେଇଥିଲେ। ପ୍ରତିଯୋଗିତା ଶେଷରେ ସିଙ୍ଗଲ୍ସ ବିଜେତା ଓ ରନରଅପ୍‌କୁ ଟ୍ରଫି ସହ ଯଥାକ୍ରମେ ୧୨,୫୦୦ ଟଙ୍କା ଓ ୮,୪୦୦ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ସେହିପରି ଡବଲ୍ସ ବିଜେତା ଓ ରନରଅପ୍‌ଙ୍କୁ ଟ୍ରଫି ସହ ଆର୍ଥିକ ପୁରସ୍କାର ବାବଦରେ ଯଥାକ୍ରମେ ୬,୨୦୦ ଟଙ୍କା ଓ ୩,୮୦୦ ଟଙ୍କା ପ୍ରଦାନ କରାଯାଇଥିଲା। ସିଙ୍ଗଲ୍ସର ବିଜେତା ଓ ରନରଅପ୍ ଯଥାକ୍ରମେ ୨୦ ଓ ୧୫ ଅଲ୍ ଇଣ୍ଡିଆ ଟେନିସ ଆସୋସିଏଶନ (ଆଇଟା) ର୍ୟାଙ୍କିଂ ପଏଣ୍ଟ ଅର୍ଜନ କରିଛନ୍ତି। ଚାମ୍ପିୟନଶିପ୍‌ରେ ଦେଶର ୧୪ଟି ବିଭିନ୍ନ ରାଜ୍ୟରୁ ମୋଟ ୬୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସ୍ୱର୍ଗତ ମେଜର ସନ୍ଦୀପ ମହାପାତ୍ରଙ୍କ ପିତା ଜଗଦାନନ୍ଦ ମହାପାତ୍ର ଟୁର୍ନାମେଣ୍ଟର ପ୍ରମୁଖ ପ୍ରାୟୋଜକ ରହିଛନ୍ତି। ଉଦ୍‌ଯାପନୀ ଉତ୍ସବରେ ସେ ଫାଇନାଲିଷ୍ଟଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ଗୁରୁକୁଳ ରିସୋର୍ଟସର ନିର୍ଦ୍ଦେଶକ ଚିନ୍ମୟ ପ୍ରଧାନ ଓ ଟୁର୍ନାମେଣ୍ଟ ରେଫରି ଯତୀନ ବସ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ।






# ଭାରତ ୪୪୪ ରନ ପଛରେ

ଅହମଦାବାଦ,୧୦।୩(ପି.ଟି.)


୬ ଉଇକେଟ ହାସଲ କରିଥିବା ରବିଚନ୍ଦ୍ରନ ଅଶ୍ୱିନ।

ଗୁଜରାଟର ନରେନ୍ଦ୍ର ମୋଦି କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ବର୍ଡର–ଗାଭାସ୍କର ଟ୍ରଫିର ଅନ୍ତିମ ଟେଷ୍ଟରେ ଦୃଢ଼ ସ୍ଥିତିରେ ରହିଛି ଅଷ୍ଟ୍ରେଲିଆ। ଓପନର ଉସ୍‌ମାନ ଖ୍ୱାଜା ଓ କାମେରୁନ୍ ଗ୍ରୀନ୍‌ଙ୍କ ଶତକ ବଳରେ ଅଷ୍ଟ୍ରେଲିଆ ୪୮୦ ରନ୍ କରିଥିବା ବେଳେ ଦ୍ୱିତୀୟ ଦିନର ଖେଳ ସମାପ୍ତ ସୁଦ୍ଧା ଭାରତ ବିନା କ୍ଷତିରେ ୩୬ ରନ୍ ସଂଗ୍ରହ କରି ୪୪୪ ରନ୍ ପଛରେ ରହିଛି।

**ଗାଭାସ୍କର ଟ୍ରଫି ଅନ୍ତିମ ଟେଷ୍ଟର ଦ୍ୱିତୀୟ ଦିନ**

**ଖ୍ୱାଜା ଓ ଗ୍ରୀନ୍‌ଙ୍କ ଶତକ**

ପ୍ୟାଟ୍ କମିନ୍ସଙ୍କ ମାତୃ ବିୟୋଗ କାରଣରୁ ଅଷ୍ଟ୍ରେଲୀୟ ଖେଳାଳିମାନେ ବ୍ଲାକ୍ ଆର୍ମବ୍ୟାଣ୍ଡ ପିନ୍ଧିଥିଲେ। ପ୍ରଥମ ଦିନର ଅସମାପ୍ତ ସ୍କୋର ୨୫୫/୪ରୁ ଖେଳ ଆରମ୍ଭ କରି ଅଷ୍ଟ୍ରେଲିଆ ଅବଶିଷ୍ଟ ୬ ଉଇକେଟ ହରାଇ ଆଉ ୨୧୫ ରନ କରିଥିଲା। ଉସମାନ୍ ଖ୍ୱାଜା ୧୮୦ ଓ କାମେରୁନ୍ ଗ୍ରୀନ୍ ୧୧୪ ରନ୍‌ର ଇନିଂସ ଖେଳିଥିଲେ। ଦ୍ୱିତୀୟ ଦିନରେ ୬ ଉଇକେଟର ପତନ ଘଟିଥିବା ବେଳେ ରବିଚନ୍ଦ୍ରନ ଅଶ୍ୱିନ୍ ୫ ଓ ଅକ୍ଷର ପଟେଲ ଗୋଟିଏ ଉଇକେଟ ନେଇଥିଲେ। ଉଭୟ ଖ୍ୱାଜା ଓ ଗ୍ରୀନ୍ ଆଉ ୧୨୩ ରନ୍ ଯୋଡିଥିଲେ। ଗ୍ରୀନ୍ ସାମାନ୍ୟ ଆକ୍ରମଣାତ୍ମକ ବ୍ୟାଟିଂ କରିବା ସହିତ ନିଜର ଦ୍ୱିତୀୟ ଟେଷ୍ଟ ଶତକ ପୂରଣ କରିଥିଲେ। ୧୭୦ ବଲ୍ ଖେଳି ଗ୍ରୀନ୍ ୧୮ ଚୌକା ସହିତ ୧୧୪ ରନ୍ କରିଥିଲେ। ଅଶ୍ୱିନଙ୍କ ଲେଗ୍ ଷ୍ଟମ୍ପ ବାହାରର ବଲ୍ ଖେଳିବାକୁ ଗ୍ରୀନ୍ ପ୍ରୟାସ କରିଥିବା ବେଳେ ଶ୍ରୀକର ଭରତ ନେଇଥିଲେ ଚମତ୍କାର କ୍ୟାଚ୍। ଏହାର ୫ ଓଭର ମଧ୍ୟରେ ଆଲେକ୍ସ କେରୀ(୦) ଓ ମିଚେଲ୍ ଷ୍ଟାର୍କ(୬)ଙ୍କୁ ଆଉଟ କରିଥିଲେ ଅଶ୍ୱିନ୍। ଦଳୀୟ ସ୍କୋର ୪୦୯ରେ ଅଷ୍ଟ୍ରେଲିଆ ଖ୍ୱାଜାଙ୍କ ଉଇକେଟ ହରାଇଥିଲା। ୪୨୨ ବଲ୍‌ର ମାରାଥନ ଇନିଂସରେ ଖ୍ୱାଜା ୨୧ ଚୌକା ମାରି ଅକ୍ଷର ପଟେଲଙ୍କ ବଲରେ ଲେଗ୍ ବିଫୋର ହୋଇଥିଲା। ସେ ୧୦ ଘଣ୍ଟା ୧୧ ମିନିଟ ଧରି ବ୍ୟାଟିଂ କରିଥିଲେ। ଅଷ୍ଟ୍ରେଲିଆ ଇନିଂସ ଶୀଘ୍ର ଶେଷ ହେବା ନେଇ ଆଶା କରାଯାଉଥିଲେ ମଧ୍ୟ ନାଥନ ଲିୟନ ୩୪ ଓ ଟଡ୍ ମର୍ଫି ୪୧ ନବମ ଉଇକେଟରେ ୭୦ ରନ୍ ଯୋଡି ଭାରତୀୟ ବୋଲରଙ୍କୁ ନିରାଶ କରିଥିଲେ। ଉଭୟ ୧୯ ଓଭର ଧରି ବ୍ୟାଟିଂ କରିଥିଲେ। ଅଶ୍ୱିନ୍ ଉଭୟ ଖେଳାଳିଙ୍କୁ ଆଉଟ କରିବା ସହିତ ଅଷ୍ଟ୍ରେଲିଆ ଇନିଂସର ମୁଣ୍ଡି ମାରିଥିଲେ। ଭାରତୀୟ ବୋଲର ୧୬୭.୨ ଓଭର ବୋଲିଂ କରିଥିବା ବେଳେ ଅଷ୍ଟ୍ରେଲିଆ ୪୮୦ ରନ୍‌ର ବିଶାଳ ସ୍କୋର କରିଥିଲା। ଭାରତ ପକ୍ଷରୁ ରବିଚନ୍ଦ୍ରନ ଅଶ୍ୱିନ ୯୧ ରନ୍ ଦେଇ ୬ ଉଇକେଟ ନେଇଥିବା ବେଳେ ମହମ୍ମଦ ଶାମି ୨, ରବୀନ୍ଦ୍ର ଜାଡେଜା ଓ ଅକ୍ଷର ପଟେଲ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଦ୍ୱିତୀୟ ଦିନରେ ଆଉ ୧୦ ଓଭର ଖେଳ ବାକି ରହିଥିବା ବେଳେ ଦୁଇ ଓପନର ରୋହିତ ଶର୍ମା ଓ ଶୁବମାନ ଗିଲ୍ ବିନା କ୍ଷତିରେ ୩୬ ରନ୍ ଯୋଡିଥିଲେ। ରୋହିତ ଶର୍ମା ୩୩ ବଲରୁ ୧୭ ଓ ଶୁବମାନ ଗିଲ୍ ୨୭ ବଲରୁ ୧୮ ରନ୍ କରି ବ୍ୟାଟିଂ କରୁଛନ୍ତି। ଦୁଇ ଦିନର ଖେଳ ସମାପ୍ତ ହୋଇଥିବା ବେଳେ ମାତ୍ର ୧୦ ଉଇକେଟର ପତନ ଘଟିଥିବା ବେଳେ ଭାରତର ପ୍ରଥମ ଇନିଂସ ଉପରେ ମ୍ୟାଚର ଫଳାଫଳ ନିର୍ଭର କରିବ।

**କୁମ୍ବଲେଙ୍କ ରେକର୍ଡ ଭାଙ୍ଗିଲେ ଅଶ୍ୱିନ**

ଭାରତୀୟ ଅଫ୍ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ଅନ୍ୟତମ ଭାରତୀୟ କିମ୍ବଦନ୍ତୀ ଅନିଲ କୁମ୍ବଲେଙ୍କ ରେକର୍ଡ ଭାଙ୍ଗିଛନ୍ତି। ବର୍ଡର–ଗାଭାସ୍କର ଟ୍ରଫିରେ କୁମ୍ବଲେ ୧୧୧ ଉଇକେଟ ନେଇଥିବା ବେଳେ ୧୧୩ ଉଇକେଟ ସହିତ ଅଶ୍ୱିନ ତାଙ୍କୁ ଅତିକ୍ରମ କରିଛନ୍ତି। ଟଡ୍ ମର୍ଫି ଓ ନାଥାନ ଲିୟନଙ୍କୁ ସେ ନିଜର ୪୧୨ ଓ ୪୧୩ ତମ ସଫଳତା ଭାବରେ ଅକ୍ତିଆର କରିଥିଲେ। ୩୬ ବର୍ଷୀୟ ଅଶ୍ୱିନ ନିଜ ଟେଷ୍ଟ କ୍ୟାରିୟରରେ ୩୨ତମ ୫ ଉଇକେଟ ସଫଳତା ହାସଲ କରିଛନ୍ତି। ଭାରତ ମାଟିରେ ଏହା ତାଙ୍କର ୨୬ତମ ୫ ଉଇକେଟ ସଫଳତା ହୋଇଥିବା ବେଳେ ଏହା ସର୍ବାଧିକ। ଟେଷ୍ଟରେ ଭାରତୀୟଙ୍କ ମଧ୍ୟରେ ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀ ରହିଥିବା ଅଶ୍ୱିନ ଆଇସିସି ର୍ୟାଙ୍କିଂରେ ଯୁଗ୍ମ ପ୍ରଥମ ସ୍ଥାନରେ ରହିଛନ୍ତି। ବର୍ଡର–ଗାଭାସ୍କର ଟ୍ରଫିରେ ନାଥାନ ଲିୟନ୍ ଓ ଆର. ଅଶ୍ୱିନ ୧୧୩ ଉଇକେଟ ସହିତ ଯୁଗ୍ମ ଭାବରେ ପ୍ରଥମ ସ୍ଥାନରେ ରହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ ୧୬୭.୨ ଓଭରରେ ୪୮୦/୧୦ (ଉସ୍‌ମାନ ଖ୍ୱାଜା–୧୮୦, କାମେରୁନ୍ ଗ୍ରୀନ୍–୧୧୪ , ଟଡ୍ ମର୍ଫି–୪୧, ଆର. ଅଶ୍ୱିନ–୬/୯୧, ମହମ୍ମଦ ଶାମି–୨/୧୩୪, ରବୀନ୍ଦ୍ର ଜାଡେଜା–୧/୮୯,ଅକ୍ଷରପଟେଲ–୧/୪୭)। ଭାରତ ପ୍ରଥମ ଇନିଂସ–୧୦ ଓଭରରେ ୩୬/୦ (ରୋହିତ ଶର୍ମା–୧୭*, ଶୁବମାନ ଗିଲ୍–୧୮*)।

Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ–ତଥାଗତ ସତପଥୀ